ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Thursday, January 22/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 60 | ମୂଲ୍ୟ ₹୭/-

# ଭାଜପାକୁ ଶିନ୍ଦେଙ୍କ ଝଟକା

## କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ ପାଇଁ ରାଜ ଠାକ୍‌ରେଙ୍କ ସହ ହାତ ମିଳାଇଲେ

**ମହାରାଷ୍ଟ୍ରର କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ (କେଡିଏମ୍‌ସି) ନିର୍ବାଚନ ପରେ ସେଠାରେ ଏକ ବଡ଼ଧରଣର ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ରାଜ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ନୂଆ ମେଣ୍ଟ ହୋଇଛି। ଶିନ୍ଦେଙ୍କ ଏହି ଝଟକା ଯୋଗୁ ସେଠାରେ ଭାଜପାର 'ମେୟର ସ୍ୱପ୍ନ' ଧୂଳିସାତ୍ ହୋଇଛି। ଏହାସହ ରାଜ୍ୟ ରାଜନୀତିରେ ବଡ଼ଭାଇ ସାଜିଥିବା ଭାଜପାକୁ ଶିନ୍ଦେ ଖାତିର କରୁ ନ ଥିବା ମଧ୍ୟ ଏକପ୍ରକାର ସ୍ପଷ୍ଟ ହୋଇଛି। ଭାଜପା, ଶିନ୍ଦେଙ୍କ ଶିବସେନା ଓ ଅଜିତ ପାୱାରଙ୍କ ଏନ୍‌ସିପିକୁ ନେଇ ଗଠିତ ମେଣ୍ଟ 'ମହାଯୁତି'ରେ ୨ ସପ୍ତାହ ପୂର୍ବରୁ ହିଁ ଫାଟ ଦେଖିବାକୁ ମିଳିଥିଲା। ଠାଣେ ଜିଲାର ଅମ୍ବରନାଥ ଏବଂ ଅକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଭାଜପା ଯଥାକ୍ରମେ ତା'ର ଚିର ରାଜନୈତିକ ଶତ୍ରୁ କଂଗ୍ରେସ ଓ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ସହ ହାତ ମିଳାଇଥିଲା। ଅମ୍ବରନାଥ ଓ ଅକୋଲା ପୌର ପରିଷଦ ଶିନ୍ଦେଙ୍କ ଗଡ଼ ଥିବାବେଳେ ସେଠାରୁ ଶିବସେନାକୁ ହଟାଇବା ପାଇଁ ନିର୍ବାଚିତ ଭାଜପା କାଉନ୍‌ସିଲରମାନେ ଏଭଳି ପଦକ୍ଷେପ ନେଇଥିଲେ। ଭାଜପା ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ ଉକ୍ତ ମେଣ୍ଟକୁ ଗ୍ରହଣ କରି ନ ଥିଲେ ମଧ୍ୟ ତାହା ଶିନ୍ଦେଙ୍କୁ ସନ୍ତୁଷ୍ଟ କରିପାରି ନ ଥିବା କଲ୍ୟାଣ-ଡୋମ୍ବିଭଲି ଘଟଣାରୁ ସ୍ପଷ୍ଟ ହୋଇଛି।**



ଏକନାଥ ଶିନ୍ଦେ ଓ ରାଜ୍ ଠାକ୍‌ରେ। **(ଫାଇଲ ଫଟୋ)**

**ମୁମ୍ବାଇ,୨୧।୧**

ମହାଯୁତିର ୩ ଦଳ ମଧ୍ୟରେ ମତଭେଦ ଓ କ୍ଷମତା ଲୋଭର ପ୍ରତିଫଳନ ପୌର ନିର୍ବାଚନରେ ସ୍ପଷ୍ଟ ଦେଖିବାକୁ ମିଳିଛି। ଭାଜପା ଓ ଏକନାଥ ଶିନ୍ଦେଙ୍କ ଶିବସେନା ମିଳିତ ଭାବେ ପୌର ନିର୍ବାଚନ ଲଢ଼ିଥିବାବେଳେ ଅନ୍ୟତମ ସହଯୋଗୀ ଅଜିତ୍ ପାୱାରଙ୍କ ଏନ୍‌ସିପି ଏକାକୀ ଲଢ଼ିଥିଲା। ଜାନୁଆରୀ ୧୫ରେ ହୋଇଥିବା ୨୯ ମହାନଗର ନିଗମ ନିର୍ବାଚନରେ ଭାଜପା ଓ ଶିବସେନା ମେଣ୍ଟକୁ ଆଶାତୀତ ସଫଳତା ମିଳିଥିଲା। ଜନାଦେଶକୁ ଆଧାର କଲେ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ୨୫ଟି ମହାନଗର ନିଗମରେ ଏହି ମେଣ୍ଟର ପ୍ରାର୍ଥୀ ମେୟର ହେବା କଥା। ହେଲେ ଭାଜପା ଓ ଶିବସେନା ମଧ୍ୟରେ ଥିବା ମତଭେଦ ନିର୍ବାଚନ ଫଳ ପ୍ରକାଶ ପରେ ଭିନ୍ନ ସମୀକରଣ ସୃଷ୍ଟି କରିଛି, ଯାହାର ଉଦାହରଣ ହେଉଛି କଲ୍ୟାଣ-ଡୋମ୍ବିଭଲି ମହାନଗର ନିଗମ (କେଡିଏମ୍‌ସି)।

ମୋଟ ୧୨୨ ଆସନ ବିଶିଷ୍ଟ କେଡିଏମ୍‌ସିରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ଥିଲା। ବହୁମତ ପାଇଁ ୬୨ଟି ଆସନର ଆବଶ୍ୟକତା ଥିବାବେଳେ ଶିବସେନା (ଶିନ୍ଦେ) ୫୩, ଭାଜପା ୫୦, ଶିବସେନା (ୟୁବିଟି) ୧୧, ଏମ୍‌ଏନ୍‌ଏସ୍ ୫, କଂଗ୍ରେସ ୨ ଏବଂ ଏନ୍‌ସିପି(ଏସ୍‌ପି) ୧ଟି ଆସନରେ ବିଜୟୀ ହୋଇଛନ୍ତି। ରାଜ୍ୟରେ ଭାଜପା ଓ ଶିନ୍ଦେଙ୍କ ସେନା ଏକାଠି ଶାସନ କରୁଥିଲେ ମଧ୍ୟ କେଡିଏମ୍‌ସିରେ ମେୟର ପଦ ପାଇଁ ଉଭୟଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଭାଜପା ପ୍ରଥମ ଅଢ଼େଇ ବର୍ଷ ପାଇଁ ମେୟର ପଦ ଦାବି କରୁଥିଲା। କିନ୍ତୁ ଶିନ୍ଦେ ସେନା ଏଥିରେ ରାଜି ନ ଥିଲା। ଫଳରେ ଶିନ୍ଦେଙ୍କ ଦଳ ରାଜ ଠାକ୍‌ରେଙ୍କ ଦଳ ଏମ୍‌ଏନ୍‌ଏସ୍ ସହ ହାତ ମିଳାଇଛି।

ଏନେଇ ବୁଧବାର ଏକନାଥ ଶିନ୍ଦେଙ୍କ ପୁଅ ତଥା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନଭି ମୁମ୍ବାଇସ୍ଥିତ କୋଙ୍କଣ ଭବନରେ ଏମ୍‌ଏନ୍‌ଏସ୍ ନେତାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଶ୍ରୀକାନ୍ତ ଏମ୍‌ଏନ୍‌ଏସ୍‌ର ୫ ଜଣ କର୍ପୋରେଟରଙ୍କ ସମର୍ଥନ ରହିଥିବା ଘୋଷଣା କରିଛନ୍ତି। ଫଳରେ ଶିନ୍ଦେ ଗୋଷ୍ଠୀ ପାଖରେ ୫୮ ଆସନ ରହିଥିବାବେଳେ ବହୁମତ ପାଇଁ ଆଉ ୪ ଆସନ ଆବଶ୍ୟକ। ରିପୋର୍ଟ ଅନୁଯାୟୀ, ଉଦ୍ଧବ ଠାକ୍‌ରେଙ୍କ ଦଳ (ଶିବସେନା ୟୁବିଟି)ର ପ୍ରାୟ ☞ପୃଷ୍ଠା-୪

# ଆଜି ୪,୫୭,୬୮୧ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)**

ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣରୁ ବାଦ୍ ପଡ଼ିଥିବା ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ମହିଳାଙ୍କୁ ଗୁରୁବାର ସୁଭଦ୍ରା ଟଙ୍କା ମିଳିବ। ଓୟୁଏଟି କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା'ମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବେ। ରାଜ୍ୟର ବିଭିନ୍ନ ଜିଲାରୁ ସୁଭଦ୍ରା ହିତାଧିକାରୀମାନେ ଅଂଶଗ୍ରହଣ କରିବେ। ମହିଳାଙ୍କୁ ଆବଶ୍ୟକ ଆର୍ଥିକ ଜ୍ଞାନ ପ୍ରଦାନ କରି ସ୍ୱାବଲମ୍ବନକୁ ସୁଦୃଢ଼ କରିବାକୁ ସରକାରଙ୍କ ପକ୍ଷରୁ ☞ପୃଷ୍ଠା-୪

## ବାଲେଶ୍ୱର: ସୋସିଆଲ ମିଡିଆ ପୋଷ୍ଟ ଉପରେ ଲାଗିଲା କଟକଣା

**ବାଲେଶ୍ୱର, ୨୧।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱରରେ ଘଟିଥିବା ଭିଡ଼ ହିଂସା ମାମଲାକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତ୍ୟୁଷ ଦିବାକର ବୁଧବାର ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ଜାରି କରିଛନ୍ତି। ମାର୍ଗଦର୍ଶିକା ପାଳନ ଦିଗରେ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିସହିତ ସେ କହିଛନ୍ତି, କୌଣସି ସମ୍ପ୍ରଦାୟ ବିରୋଧରେ ପୋଷ୍ଟ ନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। କ୍ଷତିକାରକ ପୋଷ୍ଟଗୁଡ଼ିକର ସ୍କ୍ରିନ୍‌ଶଟ୍ କିମ୍ବା ଲିଙ୍କ୍ ରଖିବା ପାଇଁ ସୂଚନା ଦିଆଯାଇଛି। ସୋସିଆଲ ମିଡିଆରେ ଯଦି ଏଭଳି ପୋଷ୍ଟ ଆସୁଛି ତେବେ ପୋଲିସକୁ ଜଣାଇବା ଲାଗି ନିବେଦନ କରାଯାଇଛି। ବିଭିନ୍ନ ସୋସିଆଲ ମିଡିଆକୁ ଅପବ୍ୟବହାର କରାଯାଉଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆକାଶରେ ପରିବର୍ତ୍ତନ**







## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଜୀବନୀ ଆଧାରିତ ପୁସ୍ତକ ' ଦି ଲାଇଫ୍ ଆଣ୍ଡ୍ ଲିଗାସି ଅଫ୍ ଅରୁଣ ଜେଟ୍‌ଲୀ'କୁ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଉନ୍ମୋଚନ କରୁଛନ୍ତି। (ଫଟୋ- ଚମନ ଗୌତମ)

# ୨୭ ବର୍ଷ ପରେ ଅବସର ନେଲେ ସୁନୀତା ୱିଲିୟମ୍ସ

ୱାଶିଂଟନ୍, ୨୧।୧

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ୨୭ ବର୍ଷ ସେବା ପ୍ରଦାନ ପରେ ଅବସର ନେଇଛନ୍ତି। ୨୦୨୫ ଡିସେମ୍ବର ୨୭ରୁ ତାଙ୍କ ଅବସର କାର୍ଯ୍ୟକାରୀ ହୋଇଥିବା ନାସା ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି।

ନାସା ଆଡ୍‌ମିନିଷ୍ଟ୍ରେଟର ଜାରେଡ୍ ଇସାକ୍‌ମ୍ୟାନ୍ ମହାକାଶ ଯାତ୍ରାରେ ମାନବ ଅନ୍ତରୀକ୍ଷ ଉଡ୍ଡାଣର ଏକ ପ୍ରବର୍ତ୍ତକ ଭାବେ ସୁନୀତାଙ୍କୁ ଅଭିହିତ କରିଛନ୍ତି। ତାଙ୍କ ନେତୃତ୍ୱ ଭବିଷ୍ୟତରେ ମହାକାଶ ଅନ୍ୱେଷଣରେ ବିଶେଷ ସହାୟକ ହେବ ବୋଲି ପ୍ରଶଂସା କରିଛନ୍ତି।

୧୯୯୮ରେ ମହାକାଶ ଯାତ୍ରା ପାଇଁ ନାସା ପକ୍ଷରୁ ସୁନୀତାଙ୍କୁ ଚୟନ କରାଯାଇଥିଲା। ସୁନୀତା ୩ଟି ମିଶନରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)କୁ ଯାତ୍ରାକରି ସେଠାରେ ମୋଟ ୬୦୮ ଦିନ ବିତାଇଛନ୍ତି। ନାସା ମହାକାଶଚାରୀ ବୁଚ୍ ୱିଲମୋରଙ୍କ ସହ ସୁନୀତାଙ୍କ ଶେଷ ମହାକାଶ ଯାତ୍ରା ବେଳେ ଆଇଏସ୍‌ଏସ୍‌ରେ ଉଭୟେ ୨୮୬ ଦିନ ବିତାଇଥିଲେ। ଜଣେ ଆମେରିକୀୟ ଭାବେ ଦୀର୍ଘତମ ସିଙ୍ଗଲ ସ୍ପେସ୍‌ଫ୍ଲାଇଟ୍‌ରେ ଯାତ୍ରା କରିବାରେ ସେ ଷଷ୍ଠ। ଇତିମଧ୍ୟରେ ସୁନୀତା ୯ ଥର ସ୍ପେସ୍‌ୱାକ୍ କରି ୬୨ ଘଣ୍ଟା ୬ ମିନିଟ୍ ଅତିବାହିତ କରିଥିଲେ। ମହାକାଶରେ ମାରାଥନ୍ କରିବାରେ ମଧ୍ୟ ସେ ପ୍ରଥମ।

**୯ ସ୍ପେସ୍‌ୱାକ୍, ୩ ମିଶନ୍, ମହାକାଶରେ ୬୦୮ ଦିନ**



## ଭାରତ-ଇୟୁ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର

ଡାଭୋସ୍, ୨୧।୧

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଚୁକ୍ତି ଲାଗି ବୁଝାମଣା ଉଲ୍ଲେଖନୀୟ ପର୍ଯ୍ୟାୟରେ ପହଞ୍ଚିଛି। ଡାଭୋସ୍‌ରେ ଅନୁଷ୍ଠିତ ବିଶ୍ୱ ଅର୍ଥନୀତି ଫୋରମ୍‌ରେ ୟୁରୋପୀୟ କମିଶନ ଉର୍ସୁଲା ଭନ୍ ଡେର୍ ଲେୟେନ ଉପରୋକ୍ତ ସୂଚନା ଦେବା ସହ ଖୁବ୍‌ଶୀଘ୍ର ଭାରତ ଓ ଇୟୁ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରି ହେବ ବୋଲି କହିଛନ୍ତି। ଉଭୟ ପକ୍ଷ ଐତିହାସିକ ବାଣିଜ୍ୟ ଚୁକ୍ତିନାମାର ନିକଟତର ହୋଇଛନ୍ତି, ଯାହାକି ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳକୁ ନୂଆ ରୂପ ଦେଇପାରିବ। ୟୁରୋପର ବିସ୍ତୃତ ରଣନୀତିର ଏକ ଅଂଶଭାବେ ପ୍ରସ୍ତାବିତ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା 'ଟାରିଫ୍ ସ୍ଥାନରେ ନ୍ୟାୟସଙ୍ଗତ ବାଣିଜ୍ୟ, ଏକଘରିକିଆ ବଦଳରେ ଭାଗୀଦାରିତା ଏବଂ ଶୋଷଣ ବଦଳରେ ସ୍ଥାୟିତ୍ୱ'କୁ ପ୍ରୋତ୍ସାହନ ଦେବ ବୋଲି ସେ କହିଛନ୍ତି।

# ଭୁଲ୍ ଦିଗକୁ ମୁହାଁଉଛି ୟୁରୋପ

ଡାଭୋସ୍, ୨୧।୧ (ରଏଟର୍ସ)

ମୁଁ ୟୁରୋପକୁ ଭଲ ପାଏ ଏବଂ ୟୁରୋପକୁ ଭଲ ଦେଖିବାକୁ ଚାହେଁ। କିନ୍ତୁ ୟୁରୋପ ଭୁଲ୍ ଦିଗକୁ ମୁହାଁଉଛି ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଆମେରିକାର ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଉଦ୍ୟମକୁ ନେଇ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧିତକରି ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ବିଶ୍ୱନେତାମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ୍ କହିଛନ୍ତି, ଆମେରିକା ବିଶ୍ୱ ଅର୍ଥନୀତିର ଇଞ୍ଜିନ୍। ବୈଶ୍ୱିକ ସମୃଦ୍ଧି ଆମେରିକୀୟ ଶକ୍ତି ଓ ଅଭିବୃଦ୍ଧି ଉପରେ ନିର୍ଭର କରେ। ଆମେରିକାର ବଜାରଗୁଡ଼ିକ ସମୃଦ୍ଧ ହୋଇଥିବାବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ତାଙ୍କ ଶାସନ କାଳରେ ଉନ୍ନତ ଆତ୍ମବିଶ୍ୱାସ ସୃଷ୍ଟି କରାଯାଇପାରିଛି। କିନ୍ତୁ ୟୁରୋପର ଅର୍ଥନୀତି ଓ ଅନ୍ୟ ନୀତିଗୁଡ଼ିକ ଉପଯୁକ୍ତ ଦିଗରେ ଯାଉନାହିଁ। ତେଣୁ ୟୁରୋପୀୟ ସରକାରମାନେ ପ୍ରବାସନ, ବାଣିଜ୍ୟ ଓ ଶକ୍ତି ଚୟନ ନେଇ ପୁନର୍ବିଚାର କରିବା ଉଚିତ। ସେହିପରି ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପ୍ ଡେନ୍‌ମାର୍କଠାରୁ ଆମେରିକା ଏହି ଭୂଖଣ୍ଡକୁ ଅଧିଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରଣନୈତିକ ଦୃଷ୍ଟିରୁ ଏହା ଉତ୍ତର ଆମେରିକାର ଏକ ଅଂଶ, ଯାହାକି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଆମେରିକା ବଳ ପ୍ରୟୋଗ କରିବ ନାହିଁ। ଏହା ଉପରେ ତୁରନ୍ତ ଆଲୋଚନା କରାଯିବା ଉଚିତ। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଏବଂ ୟୁରୋପୀୟ ସହଯୋଗୀ ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ବିରୋଧ କରୁଥିବାରୁ ସେ ଏପରି କହିଥିବା ମନେକରାଯାଉଛି। ଟ୍ରମ୍ପ୍ ଗୁରୁବାର ବିଦେଶ ନୀତି ସମ୍ପର୍କରେ ଅଧିକ ବକ୍ତବ୍ୟ ରଖିପାରନ୍ତି। ମଙ୍ଗଳବାର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ କରିଥିବା ଟ୍ରମ୍ପ୍ ଡବ୍ଲ୍ୟୁଇଏଫ୍‌ର କାର୍ଯ୍ୟସୂଚୀକୁ ପ୍ରଭାବିତ କରିପାରନ୍ତି।

**ଡବ୍ଲ୍ୟୁଇଏଫ୍‌ରେ ଟ୍ରମ୍ପଙ୍କ ସମ୍ବୋଧନ**



**ଗ୍ରୀନ୍‌ଲାଣ୍ଡ ଅକ୍ତିଆର ପାଇଁ ବଳପ୍ରୟୋଗ କରିବ ନାହିଁ ଆମେରିକା**

## ଅଶ୍ଳୀଳ ଭିଡିଓକୁ ନେଇ କର୍ନାଟକ ଡିଜିପି ନିଲମ୍ବିତ

ବେଙ୍ଗାଲୁରୁ, ୨୧।୧

ଏକ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ କର୍ନାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) କେ. ରାମଚନ୍ଦ୍ର ରାଓଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ରାଓଙ୍କ କାର୍ଯ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଅନୁଚିତ ଆଚରଣ ଏବଂ ରାଜ୍ୟ ପ୍ରଶାସନ ପାଇଁ ଲଜ୍ଜାଜନକ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ରାଓ ଜଣେ ମହିଳାଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବାର ଭିଡିଓ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଉକ୍ତ ଭିଡିଓ ମନଗଢ଼ା ଓ ମିଥ୍ୟା ବୋଲି ରାଓ ସଫେଇ ଦେଇଥିଲେ। ରାମଚନ୍ଦ୍ର ରାଓ ହେଉଛନ୍ତି କନ୍ନଡ଼ ଅଭିନେତ୍ରୀ ହର୍ଷବର୍ଦ୍ଧିନୀ ରାନ୍ୟା ଓରଫ ରାନ୍ୟା ରାଓଙ୍କ ସାବତ ବାପା। ଦୁବାଇରୁ ୧୨.୫୬ କୋଟି ଟଙ୍କାର ବେଆଇନ ସୁନା ଆମଦାନୀ ମାମଲାରେ ରାନ୍ୟା ଧରାପଡ଼ିଥିଲେ।

# ସିଆର୍‌ପିଏଫ୍‌ର ନେତୃତ୍ୱ ନେବେ ସିମରନ୍ ବାଲା

**ସାଧାରଣତନ୍ତ୍ର ଦିବସ ପରେଡ୍**

ନୂଆଦିଲ୍ଲୀ, ୨୧।୧

ଜାନୁଆରୀ ୨୬ରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ପାଳନ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ନେତୃତ୍ୱ ନେବେ ଜମ୍ମୁ-କଶ୍ମୀରର ସିମରନ୍ ବାଲା। ୨୬ ବର୍ଷୀୟା ସିଆର୍‌ପିଏଫ୍ କମାଣ୍ଡାଣ୍ଟ ସିମରନ୍‌ଙ୍କ ନେତୃତ୍ୱରେ ପୁରୁଷ କଣ୍ଟିନ୍‌ଜେଣ୍ଟ ପକ୍ଷରୁ ପରେଡ୍ କରାଯିବ।



ପୂର୍ବରୁ ମହିଳା ଅଫିସରମାନେ ସିଆର୍‌ପିଏଫ୍‌ର କେବଳ ମହିଳା କଣ୍ଟିନ୍‌ଜେଣ୍ଟର ନେତୃତ୍ୱ ନେଇଥିବାବେଳେ ଏଥର ଏହି ବାର୍ଷିକ ଇଭେଣ୍ଟରେ ପ୍ରଥମ ଥର ପାଇଁ ଜଣେ ମହିଳା ୧୪୦ରୁ ଊର୍ଦ୍ଧ୍ୱ ପୁରୁଷ ଯବାନଙ୍କୁ କମାଣ୍ଡ କରିବାକୁ ଯାଉଛନ୍ତି। ରାଜୌରି ଜିଲାର ସିମରନ୍ ସିଆର୍‌ପିଏଫ୍‌ରେ ଯୋଗଦେବାରେ ତାଙ୍କ ଜିଲାରୁ ପ୍ରଥମ ମହିଳା। ସେ ଜମ୍ମୁର ଗାନ୍ଧୀନଗର ମହିଳା ସରକାରୀ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ। ୨୦୨୫ ଏପ୍ରିଲରେ ସେ ସିଆର୍‌ପିଏଫ୍‌ରେ ଯୋଗଦେଇଥିଲେ।

# ସମୁଦ୍ରାୟନ: ସମୁଦ୍ର ଅନ୍ୱେଷଣ ମିଶନର ପ୍ରଥମ ପରୀକ୍ଷଣ ମେ'ରେ

ନୂଆଦିଲ୍ଲୀ, ୨୧।୧

ଭାରତର ମହତ୍ତ୍ୱାକାଂକ୍ଷୀ ଗଭୀର ସମୁଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଗ୍ରଗତି ହୋଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନ ଟେକ୍‌ନୋଲୋଜି (ଏନ୍‌ଆଇଓଟି) ଆଗାମୀ ମେ'ରେ ସମୁଦ୍ରାୟନର ପ୍ରଥମ ପରୀକ୍ଷାମୂଳକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ୫୦୦ ମିଟର ଗଭୀର ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରୀକ୍ଷା ପରବର୍ତ୍ତୀ ସମୟରେ ୬,୦୦୦ ମିଟର ଗଭୀରରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମାନବଯୁକ୍ତ ମିଶନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଭୂବିଜ୍ଞାନ ମନ୍ତ୍ରଣାଳୟ ନେତୃତ୍ୱରେ ଏହି ମିଶନ ସଫଳ ହେଲେ ଗଭୀର ସମୁଦ୍ର ମାନବଯୁକ୍ତ ଅଭିଯାନ ଟେକ୍‌ନୋଲୋଜି ହାସଲ କରିବାରେ ଆମେରିକା, ଚାଇନା, ରୁଷିଆ, ଫ୍ରାନ୍ସ ଓ ଜାପାନ ସହ ଭାରତ ସାମିଲ ହେବ।



## ଫୁର୍‌ସତ୍

# ବିଶ୍ୱର ବିପଜ୍ଜନକ ରାସ୍ତା

**ବି**ଶ୍ୱର ବିଭିନ୍ନ ସ୍ଥାନରେ ଏଭଳି ରାସ୍ତା ରହିଛି ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ। ଗାଡ଼ି ଚଳାଇବା ସମୟରେ ସାମାନ୍ୟ ଭୁଲ୍ ଜୀବନ ବି ନେଇପାରେ। ଏଠାରେ ପୃଥିବୀର ପାଞ୍ଚଟି ବିପଦପୂର୍ଣ୍ଣ ରାସ୍ତା ବିଷୟରେ ସୂଚିତ କରାଯାଉଛି..

**ଡେଥ୍ ରୋଡ୍ (ବଲିଭିଆ):** ଏହି ରାସ୍ତାର ନାମରୁ ଜଣାପଡ଼େ ଏହା କେତେ ବିପଦପୂର୍ଣ୍ଣ। ଏହି ରାସ୍ତାରେ ଗାଡ଼ି ଚଳାଇବା ଅତ୍ୟନ୍ତ କଷ୍ଟକର । ପ୍ରତିବର୍ଷ ଏହି ରାସ୍ତାରେ ପ୍ରାୟ ୨୦୦ରୁ ୩୦୦ ଦୁର୍ଘଟଣା ଘଟେ। ତଥାପି ଏହି ରାସ୍ତାଟିକୁ ଅଧିକାଂଶ ସମୟରେ ସାଇକେଲ ଚାଳକମାନେ ଉପଭୋଗ କରନ୍ତି। ଓଭରଲୋଡ୍ ଯାନବାହନ ପ୍ରାୟତଃ ଏହି ରାସ୍ତାରୁ ତଳକୁ ଖସି ପଡ଼ିଥାଏ।

**ଜୋଜି ଲା ପାସ୍ ହାଇୱେ:** ବିଶ୍ୱର ସବୁଠୁ ବିପଦପୂର୍ଣ୍ଣ ରାସ୍ତା ମଧ୍ୟରୁ ଏହା ଅନ୍ୟତମ। ଏହି ରାସ୍ତାଟି କଶ୍ମୀର ଏବଂ ଲଦାଖ ମଧ୍ୟରେ ଥିବା ଏକ ପର୍ବତ ପାର୍ଶ୍ୱରେ ନିର୍ମିତ। ଉକ୍ତ ରାସ୍ତାରେ ପ୍ରବଳ ଧୂଳି ଉଡ଼ିଥାଏ ; ଯାହା ଗାଡ଼ି ଚଳାଇବା ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିବେଶ ସୃଷ୍ଟି କରିଥାଏ। ତୁଷାରପାତ ସମୟରେ ରାସ୍ତାଟି ବନ୍ଦହେବାର ମଧ୍ୟ ଆଶଙ୍କା ଥାଏ। ଲୋକେ ଏହି ରାସ୍ତାରେ ନିରନ୍ତର ଯାତାୟାତ କରନ୍ତି। ୩୫୨୮ ଫୁଟ ଉଚ୍ଚ ପର୍ବତ ଉପରେ ନିର୍ମିତ ଏହି ରାସ୍ତାଟି ପ୍ରାୟ ୯ କିଲୋମିଟର ଲମ୍ବା।



**କାବୁଲ-ଜଳାଲାବାଦ ରାଜପଥ:** ଆଫଗାନିସ୍ତାନର କାବୁଲରୁ ଜଳାଲାବାଦ ପର୍ଯ୍ୟନ୍ତ ରହିଛି ୧୪୩ କିଲୋମିଟର ଲମ୍ବା ରାଜପଥ। ସଂକୀର୍ଣ୍ଣ ହେବା ସହ ଏହି ରାସ୍ତାରେ ଅନେକ ବାଙ୍କ ରହିଛି, ଯାହା ଯାନବାହନ ପାଇଁ ବିପଦପୂର୍ଣ୍ଣ ହୋଇଥାଏ। କାବୁଲ ଏବଂ ଜଳାଲାବାଦକୁ ସଂଯୋଗ କରୁଥିବା ଏହି ଏକମାତ୍ର ରାସ୍ତାରେ ପ୍ରାୟତଃ ଓଭରଟେକିଂ କରିବା ସମୟରେ ଦୁର୍ଘଟଣା ଘଟେ।

**ତୁର୍କୀର ଟ୍ରାବଜୋନ୍ ଅଞ୍ଚଳର ଡି-୯୧୫:** ବିଶ୍ୱର ବିପଦପୂର୍ଣ୍ଣ ରାଜପଥ ମଧ୍ୟରୁ ଅନ୍ୟତମ ଏହି ରାଜପଥ। ଏହି ରାଜପଥର ଗୋଟିଏ ପାର୍ଶ୍ୱରେ ଉଚ୍ଚ ପର୍ବତ ଏବଂ ଅନ୍ୟ ପାର୍ଶ୍ୱରେ ଗାର୍ଡୱାଲ ନାହିଁ। ତେଣୁ ଏହି ରାସ୍ତାରେ ଯାତ୍ରା ଚାଳକ ଲାଗି ସବୁବେଳେ କାଠିକର ହୋଇଥାଏ।

**ଅପରାଧୀଙ୍କ ଚରାଭୂଇଁ:** ଇଜିପ୍ଟର ଦୁଇଟି ପର୍ଯ୍ୟଟନ ସ୍ଥଳ, ଲକ୍ସର ଏବଂ ହୁରଘାଡ଼ାକୁ ସଂଯୋଗ କରୁଛି ୨୯୯ ମାଇଲ ଲମ୍ବର ରାସ୍ତା। ଏହି ରାସ୍ତାକୁ ଅତିକ୍ରମ କରିବା ଲାଗି ପ୍ରାୟ ୪ ଘଣ୍ଟା ୪୦ ମିନିଟ୍ ସମୟ ଲାଗେ। ଉକ୍ତ ରାସ୍ତା ଡକାୟତି, ଅପହରଣ, ହତ୍ୟା ଏବଂ ବଳାତ୍କାର ଭଳି ଘଟଣା ପାଇଁ ଏହି ଚର୍ଚ୍ଚିତ।

## ବ୍ରେକ୍ ନେଲେ ଜାକିର ଖାନ୍

ମୁମ୍ବାଇ

ଲୋକପ୍ରିୟ ଷ୍ଟାଣ୍ଡ-ଅପ୍ କମେଡିଆନ ଭାବେ ପରିଚିତ ଜାକିର ଖାନ୍। ଏଣିକି ତାଙ୍କ ପ୍ରଶଂସକଙ୍କୁ ନିରାଶହେବାକୁ ପଡ଼ିବ। କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ତଥା ବ୍ୟକ୍ତିଗତ କାରଣ ପାଇଁ ସେ ୨୦୩୦ ପର୍ଯ୍ୟନ୍ତ ଲାଇଭ ଶୋ'ରୁ ବିରତି ନେଉଥିବା ଘୋଷଣା କରିଛନ୍ତି। ଜାକିରଙ୍କ ଟିମ୍‌ର ସୂଚନା ଅନୁଯାୟୀ, ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ମଞ୍ଚ ପ୍ରଦର୍ଶନରୁ ଦୂରେଇରହିବେ। ତେବେ ଜୁନ୍ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଟି ଶୋ' ତାଙ୍କ ପାଇଁ ଏକ ଉତ୍ସବ ସଦୃଶ।

ଇନ୍‌ଷ୍ଟାଗ୍ରାମରେ ଏହି ନିଷ୍ପତ୍ତି ବିଷୟରେ ଜାକିର ଲେଖିଛନ୍ତି, ଏଥର ମୁଁ ଅଧିକ ସହରକୁ ଯାଇପାରିବି ନାହିଁ, ତେଣୁ ଆପଣମାନେ ଟିକେ କଷ୍ଟକରି ଶୋ' ଦେଖିବାକୁ ଆସନ୍ତୁ। ଗତବର୍ଷ ଜାକିର ନ୍ୟୁୟର୍କର ପ୍ରସିଦ୍ଧ 'ମାଡିସନ ସ୍କୋୟାର ଗାର୍ଡେନ'ରେ ହିନ୍ଦୀରେ କମେଡି ପ୍ରଦର୍ଶନକରି ପ୍ରଥମ ଭାରତୀୟ ଭାବେ ଇତିହାସ ରଚିଥିଲେ। ୬,୦୦୦ ଦର୍ଶକଙ୍କ ସମ୍ମୁଖରେ ସେ ଏହି ସଫଳତା ପାଇଥିଲେ।

୨୦୧୨ରେ 'ଇଣ୍ଡିଆଜ୍ ବେଷ୍ଟ ଷ୍ଟାଣ୍ଡ-ଅପ୍' ପ୍ରତିଯୋଗିତା ଜିତିବା ପରେ ଜାକିର ରାତାରାତି ଲୋକପ୍ରିୟ ହୋଇଥିଲେ। ନିଜର 'ସକ୍ତ ଲୌଣ୍ଡା' ଅନ୍ଦାଜ ପାଇଁ ପରିଚିତ ଜାକିରଙ୍କ 'ହକ୍ ସେ ସିଙ୍ଗଲ' ଏବଂ 'କକ୍ଷା ଗ୍ୟାରଭି' ଭଳି ଶୋ' ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି।



**ପୁଣି ବଢ଼ିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି**

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମାକୁ ରାଜ୍ୟ ସରକାର ପୁଣି ବୃଦ୍ଧି କରିଛନ୍ତି। ପୂର୍ବରୁ ଜାନୁଆରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ଏବେ ଫେବୃଆରୀ ୫ ଆବେଦନ ଲାଗି ସୁଯୋଗ ଦିଆଯାଇଛି। ଏଥିପାଇଁ www.msp.odisha.gov.inରେ ଆବେଦନ କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସରକାର ସମ୍ମାନିତ କରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମୋଟ ୧୨ଟି ବର୍ଗରେ ପୁରସ୍କାର ଦିଆଯିବ।



ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା - ୨୦୨୬'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ଦୁର୍ଗା ପ୍ରାଇମେରୀ ଫିଶେରୀ କୋ-ଅପରେଟିଭ୍ ସୋସାଇଟିକୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି। ଉପସ୍ଥିତ ଅଛନ୍ତି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅଧିକାରୀମାନେ। (ଫଟୋ- ବିକାଶ ନାୟକ)

# ମାଛ ଉତ୍ପାଦନରେ ଓଡ଼ିଶା ହେବ ୧ ନମ୍ବର: ମୁଖ୍ୟମନ୍ତ୍ରୀ

## ଆରମ୍ଭ ହେଲା ମତ୍ସ୍ୟ-ପ୍ରାଣୀ ସମାବେଶ

- ଗୋଶାଳା ନିର୍ମାଣ ପାଇଁ ରାଜସ୍ୱ ବିଭାଗ ଦେବ ଜମି
- ବିଭିନ୍ନ ଯୋଜନାର ସହାୟତା ରାଶି ପ୍ରଦାନ, ଶ୍ରେଷ୍ଠ ଚାଷୀ ପୁରସ୍କୃତ

ଭୁବନେଶ୍ୱର,୨୧।୧ (ଅନୁରାଧା ମହାରଣା)

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥିବାବେଳେ ଆଗକୁ ମତ୍ସ୍ୟ ଉତ୍ପାଦନରେ ମଧ୍ୟ ଓଡ଼ିଶା ଦେଶରେ ଏକ ନମ୍ବର ହେବ। ଭୁବନେଶ୍ୱର ଜନତା ମଇଦାନଠାରେ ୩ଦିନିଆ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୬'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଆମ ରାଜ୍ୟର ଚାଷୀଙ୍କ ମଧ୍ୟରୁ ପ୍ରାୟ ୯୨ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଗାମୀ ଦିନରେ ଜମି ହୋଲ୍ଡିଂ ଆହୁରି କମିଯିବ। ତେଣୁ କୃଷି ସହିତ ମାଛଚାଷ, ଗୋପାଳନ, ପ୍ରାଣୀ ପାଳନ କରିବା ଉଚିତ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ୧୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ ହୋଇଛି। ଫଳରେ ଗତ ଦେଢ଼ବର୍ଷ ଭିତରେ ରାଜ୍ୟରେ ୧.୩୫ ଲକ୍ଷ ଲିଟର ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି। କାମଧେନୁ ଯୋଜନାରେ ଚାଷୀଙ୍କୁ ୭୦ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇଦେଇ ସଙ୍କରଜାତୀୟ ଅଧିକ ଦୁଗ୍ଧ ପ୍ରଦାନକାରୀ ଗାଈ ଓ ମଇଁଷି ପାଳନ ପାଇଁ ଉତ୍ସାହିତ କରାଯାଉଛି। ଏହା ମାଧ୍ୟମରେ ୪.୭୩ ଲକ୍ଷ ହିତାଧିକାରୀଙ୍କୁ ୭୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ଦୁଗ୍ଧ ବ୍ୟବସାୟୀଙ୍କ ପାଇଁ ଓମ୍‌ଫେଡ୍ ପକ୍ଷରୁ ଲିଟର ପିଛା ୨ ଟଙ୍କା ଅଧିକ ସହାୟତା ରାଶି ଦିଆଯାଉଛି। କେବଳ ମାଈ ବାଛୁରୀ ଜନ୍ମ ପାଇଁ ଲିଙ୍ଗ ନିରୂପିତ ଶୁକ୍ରାଣୁ ମାଧ୍ୟମରେ କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ରାଜ୍ୟର ୨.୩୦ ଲକ୍ଷ ଗୋପାଳକ ଉପକୃତ ହୋଇଛନ୍ତି। ବର୍ତ୍ତମାନ ଆମର ସମୃଦ୍ଧ କୃଷକ ଯୋଜନା, ପିଏମ୍ ଓ ସିଏମ୍ କିଷାନ ଯୋଜନା ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଫଳରେ ଏବେ ଗୋଟିଏ କୃଷକ ପରିବାରର ଆୟ ହାରାହାରି ବାର୍ଷିକ ୬୧,୦୦୦ ଟଙ୍କାରୁ ଅଧିକ ହୋଇପାରିଛି। ରାଜ୍ୟକୁ ମାଛ, ମାଂସ, କୁକୁଡ଼ା ମାଂସ, ଅଣ୍ଡା ଇତ୍ୟାଦିରେ ଆତ୍ମନିର୍ଭର କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପ କରିଛନ୍ତି। ଏବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି। ଏକ ନମ୍ବର ସ୍ଥାନ ହାସଲ ପାଇଁ ଆମେ ଚେଷ୍ଟା ଜାରି ରଖିଛୁ। ସରକାରଙ୍କ ପକ୍ଷରୁ ଋଣରେ ରିହାତି, ମାଗଣା ଟିକା ବ୍ୟବସ୍ଥା, ପ୍ରାଣୀ ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦିଆଯାଉଛି। ଛେଳି, ଘୁଷୁରି, କୁକୁଡ଼ା ଓ ବତକ ପାଳନ ପରି ଲାଭଜନକ କୃଷି ବ୍ୟବସାୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଗୋମାତା ଚାଲାଣକାରୀଙ୍କୁ ଚେତାବନୀ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିଥିଲେ। ସେହିପରି ଅନୁଗୋଳର ଦିଲୀପ ପ୍ରଧାନଙ୍କୁ 'ଗୋପାଳରତ୍ନ ସମ୍ମାନ' ଓ ଯାଜପୁରର ସୁକାନ୍ତ କୁମାର ବିଶ୍ୱାଳଙ୍କୁ 'ନେଟିଭ୍ ବ୍ରିଡ୍ କଞ୍ଜରଭେଶନ ଆୱାର୍ଡ' ଏବଂ ମତ୍ସ୍ୟ ଉତ୍ପାଦନ ଓ ପ୍ରାଣୀ ପାଳନ କ୍ଷେତ୍ରରେ ୬ ଜଣ ଲେଖାଏ ଶ୍ରେଷ୍ଠ ଚାଷୀଙ୍କୁ ପୁରସ୍କୃତ କରିଥିଲେ ମୁଖ୍ୟମନ୍ତ୍ରୀ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ, ଆମ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ରାଜ୍ୟରେ ଦୁଗ୍ଧ ବିପ୍ଳବରେ ନୂଆ ଦିଗନ୍ତ ଆଣିଛି। ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ଚାଷୀଙ୍କୁ ଅଧିକ ସଚେତନ କରିବା ଲାଗି ରାଜ୍ୟର ୩୧୪ ବ୍ଲକ ଏବଂ ୩୦ ଜିଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ, ଶସ୍ୟ ଉତ୍ପାଦନ ସହ ଆମ ଚାଷୀମାନେ ପ୍ରାଣୀ ପାଳନ ଓ ମତ୍ସ୍ୟ ଚାଷରେ ବହୁତ ଆଗେଇଲେଣି। ଆଗାମୀ ଦିନରେ ଗୋସମ୍ପଦ ଓ ଗୋମାତାର ସୁରକ୍ଷା ପାଇଁ ରାଜ୍ୟର ଯେକୌଣସି ସ୍ଥାନରେ ଗୋଶାଳା ନିର୍ମାଣ ହେବ। ସେଥିପାଇଁ ରାଜସ୍ୱ ବିଭାଗ ଜମି ଯୋଗାଇଦେବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ଧନ୍ୟବାଦ ଦେଇଥିଲେ।

## ସୁନା ଦେଢ଼ଲକ୍ଷ ପାରହେଲା




# ରାଜ୍ୟ ହରାଇଲା ୬୮୦ କୋଟି

## ବାବୁଙ୍କ ଦକ୍ଷତା ଏମିତି

ଭୁବନେଶ୍ୱର,୨୧।୧ (ରବିନାରାୟଣ ଜେନା)

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପଣ କରିଛନ୍ତି। ଏହାକୁ ନେଇ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। କେଉଁଠୁ ରାଜସ୍ୱ ଆସିବ, କେନ୍ଦ୍ରୀୟ ସହାୟତା କିଭଳି ଅଧିକ ମିଳିବ ଏବଂ କେଉଁବାଟରେ ତାହା ଖର୍ଚ୍ଚହେଲେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ହୋଇପାରିବ, ତାହାକୁ ନେଇ ଅହରହ ଉଦ୍ୟମ ଚାଲିଛି। ଏହାକୁ ନେଇ ବଜେଟ ଅଟକଳ ପ୍ରସ୍ତୁତ ହେଉଛି। ହେଲେ ସରକାରୀ ଅଧିକାରୀମାନେ ବଜେଟରେ ହେଉଥିବା ବ୍ୟୟବରାଦ ଅର୍ଥକୁ ଠିକଣା ଢଙ୍ଗରେ ଖର୍ଚ୍ଚ କରିପାରୁନାହାନ୍ତି। ପ୍ରଶାସନିକ ଖର୍ଚ୍ଚ ବେଳେ ହାତଖୋଲା କରୁଥିବାବେଳେ ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରେ ପଛରେ ପଡ଼ିଯାଉଛନ୍ତି, ଯେଉଁଥିପାଇଁ ରାଜ୍ୟ ଏବେ ୬୭୯.୨୦ କୋଟି ଟଙ୍କା ହରାଇଛି ବୋଲି ଜାନୁଆରୀ ୨୦ରେ ଅନୁଷ୍ଠିତ ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାପଡ଼ିଛି।

ବୈଠକର ସୂଚନା ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ନିବେଶ କ୍ଷେତ୍ରରେ ସ୍ୱତନ୍ତ୍ର ସହାୟତା(ଏସ୍ଏଏସ୍‌ସିଆଇ) ଯୋଜନାରେ ଯେଉଁ ବ୍ୟୟବରାଦ କରାଯାଇଥିଲା ସେହି ଟଙ୍କାକୁ ବହୁ ବିଭାଗର ପ୍ରଶାସନିକ ଅଧିକାରୀ ଖର୍ଚ୍ଚ କରିପାରିନାହାନ୍ତି। ପୁଞ୍ଜି ବ୍ୟୟରେ ମନ୍ଥର ଗତି ଯୋଗୁ ରାଜ୍ୟ ସରକାରଙ୍କୁ ୬୭୯.୨୦ କୋଟି ଟଙ୍କା ହରାଇବାକୁ ପଡ଼ିଛି। ତେବେ ଏହି ଯୋଜନାର ନିୟମ କହୁଛି, ୨୦୨୩-୨୪ ଆର୍ଥିକ ବର୍ଷ ସହ ତୁଳନାକରି ୨୦୨୪-୨୫ରେ ପୁଞ୍ଜି ବ୍ୟୟରେ ୧୦% ବୃଦ୍ଧି ସାଧନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରହିଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ସହ ତୁଳନାକରି ୨୦୨୫-୨୬ର ପ୍ରଥମ ୯ ମାସରେ ୧୦%ରୁ ଅଧିକ ବୃଦ୍ଧି ସାଧନ କରିବାକୁ ଟାର୍ଗେଟ ଥିଲା। ମାତ୍ର ପୁଞ୍ଜି ଖର୍ଚ୍ଚ ନୈରାଶ୍ୟଜନକ ହେବାରୁ ରାଜ୍ୟ ରାଜକୋଷକୁ ଶକ୍ତ ଝଟ୍‌କା ଲାଗିଛି।

ସେହିପରି ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଅନୁମୋଦିତ ବକେୟା ରାଶି ଦେବା ପାଇଁ ସଂପୃକ୍ତ ବିଭାଗକୁ କୁହାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ଏଥିରେ ଆନ୍ତରିକତା ଦେଖାଇ ନ ଥିଲେ। କେଉଁଠି ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ପାଇଁ କାର୍ଯ୍ୟକ୍ରମ ବାବଦ ଅନୁମୋଦିତ ରାଶି ମିଳିପାରି ନ ଥିଲା। ସମ୍ପୃକ୍ତ ବିଭାଗଗୁଡ଼ିକ ଏକ୍ଷେତ୍ରରେ ଯେପରି ଦକ୍ଷତା ଓ ଆନ୍ତରିକତା ଦେଖାଇବା କଥା, ତାହା ଦେଖାଉନାହାନ୍ତି। ଫଳରେ ଏସ୍ଏଏସ୍‌ସିଆଇ ଅଧୀନରେ ରାଜ୍ୟ ସରକାର ଯେଉଁ କେନ୍ଦ୍ରୀୟ ସହାୟତା ପାଇବା କଥା ତାହା ମିଳୁନାହିଁ। କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶିକା ଅନୁଯାୟୀ, ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତ ରହିଥିଲେ ହେଁ ଆବଶ୍ୟକ ସଂଶୋଧନ ଅଭାବରୁ କେନ୍ଦ୍ରୀୟ ସହାୟତା ହରାଇବାକୁ ପଡ଼ିଛି।

ତଥ୍ୟ ଅନୁଯାୟୀ, ବିଭିନ୍ନ ପ୍ରକାର କେନ୍ଦ୍ରୀୟ ସହାୟତା (ୟୁନାଇଟେଡ୍) ଜରିଆରେ ରାଜ୍ୟକୁ ୨୯୭୧ କୋଟି ଟଙ୍କା ଅନୁମୋଦନ ହୋଇଛି। ସେଥିମଧ୍ୟରୁ ରାଜ୍ୟ ପ୍ରଥମ ପର୍ଯ୍ୟାୟରେ ୧୩୬୨ କୋଟି ପାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୦୧୦.୧୪ କୋଟି ଏବଂ ଅତିରିକ୍ତ ସହାୟତା ବାବଦକୁ ୩୧୭.୭୬ କୋଟି ଟଙ୍କା ପାଇଛି। ସେହିପରି ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ରାଜ୍ୟ ୨୨୫.୭୮ କୋଟି ଟଙ୍କା ପାଇବାକୁ ହକ୍ ରହିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଅର୍ଥ ମିଳିନାହିଁ। ଏହାବାଦ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଲାଗି କେନ୍ଦ୍ର ସରକାର ୪୩୬.୯୧ କୋଟି ଟଙ୍କା ଅନୁମୋଦନ କରିଥିଲେ ହେଁ ଏପର୍ଯ୍ୟନ୍ତ ୨୮୮.୩୬ କୋଟି ଟଙ୍କା ଅଂଶଧନ ବାବଦକୁ ମିଳିଥିବା ଜଣାଯାଇଛି।

# ତମାଖୁ ପ୍ରସ୍ତୁତି, ବିକ୍ରୟ ଉପରେ ପ୍ରତିବନ୍ଧକ

ଭୁବନେଶ୍ୱର,୨୧।୧ (ସୁଚିସ୍ମିତା ସାହୁ)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଧାରଣ ଜନ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିକୋଣରୁ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍ ଯୁକ୍ତ ସମସ୍ତ ପ୍ରକାର ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା, ପରିବହନ, ବାଣିଜ୍ୟ ଓ ବିକ୍ରୟ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହି ନିଷେଧାଜ୍ଞା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ (ବିକ୍ରୟ ଉପରେ ପ୍ରତିବନ୍ଧକ ଓ ନିୟନ୍ତ୍ରଣ) ବିଧି-୨୦୧୧ର ଧାରା ୨.୩.୪ ଅନୁଯାୟୀ ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ଗାଇଡଲାଇନ୍ ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପଦାର୍ଥଗୁଡ଼ିକ ମୁଖ, ଗଳା, ଅନ୍ତର୍ନିହିତ ଅଙ୍ଗରେ କ୍ୟାନ୍‌ସର ସହିତ ଗୁରୁତର ରୋଗ ସୃଷ୍ଟି କରୁଛି। ବିଶେଷ କରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ। ତେଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧ ଲାଗୁ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନୋଟିଫିକେଶନ ନମ୍ବର ୨୦୬୫/୨୧।୧।୨୦୨୬ ଅନୁସାରେ ଏହି ନିଷେଧାଦେଶ ଲାଗୁ କରାଯାଇଛି। ସାଧାରଣ ଲୋକଙ୍କୁ ଏହି ନିଷେଧାଜ୍ଞା ପାଳନ କରି ସୁସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ରାଜ୍ୟ ସରକାର ଆହ୍ୱାନ କରିଛନ୍ତି।




## ହାତୀ ଆକ୍ରମଣରେ ଚାଷୀ ମୃତ

କୁଆଁରମୁଣ୍ଡା,୨୧।୧ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବାରିଲେପ୍ଟା ଗ୍ରାମ ଟୁଙ୍ଗୁରିଟୋଲାରେ ହାତୀ ଆକ୍ରମଣରେ ବୁଧବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଲବ ସିଂ(୪୯)। ଏନେଇ ବିଶ୍ରା ରେଞ୍ଜ୍‌ରେ ଏକ ଅପମୃତ୍ୟୁ ମାମଲା(ନଂ.୦୨/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୭ଟାରେ ଲବ କୌଣସି କାମରେ ଘରୁ ଚାଲିକି ଯାଉଥିଲେ। ଘରଠାରୁ ମାତ୍ର ୩ଶହ ମିଟର ଦୂରରେ ହଠାତ୍ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ରା ରେଞ୍ଜ୍ ଦାୟିତ୍ୱରେ ଥିବା ବୀରମିତ୍ରପୁର ରେଞ୍ଜର ସୁଦେଷ୍ଣା ପ୍ରଧାନ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ରେଞ୍ଜର ପ୍ରଧାନ ୪୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

# ଶକ୍ତି ସଚିବ, ଜିଲାପାଳଙ୍କୁ ଏନ୍ଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

## ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ ଘଟଣା

ଭବାନୀପାଟଣା,୨୧।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେଲମ୍ବା ଗାଁର ବିଧବା ଆଦିବାସୀ ମହିଳା ଫୁଲ ମାଝୀ ୧୩୨ କେଭି ବିଦ୍ୟୁତ୍ ତାର ଆଘାତରେ ମୃତ୍ୟୁବରଣ କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶକ୍ତି ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏଥିରେ ନିର୍ଦ୍ଦେଶ ରହିଛି। ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୫ରେ କମିଶନ ପ୍ରଥମ ନୋଟିସ ଜାରି କରି ଦୁଇ ଅଧିକାରୀଙ୍କଠାରୁ ରିପୋର୍ଟ ମାଗିଥିଲେ। ହେଲେ ଏହାକୁ ଅଣଦେଖା କରି ଅଧିକାରୀ ଦ୍ୱୟ କୌଣସି ରିପୋର୍ଟ ଦାଖଲ କରି ନ ଥିବାରୁ କମିଶନ ଅସନ୍ତୋଷ ବ୍ୟକ୍ତ କରିବା ସହିତ ୨୦ ଜାନୁଆରୀ ୨୦୨୬ରେ ଦ୍ୱିତୀୟ ନୋଟିସ ଜାରି କରିଛନ୍ତି। ଆସନ୍ତା ୧୩ ଫେବୃଆରୀ ୨୦୨୬ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବା ପାଇଁ ଦୁଇ ଅଧିକାରୀଙ୍କୁ ଚେତାଇ ଦେଇଛନ୍ତି। କଳାହାଣ୍ଡିର ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଏହି ମାମଲା (ନଂ.୩୫୮/୧୮।୬।୨୦୨୫) ଦାଏର ହୋଇଥିଲା।

ପ୍ରକାଶ ଯେ, ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବେଲମ୍ବା ଗ୍ରାମର ବିଧବା ମହିଳା ଫୁଲ ମାଝୀ ୧୬ ଏପ୍ରିଲ ୨୦୨୫ରେ ଏକ ଗଛରୁ ଶାଗ ତୋଳୁଥିବା ସମୟରେ ଛିଣ୍ଡି ପଡିଥିବା ୧୩୨ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଫୁଲଙ୍କ ମୃତ୍ୟୁ ପରେ ତାଙ୍କର ୪ ନାବାଳକ ସନ୍ତାନଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ମାନବ ଅଧିକାରୀ କର୍ମୀ ଦିଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତ ଶିଶୁମାନଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ଟାଟା ପାୱାର କମ୍ପାନୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଦଣ୍ଡବିଧାନ ପାଇଁ ଦାବି ଜଣାଇଛନ୍ତି।

# ଘାଟିରୁ ୧୫ ଫୁଟ୍ ତଳକୁ ଖସି ଜଳିଗଲା ଟ୍ରେଲର

## ଗାଡ଼ିରୁ ଡେଇଁପଡ଼ି ଜୀବନ ବଞ୍ଚାଇଲେ ଡ୍ରାଇଭର

ପଟ୍ଟାଙ୍ଗି, ୨୧।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗିରୁ ଆନ୍ଧ୍ରକୁ ସଂଯୋଗ କରିଥିବା ଜାତୀୟ ରାଜପଥର ରାଲେଗଡ଼ା ପଞ୍ଚାୟତ ନିକଟସ୍ଥ ଯୋଡିମାଦିଲି ଘାଟିରୁ ବୁଧବାର ଏକ ଟ୍ରେଲର ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାପରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଆନ୍ଧ୍ରର ଆରାକୁ ଅଞ୍ଚଳରୁ ଏକ ଟ୍ରେଲର (ଏପି୩୯-ୟୁଏମ୍-୬୧୮୩) କିଛି ଯନ୍ତ୍ରାଂଶ ଲୋଡ୍‌କରି ନନ୍ଦପୁର, ସେମିଳିଗୁଡ଼ା ହୋଇ ପଟ୍ଟାଙ୍ଗି ଦେଇ ବିଶାଖାପାଟଣା ଯାଉଥିଲା। ଯୋଡ଼ିମାଦିଲି ଘାଟିର ଗଡାଣିଆ ରାସ୍ତାରେ ଓହ୍ଲାଉ ଥିବାବେଳେ ଟ୍ରେଲର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଏହା ପ୍ରାୟ ୧୫ଫୁଟ୍ ତଳକୁ ଗଡି ଚାଲିଯାଇଥିଲା। ଏହି ସମୟରେ ବଡ଼ ବଡ଼ ପଥର ସହ ଧକ୍କାହୋଇ ପ୍ରେସର ପାଇପ୍ ଫାଟିଯିବା ଫଳରେ ଟ୍ରେଲରରେ ନିଆଁ ଲାଗିଯାଇଥିଲା। ଜୀବନ ବଞ୍ଚାଇବାକୁ ଡ୍ରାଇଭର ଜୟ ପ୍ରକାଶ ବର୍ମା ଟ୍ରେଲରରୁ ଡେଇଁ ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବରପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଘଟଣାସ୍ଥଳରେ ପହଞ୍ଚି ଦମକଳ ଗାଡ଼ି ଡକାଇଥିଲେ। ଅଗ୍ନିଶମ ବାହିନୀ ଟ୍ରେଲରରେ ଲାଗିଥିବା ନିଆଁ ଲିଭାଇବାକୁ ଚେଷ୍ଟା କରିଥିବାବେଳେ ତାହା ସମ୍ପୂର୍ଣ୍ଣ ଜଳିଯାଇଥିଲା। ପଟ୍ଟାଙ୍ଗି ପୋଲିସ ଖବରପାଇ ପ୍ରାଥମିକ ତଦନ୍ତ କରିଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।



ଜଳିଯାଇଥିବା ଟ୍ରେଲର।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶୀ ଆର୍ଟିଷ୍ଟ ସୁସ୍ମିତା ପତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସକ୍ଲବ, ମ୍ୟାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାଇ ହନୁମାନ ମନ୍ଦିର, ୟୁନିଟ୍ ୮, ସମୟ: ସନ୍ଧ୍ୟା ୫ଟା।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ଅର୍ପଣ ଦିବସ, ସ୍ଥାନ: ମହେଶପୁର ପଞ୍ଚାୟତ ଝାଟିଆବାଡ଼ି ଖେଳପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ବିଗ୍ରେଡ଼ ସ୍କୁଲରେ ବାର୍ଷିକ ଉତ୍ସବ, ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡିଆ ସମ୍ମୁଖ, ଭୋଗରାଇ, ସମୟ: ଅପରାହ୍ନ ୨ଟା ୩୦।
- କମର୍ଦ୍ଦା ସୁରେନ୍ଦ୍ରନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: କମର୍ଦ୍ଦା, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ଥ ବାର୍ଷିକ ହଳଦୀପଦା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପଶୁ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- କବି ଡ. ମହେଶ୍ୱର ଦାସଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଅନନ୍ତ ଆଶ୍ରମ, ଈଶାଣପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶିବ ମନ୍ଦିର ପଡ଼ିଆ, ଚାରିତରଫ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷଣ ସହାୟତା ଉପକରଣ ପ୍ରସ୍ତୁତି କର୍ମଶାଳା, ସ୍ଥାନ: ମିଶ୍ରପୁର, ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆକୁଲିକଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ରଜତ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ:ନିମାପଡ଼ା, ବନ୍ତ, ସମୟ:ପୂର୍ବାହ୍ନ ୧୦ଟା।
- ଜାତୀୟ କନ୍ୟା ଶିଶୁ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶାଳ ହିନ୍ଦୁ ସମ୍ମିଳନୀ,ସ୍ଥାନ: ଦକ୍ଷିଣକୁରୁଆ, ଖଡ଼ିପଦା,ଧାମନଗର,ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଓଡ଼ାବାଲି ଦ୍ୱୀପ, ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା ମହୋତ୍ସବ ଭଦ୍ରାୟଣୀର ୫ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ମାଛ ମାର୍କେଟ କମ୍ପ୍ଲେକ୍ସ ଶିଳାନ୍ୟାସ, ମିଶନଶକ୍ତି ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ, ସ୍ଥାନ: ନନ୍ଦପୁର ବଜାର, ତିହିଡ଼ି, ସମୟ : ଅପରାହ୍ନ ୪ଟା।
- ମା' ବୀଣାପାଣି ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଅଚକ ମହାଜନ ସାହି, ତିହିଡ଼ି, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା,ସ୍ଥାନ:କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ଉଦ୍‌ଯାପନୀ ଦିବସ, ସ୍ଥାନ:ଷ୍ଟାଡିୟମ ପଡିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଉତ୍କଳ ଆଶ୍ରମର ଶତବାର୍ଷିକୀ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ଆଇଇସି ହଲ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ
- ବୁଦ୍ଧଗିରି ବିଦ୍ୟାପୀଠରେ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବିରଧନଞ୍ଜୟପୁର (ବୁଗୁଡ଼ା), ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଢେଙ୍କାନାଳ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ-ସନ୍ଧ୍ୟା ୬ଟା।

## ଅନୁଗୋଳ
- ସ୍ୱଦେଶୀ ସପ୍ତାହ ପାଳନ ଉପଲକ୍ଷେ ସହର ପରିକ୍ରମା, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର
- ପରୀକ୍ଷା ପେ ଚର୍ଚ୍ଚା (ପିପିସି)ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ ଟା।

## ଯାଜପୁର
- ଇଭିଏମ୍ ଏବଂ ଭିଭିପିଏଟି ୱେର ହାଉସ ନିରୀକ୍ଷଣ, ସ୍ଥାନ : ୱେର ହାଉସ ପରିସର, ସମୟ : ପୂର୍ବାହ୍ନ ୧୦ଟା୩୦।
- ଡିଏମ୍‌ଏଫ୍ ଅଡିଟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଖଣ୍ଡପଡା ବିଧାୟକଙ୍କ ଜନ ଶୁଣାଣି, ସ୍ଥାନ:ଖଣ୍ଡପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ:ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ନୟାଗଡ଼ ସହରାଞ୍ଚଳସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସ ମ୍ୟାଚ ଘଣାଶାଳିଆ ବନାମ ବଡବାଣପୁର କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଏକାଦଶ ଦିବସର ପ୍ରଥମ ସେମି ଫାଇନାଲ ମ୍ୟାଚରେ ବରହମପୁରା ବନାମ ପଦାମାଳ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସ ପ୍ରଥମ ସେମି ଫାଇନାଲ ଏସଜେସି ଫୁଟବଲ, କାଲିକୁଟେ କେରଳ ବନାମ ମାର୍ଥା ଇଲେଭେନ ଭଞ୍ଜନଗର, ସ୍ଥାନ:ନୟାଗଡ, ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

## କୋରାପୁଟ
- ମା ଶୀତଳା ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନି ଦିବସ, ସ୍ଥାନ: କୋଟପାଡ଼ ନୁଆଁଗୁଡା ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ମାଲକାନଗିରି
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସମ୍ବଲପୁରୀ ଧନୁଯାତ୍ରାର ଅକ୍ରୁରଙ୍କ ଆଗମନ, କୃଷ୍ଣ ଓ ବଳରାମଙ୍କୁ ବିଦାୟ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ଚେରୁଆପଡା ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୭ଟା।
- ସମ୍ବଲପୁରୀ ଧନୁଯାତ୍ରାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ ରାତି ୯ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଙ୍ଗୀତ ପରିବେଷଣ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ ସଭା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ରାମମନ୍ଦିର ସ୍ଥାପନ ବାର୍ଷିକ ଉତ୍ସବ, ସ୍ଥାନ: କୋଏଲନଗର ସି'ବ୍ଲକ, ସମୟ: ସକାଳ ୮ଟା।
- ଗୁଣ୍ଡିଚା ମନ୍ଦିରରେ ରତ୍ନମୁଦ ଉତ୍ସବ, ସ୍ଥାନ: କୋଏଲନଗର ସି'ବ୍ଲକ ମନ୍ଦିର, ସମୟ: ସକାଳ ୮ଟା ୩୦।

## ବରଗଡ଼
- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଜାପାଲି (ଗୋଡଭଗା), ଅତାବିରା,ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:କୁମ୍ଭାରୀ, ବରପାଲି,ସମୟ:ସକାଳ ୮ଟା।
- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ:ସକାଳ ୮ଟା ୩୩।
- ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ରାସ୍ତା ଉନ୍ନତିକରଣର ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ: ଥାନାଛକ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।
- ବେଦ ପ୍ରବଚନ, ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ନବମ ଗଡଜାତ ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଉତ୍ସବ ପ୍ରଧାନପାଟ-୨୦୨୬ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ପାତାଳି ମହୋତ୍ସବରେ ଛପନ ପ୍ରହର ନାମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ,ଉଲୁଣ୍ଡା ବ୍ଲକ, ସମୟ: ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନବାହ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ମେଟାକାନୀ ମନ୍ଦିର, ଘିଚାପାଲି ଛକ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଜେଏସ୍‌ସିସି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: କେନଝିରିଆପାଲି ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଗୁଲୁଣ୍ଡା କୁସୁମ ପଡିଆ, ବିନିକା, ସମୟ: ମଧ୍ୟାହ୍ନ ୧୨ଟା।
- ପାତାଳି ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସଭା, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ, ବୀରମହାରାଜପୁର ବ୍ଲକ, ସମୟ: ରାତି ୯ଟା।

## ନୂଆପଡ଼ା
- ଜାତୀୟ ଶିଶୁକନ୍ୟା ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକତା ଛକ, ସମୟ: ସକାଳ ୮ଟା।
- ପାତାଳଗଙ୍ଗା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆ ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ବନ୍ଧୁଙ୍କ ନିକଟରେ ମନକଥା କହିପାରିବେ ନାହିଁ। ସାମାନ୍ୟ ଭୁଲ୍‌ରୁ ଆଜିର କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବ। ଅବଶ୍ୟ ପାରିବାରିକ ସମସ୍ୟାକୁ ସରଳଭାବେ ସମାଧାନ କରିବାରେ ସଫଳତା ପାଇବେ।

**ବୃଷ** ରବି ନିଜଭାବରୁ ଷଷ୍ଠସ୍ଥ ହେତୁ କୌଣସି ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସ୍ଥିତି ବିଡ଼ମ୍ବିତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ଅଷ୍ଟମଭାବରେ ଅବସ୍ଥାନ କରି ବିପରୀତ ରାଜଯୋଗର ଫଳ ସ୍ୱରୂପ ଆରୋଗ୍ୟ, ଋଣପରିଶୋଧ କରାଇବେ। ଶନି ବିଭିନ୍ନ ସମସ୍ୟା ମାଧ୍ୟମରେ କାମକୁ ବିଳମ୍ବିତ କରାଇ ଅର୍ଥନୈତିକ ପ୍ରଗତିକୁ ରୋକି ଦେଇପାରେ। ବହୁପ୍ରତୀକ୍ଷିତ ଖବରଟି ଆଜି ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିପାରେ।

**କର୍କଟ** ଦୁଃସ୍ଥାନସ୍ଥ ଚନ୍ଦ୍ର ପାପଯୁକ୍ତ ହୋଇ ଦୈହିକ ଓ ମାନସିକ ସ୍ତରକୁ କଳୁଷିତ କରିପାରେ। ଆଜିର ଆଲୋଚନା ପରିସରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଅଧସ୍ତନ କର୍ମଚାରୀଙ୍କ ସହାୟତା ନେଇ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ଆଜିର ଚତୁର୍ଥାଧିପତି ଷଷ୍ଠସ୍ଥ ଯୋଗୁ ଦୈନିକ ଚର୍ଯ୍ୟାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ। ଈର୍ଷାପରାୟଣ ହୋଇ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସ୍ୱାଭିମାନୀ ଓ କର୍ମଠ କାରଣରୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**କନ୍ୟା** ଆଜି ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ସହକର୍ମୀଙ୍କ ସହ ଆଜିର ଭ୍ରମଣ ସୁଖ ଉପଭୋଗ୍ୟ ହୋଇପାରେ। ନୂତନ ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ, ସରକାରୀ କାର୍ଯ୍ୟ, ଇଣ୍ଟରଭ୍ୟୁ, ଯାତ୍ରାରେ ଅଭିଳାଷ ପୂରଣ ହୋଇପାରିବ।

**ତୁଳା** କେନ୍ଦ୍ରସ୍ଥ ଗ୍ରହମାନେ ଆପଣଙ୍କ କର୍ମଭାବ ଓ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବେ। କିନ୍ତୁ ହସ୍ତା ନକ୍ଷତ୍ର କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ଭିନ୍ନାର୍ଥରେ ଗ୍ରହଣ କରି ଅପପ୍ରଚାର କରିପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ଆଜିର ଚନ୍ଦ୍ର ଆପଣଙ୍କୁ ଭାବପ୍ରବଣତାର ସହ କଷ୍ଟପ୍ରଦ ଯାତ୍ରା କରାଇପାରେ। ପରିବାରରେ ନିଜର ଲୋକଙ୍କୁ ନେଇ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ** ମଙ୍ଗଳଙ୍କ ସ୍ଥାନସ୍ଥିତିରୁ ଆଜି ଗୃହ, ଜମିବାଡ଼ି, ଯାନବାହନ କ୍ରୟ ପାଇଁ ଯୋଜନା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ। ଅଯାଚିତ ଭାବେ କାମ ହାସଲ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମକର** ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଅସମ୍ଭବ ମନେହେବ। ରାଶିରେ ଚାରୋଟି ଗ୍ରହ ଅବସ୍ଥାନ କରିଥିବାରୁ କୌଣସି ବ୍ୟକ୍ତି ଶତ୍ରୁତା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। କର୍ମାରମ୍ଭ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**କୁମ୍ଭ** ରାଶିରେ ରାହୁ ଏବଂ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଆପଣଙ୍କୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗିରହି ପାରେ।

**ମୀନ** କର୍ମାଧିପତିଙ୍କ ଶୁଭଦୃଷ୍ଟିରୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଘଟିବ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବାହାର ଲୋକ ଯେତେ ଭଲ କହୁଥିଲେ ମଧ୍ୟ ଘରେ ଆଦର ପାଇବେ ନାହିଁ। ମକଦ୍ଦମା, ପରିବହନରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

ଆଜି ଜାନୁଆରୀ ୨୨ ତାରିଖ, ମାଘ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ। ଦିବା ଘ. ୦୨।୨୬ ମି. ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୫୨ମି. ଗତେ ଘ.୦୧।୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୪୩ ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖିରି ଖିରିସା,**
**କିଏ ପାଉ ନାହିଁ ପଣସ ଖୋସା ।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି । କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥିବା ଦେଖିବାକୁ ମିଳିଥାଏ । କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କେତେ ଶଚୀ ଗଲେଣି**
**ସେଇ ଇନ୍ଦ୍ର ଅଛି**
**କେତେ ଥାନେଦାର ଗଲେଣି**
**ସେଇ ଫାଣ୍ଡି ଅଛି ।**

ପଦ ଓ ଆସନ ଖାଲି ପଡ଼େନାହିଁ । ପଦାଧିକାରୀ ଆସନ ଖାଲି କରି ଚାଲିଯାଆନ୍ତି, ପୁଣି ନୂଆ ବ୍ୟକ୍ତି ଆସି ସେଇ ପଦ ଅଳଙ୍କୃତ କରିଥାନ୍ତି। ପଦବୀଧାରୀ ପରିବର୍ତ୍ତିତ ହୁଅନ୍ତି, କିନ୍ତୁ ପଦାସନ ଯେମିତି ଅଛି ସେମିତି ପଡ଼ିରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଜ୍ୟ ସଭା ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ

## 'ଇସିଆଇ'ଙ୍କୁ ତଥ୍ୟଦେଲା 'ସିଇଓ'

ଭୁବନେଶ୍ୱର,୨୧।୧(ରବିନାରାୟଣ ଜେନା)

ଦେଶର ୧୦ଟି ରାଜ୍ୟରେ ଖାଲି ହେବାକୁଥିବା ୩୭ ରାଜ୍ୟ ସଭା ଆସନ ଲାଗି ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏ ସଂକ୍ରାନ୍ତରେ ଇସିଆଇଙ୍କ ସଚିବ ସୁମନ କୁମାର ଦାସ ୧୦ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସଚିବ ସୁମନ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସଭା ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ରିଟର୍ନିଂ ଅଫିସର(ଆର୍‌ଓ), ସହାୟକ ରିଟର୍ନିଂ ଅଫିସର(ଏଆର୍‌ଓ), ଭୋଟ୍ ଗ୍ରହଣ ସ୍ଥାନ ଏବଂ ବାଲଟ୍ ବକ୍ସ ସମ୍ପର୍କରେ ତଥ୍ୟ ତୁରନ୍ତ ପ୍ରଦାନ କର। ଏହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ବିଧାନସଭାଠାରୁ ତଥ୍ୟ ଲୋଡ଼ାଯାଇଥିଲା। ବିଧାନସଭା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାରକରି ନିକଟରେ ସିଇଓଙ୍କ ପକ୍ଷରୁ ଇସିଆଇଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଇସିଆଇ ସଚିବ ସୁମନ କୁମାର ଚଳିତମାସ ୫ରେ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ୧୦ଟି ରାଜ୍ୟର ୩୭ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଯାଉଛି। ସେଥିମଧ୍ୟରେ ଓଡ଼ିଶାର ରାଜ୍ୟର ୪ଟି ଆସନ ୨୦୨୬ ଏପ୍ରିଲ ୨ରେ ଖାଲିହେବାକୁ ଯାଉଛି। ଏହାସହିତ ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ ଓ ପଶ୍ଚିମବଙ୍ଗର ୫ଟି ଆସନ ଉକ୍ତ ଅବଧି ମଧ୍ୟରେ ଶେଷହେବାକୁ ଯାଉଛି। ଏହାସହିତ ତେଲଙ୍ଗାନାର ୨, ଆସାମର ୩, ବିହାରର ୫, ଛତିଶଗଡ଼ର ୨, ହରିୟାଣାର ୨ ଏବଂ ହିମାଚଳ ପ୍ରଦେଶର ଗୋଟିଏ ରାଜ୍ୟ ସଭା ଆସନ ଏପ୍ରିଲ ୯ରେ ଖାଲିହେବାକୁ ରହିଛି। ଏହି ନିର୍ବାଚନ ପ୍ରକ୍ରିୟାରେ ରିଟର୍ନିଂ ଅଫିସର ଏବଂ ସହାୟକ ରିଟର୍ନିଂ ଅଫିସରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ ମଗାଯାଇଛି। ଏହି ପ୍ରସ୍ତାବରେ ଅଧିକାରୀମାନଙ୍କର ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ଫ୍ୟାକ୍ସ ନମ୍ବର ଏବଂ ଇ-ମେଲ୍ ଆଇଡି ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଏହାସହିତ ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟବହାର ହେବାକୁ ଥିବା ବାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଏହି ପ୍ରସ୍ତାବସବୁ ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ପାଇଥିବାରୁ ନିର୍ବାଚନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ରାଜ୍ୟରେ ଖାଲି ହେବାକୁଥିବା ୪ଟି ରାଜ୍ୟ ସଭା ଆସନ ମଧ୍ୟରେ ଭାଜପାର ସୁଜିତ୍ କୁମାର ଓ ମମତା ମହନ୍ତ ରହିଥିବାବେଳେ ବିଜୁ ଜନତା ଦଳ(ବିଜେଡି)ର ମୁଜିବୁଲା ଖାଁ (ମୁନା) ଏବଂ ନିରଞ୍ଜନ ବିଶି ରହିଛନ୍ତି।

# ୫୩ ନୁହେଁ, ୧୦୦% ଖର୍ଚ୍ଚ କର

## ବିଭାଗୀୟ ଅଧିକାରୀଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୧(ରବିନାରାୟଣ ଜେନା)

ପଞ୍ଚାୟତିରାଜ ବିଭାଗର କାର୍ଯ୍ୟକ୍ରମ ଓ ପ୍ରଶାସନିକ ବ୍ୟୟ ଯେପରି ମାର୍ଚ୍ଚ ୩୧ ସୁଦ୍ଧା ଶତପ୍ରତିଶତ ହେବ ସେଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନରେ ବିଭାଗ ପକ୍ଷରୁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସହ ଅନ୍ୟାନ୍ୟ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନାୟକ ୨୦୨୭ ସୁଦ୍ଧା ୧୫୦ ଜନସଂଖ୍ୟାବିଶିଷ୍ଟ ସମସ୍ତ ଗାଁକୁ ରାସ୍ତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ୨୦୨୭ ସୁଦ୍ଧା ୭୫ ହଜାରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ସେଥିମଧ୍ୟରୁ ଅଦ୍ୟାବଧି ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟସୀମା ଭିତରେ ସବୁ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗତ ସରକାରରେ ୯୨ଟି ବ୍ରିଜ୍‌କୁ ଆପ୍ରୋଚ୍ ରୋଡ୍ ନ ଥିଲା। ମାତ୍ର ଭାଜପା ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଏବେସୁଦ୍ଧା ୫୩ ପ୍ରତିଶତ ବଜେଟ ଖର୍ଚ୍ଚ ସରିଛି ବୋଲି ମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାଜପାକୁ ଶିନ୍ଦେଙ୍କ ...

୪ ଜଣ କର୍ପୋରେଟର ମଧ୍ୟ ଶିନ୍ଦେଙ୍କ କ୍ୟାମ୍ପକୁ ସମର୍ଥନ ଦେଇଥିବା ଜଣାପଡ଼ିଛି। ଏହା ଫଳରେ ଶିନ୍ଦେଙ୍କ ସଂଖ୍ୟା ୬୨ ଛୁଇଁଛି, ଯାହା ମେୟର ପଦ ହାସଲ ପାଇଁ ଯଥେଷ୍ଟ। ଏହି ଘଟଣାରେ ଉଦ୍ଧବ ଠାକ୍‌ରେଙ୍କୁ ମଧ୍ୟ ଝଟକା ଲାଗିଛି। କାରଣ ନିର୍ବାଚନ ପୂର୍ବରୁ ଦୀର୍ଘଦିନର ପାରିବାରିକ ଶତ୍ରୁତାକୁ ଭୁଲି ଉଦ୍ଧବ ଓ ତାଙ୍କ କାକା ପୁଅ ଭାଇ ରାଜ୍ ଠାକ୍‌ରେ ଏକାଠି ହୋଇଥିଲେ ଏବଂ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। ଏହି ଏକାଠିକୁ ମାସେ ନ ପୂରୁଣୁ ରାଜ୍ ଠାକ୍‌ରେ କରଛଡ଼ା ଦେଇ ଉଦ୍ଧବଙ୍କ ସାମ୍ପ୍ରତିକ ରାଜନୈତିକ ଶତ୍ରୁ ଏକନାଥ ଶିନ୍ଦେଙ୍କ ସହ ହାତ ମିଳାଇଛନ୍ତି। ଏହି ମେଣ୍ଟ ଜରିଆରେ ରାଜ୍ ଠାକ୍‌ରେ ପୁଣିଥରେ କଲ୍ୟାଣ-ଡୋମ୍ବିଭଲି ରାଜନୀତିରେ ନିଜର ଗୁରୁତ୍ୱ ପ୍ରମାଣିତ କରିଛନ୍ତି।

ଅନ୍ୟପକ୍ଷରେ ରାଜନୀତିର ଘୋଡ଼ା ବେପାର ଭୟ ଥିବା ନିଜ କର୍ପୋରେଟରମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଶିନ୍ଦେ ସେନା ସେମାନଙ୍କୁ ବିଭିନ୍ନ ଗୁପ୍ତ ସ୍ଥାନ ବା ହୋଟେଲକୁ ପଠାଇ ଦେଇଛି। ତେବେ ଭାଜପା ଏହି ଘଟଣାକୁ ନେଇ କିପରି ପ୍ରତିକ୍ରିୟା ଦେଉଛି ଏବଂ ଆଗାମୀ ମେୟର ନିର୍ବାଚନ ଦିନ କ'ଣ ଘଟିବାକୁ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଆଜି ୪,୫୭,୬୮୧ ...

ପ୍ରୟାସ ଜାରି ରହିଛି। ଯେପରି ଜଣେ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆବଶ୍ୟକ ଯାଞ୍ଚ ପରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବା ସହ ଯୋଗ୍ୟ ତଥା ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଉଛି। ତେବେ ସହାୟତା ପାଇବାକୁ ଥିବା ଏହି ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ମଧ୍ୟରୁ ପୂର୍ବରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ଗତ ନଭେମ୍ବର ମାସରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ୫ହଜାର ଲେଖାଏ ସୁଭଦ୍ରା ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି।

### ବାଲେଶ୍ୱର: ସୋସିଆଲ୍...

ଜଣାପଡ଼ିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଭ୍ରମାତ୍ମକ ଓ ଅନୁଚିତ ପୋଷ୍ଟ କରିବା ସହ ସେସବୁକୁ ମାତ୍ରାଧିକ ଶେୟାର କରୁଛନ୍ତି ଏବଂ କମେଣ୍ଟ ଦେଉଛନ୍ତି। ଯେଉଁମାନେ ଏପରି ତଥ୍ୟ ବା ପ୍ରମାଣ ନ ଥିବା ଭ୍ରମାତ୍ମକ ପୋଷ୍ଟ କରିବେ କିମ୍ବା ଶେୟାର କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# କୃଷି ଓଡ଼ିଶା: ରାଜ୍ୟର କୃଷି ପ୍ରଗତିକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଗତିଶୀଳ ମଞ୍ଚ



କନକ ବର୍ଦ୍ଧନ ସିଂହଦେଓ

'କୃଷି ଓଡ଼ିଶା' ହେଉଛି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟର ପ୍ରଗତିକୁ ପ୍ରଦର୍ଶିତ କରିଥାଏ। ଏହି ବିଶାଳ ସମାବେଶ ଆଧୁନିକ, ସମସାମୟିକ, ପାରମ୍ପରିକ କୃଷି ଏବଂ ନବସୃଜନ ସହିତ ସମନ୍ୱୟ ରଖି ବର୍ଷ ବର୍ଷ ଧରି କୃଷି ପଦ୍ଧତିର ସଫଳତା ଓ ବିକାଶକୁ ପ୍ରଦର୍ଶନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ କାର୍ଯ୍ୟ କରିଆସୁଛି। ଚଳିତ ବର୍ଷର ବିଷୟବସ୍ତୁ "ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ସହନଶୀଳ କୃଷି" ରହିଛି। ଯାହା ରାଜ୍ୟରେ ଚାଷୀଙ୍କ ଉନ୍ନତି, ଅଗ୍ରଗତି, ସମ୍ପ୍ରଦାୟର ବିକାଶ ଏବଂ ଏକାଧାରରେ ସମୃଦ୍ଧ କୃଷି ଐତିହ୍ୟ, ଜୈବ ବିବିଧତାର ସଂରକ୍ଷଣ ସହିତ ଲିଙ୍ଗଗତ ଓ ପୁଷ୍ଟି ସମ୍ବେଦନଶୀଳ କୃଷି କଲ୍ୟାଣ ଭବିଷ୍ୟତ ଓ ରଣନୀତି ନିର୍ମାଣ ଉପରେ ପର୍ଯ୍ୟବସିତ।

ମୁଁ ରାଜ୍ୟରେ ବର୍ତ୍ତମାନ କୃଷିର ସ୍ଥିତି ଓ ଏହାର ପ୍ରଗତିକୁ ଅନୁଧ୍ୟାନ କରି ଦେଖିଛି ଯେ ଏହି କ୍ଷେତ୍ର ଏକଦା ଖାଦ୍ୟଅଭାବରେ ନିଅଣ୍ଟିଆ ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ଖାଦ୍ୟଅଭାବରେ ବଳକା ରାଜ୍ୟଭାବରେ ପରିଗଣିତ। କେବଳ ସେତିକି ନୁହେଁ ବର୍ତ୍ତମାନ ଓ ବିଦେଶକୁ ମଧ୍ୟ ଚାଉଳ, ପନିପରିବା ଓ ଫଳମୂଳ ରପ୍ତାନି କରି ଅନ୍ନଦାତାଙ୍କୁ ସଶକ୍ତ କରିପାରୁଛି। ଏହି ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ଆମ ମାଟିର କୃଷକମାନେ ହିଁ। ସେମାନେ ନିଜ ଜମିରେ ସୁନାର ଫସଲ ଫଳାଇ କେବଳ ନିଜ ଆବଶ୍ୟକତାକୁ ପୂରଣ କରୁନାହାନ୍ତି ବରଂ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ରୋଜଗାର ପ୍ରଦାନ ଏବଂ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ ଭଳି ବିରାଟ ସମସ୍ୟାର ପ୍ରତିରୋଧ ସ୍ୱରୂପ କରି ଆଗାମୀ ପିଢ଼ି ପାଇଁ ମଧ୍ୟ ଏକ ସୁସ୍ଥ, ସ୍ଥିର କୃଷି ଭବିଷ୍ୟତ ନିର୍ମାଣ କରୁଛନ୍ତି। ରଣନୈତିକ ନୀତି ପଦକ୍ଷେପ, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଜଳବାୟୁ-ପ୍ରତିରୋଧୀ କୃଷି ଅଭ୍ୟାସ, ଡିଜିଟାଇଜେସନ ଏବଂ ସ୍ଥାୟିତ୍ୱ ଉପରେ ଧ୍ୟାନ ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ର ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଅନୁଭବ କରୁଛି। ରାଜ୍ୟ ଜନସଂଖ୍ୟାର ଏକ ସିଂହ ଭାଗର, ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା ପାଇଁ କୃଷି କ୍ଷେତ୍ର ଜୀବନରେଖା ହୋଇରହିଛି। ଆସନ୍ତୁ ସମସ୍ତେ ମିଳିମିଶି ଏହି ସକାରାତ୍ମକ ପରିବର୍ତ୍ତନକୁ ସ୍ୱୀକାର କରିବା ଏବଂ ସଶକ୍ତୀକରଣକୁ ଆଗେଇ ନେବା।

ବର୍ତ୍ତମାନ, କୃଷି କ୍ଷେତ୍ର ଏକ ଗତିଶୀଳ ପରିବର୍ତ୍ତନ ଦେଇ ଗତି କରୁଛି, ଯାହା ରେକର୍ଡ ପରିମାଣର ଉତ୍ପାଦନ, ଜୈବିକ ନିଶେଷ ଏବଂ ଏକ ଅନ୍ତର୍ଭୁକ୍ତ ପଥ ଆଡ଼କୁ ପରିବର୍ତ୍ତନ ଦ୍ୱାରା ବର୍ଣ୍ଣିତ। ରାଜ୍ୟ ଏହାର ବଜେଟ ଆବଣ୍ଟନ, ଅଭିନବ ଯୋଜନା ଓ କୃଷି କ୍ଷେତ୍ରରେ ଏକ ଅନ୍ତର୍ଭୁକ୍ତ ଏବଂ ସମଗ୍ର ସମାଜ ଆଭିମୁଖ୍ୟ ଉପରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଓଡ଼ିଶା ଡିଜିଟାଲ କୃଷିରେ ଏକ ବିପ୍ଳବ ଆଣିଛି ଯାହାକୁ ଅନ୍ୟ ରାଜ୍ୟମାନେ ପରିବର୍ତ୍ତନ ପାଇଁ ଏକ ବ୍ଲୁପ୍ରିଣ୍ଟ ଭାବରେ ବ୍ୟବହାର କରିପାରିବେ। ଅଦ୍ୟାବଧି ରାଜ୍ୟର ପ୍ରାୟ ୪୯ ପ୍ରତିଶତ ଜନସଂଖ୍ୟା ସିଧାସଳଖ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ଅଛନ୍ତି।

ଓଡ଼ିଶା ଅର୍ଥନୈତିକ ସର୍ଭେ-୨୦୨୪-୨୫ ଅନୁଯାୟୀ, ସମୟ ସଂକ୍ଷିପ୍ତ ଡାଲଦେଇ, ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଉଲ୍ଲେଖନୀୟ ହାରରେ ବୃଦ୍ଧି ପାଉଛି। ଓଡ଼ିଶାରେ ୬୧.୮୦ ଲକ୍ଷ ହେକ୍ଟରରୁ ଅଧିକ ଚାଷ ଉପଯୋଗୀ ଜମି ଏବଂ ପ୍ରାୟ ୪.୫ କୋଟି ଜନସଂଖ୍ୟା ରହିଛି, ଏହା ସହିତ ଏକ ବିପୁଳ ଏବଂ ଗତିଶୀଳ ଯୁବ ଶ୍ରମଶକ୍ତି ଅଛି ଯାହାକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ଅଧୀନରେ ସାହାଯ୍ୟ କରାଯାଉଛି, ଯାହା ନିଯୁକ୍ତି ସୃଷ୍ଟି କରୁଛି ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି।

ବର୍ତ୍ତମାନର ସରକାର ରାଜ୍ୟର କୃଷି ପରିସ୍ଥିତିରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏହି ଜୀବିକା କ୍ଷେତ୍ରର ଅଭିବୃଦ୍ଧି ଉପରେ ଧ୍ୟାନ ଦେଉଛି। ରାଜ୍ୟରେ ଏକ ଅନ୍ତର୍ଭୁକ୍ତ ଓ ସ୍ଥାୟୀ କୃଷି ଭବିଷ୍ୟତ ପାଇଁ କୃଷିକୁ ଅଧିକ ଲାଭଦାୟକ କରିବା ଏବଂ ଆମ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଲାଗି ବର୍ତ୍ତମାନର ସରକାରଙ୍କ ଦ୍ୱାରା କିଛି ଭବିଷ୍ୟବାଦୀ, କୃଷକ ହିତୈଷୀ ନିଷ୍ପତ୍ତି ଏବଂ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା ଓ ପଦକ୍ଷେପ ନିଆଯାଇଛି।

ରାଜ୍ୟର ଧାନ ଚାଷୀଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଓ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ତଦନୁଯାୟୀ, ୨୦୨୫ ଖରିଫ ଋତୁଠାରୁ ସରକାର ଚାଷୀଙ୍କଠାରୁ ପ୍ରତି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି, (ଯାହାକି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ମଧ୍ୟ ଅଧିକ) ଏବଂ ତତ୍ ସଙ୍ଗେସଙ୍ଗେ ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟତୀତ ଇନ୍‌ପୁଟ୍ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି।

ଶ୍ରୀ ଅନ୍ନ ଅଭିଯାନର ଲକ୍ଷ୍ୟ ହେଉଛି ଜଳବାୟୁ-ଅନୁକୂଳ ତଥା ପୁଷ୍ଟିକର ଖାଦ୍ୟ ମାଣ୍ଡିଆ, ଯଅ, ବାଜରା ଇତ୍ୟାଦିକୁ ପୁନରୁଦ୍ଧାର କରି ଦୈନନ୍ଦିନ ଜୀବନରେ ଲୋକଙ୍କ ଖାଦ୍ୟରେ ସାମିଲ କରିବା। ଏହି ଜଳବାୟୁ-ଅନୁକୂଳ ଫସଲଗୁଡ଼ିକ ସ୍ଥାୟୀ କୃଷି ଓ ପୁଷ୍ଟିକର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହିତ ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଶୁଷ୍କ ଭୂମି ପାଇଁ ଉପଯୁକ୍ତ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଉନ୍ନତିରେ ମୁଖ୍ୟ ବାହକ ସାଜିଛି।

ସିଏମ୍ କିଷାନ ହେଉଛି ଏକ କୃଷକ କଲ୍ୟାଣ ଯୋଜନା, ଯାହା ରାଜ୍ୟର କୃଷି ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ କରାଯାଇଛି। ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ ଚାଷୀ ପରିବାରକୁ ଚାଷକାର୍ଯ୍ୟ ନିମନ୍ତେ ବର୍ଷକୁ ୨ଟି କିସ୍ତିରେ ୪୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହା ପ୍ରଗତିଶୀଳ, ଅନ୍ତର୍ଭୁକ୍ତ, କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ପରିବାର ଉଭୟଙ୍କୁ ସଶକ୍ତ କରୁଛି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯେଉଁଥିରେ କୃଷକଙ୍କୁ, କୃଷି ଉତ୍ପାଦନ ଖର୍ଚ୍ଚ ପୂରଣ ପାଇଁ ସୁନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବାର୍ଷିକ ୩ଟି କିସ୍ତିରେ ମୋଟ ୬୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ, ରାଜ୍ୟ ଏବଂ ଜାତୀୟ ସ୍ତରର ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିଷାନ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୭୨ ହଜାରରୁ ଅଧିକ ଛାତ୍ରୀଛାତ୍ର କୃଷି ବିଦ୍ୟା ନିଧି ଯୋଜନାରେ ଉପକୃତ ହୋଇଛନ୍ତି, ଯାହା ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପ୍ରସାରକୁ ଦର୍ଶାଉଛି।

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ହେଉଛି ଭାରତୀୟ କୃଷିକୁ ଅଧିକ ଉତ୍ପାଦନକ୍ଷମ, ସ୍ଥାୟୀ ଏବଂ କୃଷକଙ୍କୁ ଆର୍ଥିକ ରୂପେ ସ୍ୱାବଲମ୍ବୀ କରିବା ପାଇଁ ଆରମ୍ଭ କରାଯାଇଥିବା ଏକ ଯୁଗାନ୍ତକାରୀ ସରକାରୀ ପଦକ୍ଷେପ। ଜଳସେଚନ, ମୃତ୍ତିକା ସଂରକ୍ଷଣ, ଋଣ, ତାଲିମ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହାୟତା ପ୍ରଦାନ କରି, କୃଷକଙ୍କ ଆୟ ବୃଦ୍ଧି, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରି ଆତ୍ମନିର୍ଭରଶୀଳ ଭାରତ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ଅଧୀନରେ, ଓଡ଼ିଶାକୁ ଡାଲି ଓ ତୈଳବୀଜ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡ଼ିବ।

ଖାଇବା ବେଳେ ଭାତ ହେଉ ଅବା ରୁଟି, ଡାଲି ସବୁଥିରେ ଖୋଜାପଡ଼େ। ସେହି ମର୍ମରେ, ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ (COMPREHENSIVE RICE FALLOW MANAGEMENT) ଏକ ପ୍ରମୁଖ ପଦକ୍ଷେପ ଯାହା ଏକ ପୁନଃ-ଉତ୍ପାଦନକାରୀ କୃଷି ପଦ୍ଧତି ଭାବରେ କାର୍ଯ୍ୟକାରୀ ହେଉଛି। ରବି ଋତୁରେ ସ୍ୱଳ୍ପ ଅବଧିର ଡାଲି ଏବଂ ତୈଳବୀଜ ଚାଷ ସହିତ ବିସ୍ତୃତ ଧାନ ପଡ଼ିଆ ଜମିକୁ ଉତ୍ପାଦନକ୍ଷମରେ ପରିଣତ କରିବା ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ କେବଳ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରେ ନାହିଁ, ବରଂ ଫସଲ ବୃଦ୍ଧି ତୀବ୍ରତା ମଧ୍ୟ ବୃଦ୍ଧି କରିଥାଏ। ତତ୍ ସହିତ ମୂଲ୍ୟ ସହାୟତା ଯୋଜନା ଅଧୀନରେ ଡାଲି ଏବଂ ତୈଳବୀଜ ଫସଲ କ୍ରୟ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରୁଛି।

ରପ୍ତାନି ସମ୍ଭାବନା / ସ୍ଥାନୀୟ ବଜାର ସହିତ ସ୍ୱଦେଶୀ ସୁଗନ୍ଧିତ ଏବଂ ଅଣ-ସୁଗନ୍ଧିତ ଧାନର ପ୍ରୋତ୍ସାହନ ଓଡ଼ିଶାର ଐତିହ୍ୟ ଧାନ କିସମର ଚାଷକୁ ପୁନର୍ଜୀବିତ ଏବଂ ବିସ୍ତାର କରିବା ଲକ୍ଷ୍ୟ ରଖିଛି।

ସରକାର ରାଜ୍ୟରେ 'ବଳଭଦ୍ର ଜୈବିକ ଚାଷ ମିଶନ' ମାଧ୍ୟମରେ ଜୈବିକ ଏବଂ ରାସାୟନିକ ମୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠଭୋଗ ଏବଂ ମହାପ୍ରସାଦ ପ୍ରସ୍ତୁତି ପାଇଁ ବଡ଼ ପରିମାଣରେ ସୁଗନ୍ଧିତ ଜୈବିକ ଚାଉଳ ଚାଷର ଏକ ଉପାଦାନ "ଅମୃତ ଅନ୍ନ" ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିର ପବିତ୍ରତାକୁ ମହିମାନ୍ୱିତ କରିବ।

ଏକ ମୋବାଇଲ ଆପ୍ ମାଧ୍ୟମରେ ଠିକ୍ ଏବଂ ବାସ୍ତବ-ସମୟ ତଥ୍ୟ ସଂଗ୍ରହ ପାଇଁ ଡିଜିଟାଲ ଫସଲ ସର୍ଭେ କରାଯାଇଛି। ଏହି ସର୍ଭେ ମାଧ୍ୟମରେ, ପ୍ରକୃତ ଫସଲ ବୁଣାଯାଇଥିବା କ୍ଷେତ୍ର ଆକଳନ କରାଯିବ ଯାହା କଷ୍ଟୋମାଇଜ୍‌ଡ କୃଷି ପରାମର୍ଶଦାତା ସେବା ଏବଂ ଅନ୍ୟାନ୍ୟ ସମ୍ପର୍କିତ ସୂଚନାର ଉତ୍ତମ ପ୍ରସାରଣରେ ସାହାଯ୍ୟ କରିବ। ଏହି ଏକକ ପଦକ୍ଷେପ ରାଜ୍ୟରେ ଏକ ପରିବର୍ତ୍ତନଶୀଳ କୃଷି ପାଇଁ ସରକାରୀ ସହାୟତାର ଏକ ସ୍ୱଚ୍ଛ, ନିର୍ଦ୍ଦିଷ୍ଟ-ଫସଲ ଓ ବାସ୍ତବ-ସମୟ ବିତରଣ ଦିଗରେ ଚାଷୀଙ୍କ ତଥ୍ୟାବଳୀକୁ ଲିପିବଦ୍ଧ କରିବ।

ବିଭିନ୍ନ କୃଷି ଯନ୍ତ୍ରପାତି, ଚାଷ ଖର୍ଚ୍ଚ ହ୍ରାସ ପାଇଁ ଉପକରଣ, ବିଶେଷକରି ମହିଳା ଚାଷୀଙ୍କ ଲାଗି ଉପୋଯୋଗୀ କୃଷି ଉପକରଣ, ଚାଷୀ ଏବଂ ଶ୍ରମିକଙ୍କ ପାଇଁ କଠିନ ପରିଶ୍ରମ ଲାଘବ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫସଲ ଋତୁରେ ଶ୍ରମଶକ୍ତି ଅଭାବ ଦୂର କରିବା ପାଇଁ କୃଷି ଯନ୍ତ୍ରପାତି ଉପଲବ୍ଧ କରିବା ପାଇଁ ଆଞ୍ଚଳିକ ଏବଂ ଉପ-ବିଭାଗୀୟ ମେଳା ଆୟୋଜନ କରାଯାଉଛି, ଯେଉଁଠାରେ ସବ୍‌ସିଡିରେ ବିଭିନ୍ନ କୃଷି ଯନ୍ତ୍ରପାତିର ବିକ୍ରୟ ହୋଇଥାଏ।

ରାଜ୍ୟରେ ଶୀତଳ ଭଣ୍ଡାର ସୁବିଧା ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟର ୫୮ଟି ଉପ-ଖଣ୍ଡରେ ଅତି କମ୍‌ରେ ଗୋଟିଏ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ଏକ ନୂତନ ଶୀତଳ ଭଣ୍ଡାର ନୀତି ପ୍ରଣୟନ କରାଯାଇଛି। ଏହା କୃଷି, ଉଦ୍ୟାନ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରୁ ଉତ୍ପାଦିତ ସାମଗ୍ରୀର ଉତ୍ତମ ବଜାର ସୁଯୋଗ, ମୂଲ୍ୟ ସଂଯୋଜନ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବ ଏବଂ ଅମଳ ହୋଇଥିବା ଫସଲର ଅଭାବୀ ବିକ୍ରୟକୁ ରୋକିବା ସହ କୃଷକଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଓଡ଼ିଶାରୁ ୟୁଏଇ, କାତାର, ଇଟାଲୀ, ପୋଲାଣ୍ଡ, ଆୟର୍ଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ ଏବଂ ବେଲଜିୟମ ଭଳି ଦଶଟି ଦେଶକୁ ତାଜା ଫଳ ଓ ପନିପରିବା ରପ୍ତାନି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ୧୩ଟି ଜିଲାର ୩୩ଟି ଏଫ୍‌ପିଓଙ୍କ ସମ୍ପୃକ୍ତିରେ ଆମ୍ରପାଲି ଏବଂ ଦଶେରୀ ଆମ୍ବ, ଡ୍ରାଗନ ଫଳ, ବରକୋଳି, ଭେଣ୍ଡି, ଲାଉ, ଲମ୍ବା ବିନ୍ସ, କଦଳୀ, ଅମୃତଭଣ୍ଡା ଏବଂ ସଜନା ଛୁଇଁ ରପ୍ତାନି କରାଯାଉଛି।

ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ୧୨ଟି ବୈଷୟିକ ଅଧିବେଶନ ମାଧ୍ୟମରେ ଓଡ଼ିଶାରେ କୃଷିର ବର୍ତ୍ତମାନର ସ୍ଥିତି ପ୍ରଦର୍ଶନ କରାଯିବ, ଯାହାର ବିଷୟବସ୍ତୁ, ସ୍ଥିର ଖାଦ୍ୟ ବ୍ୟବସ୍ଥା ପାଇଁ ପଥ ପ୍ରସ୍ତୁତ କରିବା, ଆଲୋଚନା, ବିତର୍କ ଆଦି ରହିଛି। ଏହି ଅଧିବେଶନ ୨୦୩୬ ବର୍ଷ ପାଇଁ ବିକଶିତ ଓଡ଼ିଶା ଏବଂ ୨୦୪୭ ବର୍ଷ ପାଇଁ ବିକଶିତ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

୧୫,୦୦୦ରୁ ଅଧିକ ଚାଷୀଙ୍କ ସମାଗମ; ପ୍ରାୟ ୬୦ ଜଣ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ ବୈଜ୍ଞାନିକ ବକ୍ତା ଭାବେ ଯୋଗଦେବେ; ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଏବଂ ଲାଇଭ୍ ପ୍ରଦର୍ଶନ; କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟପାଳନ, ପଶୁପାଳନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG), କୃଷକ ଉତ୍ପାଦକ ସଂଗଠନ (FPO) କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧନା; କୃତ୍ରିମ ବୁଦ୍ଧିମତ୍ତା-ସକ୍ଷମ ସୂଚନା ପ୍ରସାରଣ ଓ କୃଷକ ସୁବିଧା କେନ୍ଦ୍ର; କୁଇଜ, ବିତର୍କ, କାହାଣୀ କହିବା ଏବଂ ସ୍କିଟ୍ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଏହି କୃଷି ମହାକୁମ୍ଭକୁ ରାଜ୍ୟବାସୀଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ବ୍ୟବସ୍ଥା କରାଯାଇଛି।

ଏହି ତିନି ଦିନିଆ କୃଷି ଓ ସମାବେଶ ରାଜ୍ୟର ଚାଷୀ ବର୍ଗଙ୍କ ସ୍ୱପ୍ନକୁ ସାକାର କରିବା ସହିତ ଭବିଷ୍ୟତର କୃଷି ନବସୃଜନ, ଗବେଷଣା ଏବଂ ସମ୍ପ୍ରସାରଣ ପାଇଁ ପଥ ପ୍ରଶସ୍ତ କରିବ ଏବଂ ଓଡ଼ିଶାର ଲୋକଙ୍କ ପାଇଁ ଆହୁରି ଅଧିକ ଦୃଢ଼ ଏବଂ ଭବିଷ୍ୟବାଦୀ କୃଷି ପ୍ରଗତି ପାଇଁ ପ୍ରଦର୍ଶକ ସାଜିବ ବୋଲି ମୋର ଆଶା ଓ ବିଶ୍ୱାସ।

(ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ)

# ୧୦ ବିଧାୟକଙ୍କ ସହ ନବୀନଙ୍କ ବୈଠକ



ନବୀନ ନିବାସଠାରେ ବୁଧବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ବିଧାୟକମାନେ।

**ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)**

ନବୀନ ନିବାସଠାରେ ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେଡିର ୧୦ ଜଣ ବିଧାୟକଙ୍କୁ ଭେଟି ସେମାନଙ୍କ ସହ ତାଙ୍କ ନିର୍ବାଚନମଣ୍ଡଳୀରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣକୌଶଳ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଭାଜପା ସରକାର ବିରୋଧରେ ସୃଷ୍ଟି ହୋଇଥିବା ପ୍ରବଳ ଜନ ଅସନ୍ତୋଷକୁ ଅସ୍ତ୍ରକରି ଲୋକଙ୍କ ନିକଟତର ହେବାକୁ ସେ ପରାମର୍ଶ ଦେଇଛନ୍ତି। ସରକାରଙ୍କ ଜନବିରୋଧୀ କାର୍ଯ୍ୟ, ପ୍ରତିଶ୍ରୁତି ପୂରଣରେ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନକରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷକରି ଚାଷୀଙ୍କ ସମସ୍ୟା, ଧାନକିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଛନ୍ତି। ବିଜେଡି ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଏହି ଅବସରରେ ବିଧାୟକମାନଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ପ୍ରତାପ କେଶରୀ ଦେବ, ବିଭୂତି ଭୂଷଣ ବଳବନ୍ତରାୟ, ସାରଦା ପ୍ରସନ୍ନ ନାୟକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଯୋଗେଶ କୁମାର ସିଂହ, ଅଧୀରାଜ ମୋହନ ପାଣିଗ୍ରାହୀ, ସୁନୀଲ ମହାନ୍ତି, ରୂପେଶ ପାଣିଗ୍ରାହୀ ଓ ରୋହିତ ଜୋଶେଫ ତିର୍କୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# ପୋଲ ତଳୁ ମିଳିଲା ଯୁବକଙ୍କ ମୃତଦେହ

**ନୀଳଗିରି, ୨୧।୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ସିମୁଳିଆ ଥାନା କାଇଁଶି ଗ୍ରାମର ଧୂମା ମୁର୍ମୁ(୨୫) ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ବାଇକ୍‌ରେ ବନ୍ଧୁ ଘରୁ ଫେରୁଥିବା ବେଳେ ଗରଡ଼ି ରାସ୍ତାର କୁଞ୍ଜବଣିଆ ନିକଟସ୍ଥ ପୋଲରେ ବାଡେଇ ହୋଇ ତଳକୁ ଖସି ପଡିଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକେ ପାଣିରେ ଏକ ବାଇକ୍ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ପ୍ରଥମେ ବାଇକ୍ ଏବଂ ପରେ ଯୁବକ ଧୂମାଙ୍କ ମୃତଦେହ ପାଣି ଭିତରେ ଥିବା ଜାଣିବାକୁ ପାଇଥିଲା। ନୀଳଗିରି ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର ପରେ ସ୍ଥାନୀୟ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।


ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୭୮୦ ତାରିଖ:- ୧୪।୦୧।୨୦୨୬
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୧୩୭୭୬୩ | ୟୁ୬୮୨୦୦ଓଡି୨୦୨୪ପିଟିସି୦୪୪୭୭୯ | ଜେଏଲ୍‌ଜି ଶ୍ରୀ ମହାବୀର ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୦୯୨୩୦୦୪ | ୟୁ୨୭୧୦୯ଓଆର୍୨୦୨୧ପିଟିସି୦୩୬୮୪୬ | ପତିତପାବନ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୯୫୦୯୧୪୩ | ୟୁ୪୫୩୦୯ଓଆର୍୨୦୧୬ପିଟିସି୦୨୫୯୪୫ | ଚିରଞ୍ଜିଲାଲ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍ଭନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0618/2526



**OFFICE OF THE SUPERINTENDING ENGINEER**
**PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH**
**निविदा निरस्तीकरण सूचना**
इस कार्यालय के निविदा आमंत्रण सूचना क्रमांक 434 दिनांक 02.12.2025 को अपेन्डिक्स 2.10 की कंडिका 4.6 के तहत् अपरिहार्य कारणवश निरस्त किया जाता है।
स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर
G-252606157/3



*Specialised Adoption Agency*
**NISSAN SHALOM CHILDREN HOME**
At/P.O.: Ranipeta, Via: Paralakhemundi, Dist.: Gajapati, Odisha - 761201
Ph.: (+91) 8763593023, 7751811798, E-Mail: saa.nissan.gajapati@gmail.com
Letter No. 05/SAAGPT/2026 Date: 18.01.2026
**ADVERTISEMENT**
Specialised Adoption Agency (SAA), Gajapati is running by NISSAN Shalom Children Home intends for recruitment of 3 numbers of vacant Ayahs posts under Mission Vatsalaya Scheme. Applications softcopies complete in every aspect should reach through e-mail only to **saa.nissan.gajapati@gmail.com** on or before 05.02.2026 mentioning post applied for in subject line and addressed to the undersigned. Details and application forms may be downloaded from the district website **https://gajapati.odisha.gov.in**.
Sd./- Secretary
Specialised Adoption Agency
NISSAN Shalom Children Home
OIPR-33001/33024/1/25-26/0002



**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN - 756089
No. FMU-DEV-CONV.-482/2026/516 Date: 21.1.2026
**NOTIFICATION**
It is notified for information of all concerned that as per the kind consent of her excellency. The President of India, the 12th Convocation of Fakir Mohan University, Balasore is scheduled to be held on 3rd February 2026 in New Campus of the University at Nuapadhi Campus.
For details please visit the University website **https://fmuniversity.nic.in**.
By order of the Vice-Chancellor
Sd./- Registrar



**ZILLA SWASTHYA SAMITI, RAYAGADA**
**(UNDER NATIONAL HEALTH MISSION)**
**In-House Advertisement**
Advt. No. 01/NHM/2026 Date: 20.01.2026
No. 33: Walk-in-Interview will be conducted to fill-up the vacancies under Zilla Swasthya Samiti (ZSS), Rayagada from the in-house contractual employees of NHM working in same post under OSH&FWS Society in other district and desiring to be posted in Rayagada district. Candidate who wish to appear at Walk-in-Interview against the vacancies (as per details given in the official website: **www.rayagada.odisha.gov.in**) will appear at the office of the CDM&PHO, Rayagada, At: Barijhola, P.O.: Rayagada, PIN - 765002 on 11.02.2026 & Registration timing will be from 10.30 A.M. to 12 Noon only. Number of vacancies under this advertisement is provisional which may increase or decrease depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.
Sd./- CDMPHO-cum-DMD, Rayagada
OIPR: 10001/10035/1/25-26/0002



GOVERNMENT OF ODISHA No. 47
**DEPARTMENT OF WATER RESOURCES**
**OFFICE OF THE ADDL. CHIEF ENGINEER MECHANICAL CIRCLE, BHUBANESWAR**
Email Address: semechcircle104@gmail.com
**e-Procurement Notice - Bid Identification No. ACEM/MDC-49/2025-26**

| | | |
|---|---|---|
| 1. Name of the Work | : | Mechanical Gate Works |
| 2. No. of Works | : | 01 (One) |
| 3. Category of Executors | : | SSI Units registered under DIC/NSIC/MSME for Irrigation Shutters/Hydro Mechanical Gates |
| 4. Bid Identification No. | : | ACEM/MDC-49/2025-26 |
| 5. Estimated Cost | : | Rs.10,72,646/- |
| 6. Period of Completion | : | 01 (One) Calendar Month |
| 7. Date & time of availability of bid documents in the portal | : | From Dt.22.01.2026 (10.00 A.M.) to Dt.03.02.2026 (5.30 P.M.) |
| 8. Last date/time for receipt of bid in the portal | : | Dt.03.02.2026 (upto 5.30 P.M.) |
| 9. Date and place of opening of Bid | : | Dt.04.02.2026 (12.00 Noon onwards in the O/o. the undersigned) |
| 10. Name of the Officer Inviting Bid | : | Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32001/32405/1/25-26/0003



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
No.CAD-3076
**OFFICE OF THE SENIOR GENERAL MANAGER, (PROJECTS) - I**
OPTCL TECH TOWER, JANPATH, SAHEED NAGAR, BHUBANESWAR-751007
**NOTIFICATION**
No.Sr.GM(TP&C)\Publication\Gaz\08\(Vol.V)/117 Dated : 15.01.2026
In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The tentative estimated cost of the project is **Rs. 5.81 Crores**. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr. General Manager (Project) – I, Tech Tower (7th floor), Odisha Power Transmission Corporation Limited, Janpath, Saheed Nagar, Bhubaneswar-751007 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division, Bhubaneswar as mentioned against the work, on any working day during office hours.
**Name of the Work:** Construction of 220kV Transmission LILO line from existing 220kV Mendhasal-Bhanjanagar D/C line to 220/33kV GSS at Hatabasta.
**Name of the Village in which the line will Pass: Tahasil:** Bolagarh, **R.I Circle:** Pichukuli, **Revenue Village:** Pichukuli, Puania.
**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Bolagarh command area of Khurdha district & overall development of Odisha State in general.
FIPR-90/2025-26
OIPR-
ER. SUNIL KUMAR DANDSENA
Sr. General Manager (Projects- I)
/optcl.odisha /optcl_odisha

> ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

# ଆକାଶରେ ପରିବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ମଣିଷ ଆଭ୍ୟନ୍ତରୀଣ ଉପତ୍ୟକାରୁ ଉପକୂଳ, ଜଙ୍ଗଲରୁ ପର୍ବତ ଅଞ୍ଚଳକୁ ସ୍ଥାନାନ୍ତର ହୋଇଥିବାରୁ ତାହା ବିଭିନ୍ନ କାହାଣୀ ଓ ସଙ୍କେତ ବହନ କରିଥିଲା। ସେମାନଙ୍କ ସହ ଆକାଶ ଲଗାତର ଅନୁରକ୍ଷକ ମାର୍ଗସାଥୀ ହୋଇ ରହିଥିଲା। ତଥାପି ଆକାଶର ସ୍ଥିତି ସ୍ଥିର ରହୁ ନ ଥିଲା। ଅନେକ ପିଢ଼ି ଧରି ଲୋକମାନେ ଅନୁଭବ କରିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ଋତୁରେ ଗୋଟିଏ ସ୍ଥାନରେ ତାରାମଣ୍ଡଳ ଦୃଶ୍ୟମାନ ହେଉ ନ ଥିଲା। ଏକଦା ବସନ୍ତ ଋତୁ ଗୋଟିଏ ନକ୍ଷତ୍ର ଗୁଚ୍ଛ ଦ୍ୱାରା ଚିହ୍ନିତ ହେଉଥିଲା, କିନ୍ତୁ ପରେ ଆଉ ଗୋଟିଏ ଦ୍ୱାରା ଏହା ହେଲା। ଏହିଭଳି ଆକାଶରେ ଘଟୁଥିବା ପରିବର୍ତ୍ତନ ପୁରାତନ ଗବେଷକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ଅତୀତରେ ପ୍ରତ୍ନତତ୍ତ୍ୱବିତ୍‌ମାନେ କଶ୍ମୀରରେ ଏକ ଶିଳାଲେଖ ପାଇଥିଲେ। ଏଥିରେ ଶିକାରୀ, ପ୍ରାଣୀମାନେ ଓ ସେମାନଙ୍କ ଉପରେ ଦୁଇଟି ସୂର୍ଯ୍ୟର ଛବି ରହିଥିଲା। ହେଲେ ଏବକାର ପୃଥିବୀରେ ଗୋଟିଏ ସୂର୍ଯ୍ୟ। ପାଖାପାଖି ଖ୍ରୀଷ୍ଟପୂର୍ବ ୪୩୦୦ରେ ଏକ ସୁପରନୋଭା ବିସ୍ଫୋରଣ ହୋଇ କିଛି କ୍ଷଣ ପାଇଁ ଆକାଶରେ ଦୁଇଟି ଉଜ୍ଜ୍ୱଳ ବସ୍ତୁ ଦୃଶ୍ୟମାନ ହୋଇଥିଲା। ସେହି ସମୟରେ ବସନ୍ତ ଋତୁର ଭୋର ସମୟରେ ଜଣେ ଧନୁର୍ଦ୍ଧର ଏକ ଷଣ୍ଢକୁ ତୀରବିଧ କରିବା ଭଳି ଦୃଶ୍ୟ ଦେଖାଯାଇଥିଲା। ସେହି ଧନୁର୍ଦ୍ଧର ଥିଲା ଶିକାରୀ ତାରାମଣ୍ଡଳ ବା ମୃଗ ନକ୍ଷତ୍ରମଣ୍ଡଳ। ସେହି ଷଣ୍ଢ ଥିଲା ବୃଷ ରାଶି। ଏହା ସୂଚିତ କରୁଛି ଯେ, ଏହି ଶିଳା ଚିତ୍ର ସମ୍ଭବତଃ ୬୦୦୦ ବର୍ଷରୁ ଅଧିକ ସମୟର। ସେହି ସମୟରେ ମିଥୁନ ରାଶିର ନକ୍ଷତ୍ରଗଣ ସହ ବସନ୍ତର ବିଷୁବ (ମାର୍ଚ୍ଚ ୨୧ରେ ସୂର୍ଯ୍ୟ ବିଷୁବରେଖା ଉପରେ ରହନ୍ତି ଓ ଦିନରାତି ସମୟ ସମାନ ରହେ) ସମୟ ଠିକ୍ ରହିଥିଲା ଏବଂ ପରେ ବୃଷରାଶିକୁ ଚାଲିଯାଇଥିଲେ। ଏହିଭଳି ଭାବେ ଆକାଶ ବିନା କ୍ୟାଲେଣ୍ଡର ସମୟକୁ ଧାରଣ କରିଥିଲା।

ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବରୁ ହରପ୍ପା ସଭ୍ୟତାର ଲୋକମାନେ ଏହି ସମାନ ପ୍ରକାରର ବ୍ରହ୍ମାଣ୍ଡୀୟ ବା ଆକାଶ ସମ୍ବନ୍ଧୀୟ ପରିବର୍ତ୍ତନ ଅନୁଭବ କରିଥିଲେ। ବସନ୍ତ ବିଷୁବ ରାଶିଚକ୍ରର ବୃଷରେ ରହିଥିଲା। କିନ୍ତୁ ହରପ୍ପାର ଲୋକମାନେ ଆକାଶକୁ ରାଶିଚକ୍ରରେ ଭାଗ କରି ନ ଥିଲେ। ବୃଷର ତାରାମଣ୍ଡଳ ମଧ୍ୟରେ ଏକ କ୍ଷୁଦ୍ର ନକ୍ଷତ୍ର କୃତ୍ତିକା ଉପରେ ଜାଣିବା ପାଇଁ ସେମାନଙ୍କ ଆଗ୍ରହ ରହିଥିଲା। ଏହି ୬ଟି କିମ୍ବା ୭ଟି ତାରା ବସନ୍ତର ଭୋର ସମୟରେ ଦୃଶ୍ୟମାନ ହେଉଥିଲେ। ତାହାକୁ ଦେଖି ବସନ୍ତ ଋତୁର ଆଗମନ ଜାଣି ପାରୁଥିଲେ। ପରେ ବ୍ରାହ୍ମଣ ଭଳି ବୈଦିକ ଶାସ୍ତ୍ର ସେମାନଙ୍କ ମହତ୍ତ୍ୱକୁ ଲିପିବଦ୍ଧ କରିଥିଲେ। ଏବେ ୪୦୦୦ ବର୍ଷ ପରେ ସେହି ସମାନ ପ୍ରକାର ନକ୍ଷତ୍ରଗୁଡ଼ିକ ଶରତ ଋତୁର ପୂର୍ବାକାଶରେ ଦେଖାଯାଉଛନ୍ତି ଏବଂ ଶୀତଦିନିଆ



ଫସଲ କରିବାର ସମୟ ସୂଚିତ କରୁଛନ୍ତି। ଦେଖିବାକୁ ଗଲେ, ପ୍ରକୃତି ଧୈର୍ଯ୍ୟର ସହ ସମୟକୁ ଧରି ରଖିଛି।

ଖ୍ରୀଷ୍ଟପୂର୍ବ ପାଖାପାଖି ୧୫୦୦ ବେଳକୁ ଯେତେବେଳେ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ, ସେତେବେଳେ ବସନ୍ତ ବିଷୁବ ସମୟ ରାଶିଚକ୍ରର ବୃଷରୁ ମେଷକୁ ଚାଲିଯାଉଥିଲେ। ପାର୍ବତ୍ୟ ଅଞ୍ଚଳର ବାଣିଜ୍ୟପଥକୁ ନିୟନ୍ତ୍ରଣ କରିଥିବା ଗ୍ରୀକ୍ ଓ କୁଶାଣମାନେ ସେତେବେଳେ ମଧ୍ୟ ସମାନ ପ୍ରକାର ଆକାଶ ସ୍ଥିତି ଦେଖିଥିଲେ। ଖ୍ରୀଷ୍ଟପୂର୍ବ ୩୦୦ ପରେ ଯେତେବେଳେ ପୁରାଣ ରଚନା କରାଯାଇଥିଲା, ସେତେବେଳେ ବସନ୍ତ ବିଷୁବ ମୀନ ରାଶିକୁ ଚାଲିଯାଇଥିଲା। ଏହିପ୍ରକାର ଆକାଶର ସ୍ଥିତି ସହ ମୋଗଲ ଓ ଇଂରେଜମାନେ ପରିଚିତ ଥିଲେ। ଏବେ ଧୀରେ ଧୀରେ କିନ୍ତୁ ଅତି ମନ୍ଥର ଗତିରେ ଏହା କୁମ୍ଭକୁ ଚାଲିଯାଉଛି। ଆକାଶ ଏତେ ଧୀରେ ଧୀରେ ପରିବର୍ତ୍ତନ ହୋଇଛି ଯେ, କେବଳ ସଂସ୍କୃତି ବା ସଭ୍ୟତାଗୁଡ଼ିକ ହିଁ ତାହାକୁ ଜାଣିପାରିଛନ୍ତି।

ମନୁଷ୍ୟ ତାରାକୁ ଯୋଡ଼ି ଆକୃତି ଗଠନ କରି ସେମାନଙ୍କ ନାମ ଦେଇଛି। ଅତୀତରେ ଯେତେବେଳେ ଦୁଇଟି ସଂସ୍କୃତି ସମାନ ପ୍ରକାର କାହାଣୀ ଥିବା ସମାନ ତାରାମଣ୍ଡଳକୁ ସୂଚିତ କରିଛନ୍ତି, ସେତେବେଳେ ସେଥିରୁ ଜଣାପଡ଼େ ଯେ, ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଥିଲା, ଅପ୍ରବାସ, ବାଣିଜ୍ୟ କିମ୍ବା ଆନ୍ତଃବିବାହ ହେଉଥିଲା। କୃତ୍ତିକା ତାରାମଣ୍ଡଳ ଏହାର ସର୍ବୋତ୍ତମ ଦୃଷ୍ଟାନ୍ତ। ଏହାର ଗଭୀର ଅର୍ଥ ରହିଛି। ପାଖାପାଖି ଖ୍ରୀଷ୍ଟପୂର୍ବ ୧୦,୦୦୦ରେ ଲୋକେ ୭ଟି ତାରାକୁ ଖାଲି ଆଖିରେ ସ୍ପଷ୍ଟ ଭାବେ ଦେଖିପାରୁଥିଲେ। ଖ୍ରୀଷ୍ଟପୂର୍ବ ୨୦୦୦ ସୁଦ୍ଧା, କେବଳ ୬ଟି ସ୍ପଷ୍ଟ ଭାବେ ଦେଖାଯାଉଥିଲେ, କାରଣ ଗୋଟିଏ ନକ୍ଷତ୍ର ଆଉ ଗୋଟିକର ଖୁବ୍ ନିକଟକୁ ଚାଲିଯାଇଥିଲା। ଅନେକ ପୁରାଣ ଅଦୃଶ୍ୟ ହୋଇଥିବା ସପ୍ତମ ଭଉଣୀ ବିଷୟରେ ସୂଚିତ କରିଛନ୍ତି। ପ୍ରାଚୀନ ବୈଦିକ ପୁରାଣଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ସାତ ଭଉଣୀ ୭ ଜଣ ଋଷିଙ୍କୁ ବିବାହ କରିଥିଲେ, ଯାହା ସପ୍ତର୍ଷି ଭାବେ ଜଣାଶୁଣା। ୬ ଭଉଣୀଙ୍କ ଉପରେ ବ୍ୟଭିଚାର ଅଭିଯୋଗ ଲଗାଯାଇ ସେମାନଙ୍କୁ ନିର୍ବାସିତ କରାଯାଇଥିଲା। ସେମାନେ ଏବେ ଅଲଗା ଭାବେ କୃତ୍ତିକା ନକ୍ଷତ୍ରମଣ୍ଡଳ ଭାବେ ରହିଛନ୍ତି। କେବଳ ବିଶ୍ୱସ୍ତ ଅରୁନ୍ଧତୀ ତାଙ୍କ ସ୍ୱାମୀ ବଶିଷ୍ଠଙ୍କ ସହିତ ଧ୍ରୁବତାରା ପାଖରେ ରହିଛନ୍ତି। ତେବେ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ତାରାମଣ୍ଡଳକୁ ଭିନ୍ନ ଭାବେ ଦେଖିଥିଲେ। ବଞ୍ଜାରାମାନେ (ଯାଯାବର ଗୋଷ୍ଠୀ) ଏହାକୁ ରତ୍ନ ଭାବେ ବିଚାର କରୁଥିଲେ। କୋଲାମ୍‌ମାନେ ପକ୍ଷୀ ସମୂହ ବୋଲି ଭାବୁଥିଲେ। ନିକୋବରିଜ୍ (ନିକୋବର ଦ୍ୱୀପରେ ଥିବା ଆଦିମ ଆଦିବାସୀ) ତାହାକୁ ସେମାନଙ୍କ ପୂର୍ବପୁରୁଷ ଭାବେ ଦେଖୁଥିଲେ। କୋର୍‌କୁ କଟାଯାଇଥିବା ଟୁକୁଡ଼ା ମାଂସ ଖଣ୍ଡ ବୋଲି କଳ୍ପନା କରୁଥିଲେ। ଗୋଣ୍ଡ ସମ୍ପ୍ରଦାୟ ତାରାମଣ୍ଡଳକୁ ପକ୍ଷୀଙ୍କୁ ମରାଯାଉଥିବା ପଥର କିମ୍ବା ଫସଲ ଜଗୁଥିବା କୃଷି ଯନ୍ତ୍ରପାତି ମଣୁଥିଲେ। ସାନ୍ତାଳମାନେ କହନ୍ତି ଯେ, ବାଘମୁହଁରୁ ଭଉଣୀଙ୍କୁ ରକ୍ଷା କରିବା ପାଇଁ ଭାଇମାନେ ମୃତ୍ୟୁବରଣ କରିଛନ୍ତି। ଭିଲମାନେ କଳ୍ପନା କରନ୍ତି ଯେ, ଜଣେ ଆକ୍ରମଣକାରୀ ବ୍ୟକ୍ତିଙ୍କଠାରୁ ରକ୍ଷାପାଇବା ସକାଶେ ଭଉଣୀମାନେ ଦୌଡୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଭୟରେ ଅଟକିଯାଇଛି।

ଆକାଶର କାହାଣୀଗୁଡ଼ିକ ସାଂସ୍କୃତିକ ଭାବନାକୁ ପ୍ରକାଶ କରେ। ସେଗୁଡ଼ିକ ଦର୍ଶାଇଥାନ୍ତି କିଭଳି ସମ୍ପ୍ରଦାୟଗୁଡ଼ିକ ସମାନ ବାସ୍ତବତାକୁ ଭିନ୍ନ ଭାବରେ ବ୍ୟାଖ୍ୟା କରନ୍ତି। ରାମାୟଣ ଓ ମହାଭାରତ ନକ୍ଷତ୍ରକୁ ସୂଚିତ କରିଛନ୍ତି, ହେଲେ ରାଶିଚକ୍ର ନକ୍ଷତ୍ରମଣ୍ଡଳକୁ ନୁହେଁ। ଏହା ଏକ ପୁରୁଣା ଆକାଶ ବିଜ୍ଞାନକୁ ସୂଚିତ କରେ। ଋଗ୍‌ବେଦ କୃତ୍ତିକା ଏବଂ ରୋହିଣୀ ଭଳି ନକ୍ଷତ୍ରଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଛି। ଯଜୁଃ ଓ ଅଥର୍ବ ବେଦରେ ଅଧିକ କିଛି ଉଲ୍ଲେଖ ରହିଛି। ପାଖାପାଖି ଖ୍ରୀଷ୍ଟପୂର୍ବ ୮୦୦ରେ ବ୍ରାହ୍ମଣ ଶାସ୍ତ୍ରରେ ୨୭ ନକ୍ଷତ୍ରର ସମ୍ପୂର୍ଣ୍ଣ ତାଲିକା ଦେଖାଯାଏ। ନକ୍ଷତ୍ରର ନାମାନୁସାରେ ମାସଗୁଡ଼ିକର ନାମକରଣ କରାଯାଇଥିଲା, ଯେଉଁଥିରେ ପୂର୍ଣ୍ଣମୀ ଥିଲା। କିନ୍ତୁ ଏବେ ପୂର୍ଣ୍ଣିମା ସମୟ ସେହିସବୁ ନକ୍ଷତ୍ର ସହ ଠିକ୍ ନାହିଁ। ଜ୍ୟୋତିର୍ବିଜ୍ଞାନ ପ୍ରକାଶ କରେ ଯେ, ଏଭଳି ତାଳମେଳ କେବଳ ପାଖାପାଖି ଖ୍ରୀଷ୍ଟପୂର୍ବ ୩୦୦୦ରେ ଘଟିଥିଲା। ଏହା ହରପ୍ପା ସହର ଓ ଇଜିପ୍ଟ ପୀରାମିଡ୍ ସମୟଠାରୁ ମଧ୍ୟ ଅଧିକ ପୁରୁଣା।

ପୁରାତନ ଭାରତୀୟମାନେ କୁଶଳୀ ଜ୍ୟୋତିର୍ବିଦ୍ ଥିଲେ। ସେମାନେ ନକ୍ଷତ୍ରକୁ ଠାବ କରୁଥିଲେ, ଋତୁ ଜାଣିପାରୁଥିଲେ, ମାସ ଗଣନା କରିପାରୁଥିଲେ ଏବଂ ଆଧ୍ୟାତ୍ମିକତା ଅନୁଯାୟୀ ରୀତିନୀତି ଠିକ୍ କରୁଥିଲେ। ସେମାନେ ବିଷୁବ ଅଗ୍ରଗମନ ସମ୍ପର୍କରେ ଜାଣି ନ ଥିଲେ। ପ୍ରତି ୨୦୦୦ ବର୍ଷରେ ବିଷୁବ ଧୀରେ ଧୀରେ ରାଶିଚକ୍ର ସହ ସମ୍ବନ୍ଧିତ ନକ୍ଷତ୍ରକୁ ପରିବର୍ତ୍ତନ କରିଥାଏ। ଏହି କାରଣରୁ ଏବେ ପର୍ବପର୍ବାଣିର ସମୟ ସ୍ୱାଭାବିକ ପାଳନ ତୁଳନାରେ ୩ ସପ୍ତାହ ଅନ୍ତର ରହୁଛି। ମକରସଂକ୍ରାନ୍ତି, ମେଷସଂକ୍ରାନ୍ତି, କର୍କଟସଂକ୍ରାନ୍ତି ଏବଂ ତୁଳାସଂକ୍ରାନ୍ତି ୧,୫୦୦ ବର୍ଷ ପୂର୍ବେ ଥିଲା। ସେତେବେଳେ ହିନ୍ଦୁ କ୍ୟାଲେଣ୍ଡର ତିଆରି କରାଯାଇଥିଲା, ଯେଉଁଥିରେ ଦକ୍ଷିଣାୟନ, ବସନ୍ତ ବିଷୁବ, ଉତ୍ତରାୟଣ, ଶରଦ ବିଷୁବ ସମୟ ସମନ୍ୱିତ ରହିଥିଲା। ସେଥିରେ ଆଉ ଅଧିକ କିଛି ନ ଥିଲା। ଏବେ ୩ ସପ୍ତାହର ଅନ୍ତର ରହିଛି। ପରମ୍ପରା ଆକାଶକୁ ସ୍ମରଣ କରେ, ଯାହା ଏବେ ଆଉ ନାହିଁ। ମାନବଜାତି ଭୁଲିଯାଏ, କିନ୍ତୁ ଆକାଶ ଭୁଲେ ନାହିଁ। ଶାସ୍ତ୍ର, ସାମ୍ରାଜ୍ୟ, ପ୍ରବାସନ ଏବଂ ପୁରାଣ ପରେ ବି ଏହା ସବୁବେଳେ ସ୍ମୃତି ବହନ କରିଥାଏ। ଆକାଶ ବା ସ୍ୱର୍ଗର ଅନୁଧ୍ୟାନ କରିବା ହିଁ ମାନବତାର ଆତ୍ମକଥାକୁ ପଢ଼ିବା ସହ ସମାନ।

–devduttofficial@gmail.com

# ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣରେ ଅସଙ୍ଗତି



ଗଜାନନ ମିଶ୍ର

ନାଗରିକଙ୍କ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ ଏକ ଆବଶ୍ୟକତା। ଆମ ଗଣତାନ୍ତ୍ରିକ ସରକାର ୧୯୬୯ ମସିହାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଆଇନ ତିଆରି କରିଛନ୍ତି। ଯେଉଁଠି ସନ୍ତାନଟିଏ ଜନ୍ମଗ୍ରହଣ କରୁଛି ୨୧ ଦିନ ଭିତରେ ରିପୋର୍ଟ ଦିଆଯିବ ଆଉ ସମ୍ପୃକ୍ତ ଅଧିକାରୀ ତିରିଶ ଦିନ ମଧ୍ୟରେ ପଞ୍ଜୀକୃତ କରି ପ୍ରମାଣପତ୍ର ଦେବେ। ଏହାଦ୍ୱାରା ଠିକ୍ ଜନଗଣନା ହୋଇପାରିବ। ବହିରାଗତ ସବୁ ଅଲଗା ବାରି ହୋଇପଡ଼ିବେ। ଧାରା ୧୩ ଅନୁସାରେ ଯଦି କେହି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଜନ୍ମମୃତ୍ୟୁ ପଞ୍ଜୀକୃତ କାର୍ଯ୍ୟାଳୟରେ ଜଣାଇ ନ ପାରିଲେ ତେବେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଶପଥପାଠ ମାଧ୍ୟମରେ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ। ସ୍ପଷ୍ଟ ଓ ପ୍ରାଞ୍ଜଳ ନିୟମ ଜନଗଣଙ୍କ ପାଇଁ ରହିଛି। କିନ୍ତୁ ଖଳପ୍ରବୃତ୍ତିର ଲୋକେ ମନ୍ଦ ଉଦ୍ଦେଶ୍ୟରେ ଏହାର ଅସଦ୍ ବ୍ୟବହାର କରିବାକୁ ପଛାଉ ନ ଥିବାର ପ୍ରମାଣ ରହିଛି। ଏଥିପାଇଁ ଧାରା ୧୫ ଅନୁସାରେ ସଂଶୋଧନ ବା ନାକଚ କରିବାର ବ୍ୟବସ୍ଥା ରଖାଯାଇଛି। ଯଦି ଭୁଲ୍‌ବଶତଃ କିଛି ତ୍ରୁଟି ରହିଯାଇଛି ତେବେ ସଂଶୋଧନ କରାଯାଇ ପାରିବ। ଯଦି ଠକାମି କରି ଜନ୍ମଗତ ପ୍ରମାଣପତ୍ର ନିଆଯାଇଛି ତେବେ ତାହାକୁ ନାକଚ ବା କ୍ୟାନସେଲ୍ କରାଯାଇ ପାରିବ। ଆମ ଆଇନରେ ଦଣ୍ଡ ବିଧାନ ରହିଛି। ଝୁଆଟିଏ କଲିକତାରେ ଜନ୍ମ ହୋଇଥିଲେ ବି, ସେଠାକାର ଜନ୍ମଗତ ପ୍ରମାଣପତ୍ର ଥିଲେ ମଧ୍ୟ, ଟିଟିଲାଗଡରୁ ଆଉ ଏକ ମିଛ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କ୍ୟାନସେଲ କରାଇବାକୁ ନାକେଦମ୍ ହେବାକୁ ପଡ଼ିଛି ବର୍ଷେକାଳ। ଦୋଷୀ ଦଣ୍ଡ ପାଇନି ଏ ଯାଏ। ଆମର ବିଚାର ବ୍ୟବସ୍ଥା!

ବେଳେବେଳେ ଦେଖାଯାଉଛି ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ସକାଶେ ମିଛଖଚ ମିଶାଇ ଝୁଆର ମୂଳ ଜନ୍ମସ୍ଥାନର ପ୍ରମାଣପତ୍ର ଥାଇ ବି, ଜନ୍ମଗ୍ରହଣ କରି ନ ଥିବା ସ୍ଥାନରୁ ପ୍ରମାଣପତ୍ର ହାସଲ କରାଯାଉଛି ବହୁତ କିଛି ତଥ୍ୟ ବଦଳାଇ, ଆଉ ଅସଦ୍ ଉପାୟରେ ନାନାଦି ସରକାରୀ ବେସରକାରୀ ଫାଇଦା ଉଠାଯାଉଛି। ଏହା ଦ୍ୱାରା ଆଇନର ମୂଳ ଉଦ୍ଦେଶ୍ୟ ବ୍ୟାହତ ହେବା ସହିତ ଫୌଜଦାରି ମାମଲାକୁ ଆକର୍ଷଣ କରୁଛି। ମିଛ ଶପଥପାଠ, ମିଛ ତଥ୍ୟ, ମିଛ ପ୍ରୟୋଗ ପାଇଁ ଜେଲ ଜରିମାନା ହେବା ନିଶ୍ଚିତ ହୋଇପଡୁଛି। ମିଛ ଜନ୍ମ ପ୍ରମାଣପତ୍ରକୁ ଜାତୀୟ ଅପରାଧ ଭାବରେ ଗଣନା କରାଯାଇ କଠୋର ଦଣ୍ଡ ଦିଆଯିବା ବ୍ୟବସ୍ଥା ରଖାଯିବା ନିହାତି ଆବଶ୍ୟକ। କେଉଁ କେଉଁ ପଞ୍ଜୀକରଣ କାର୍ଯ୍ୟାଳୟରେ କେତେଜଣଙ୍କୁ ଏମିତି ମିଛ ପ୍ରମାଣପତ୍ର ଦିଆଯାଇଛି, କେତେଜଣଙ୍କର ପ୍ରମାଣପତ୍ର ନାକଚ କରାଯାଇଛି ଓ ଅନୈତିକ ବେଆଇନ କାର୍ଯ୍ୟ ପାଇଁ କେତେଜଣ ଦଣ୍ଡ ପାଇଛନ୍ତି ସର୍ବ ସମକ୍ଷରେ ପ୍ରକାଶିତ ହେବା ଜରୁରୀ। ଠୋସ୍ ପ୍ରମାଣ ସହିତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ କିମ୍ବା ଥାନାରେ ଏତଲା ଦେଲେ ମଧ୍ୟ ସୁଫଳ ମିଳୁ ନାହିଁ। ଉପଯୁକ୍ତ ନ୍ୟାୟାଳୟରେ ମାମଲା ଦାଏର କରାଗଲେ ମଧ୍ୟ ଲାଭ ହେଉ ନାହିଁ। ଲାଗୁଛି ଯେମିତି ଝୁଆଜନ୍ମ ପ୍ରମାଣପତ୍ର ବା ମୃତ୍ୟୁ ପ୍ରମାଣପତ୍ରର କିଛି ଅର୍ଥ ହିଁ ନାହିଁ। ଏମିତି ଚାଲିଲେ ଭବିଷ୍ୟତରେ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବ। ନ୍ୟାୟର ସମ୍ମାନହାନି ହେବ। ଲୋକେ ନ୍ୟାୟିକ ପ୍ରକ୍ରିୟାକୁ ଖାତିର କରିବେ ନାହିଁ।

ନ୍ୟାୟର ଅଭାବରେ ନିରାଶଭାବ ଦେଖାଯିବ ଲୋକଙ୍କ ମନରେ। କେଉଁଠି ନା କେଉଁଠି ବିଦ୍ରୋହାତ୍ମକ ହୋଇଉଠିବେ, ଠକାମିର ଶିକାର ହୋଇ, ସଦ୍ୟ ଆବିଷ୍କାର କରି ମଧ୍ୟ ଦୋଷୀ ଦଣ୍ଡ ନ ପାଇବା କାରଣରୁ। ଭାବନା ଆସିବ ଯେମିତି କୌଣସି ନ୍ୟାୟାଳୟର ଆଉ ଆବଶ୍ୟକତା ନାହିଁ। ନ୍ୟାୟାଳୟ ଅନ୍ୟାୟାଳୟରେ ପରିଣତ ହେଉନି ତ! କୁରୁସଭାର ନୀରବଦ୍ରଷ୍ଟାଙ୍କ ପରି ସମସ୍ତେ ଚୁପ୍‌ଚାପ। ଅଯଥାରେ ଲୋକଙ୍କ ବା ଟିକସଦାତାମାନଙ୍କ କୋଟି କୋଟି ଟଙ୍କା ବରବାଦ କରାହେଉଛି! ଏହା ଦେଶ ପାଇଁ ଶୁଭଙ୍କର ନୁହେଁ । ଲୋକେ ଜିଇ ଥାଇ ବି ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି ଆଉ ଅନେକାନେକ ଲାଭରୁ ବଞ୍ଚିତ ହେଉଛନ୍ତି। ଅନୈତିକ ଲାଭ ଉଠାଯାଉଛି। ନିରପେକ୍ଷ ତଦନ୍ତ ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କରାହେବା ନିହାତି ଆବଶ୍ୟକ। ଅର୍ଥଲୋଭରେ ପଡି ଭୁଲ୍ ତଦନ୍ତ ପ୍ରଦାନ ପାଇଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ବହିଷ୍କୃତ କରାଯିବା ଉଚିତ। ଖାଲି ନିଜସ୍ୱ ଫାଇଦା ରଖି କ୍ଷମତା ଉପଭୋଗ କରି ଗାଦିରେ ବସି ଆମେ ଆଇନର ଶାସନକୁ ସମ୍ମାନ ଦେଉଛ କହିବାରେ କିଛି ଲାଭ ନାହିଁ। ସତ୍ୟ ପ୍ରତିଷ୍ଠା ପାଇଁ ନ୍ୟାୟର ମର୍ଯ୍ୟାଦା ବୃଦ୍ଧି ନ ହେଲେ ଅଦାଲତ ଲୋକଙ୍କ ଆସ୍ଥା ବିଶ୍ୱାସ ହରାଇ ବସିବ।

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ:୯୪୩୭୩୬୬୬୪୪

## ଏଇ ଭାରତରେ

କଶ୍ମୀରର କୃଷକମାନେ ଏବେ କେବଳ ଲାଭେଣ୍ଡର(ଏକପ୍ରକାର ସୁଗନ୍ଧଯୁକ୍ତ ଗଛ) ଚାଷ ସହ ପ୍ରଥମେ ଲାଭେଣ୍ଡର ମହୁ ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି। ପୁଲ୍‌ୱାମା ଜିଲାର ପାଖାପାଖି ୧୮୦ କୃଷକ ଏହି ଲାଭେଣ୍ଡର ଚାଷ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୫ ଜଣ ଲାଭେଣ୍ଡର ମହୁ ଉତ୍ପାଦନ କରିପାରିଛନ୍ତି। କାଉନ୍‌ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍ଆଇଆର୍)–ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରେଟିଭ ମେଡିସିନି(ଆଇଆଇଆଇଏମ୍)ର ବୈଜ୍ଞାନିକମାନେ ଏହି ଚାଷୀମାନଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ କୃଷକମାନଙ୍କୁ ମହୁବାକ୍ସ ଯୋଗାଇ ଦେଇଛି। ୧ କେଜି ମହୁ ୬,୦୦୦ରୁ ୧୨ ହଜାର ଟଙ୍କାରେ ବିକ୍ରି ହେଉଛି, ଯାହାକି ଅର୍ଗାନିକ୍ ମହୁ ମୂଲ୍ୟଠାରୁ ପାଖାପାଖି ୬ ଗୁଣ ଅଧିକ। ସେଥିପାଇଁ ଏହି ମହୁକୁ ‘ତରଳ ସୁନା’ କୁହାଯାଉଛି । ସିଏସ୍ଆଇଆର୍–ଆଇଆଇଆଇଏମ୍ କଶ୍ମୀରର ଅନ୍ୟସବୁ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଲାଭେଣ୍ଡର ମହୁ ଉତ୍ପାଦନ ପାଇଁ ସବୁପ୍ରକାର ସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୨୨ ଜାନୁଆରୀ ୧୯୭୭**

- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ୍ ରାୟ ‘ଜନ ଅରଣ୍ୟ’ ଚଳଚ୍ଚିତ୍ର ପାଇଁ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପାଇଛନ୍ତି।
- ୪ଟି ଅଣକମ୍ୟୁନିଷ୍ଟ ଦଳ ଯଥା ଜନସଂଘ, ସୋସାଲିଷ୍ଟ, ଲୋକଦଳ ଓ ସଙ୍ଗଠନ କଂଗ୍ରେସ ମିଶି ‘ଜନତା ପାର୍ଟି’ ନାମରେ ନିର୍ବାଚନ ଲଢ଼ିବା ନେଇ ନିଷ୍ପତ୍ତି ନିଆଯାଇଛି।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | 7 |
| 5 | | | 9 | | | 2 | 8 | 1 |
| 6 | | 9 | | | | | | |
| | | 6 | 2 | 4 | 7 | | | |
| | | | | 3 | | | | 6 |
| 2 | 9 | | | | | | | |
| | | | 8 | | | | | |
| | 4 | 2 | | | | | 1 | |
| 7 | | | | 5 | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 9 | 6 | 7 | 5 | 1 | 2 |
| 1 | 5 | 2 | 8 | 3 | 4 | 7 | 6 | 9 |
| 6 | 9 | 7 | 1 | 5 | 2 | 4 | 3 | 8 |
| 7 | 1 | 9 | 6 | 8 | 3 | 2 | 4 | 5 |
| 5 | 4 | 3 | 2 | 7 | 1 | 8 | 9 | 6 |
| 2 | 6 | 8 | 4 | 9 | 5 | 3 | 7 | 1 |
| 9 | 2 | 6 | 3 | 4 | 8 | 1 | 5 | 7 |
| 4 | 8 | 5 | 7 | 1 | 9 | 6 | 2 | 3 |
| 3 | 7 | 1 | 5 | 2 | 6 | 9 | 8 | 4 |

ଗତକାଲିର ଉତ୍ତର

# ବଞ୍ଚିବାର ସଂଘର୍ଷ



କିଶୋର ଚନ୍ଦ୍ର ବେହେରା

କ୍ଷୁଧା ବା ଭୋକକୁ ମଣିଷ ନିଜର ପ୍ରାଥମିକତା ମନେକରେ। ଚିନ୍ତା କରେ କ’ଣ କଲେ ପେଟରେ ଦାନା ପଡ଼ିବ। ନିଜେ ବଞ୍ଚିଲେ ତ ପରିବାର ମୁହଁରେ କ’ଣ ଦି’ଟା ଖାଇବାକୁ ଦେବ। ଏସବୁ ସମାଜର ଏକ ବାସ୍ତବ ଚିତ୍ର। ନିମ୍ନ ବର୍ଗର ଲୋକମାନେ ଦିନରେ ଦି’ ଓଳି ଖାଇ ନ ପାରିବାର ଦୁଃଖକୁ ପ୍ରତିଟି ମୁହୂର୍ତ୍ତରେ ପାଖରୁ ଅନୁଭବ କରନ୍ତି। ଆଜି ମଧ୍ୟ ଭାରତରେ ଲୋକେ ଖାଲି ପେଟରେ ଶୋଇବାକୁ ବାଧ୍ୟ ହେଉଛନ୍ତି। ଦେଶ ଜନସଂଖ୍ୟାର ଏକ ବୃହତ୍ତର ଅଂଶକୁ ପୁଷ୍ଟିକର ଖାଦ୍ୟ ମିଳିପାରୁ ନାହିଁ। ବାସ୍ତବରେ ଆମେ କୁପୋଷଣ ବା ଅପପୁଷ୍ଟି ବିରୋଧରେ ଲଢ଼େଇ କରି ବିଜୟର ନିକଟତର ହୋଇପାରି ନାହୁଁ। କ୍ଷୁଧା ପ୍ରଶ୍ନ ଉପରେ ଆମେ ଲଗାତର ଭାବରେ ପଛେଇ ଚାଲିଛୁ।

ସାମାଜିକ ଗଣମାଧ୍ୟମ, ଶିକ୍ଷାଗତ ଚାପ, ଆର୍ଥିକ ଅସୁରକ୍ଷା, ପରିଚୟ ସଙ୍କଟ ଏବଂ ନିଜକୁ ପ୍ରମାଣ କରିବାର ନିରନ୍ତର ଆବଶ୍ୟକତା ଯୋଗୁ ଏପରି ଏକ ପରିବେଶ ସୃଷ୍ଟି ହୋଇଛି, ଯେଉଁଠାରେ ଯୁବପିଢ଼ି ପ୍ରତିଦିନ ନୀରବରେ ଯୁଦ୍ଧ ଲଢ଼ୁଛି। ଯଦିଓ ସେମାନେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିଜର କୌଶଳ ପ୍ରକଟ କରିପାରନ୍ତି, ତଥାପି ଏକାକୀ ଅନୁଭବ କରନ୍ତି। ସେମାନଙ୍କ ମନରେ ଚିନ୍ତା, ଆତ୍ମସନ୍ଦେହ ଉପୁଜୁଛି। ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠୁଛି। ସାଧନଠାରୁ ଅଧିକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ତେବେ ଯୁବପିଢ଼ି ସମ୍ମୁଖୀନ ହେଉଥିବା ସମସ୍ୟାକୁ ପ୍ରାୟତଃ ସମାଜ ଦ୍ୱାରା ଅଣଦେଖା କରାଯାଇ ଏଡ଼ାଇ ଦିଆଯାଏ। ମାନସିକ ସ୍ୱାସ୍ଥ୍ୟ, ଭୟ କିମ୍ବା ସୁରକ୍ଷିତ ସ୍ଥାନର ଅଭାବ ସେମାନଙ୍କୁ ନୀରବରେ କଷ୍ଟ ଭୋଗିବାକୁ ବାଧ୍ୟ କରୁଛି। ଫଳରେ ମାନସିକ ଅବସାଦ, ଆତ୍ମହତ୍ୟା, ନିଶା ସେବନ, ଅସାମାଜିକ କାର୍ଯ୍ୟ କଳାପକୁ ଆପଣେଇ ନେଉଛି। ବିଳାସପୂର୍ଣ୍ଣ ହେଉ ବା ଲୋକଦେଖାଣିଆ ଜୀବନ ବିତାଇବା ପାଇଁ ସେମାନେ ଅଧିକ ଆଗ୍ରହୀ। କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବା ପାଇଁ ମଧ୍ୟ ଟଙ୍କା ରୋଜଗାରର ମାଧ୍ୟମ ଖୋଜି ଥାନ୍ତି। ଏଭଳି ସ୍ଥଳରେ ଅନଲାଇନ ଲୋନ ଆପ୍ ହାବୁଡ଼ରେ ପଡିଥାନ୍ତି। ସହଜରେ ଲୋନ ପାଇବା ଆଶାରେ ଋଣର ଶିକାର ହୋଇଥାନ୍ତି। ବିନା କଷ୍ଟରେ, ବିନା କାଗଜ ପତ୍ରରେ କିମ୍ବା ବ୍ୟାଙ୍କକୁ ଧାଁଦଉଡ ନ କରି ମୋବାଇଲ ଆପ୍ ମାଧ୍ୟରେ ଲୋନ ମିଳିଯାଏ। ପରବର୍ତ୍ତୀ ସମୟରେ ସୁଧ ଗଣୁ ଥିଲେ ମଧ୍ୟ ମୂଳ ସହଜରେ ଶୁଝିହୁଏ ନାହିଁ। ଏକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ୧୫–୩୪ ବର୍ଷ ବୟସ ବର୍ଗର ପ୍ରାୟ ୩୬% ଭାରତୀୟ ବିଶ୍ୱାସ କରନ୍ତି ଯେ ବେକାରି ହେଉଛି ଦେଶର ସବୁଠାରୁ ବଡ଼ ସମସ୍ୟା। ୩୦%ରୁ ଅଧିକ ଭାରତୀୟ ଯୁବତୀ ଯୁବକ ବେକାର ଏବଂ କୌଣସି ଶିକ୍ଷା କିମ୍ବା ତାଲିମରେ ଜଡ଼ିତ ନୁହନ୍ତି।

ଖାଦ୍ୟ ଅପଚୟ ରୋକିବା ପାଇଁ ପୃଥିବୀର କୌଣସି ଦେଶରେ କଠୋର ଆଇନ ପ୍ରଣୟନ କରାଯାଇ ନାହିଁ। ଭାରତରେ ବିବାହ, ବ୍ରତ ଆଦି ସାମାଜିକ ଉତ୍ସବରେ ଯେତିକି ଖାଦ୍ୟ ନଷ୍ଟ ହୁଏ, ତାହା ଲକ୍ଷ ଲକ୍ଷ ଲୋକଙ୍କର ଭୋଜନ ଚାହିଦା ପୂରଣ କରିପାରନ୍ତା। ମାତ୍ର ଏ ଦିଗରେ କଠୋର ଆଇନ କିମ୍ବା ବିଶେଷ କିଛି ସଚେତନତା ସୃଷ୍ଟି କରାଯାଇନାହିଁ। ଦୈନିକ ସମଗ୍ର ମନୁଷ୍ୟ ଜାତି ଯେତିକି ଖାଦ୍ୟ ନଷ୍ଟ କରେ, ତାହା ଅତି କମ୍‌ରେ ୧୦ ଲକ୍ଷ ଲୋକଙ୍କ ଭୋକ ମେଣ୍ଟାଇପାରିବ। ଫଳରେ ଖାଦ୍ୟ ନଷ୍ଟ



ହେଉଛି, ଭୋକିଲା ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଖାଦ୍ୟ ଅପଚୟ ରୋକିବା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଳ୍ପ କିଛି ସଙ୍ଗଠନ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ଭୂମିକା ନଗଣ୍ୟ। ଏକ ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାରେ ପ୍ରତିବର୍ଷ ୧୦୦ ଏକରରୁ ଅଧିକ ଚାଷ ଜମିରେ କୋଠାବାଡି ନିର୍ମାଣ ହେବା ଯୋଗୁ ସେହି ଅଞ୍ଚଳର ପାରମ୍ପରିକ ଚାଷ ପ୍ରଭାବିତ ହେଲାଣି। ଚାଷ ପ୍ରତି ଲୋକଙ୍କ ଅନାଗ୍ରହ ଭାବ ଦୂର କରି ଅଧିକ ଯୁବଶକ୍ତିକୁ କୃଷି କାର୍ଯ୍ୟରେ ନିୟୋଜିତ କରିବା, ଏହି କ୍ଷେତ୍ରରେ ଅଧିକ କର୍ମ ସଂସ୍ଥାନ ସୃଷ୍ଟି କରିବା ଏବଂ ଚାଷ ଜମିକୁ ଅଣକୃଷି କାର୍ଯ୍ୟରେ ବ୍ୟବହାର ନିରୁତ୍ସାହିତ କରିବା ପାଇଁ ଉଦ୍ୟମ ହେବା ଆଜିର ଆବଶ୍ୟକତା ହେଲାଣି। ବଞ୍ଚିବା ପାଇଁ ଖାଦ୍ୟ ଓ ଜଳ ନିତାନ୍ତ ଆବଶ୍ୟକ। ମାତ୍ର ଈଶ୍ୱର ଓ ପ୍ରକୃତିଦତ୍ତ ଏହି ୨ଟି ଉତ୍ସକୁ ବିକାଶ ନାମରେ ବିନାଶ କରିବାରେ ଲାଗିପଡିଛି ମନୁଷ୍ୟ ଜାତି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଭିନ୍ନ ଦେଶର କ୍ଷୁଧାର୍ତ୍ତଙ୍କ ସ୍ଥିତିକୁ ଯଦି ପର୍ଯ୍ୟବେକ୍ଷଣ କରିବା ତେବେ କ୍ଷୁଧାରେ ଜର୍ଜରିତ ଲୋକଙ୍କ ଅସଲ ଚିତ୍ର ପ୍ରଦାନ କରିଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ ସେହି ଦେଶଗୁଡ଼ିକର ବିକାଶର ଅସଲ ଚେହେରାକୁ ପ୍ରକଟ କରିବାରେ ସହାୟକ ହୋଇଛି।

ଯଦି ଭାରତ ଉପରେ ନଜର ପକାଇବା, ତେବେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶ କ୍ଷୁଧାର୍ତ୍ତଙ୍କ ବିଶ୍ୱର ରାଜଧାନୀ କୁହାଯିବ। ୨୦୨୫ ବିଶ୍ୱ ଭୋକିଲା ଦେଶ ତାଲିକାରେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ମ୍ୟାନମାର ଭଳି ଛୋଟ ଛୋଟ ଦେଶ ପଛରେ ପଡିଛି ଭାରତ ଦେଶ। ଏଭଳି କି ଗୃହଯୁଦ୍ଧ ଓ ଏକଚ୍ଛତ୍ରବାଦ ଶାସନାଧୀନ ରାଷ୍ଟ୍ର ଉତ୍ତରକୋରିଆ, ରୁଆଣ୍ଡା, ସିଏରାଲିଓନ, ଆଫଗାନିସ୍ତାନ ଓ ହାଇତି ଭଳି ଦେଶ ତୁଳନାରେ ମଧ୍ୟ ଭାରତର ସ୍ଥିତି ଖରାପ। ସାଧାରଣତଃ ୪ଟି ବିଭାବକୁ ଭିତ୍ତିକରି ପ୍ରସ୍ତୁତ ହୁଏ ବୈଶ୍ୱିକ କ୍ଷୁଧାସୂଚୀ। ସେଗୁଡ଼ିକ ହେଲା ପୁଷ୍ଟିହୀନତା ବା କୁପୋଷଣ, ଶିଶୁ ଅପଚୟ ବା ଚାଇଲ୍ଡ ୱେଷ୍ଟିଂ, ଶିଶୁ ଗେଡାହେବା ବା ଚାଇଲ୍ଡ ଷ୍ଟଂଟିଂ ଓ ଶିଶୁ ମୃତ୍ୟୁ ହାର। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭିନ୍ନ ଭିନ୍ନ ବିଭାଗଭୁକ୍ତ କରାଯାଇଛି ଓ ବିଭିନ୍ନ ଦେଶକୁ ସର୍ବନିମ୍ନ କ୍ଷୁଧା ବିଭାଗ, ମଧ୍ୟମ ଧରଣ, ଗୁରୁତର, ଉଦ୍‌ବେଗଜନକ ଏବଂ ଅତ୍ୟନ୍ତ ଉଦ୍‌ବେଗଜନକ କ୍ଷୁଧା ବିଭାଗ ସନ୍ନିବେଶିତ କରାଯାଇଛି। ଭାରତ ଗୁରୁତର କ୍ଷୁଧା ବିଭାଗ ମଧ୍ୟରେ ବିଶ୍ୱର ୪୭ଟି ଦେଶ ସହିତ ରହିଛି। ୟୁନିସେଫ, ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଙ୍ଗଠନ ତଥା ଜାତିସଂଘ ଓ ଅନ୍ୟାନ୍ୟ ବହୁ ଦେଶୀୟ ସଙ୍ଗଠନରୁ ସଂଗୃହୀତ ତଥ୍ୟାବଳୀ ଆଧାରରେ ଶିଶୁର ଶାରୀରିକ ବିକାଶ ଓ ମୃତ୍ୟୁ ହାରକୁ ଅଧ୍ୟୟନ କରି ସାବ୍ୟସ୍ତ ହୁଏ ପୁଷ୍ଟିହୀନତାର ସ୍ତର। ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ବିଶ୍ୱବ୍ୟାପୀ ବିଭିନ୍ନ ଦେଶ ଭୋକିଲାଙ୍କ ସଂଖ୍ୟା ହ୍ରାସ କରିବାରେ ଅସମର୍ଥ ରହୁଛନ୍ତି।

ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ଯୋଗୁ ପ୍ରତ୍ୟେକ ବ୍ୟକ୍ତିର ଆୟର ହାରରେ ବୃଦ୍ଧି ଘଟିଥାଏ। ଏହା ସାଙ୍ଗକୁ ଦେଶର ସାଧାରଣ ରାଜସ୍ୱରେ ମଧ୍ୟ ବୃଦ୍ଧି ଲକ୍ଷ୍ୟ କରାଯାଇଥାଏ। ଏହାର ଉପଯୋଗ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ହିଁ ହୋଇଥାଏ। କିନ୍ତୁ କ୍ଷୁଧା ସୂଚକାଙ୍କ ରିପୋର୍ଟ ପ୍ରକାଶ ପରେ ଚିନ୍ତାର ବିଷୟ ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ତଥା ସାମାଜିକ ପ୍ରଗତି ମଧ୍ୟରେ ଯେଉଁ ସମ୍ପର୍କ ରହିଛି, ସେ ବିଷୟରେ ଦୀର୍ଘକାଳ ଧରି ଗଭୀର ବିଶ୍ଳେଷଣ କରିବାରେ ଭାରତୀୟ ରାଜନୀତି ଏବଂ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋ:୯୪୩୭୯୫୫୫୬୮**

## ପାଠକ ଶ୍ରେଷ୍ଠ ବିଚାରକ

### ଦୂଷିତ ଜଳ ବନାମ ବଞ୍ଚିବାର ଅଧିକାର

ମହାଶୟ,

ପଞ୍ଚଭୂତରେ ଗଠିତ ମାନବଶରୀର ଦୀର୍ଘଜୀବୀ ହେବାରେ ବିଶୁଦ୍ଧ ଜଳ(ପାନୀୟଜଳ) ବିଶେଷ ଭୂମିକା ତୁଲାଏ । କଥାରେ ଅଛି, ଯେମିତି ପାଣି ସେମିତି ବାଣୀ ; ପାଣି ପିଇବ ଛାଣି ପଇସା ନେବ ଗଣି । କହିବା ବାହୁଲ୍ୟ ଯେ, ଇନ୍ଦୋରରେ ଦୂଷିତପାଣି ପିଇ ସଂଖ୍ୟାଧିକ ମୃତ୍ୟୁରେ ସ୍ଥାନୀୟ ମଧ୍ୟପ୍ରଦେଶ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରକାଶିତ ଖବର ଅନୁସାରେ, ପାଣି ଦୂଷିତ ହେବାର ପ୍ରମୁଖ କାରଣ ପାଇପ୍ ଲିକ୍। ଯେଉଁ ରାଜ୍ୟ ଜଳଉତ୍ସ ସୁରକ୍ଷାରେ ଅସମର୍ଥ ସେହି ରାଜ୍ୟ ଧାରା ୨୧ ଅନୁସାରେ ବଞ୍ଚିବାର ଅଧିକାର ସୁରକ୍ଷିତ ରଖିପାରିଥିବା ଦାବି ରଖିପାରିବ କି ? ଏ ନେଇ ସୁପ୍ରିମକୋର୍ଟ ବହୁବାର ଅଭିମତ ରଖିଛନ୍ତି ଯେ, ଅଧିକାର ମଧ୍ୟରେ ସ୍ୱଚ୍ଛ ଜଳ ଓ ନିର୍ମଳ ପରିବେଶ ଅନ୍ତର୍ଭୁକ୍ତ ଓ ଏଥିପାଇଁ ପାଣି ଲାଗି ହୀନସ୍ତା ହେବା ସାମ୍ବିଧାନିକ ଗ୍ୟାରେଣ୍ଟିର ପରିପନ୍ଥୀ।

**– ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ନାହିଁ ଜନପ୍ରାଣୀ,
ଅଶୋକ-ପଲ୍ଲବେ ଜାଗେ
ମଧୁ ମୃଦୁ ବାଣୀ ।

–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ: ................................

ଜନ୍ମ ତାରିଖ: ................................



ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଦାଳ ବେଣ୍ଟରେ ପିଟି ପିଉସାଙ୍କୁ ହତ୍ୟା

## ଅଭିଯୁକ୍ତ ଗିରଫ

ବଲାଙ୍ଗୀର, ୨୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ଅଧୀନ ତୁଳସୀନଗର ପଡ଼ାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଏକ କୋଦାଳ ବେଣ୍ଟରେ ପିଟି ତାଙ୍କ ପିଉସାଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଯଦୁମଣି ବଗର୍ତ୍ତୀ(୭୦)। ବୁଧବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳ ଏବଂ ବେଣ୍ଟ ଜବତ କରିଥିବାବେଳେ ଅଭିଯୁକ୍ତ ଅଜୁ ବିଶିଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଅଜୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏପରି କି ଉତ୍କ୍ଷିପ୍ତ ହୋଇ ତାଙ୍କ ଛୋଟଛୁଆକୁ କଚାଡ଼ି ଦେଇଥିଲେ। ଏହି ଘଟଣାରେ ଯଦୁମଣି ହସ୍ତକ୍ଷେପ କରିବା ସହ ପ୍ରଥମେ ଅଜୁଙ୍କ ସ୍ତ୍ରୀ ଓ ଛୁଆଙ୍କୁ ସେଠାରୁ ଅନ୍ୟତ୍ର ଚାଲିଯିବାକୁ କହିଥିଲେ। ଏହାପରେ ସେ ଅଜୁଙ୍କୁ ବୁଝାଶୁଝା କରିଥିଲେ। ତେବେ ଅଜୁ ପିଉସାଙ୍କ କୌଣସି କଥାକୁ ଗ୍ରହଣ ନ କରି ଆହୁରି ଉତ୍କ୍ଷିପ୍ତ ହୋଇ ଘରେ ଥିବା ଏକ କୋଦାଳ ବେଣ୍ଟରେ ଯଦୁମଣିଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଘର ସମ୍ମୁଖରେ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ଖବରପାଇ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଯଦୁମଣିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯଦୁମଣିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସ ଅଭିଯୁକ୍ତ ଅଜୁଙ୍କୁ ଗିରଫ କରିଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି। ପାରିବାରିକ କଳହ ଏବଂ ନିଶାସେବନରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଯଦୁମଣିଙ୍କ ପୁତୁରା ଜ୍ୟୋତିପ୍ରକାଶ ବଗର୍ତ୍ତୀ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ଜଣାପଡିଛି।



ମୃତ ଯଦୁମଣି ବଗର୍ତ୍ତୀ।



ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।



ଜବତ କୋଦାଳ, ବେଣ୍ଟ।

# ନିଜକୁ ଗୁଳିକରି କଂଗ୍ରେସ ନେତାଙ୍କ ଆତ୍ମହତ୍ୟା

ସୋନପୁର, ୨୧।୧
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି କୋଷାଧ୍ୟକ୍ଷ ରାଜେଶ କୁମାର ମିଶ୍ର ଓରଫ ରାଜା (୪୨) ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ରାତି ୧ଟା ୧୫ମିନିଟ୍‌ରେ ରାଜେଶ ସୁବର୍ଣ୍ଣପୁର ସହର ଭଗବତୀପ୍ଲଟସ୍ଥିତ ବାସଭବନରେ ହିଁ ନିଜକୁ ଗୁଳି କରିଛନ୍ତି। ତାଙ୍କ ଗୁଳିବିଦ୍ଧ ଶରୀରକୁ ପୋଲିସ ଜବତ କରିଛି। ଜଣେ ଯୁବ ସଙ୍ଗଠକଭାବେ ପରିଚିତ ରାଜେଶ ପୂର୍ବରୁ ସୋନପୁର କଲେଜ ଛାତ୍ର ସଂସଦ ସଭାପତି ଥିଲେ। କଂଗ୍ରେସ ଦଳରେ ସେ ଖୁବ୍ ସକ୍ରିୟ ଥିଲେ। ତେବେ ସେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ପାରିବାରିକ କଳହ କି ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି ତାହା ଅସ୍ପଷ୍ଟ ରହିଛି। ଆତ୍ମହତ୍ୟା କାରଣକୁ ନେଇ ନାନା ଆଲୋଚନା ହେଉଛି। ତାଙ୍କ ବାପା ବିନୋଦ ବିହାରୀ ମିଶ୍ରଙ୍କ ଅଭିଯୋଗକ୍ରମେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରାଜେଶ ଘରର ପ୍ରଥମ ମହଲାରେ ଥିଲେ। ରାତି ୧ଟା ପରେ ସେ ପିସ୍ତଲ ଧରି ବେଡ୍‌ରୁମ୍‌ରୁ ଏକୁଟିଆ ତଳ ମହଲାକୁ ଓହ୍ଲାଇଥିଲେ। ତଳ ମହଲାରେ ନିଜ ପିସ୍ତଲରୁ କାନ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ଏହା ପରିବାର ଲୋକେ ଜାଣି ପାରି ନ ଥିଲେ। ବେଡ୍‌ରୁମ୍‌କୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତଳ ମହଲାକୁ ଯାଇ ଖୋଜାଖୋଜି କରିଥିଲେ। ତଳ ମହଲାର ଏକ ଗଳିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜା ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ସୂଚନା ପାଇବା ପରେ ବାସଭବନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବୁଧବାର ତଦନ୍ତ କରିଛି। ବ୍ୟବହୃତ ପିସ୍ତଲରେ ଆଉ ଗୁଳି ଭର୍ତ୍ତି ହୋଇଛି କି ନାହିଁ ଆର୍ମସ ହାବିଲଦାର ତନଖି କରିଥିଲେ। ପିସ୍ତଲକୁ ଜବତ କରାଯିବା ସହ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଷ୍ଟେଟ୍ ଫୋରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯିବ ବୋଲି ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ରାମେଶ୍ୱରସ୍ଥିତ ଶ୍ମଶାନରେ ରାଜେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି।



ରାଜେଶ କୁମାର ମିଶ୍ର

# ଲିଭ୍ ଇନ୍ ରିଲେଶନରେ ରହି ଯୁବତୀଙ୍କୁ ବଳାତ୍କାର

ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି)

- ଯୁବତୀଙ୍କୁ ମାଡ଼ ମାରି ଘର ଭିତରେ ବନ୍ଦୀ କରି ରଖିଥିଲେ
- ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଗିରଫକଲା ପୋଲିସ

ପରସ୍ପରକୁ ଭଲ ପାଇଲେ। ସାଙ୍ଗ ହୋଇ ଗୋଟେ ଘରେ ଲିଭ୍ ଇନ୍ ରିଲେଶନରେ ମଧ୍ୟ ରହିଲେ। ହେଲେ ୫ମାସ ରହଣି ମଧ୍ୟରେ ଯୁବତୀଙ୍କ ସହ ଯୁବକଜଣକ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଲେ। ମନା କରିବାରୁ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତି ବଳାତ୍କାର କଲେ। ଏପରି କି ଯୁବତୀ ଗର୍ଭବତୀ ହେବା ପରେ ଗର୍ଭପାତ ପାଇଁ ବାଧ କରି ଔଷଧ ଖାଇବାକୁ ଦେଇଥିଲେ। ପୀଡ଼ିତା ନ ଖାଇବାରୁ ତାଙ୍କୁ ମାଡ଼ମାରି ଜବରଦସ୍ତି ଗର୍ଭପାତ ପାଇଁ ଔଷଧ ଖୁଆଇଲେ। ଏଭଳି ଏକ ସଙ୍ଗିନ ଅଭିଯୋଗ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଆଣିଛନ୍ତି ଜଣେ ଯୁବତୀ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ବାପିନ ସାବତଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀମାଇନା ପରେ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅଭିଯୋଗ ଅନୁସାରେ, ଯୁବତୀଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବାବେଳେ ସେ ରାଜଧାନୀକୁ ଆସି ଅନ୍ୟ ଘରେ ରୋଷେୟା ଭାବେ କାମ କରନ୍ତି। ଏହି ସମୟରେ ବାପିନ ସହ ତାଙ୍କର ପରିଚୟ ହେବା ପରେ ବନ୍ଧୁତା ବଢିଥିଲା। ବାପିନ ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ। ଉଭୟେ ମିଳାମିଶା କରିବା ପରେ ଲକ୍ଷ୍ମୀସାଗର ବୃନ୍ଦନଗରରେ ଏକ ଘର ଭଡ଼ା ନେଇ ଉଭୟ ଲିଭ ଇନ୍‌ରେ ରହୁଥିଲେ। ୫ମାସ ଲିଭ୍ ଇନ୍‌ରେ ରହିବା ମଧ୍ୟରେ ବାପିନ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତି ବଳାତ୍କାର କରିଥିବା ଯୁବତୀ ଅଭିଯୋଗ କରିଛନ୍ତି। ୩ ମାସ ଧରି ତାଙ୍କ ଘର ଭିତରେ ନଜର ବନ୍ଦୀ କରି ରଖିବା ପରେ କୌଶଳକ୍ରମେ ଯୁବତୀ ଖସି ଆସି ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭଯୋଗ ଆଧାରରେ ଯୁବତୀଙ୍କ ବୟାନ ଗ୍ରହଣ କରିବା ପରେ ମାମଲା ରୁଜୁକରି ଅଭିଯୁକ୍ତ ବାପିନଙ୍କୁ ଗିରଫ କରିଥିଲେ।

# ଦେଖା ହୋଇପାରିଲାନି, ଯୁବତୀଙ୍କ ଘର ଆଗରେ ଦେହକୁ କାଟି ପକାଇଲେ



ଆହତ ଯୁବକଙ୍କୁ ଚିକିତ୍ସା କରାଯାଉଛି।

ଢେଙ୍କିକୋଟ, ୨୧।୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନମସିଣାବିଲା ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯୁବତୀଙ୍କୁ ଦେଖିବାରେ ବିଫଳହୋଇ ଜଣେ ଯୁବକ ଉକ୍ତ ଯୁବତୀଙ୍କ ଘର ଆଗରେ ଶରୀରକୁ ବ୍ଲେଡ୍‌ରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଯୁବକଜଣଙ୍କ ଯୋଡ଼ା ଅଞ୍ଚଳର ଆକାଶ କୁମାର(୨୧) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯୁବତୀଙ୍କ ଘର ସାନମସିଣାବିଲା ଗ୍ରାମରେ ହୋଇଥିବାବେଳେ ସେ ପିଉସୀଙ୍କ ଘର କୋଇଡ଼ାରେ ରହୁଥିଲେ। କୋଇଡ଼ାରେ ଆକାଶଙ୍କ ସହ ଦେଖା ସାକ୍ଷାତ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ହେଲା ଯୁବତୀ ନିଜ ଗ୍ରାମ ମସିଣାବିଲାକୁ ଚାଲି ଆସିଥିଲେ। ପରେ ଘର ଲୋକଙ୍କ କଡ଼ା ତାଗିଦ ପରେ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ହୋଇପାରି ନ ଥିଲା। ଯୁବକ ବୁଧବାର ଅପରାହ୍ନରେ ସାନମସିଣାବିଲାରେ ପହଞ୍ଚି ଯୁବତୀଙ୍କୁ ଦେଖାକରିବା ପାଇଁ ଚାହିଁଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ସାଙ୍ଗରେ ଆଣିଥିବା ଏକ ବ୍ଲେଡ୍‌ରେ ନିଜ ଦେହର ବିଭିନ୍ନ ସ୍ଥାନକୁ କାଟି ଚାଲିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ୧୧୨ ପୋଲିସ ହେଲ୍ପଲାଇନକୁ ଫୋନ୍‌କରି ଡାକିଥିଲେ। ଘଟଗାଁ ପୋଲିସ ପହଞ୍ଚି ଆକାଶଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସା କରାଇ ପୋଲିସ ଯୁବକଙ୍କୁ ଥାନାରେ ରଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଛି। ଖବର ଲେଖାହେବା ଯାଏ ପରିବାର ଲୋକେ ଘଟଗାଁ ଥାନାରେ ପହଞ୍ଚି ନ ଥିଲେ। ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ଏ ସମ୍ପର୍କରେ ଏକ ମାମଲା(ନଂ.୨୭/୨୬) ରୁଜୁ ହୋଇଛି। ପରିବାର ଲୋକ ଆସିବା ପରେ ଆକାଶଙ୍କୁ ହସ୍ତାନ୍ତର କରାଯିବ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଅନୁଗୋଳ, ୨୧।୧ (ଜ୍ୟୋତିରଞ୍ଜନ ସାହୁ)

ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ସୌମ୍ୟାଶ୍ରୀ ଶୁଭଦର୍ଶିନୀ ବୁଧବାର ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ଅଭିଯୁକ୍ତ ଏନ୍‌ଟିପିସି ଥାନା ଅଞ୍ଚଳର ବିଶ୍ୱାସ ନାଏକ (୨୨)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୩ ସେପ୍ଟେମ୍ବର ୩ରେ ଏନ୍‌ଟିପିସି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୧୩ ବର୍ଷୀୟା ନାବାଳିକାଙ୍କୁ ଅପରାହ୍ନରେ ଘର ସମ୍ମୁଖରୁ ଅଭିଯୁକ୍ତ ବିଶ୍ୱାସ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଏନ୍‌ଟିପିସି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ପ୍ରାୟ ଏକମାସ ପରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରୁଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ସହଯୋଗ କରିଥିବା ଅଭିଯୋଗରେ ଆଉ ୨ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ପ୍ରମାଣ ଅଭାବରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖଲାସ କରାଯାଇଥିଲା। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଇନସେବା ପ୍ରାଧିକରଣଙ୍କୁ ଆଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦିଲୀପ ଦାସ ମାମଲା ପରିଚାଳନା କରିଥିଲେ।


## THE KOSALA SCHOOL

Estd.- 1979
☎ 7682032632

An English Medium Residential Public School
(CBSE Affiliation No. 1530008)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com

Mob- 6371537828 / 6371532877 / 6370708544 / 9777706828

KOSALA ENTRANCE TEST 2026-2027

- Admissions open for classes UKG to Std- IX & XI for **Boarders**. Few seats are available from Balvatika-1 to Std-IX & XI for **Day Scholars**.
- Interested candidates are to appear Entrance Test in English, Mathematics, and General Knowledge.
  Entrance Test for **Boarders** :- 22.02.2026
  Entrance Test for **Day Scholars** :- 01.03.2026
- Candidates qualified in Entrance Test will get admission strictly on merit basis.
- Enquiry time over phone - 09.00am to 1.00 P.M. on all working days.
- Entrance test timings - 10.30 A.M. to 12.30 P.M., Reporting Time- 09.00 A.M.
- Selling of Admission Forms will start from 23rd January 2026 onwards.

Sd./- (Principal)


# ରିମାଣ୍ଡ ସରିଲା, ଠାବ ହୋଇପାରିଲାନି ମୃତଦେହ

ଭୁବନେଶ୍ୱର, ୨୧।୧ (ତ୍ରିନାଥ ମହାନ୍ତି)

**ବ୍ୟବସାୟୀ ବଳରାମ ଅପହରଣ ମାମଲା**

**ମିଛ ଧରା ପରୀକ୍ଷା ପାଇଁ ରିମାଣ୍ଡରେ ଆଣିବ ପୋଲିସ**

୨୦୧୯ରେ ବ୍ୟବସାୟୀ ବଳରାମ ସାହାଣି ନିଖୋଜ ରହସ୍ୟ ଘଟଣାରେ ପୋଲିସକୁ ନାକେଦମ କଲେଣି ଅଭିଯୁକ୍ତା ରଶ୍ମିତା ସ୍ୱାଇଁ। ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବେଳେ ମୃତଦେହ କେଉଁଠି ଫିଙ୍ଗିଛନ୍ତି ଦେଖାଇ ପାରୁନାହାନ୍ତି। ଗଞ୍ଜାମ ଠାରୁ ଆରମ୍ଭ କରି ରାଜଧାନୀର ଏକାଧିକ ସ୍ଥାନ ପୋଲିସକୁ ବୁଲାଇଥିଲେ ମଧ୍ୟ ଶବ ମିଳୁନି। ୭ ବର୍ଷ ବିତିଯାଇଥିବାରୁ ମୃତଦେହ କଙ୍କାଳ ରୂପ ନେଇଥିବ। ତେଣୁ ପୋଲିସକୁ କଙ୍କାଳ ଜବତ କରିବା ଏବେ ଅପରିହାର୍ଯ୍ୟ ହୋଇପଡ଼ିଛି। ନ ହେଲେ ବ୍ୟବସାୟୀ ବଳରାମଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ କରିବା କଷ୍ଟକର ହେବ। ତେଣୁ ପୋଲିସ ରଶ୍ମିତାଙ୍କ କହିବା ଅନୁସାରେ ଏକାଧିକ ସ୍ଥାନରେ ଛାନ୍‌ଭିନ କରୁଛି। ସେପଟେ ମଙ୍ଗଳବାର ରଶ୍ମିତାଙ୍କ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାଙ୍କୁ କୋର୍ଟରେ ହାଜର କରି ଝାରପଡ଼ା ଜେଲକୁ ପଠାଇ ଦେଇଛି। ରଶ୍ମିତା ପୋଲିସକୁ ଏକାଧିକ ମିଛ କହିଥିବାରୁ ସତ ଜାଣିବା ସହ କଙ୍କାଳ ଜବତ ପାଇଁ ପୋଲିସ ପୁଣି ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି। ଆହୁରି ମଧ୍ୟ ରଶ୍ମିତାଙ୍କୁ ମିଛ ଧରା ପରୀକ୍ଷା କରିବା ପାଇଁ ମଧ୍ୟ କୋର୍ଟରୁ ଅନୁମତି ଆଣିବେ। ଏହି ମିଛ ଧରା ପରୀକ୍ଷାରେ ରଶ୍ମିତା ସତ ଉଗାଳିବ ବୋଲି କୁହାଯାଉଛି।

# ମମତା ଯୋଜନା ନାଁରେ ଠକିନେଲେ ୭ ହଜାର

ବାରଙ୍ଗ, ୨୧।୧ (ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗ ପଞ୍ଚାୟତ ଅଧୀନ ଜୁଝଗଡ଼ ପାଟଣାସାହିର ସୋନି ସ୍ୱାଇଁ ସାଇବର ଠକେଇର ଶିକାର ହୋଇଛନ୍ତି। ମମତା ଯୋଜନାରେ ଟଙ୍କା ଆସିଥିବା କହି ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦୧୦ ଟଙ୍କା ଦୁର୍ବୃତ୍ତମାନେ ହଡ଼ପ କରିନେଇଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଛି।

ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ତାଙ୍କ ପାଖକୁ ଏହି ପଞ୍ଚାୟତର ଜଣେ ଆଶା କର୍ମୀ ଫୋନ କରି ଡାକ୍ତର କଥା ହେବେ ବୋଲି କହିଥିଲେ। ପରେ ଏକକାଳୀନ ୩ଜଣ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ମମତା ଯୋଜନାରେ ଟଙ୍କା ମିଳିଛି କି ନାହିଁ ଏବଂ ପଇସା ପାଇଛ କି ନାଇଁ ବୋଲି ନିଜକୁ ଡାକ୍ତର କହୁଥିବା ବ୍ୟକ୍ତି ପଚାରିଥିଲେ। ଏହାପରେ ସୋନି ତାଙ୍କ ସ୍ୱାମୀ ଶତ୍ରୁଘ୍ନଙ୍କୁ ମୋବାଇଲ ଦେଇ କଥା ହେବାକୁ କହିଥିଲେ। ସମ୍ପୃକ୍ତ ଡାକ୍ତର ଟଙ୍କା ଆସିଛି କି ନାହିଁ ଜାଣିବା ପାଇଁ ଅନ୍‌ଲାଇନ୍ ୱାଲେଟ୍ ଚେକ୍ କରିବାକୁ କହିଥିଲେ। ଏନେଇ ଶତ୍ରୁଘ୍ନ ମୋବାଇଲ ଥିବା ୱାଲେଟ୍ ଖୋଲୁ ଖୋଲୁ ସୋନିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦୧୦ ଟଙ୍କା କଟିଯାଇଥିଲା। ଏହାପରେ ସମ୍ପୃକ୍ତ ଆଶାଦିଦି ଓ ଡାକ୍ତର ଧରାଦେଉନାହାନ୍ତି ବୋଲି ସୋନି ଅଭିଯୋଗରେ ଦର୍ଶାଇଛନ୍ତି।


# Classified Everyday

0674-2580101, 9692975378

## REAL ESTATE



### SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059 / 7656969134. D-3166

### LOST

ମୁଁ, ତ୍ରିଲୋକ୍ୟ କୁମାର ବଳ, ଜଗତପୁର, କଟକ, ବାସିନ୍ଦା ଗତ ତା.୧୨।୦୧।୨୦୨୬ ରେ ଜଗତପୁର ବସ୍‌ଷ୍ଟାଣ୍ଡରେ B.Tech ସର୍ଟିଫିକେଟ୍ ଓ ୩ଟି ଗ୍ରେଡ୍‌ଶିଟ୍ ହରାଇଛି। ମିଳିଲେ ଦୟାକରି ସମ୍ପର୍କ କରନ୍ତୁ। ଯୋଗାଯୋଗ: 9040555828. D-3167

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

By virtue of an affidavit sworn before the Executive Magistrate, Cuttack, vide No. 415 dtd. 20.01.2026, I, Siba Prasad Sahoo, Son of Babaji Charan Sahoo, At- Dolamandapsahi, Bidyadharpur, P.O.- Nuabazar, P.S.-Chauliaganj, Dist.- Cuttack declared as my daughter's actual name is Swoyongshree Sahoo as per her birth certificate (Regd. No. 17268/2009, dtd.- 20.10.2009). But in the Aadhaar card bearing No. xxxx xxxx 4536 name was wrongly mentioned/written as Swayamshree Sahoo. Henceforth, she shall be known as Swoyongshree Sahoo in the Aadhaar and educational certificate for all purpose. D-3168

By virtue of an affidavit sworn before Executive Magistrate, Tangi-Choudwar, dated-16.01.2026, I, Ranjan Kumar Behera, aged 46 years, S/o.- Jaladhar Behera, resident of Imfa Colony, P.O.- Kapaleswar, P.S.- Choudwar, Dist.- Cuttack- 754071 declare that I have changed my name from Ranjan Ku Behera to Ranjan Kumar Behera, also my wife name changed from Chumuki Behera to Chumki Behera. Henceforth, we shall be known as Ranjan Kumar Behera and Chumki Behera for all purposes. D-3169

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Notary Public, Titilagarh, dtd. 20.01.2026, I, Mahana Thela, S/o.- Late Araksita Thela, R/o. Village- Lathakenda, P.O.- Karamtala, P.S.- Saintala, Dist.- Balangir, Odisha, (Odisha), PIN-767032 declare that now I have changed my name from Padmalochana Thela to Mahana Thela. Henceforth, I shall be known as Mahana Thela for all purposes.

Mahana Thela
D-3170

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅଶୋକ କୁମାର ମିଶ୍ର**
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଘର)
ଖଲିକୋଟ, ଗଞ୍ଜାମ
ଆବିର୍ଭାବ- ୦୧।୦୭।୧୯୬୭
ତିରୋଧାନ- ୦୧।୦୨।୨୦୨୫
ମାଘ ଶୁକ୍ଳପକ୍ଷ ଚତୁର୍ଥୀ

ଭାଇନା, ତୁ ଯିବାର ବରଷେ ବିତିଗଲା କିନ୍ତୁ ଏବେବି ଲାଗୁଛି ତୁ ଆମ ପାଖରେ ଅଛୁ। ତୋର ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଝୁରୁଛନ୍ତି, ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶ୍ରଦ୍ଧାଞ୍ଜଳି:-
ଭାଇ- ବୁଲୁ, ସ୍ତ୍ରୀ- ମିତା, ପୁଅ- ସିତୁନ୍, ଗୁଗୁନ୍, ବଡ଼ଭାଇ- ଆଦିକନ୍ଦ, ଭଉଣୀ- ସନ୍ଧ୍ୟା, ଜ୍ୱାଇଁ- ଜିତୁ, ଭଣଜା- ଲିପୁନ୍, ଟିକୁନ୍, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ।
D-3171




# ତୃତୀୟ ରାଉଣ୍ଡରେ ଅଲ୍‌କାରାଜ, ଜେଭରେଭ୍

ମେଲ୍‌ବୋର୍ନ, ୨୧।୧

**ଅଷ୍ଟ୍ରେଲିଆନ ଓପନ୍ ଟେନିସ୍**

ଟପ୍ ସିଡ୍ କାର୍ଲୋସ ଅଲ୍‌କାରାଜ, ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରଙ୍କ ସମେତ ଅନ୍ୟ କେତେଜଣ ସିଡେଡ୍ ଖେଳାଳି ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସ୍ପେନ୍‌ର ଅଲ୍‌କାରାଜ ୭-୬ (୭-୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନିକ ହାନ୍‌ଫମାନ ଓ ଜର୍ମାନୀର ଜେଭରେଭ୍ ୬-୩, ୪-୬, ୬-୩, ୬-୪ ସେଟ୍‌ରେ ଫ୍ରାନ୍ସର ଆଲେକ୍‌ଜାଣ୍ଡର ମୁଲରଙ୍କୁ ପରାସ୍ତ କରିଛନ୍ତି। ସେହିପରି ୬ଷ୍ଠ ସିଡ୍ ମିନାଉର ୬-୭ (୫-୭), ୬-୨, ୬-୨, ୬-୧ ସେଟ୍‌ରେ ହାମଦ ମାଡେଜୋଭିଚ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ୧୦ମ ସିଡ୍ ଆଲେକ୍‌ଜାଣ୍ଡର ବୁବଲିକ ୭-୫, ୬-୪, ୭-୫ ସେଟ୍‌ରେ ମାର୍ଟନ ଫୁକ୍‌ସୋଭିକ୍ସ, ୨୯ତମ ସିଡ୍ ଫ୍ରାନ୍ସେସ ଟିଆଫୋ ୬-୪, ୬-୩, ୪-୬, ୬-୨ ସେଟ୍‌ରେ ଫ୍ରାନ୍ସିସ୍କୋ କୋମେସନା, ୨୫ତମ ସିଡ୍ ଲର୍ନର ଟିଏନ୍ ୬-୨, ୫-୭, ୬-୧, ୬-୦ ସେଟ୍‌ରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ୨୬ତମ ସିଡ୍ କାମେରନ ନୋରି ୬-୧, ୭-୬ (୭-୩), ୪-୬, ୭-୬ (୭-୫) ସେଟ୍‌ରେ ଇମିଲିଓ ନାଭା, ୧୧ତମ ସିଡ୍ ଡାନିଲ ମେଡ୍‌ଭେଡେଭ୍ ୬-୭ (୯-୧୧), ୬-୩, ୬-୪, ୬-୨ ସେଟ୍‌ରେ କ୍ୱେଣ୍ଟିନ ହେଲିସ, ୧୩ଶ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ ୬-୪, ୬-୩, ୪-୬, ୭-୫ ସେଟ୍‌ରେ ଜେମି ଫାରିଆ ଓ ୧୪ଶ ସିଡ୍ ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ୬-୩, ୭-୬ (୭-୩), ୫-୭, ୪-୬, ୬-୪ ସେଟ୍‌ରେ ରିଲି ଓପେଲ୍‌କାଙ୍କୁ ପରାସ୍ତ କରିଛନ୍ତି।

**ସାବାଲେଙ୍କା, ଗଫ୍‌ଙ୍କ ସହଜ ବିଜୟ**

ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ୩ୟ ସିଡ୍ କୋକୋ ଗଫ୍‌ଙ୍କ ସମେତ ଅନ୍ୟ ଶୀର୍ଷସ୍ଥାନୀୟ ଖେଳାଳିଙ୍କ ବିଜୟ ଜାରି ରହିଛି। ସାବାଲେଙ୍କା ୬-୩, ୬-୧ ସେଟ୍‌ରେ ଝୋଜୁଆନ ବାଇଙ୍କୁ ଏବଂ ଗଫ୍ ୬-୨, ୬-୨ ସେଟ୍‌ରେ ଓଲ୍‌ଗା ଡାନିଲୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଦ୍ୱାଦଶ ସିଡ୍ ଏଲିନା ସ୍ୱେତୋଲିନା ୭-୫, ୬-୧ ସେଟ୍‌ରେ ଲିନ୍‌ଡା କ୍ଲିମୋଭିକୋଭାଙ୍କୁ ପରାସ୍ତ କରିଛନ୍ତି।



କାର୍ଲୋସ ଅଲ୍‌କାରାଜ



ଆରିନା ସାବାଲେଙ୍କା

# ସେମିରେ ଭୁବନେଶ୍ୱର ବାପୁଜୀ କ୍ଲବ

ସୋନପୁର, ୨୧।୧
(ମୃତ୍ୟୁଞ୍ଜୟ ଶତପଥୀ)

**ସର୍ବଭାରତୀୟ ଲାଲ୍‌ମଣି କ୍ରିକେଟ**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍ ଟୁର୍ନାମେଣ୍ଟରେ ବୁଧବାର ତୃତୀୟ ଦିବସ ମ୍ୟାଚ୍ ମୁମ୍ବାଇର ରକେଟ୍ ଏକାଦଶ ଓ ଭୁବନେଶ୍ୱର ବାପୁଜୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବାପୁଜୀ କ୍ଲବ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୯ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଶିବମ୍ କୁମାର ୪୫ ରନ୍ କରିଥିଲେ। ଭୁବନେଶ୍ୱରର ପ୍ରୟାସ ସିଂହ ସର୍ବାଧିକ ୪ ଉଇକେଟ୍ ହାସଲ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ୮.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୪୫ ରନ୍ କରି ବିଜୟ ହାସଲ କରିଥିଲା। ଦଳର ସିଦ୍ଧାନ୍ତ ଜେନା ୪୫ ରନ୍ କରିଥିଲେ। ସେହିପରି ଟି୧୦ ମ୍ୟାଚ୍‌ରେ ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୬ ଉଇକେଟ ହରାଇ ୧୦୧ ରନ୍ କରିଥିଲା। ୟଶ୍ ରାଠୋଡ୍ ୨୨ ରନ୍ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ୬.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୦୨ ରନ୍ କରି ବିଜୟ ହାସଲ କରିଥିଲା। କ୍ଷମାସାଗର ବଳ ଅପରାଜିତ ୪୩ ରନ୍ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସତ୍ୟପ୍ରସାଦ ରଥ ଓ ଶ୍ୟାମସୁନ୍ଦର ପଣ୍ଡା। ବିଏସ୍ ରାଓ, ସଞ୍ଜୀବ ମିଶ୍ର, ପାର୍ଥସାରଥି ଦାଶ ଓ ବିନୋଦ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ଦେବାଶିଷ ପାଣିଗ୍ରାହୀ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଶ୍ରୀବନ୍ତ ମିଶ୍ର ଓ ସୁବାସ ସୁନା ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ବାପୁଜୀ କ୍ଲବର କ୍ଷମାସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



କ୍ଷମାସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।



Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356.

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
52 Years
ପୃଷ୍ଠା–୮+୮
ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Thursday, January 22/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 60 | ମୂଲ୍ୟ ₹୭/-






ଉତ୍ତରପ୍ରଦେଶ ପ୍ରୟାଗରାଜର ଦଳ ଭର୍ତ୍ତି ଏକ ପୋଖରି ମଧ୍ୟକୁ ବୁଧବାର ଖସିପଡ଼ିଥିବା ଇଣ୍ଡିଆନ୍ ଏୟାର ଫୋର୍ସର ଛୋଟ ଟ୍ରେନିଂ ଏୟାରକ୍ରାଫ୍ଟକୁ ଯାଞ୍ଚ କରାଯାଉଛି।

# ଜାନୁଆରୀରେ ୧.୫% ଦୁର୍ବଳ ହେଲାଣି ଟଙ୍କା

## ୧ ଡଲାର=୯୧.୬୪ ଟଙ୍କା



ଗ୍ଲୋବାଲ ମାର୍କେଟରେ ଅନିଶ୍ଚିତତା ଓ ଟାରିଫ୍ ଯୁଦ୍ଧଜନିତ ଚାପ ଯୋଗୁ ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକ ମୁହଁ ଫେରାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଆମେରିକୀୟ ମୁଦ୍ରା ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଚାଲିଛି। ବୁଧବାର ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ କାରବାର ବେଳେ ଭାରତୀୟ ମୁଦ୍ରା ୬୭ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନ ୯୧.୬୪ ସ୍ତରକୁ ଖସିଆସିଛି। କେବଳ ଜାନୁଆରୀରେ ଟଙ୍କାର ୧.୫% ଅବମୂଲ୍ୟାୟନ ଦେଖିବାକୁ ମିଳିଲାଣି, ଯାହାକି ଦେଶର ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ମୁମ୍ବାଇ,୨୧।୧(ବ୍ଲୁମ୍‌ବର୍ଗ/ପି.ଟି.)

୨୦୨୫ ଡିସେମ୍ବର ୧୬ରେ ଭାରତୀୟ ମୁଦ୍ରା ୯୧.୧୪ ଟଙ୍କାକୁ ଖସି ସର୍ବକାଳୀନ ନିମ୍ନସ୍ତରକୁ ଛୁଇଁଥିଲା। ସେବେଠୁ ଅଦ୍ୟାବଧି ଟଙ୍କା ୧.୫% ଦୁର୍ବଳ ହୋଇଥିବା ଫରେକ୍ସ ଟ୍ରେଡର୍ସ କହିଛନ୍ତି। ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଥିବାରୁ ଭାରତର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି। ଏହାର ପ୍ରଭାବରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ମୁହଁ ଫେରାଇନେଉଥିବାରୁ ଟଙ୍କାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗକୁ ☞ପୃଷ୍ଠା–୫



## ସଂକ୍ଷେପରେ

### ରିଷିଡା ଶ୍ରୀଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ



**ରିଷିଡା, ୨୧।୧ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜକ ଭାବରେ ରୁଦ୍ରଦେବ ଦାସ, ଅନନ୍ତ ଗୋପାଳ ଦାସ, ଅଶୋକ କୁମାର ତ୍ରିପାଠୀ, ମଧୁ ଦାସ, ବିଭୁତି ଦାସ ଯୋଗଦେଇ ପୂଜା କାର୍ଯ୍ୟ ତୁଲାଇଥିଲେ। କିଶୋର ଚନ୍ଦ୍ର ରଣା ଓ ତାଙ୍କ ଧର୍ମପତ୍ନୀ ସିନ୍ଧୁସୂତା ରଣା କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ରତ୍ନମୁଦ ପାଇଁ ସ୍ୱତନ୍ତ୍ର ପୂଜା, ବେଢାପରିକ୍ରମା, କୁମ୍ଭ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାମବାସୀ ମନ୍ଦିର କୁମ୍ଭରେ ଧାନ, ଅଷ୍ଟଧାତୁ, ମୁଦ୍ରା ପ୍ରଭୃତି ଭରିଥିଲେ। କମିଟି ସଭାପତି ଶିବଲାଲ କେଡ଼ିଆ, ଉପସଭାପତି କ୍ଷୀରସାଗର ରଣା, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ସହସମ୍ପାଦକ ନନ୍ଦକିଶୋର ରଣା, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ନାରାୟଣ ରଣା, ସମ୍ପାଦକ ପ୍ରେମାନନ୍ଦ ପାତ୍ର, ନାଏବ ସରପଞ୍ଚ ନରେଶ ଦାସ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

**ଖଡ଼ିଆଳ,୨୧।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ବିଏମ୍ ଜୁନିଅର କଲେଜରେ ଅଧ୍ୟକ୍ଷ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ନୋଡାଲ ଅଫିସର ଦୁଷ୍ମନ୍ତ ମେହେର, ଅଧ୍ୟାପିକା ରଶ୍ମିରାଣୀ, ଅଧ୍ୟାପକ ମିତ୍ରଭାନୁ ମେହେର ଯୋଗଦେଇଥିଲେ। ଓ ନିଳୀମା ବାରିକ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ ସହ ଏହାର ଉପଯୋଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

### ବିନା ସତର୍କ ସୂଚନାରେ ରାସ୍ତାକାମ

**ଖଡ଼ିଆଳ,୨୧।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲାର ଖଡ଼ିଆଳଠାରୁ ସିନାପାଲି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଦୀର୍ଘ ୧୦ମାସ ହେବ ଚାଲୁ ରହିଛି। ହେଲେ ବିନା ସତର୍କ ସୂଚନାରେ କାମ ଚାଲୁଥିବାରୁ ବିଭିନ୍ନ ସମୟରେ ଯାନବାହନଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଚାଳକମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଡୁଆଝରଠାରୁ ନେହେନା ପର୍ଯ୍ୟନ୍ତ ୩ କି.ମି. ରାସ୍ତାରେ ଗତ ୧୫ଦିନ ଭିତରେ ତିନୋଟି ଭାରିଯାନ ଦୁର୍ଘଟଣାର ଶିକାର ହୋଇ ଚାଳକ ଓ ଖଲାସି ଅଳ୍ପକେ ବର୍ତ୍ତିଯାଇଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି

**ଥୁଆମୂଳ ରାମପୁର, ୨୧।୧ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପାଳପୁର ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗୀତ ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର ସମବେତ ବନ୍ଦେ ମାତରମ୍ ଗାନ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟ ଅତିଥି ଓ ବିଷ୍ଣୁ ନାଏକ, ବାଜ୍ରା ଭୋଇ, ପୁଷ୍ପ ନାଏକ, ବିପିନ ବିହାରୀ ନାଏକ, ଦୟାନିଧି ଭୋଇ, ଆଲୋକ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାରତ ନାୟକ, ଅଧ୍ୟକ୍ଷ ଏବଂ ଡିଗ୍ରୀ କଲେଜ ଅଧ୍ୟାପକ ବଳଭଦ୍ର ହରିଜନ ମଞ୍ଚାସୀନ ଥିଲେ। ଅତିଥିମାନେ ବନ୍ଦେ ମାତରମ୍‌ର ଗୁରୁତ୍ୱ ଓ ଏହାର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ

**ବାଚସ୍ପତିଙ୍କ ପୋଡିଅମକୁ ପାଖକୁ ମାଡ଼ିଗଲେ ସାଂସଦ, ବାରମ୍ବାର ଗୃହ ମୁଲତବୀ**




ଅତିଥିଙ୍କ ଉପସ୍ଥିତିରେ ସଂସଦ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

**ଭବାନୀପାଟଣା, ୨୧।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅବସରରେ ଦ୍ୱିତୀୟ ପର୍ଯ୍ୟାୟ ଜିଲାସ୍ତରୀୟ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୌଜନ୍ୟରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୩ ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ମୋଟ ୧୩ଟି ବିଲ ଉପସ୍ଥାପିତ ହୋଇଥିବାବେଳେ ୭ଟି ପାରିତ ହୋଇଥିଲା। ବିରୋଧୀ ଦଳ ପକ୍ଷରୁ ମତ ରଖୁଥିବା ଛାତ୍ରୀଛାତ୍ର ବାଚସ୍ପତିଙ୍କ ରୁଲିଂରେ ଅସନ୍ତୋଷ ପ୍ରକାଶ କରି ପୋଡିୟମ ପାଖକୁ ମାଡ଼ିଯାଇ ହଙ୍ଗାମା କରିଥିଲେ। ତେଣୁ ବାରମ୍ବାର ଗୃହ ମୁଲତବୀ କରିବାକୁ ପଡ଼ିଥିଲା। ଛାତ୍ରୀଛାତ୍ର ଭାରତୀୟ ସଂସଦର କାର୍ଯ୍ୟଶୈଳୀକୁ ଅବିକଳ ଅନୁକରଣ କରି ତର୍କବିତର୍କ, ଆକ୍ଷେପ ଓ ଅଭିଯୋଗରେ ଭାଗ ନେଇଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ବାଚସ୍ପତି ଓ ଉପବାଚସ୍ପତି ଭାବେ ନିବେଦିତା ନାଏକ ସଂସଦର କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ଦାଶ, ଡ. ପବିତ୍ର ବାଗ ଓ ଡ. ଶୁଭମ ତ୍ରିପାଠୀ ବିଚାରକ ରହିଥିଲେ। ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର ସେକ୍ରେଟାରୀ ଜେନେରାଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଛାତ୍ରୀ ଶ୍ରୁତି ପାଣ୍ଡେ ଓ ପ୍ରୀତି ପାଣ୍ଡେ ଖବରଦାତା ଭାବେ ସାଂସଦମାନଙ୍କ ସାକ୍ଷାତକାର ନେଇଥିଲେ। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ମୁଖ୍ୟବକ୍ତା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ ଓ ତପିମଣି ଜାନୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସମଗ୍ର ଶିକ୍ଷା ଯୋଜନା ସଂଯୋଜିକା ନୀହାରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରେଷ୍ଠ ଭାବେ ପୁରସ୍କୃତ ଗଜବାହାଲ ହାଇସ୍କୁଲ ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ମିଶ୍ର ଏବଂ ଜୁନାଗଡ଼ ଏସ୍‌ଏସ୍‌ଡି ହାଇସ୍କୁଲ ଛାତ୍ରୀ ସଂଗୀତା ଭୋଇ ଆସନ୍ତା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି।

## ଲାଞ୍ଚ ମାମଲା: ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୨୧।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍)ର ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ମରଣ ଶଙ୍କର ମିଶ୍ର ଏକ ଲାଞ୍ଚ ମାମଲାରେ ପ୍ରମାଣ ଅଭାବରୁ ବୁଧବାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୬ ମସିହାରେ ସ୍ଥାନୀୟ ବାହାଦୁରବଗିଚା ପଡାର ଠିକାଦାର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ଙ୍କଠାରୁ ଏକ ବିଲ୍ ମଞ୍ଜୁର କରିବା ପାଇଁ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମିଶ୍ର ୪୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଠିକାଦାର ଗୌଡ଼ ଭବାନୀପାଟଣା ଭିଜିଲାନ୍ସ ଜରିଆରେ କୋରାପୁଟ ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମିଶ୍ର ଗୌଡ଼ଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏ ନେଇ କୋରାପୁଟ ଭିଜିଲାନ୍ସ ଏକ ମାମଲା (ନଂ.୫/୨୦୧୬) ରୁଜୁ କରି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଭବାନୀପାଟଣା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ମାମଲାକୁ ଦିଲୀପ ସା ପରିଚାଳନା କରୁଥିଲେ।

## ନିର୍ବାଚନମଣ୍ଡଳୀ ପୁନଃ ଗଠନ ଦାବି ନେଇ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ।

**କୋକସରା,୨୧।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ଶିବ ମନ୍ଦିର ପ୍ରାଙ୍ଗଣରେ ବୁଧବାର କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ୧୯୬୧ ମସିହାରେ ପ୍ରତିଷ୍ଠିତ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉଚ୍ଛେଦକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିସହିତ ନିକଟ ଭବିଷ୍ୟତରେ ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଏବଂ ସମ୍ପ୍ରସାରଣ ହେବା ସମ୍ଭାବନା ସୃଷ୍ଟି ହୋଇଥିବାରୁ କିପରି ପୁନର୍ବାର କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରତିଷ୍ଠା ହୋଇପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ଆଗାମୀ ବୈଠକରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି କମିଟିରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସଭାପତି ଓ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ଉପସଭାପତି ଭାବରେ ମନୋନୀତ କରାଯାଇଛି। ବୈଠକରେ ପୂର୍ବତନ ବିଧାୟକ ମୌଷଧି ବାଗ, ପୁରୁଷୋତ୍ତମ ଗୁପ୍ତା, ଧବଳେଶ୍ୱର ନାଗ, ବିଶ୍ୱମ୍ଭର ଶବର, ମୀନକେତନ ପ୍ରଧାନୀ, ହରେକୃଷ୍ଣ ନାଏକ, କେଶବ ଚନ୍ଦ୍ର ନାଏକ, ପଙ୍କଜ ପୋଡ, ରାମଚନ୍ଦ୍ର ପାଣିଗ୍ରାହୀ, ଶ୍ରୀନିବାସ ପ୍ରଧାନୀ, ମହେନ୍ଦ୍ର ନେଗୀଶ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ




ରୌପ୍ୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଖଡ଼ିଆଳ,୨୧।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ଅଧ୍ୟକ୍ଷା ସୁସ୍ମିତାପ୍ରଭା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ବିଶିଷ୍ଟ ଅତିଥି ଓ ଅବସର ପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଜୋଷୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷା ସାମଲ ବାର୍ଷିକ ବିବରଣୀ ପାଠକରି କଲେଜର ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କଳ୍ପଶ୍ରୀ ଆଚାର୍ଯ୍ୟ। ୨୦୦୦ ମସିହାରେ ୨୫ ଜଣ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା କଲେଜରେ ବର୍ତ୍ତମାନ ୩୮୪ ଛାତ୍ରୀ ଅଧ୍ୟୟନ କରୁଥିବା ନେଇ ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ। ଏଠାରେ ୮୦ ପ୍ରତିଶତ ଆଦିବାସୀ ଛାତ୍ରୀ ଥିବାବେଳେ ହଷ୍ଟେଲ ସୁବିଧା ନ ଥିବାରୁ କଲେଜ ପକ୍ଷରୁ ଜିଲାପାଳ ଓ ବିଧାୟକଙ୍କୁ ହଷ୍ଟେଲ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ବିଧାୟକ ପାଣିଗ୍ରାହୀ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କାର ହଷ୍ଟେଲ ଗୃହ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ସାହୁ, ଈପ୍‌ସିତା ହୋତା ଓ ଅଧ୍ୟାପକ ସୁଜିତ ପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପିକା ମମତା ସାହୁ। ଶେଷରେ ଅଧ୍ୟାପିକା ଚେତନା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଲମପୁର,୨୧।୧(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ଅନ୍ତର୍ଗତ ଧନପୁର ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ ଓ ମୀନଗୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ପ୍ରିୟରଞ୍ଜନ ମାଝୀ ସଭାପତିତ୍ୱ କରିଥିଲେ। କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟା ଦୁହିତା ମାଝୀ, ନିବେଦିତା ହଂସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ଲହଜଲ, ମୀନଗୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ଅନିଲ କୁମାର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଶୋକ କୁମାର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସଭାପତି ପ୍ରିୟରଞ୍ଜନ ମାଝୀ ସଭାପତିତ୍ୱ କରିଥିଲେ। ପଣ୍ଡିଗାଁ ସରପଞ୍ଚ କବିତା ଜୈନ ମୁଖ୍ୟ ଅତିଥି, ଅଧ୍ୟାପକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ମୀନଗୁର ସରପଞ୍ଚ ନିହାରିକା ବେହେରା, ପ୍ରଧାନ ଶିକ୍ଷକ ପ୍ରଭାକର ଲହଜଲ ସମ୍ମାନିତ ଅତିଥି ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ସୂର୍ଯ୍ୟନାରାୟଣ ଖାଡ଼େଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସି ପକ୍ଷରୁ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

**ନୂଆପଡ଼ା,୨୧।୧(ମକାରୁ ବେମାଲ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ନୂଆପଡ଼ା ଜିଲା ଖରିଆର ରୋଡ୍ ଏନ୍‌ଏସି ତରଫରୁ ୭ ନଂ. ୱାର୍ଡ କୁରୁମୁଣ୍ଡାଠାରେ ବୁଧବାର ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ କମାଲାସନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଓ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, କଳାହାଣ୍ଡି ସାଂସଦ ପ୍ରତିନିଧି ଗୋଲଡି ଅଗ୍ରୱାଲ ମଞ୍ଚାସୀନ ଥିଲେ। ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ଆଡେଇବା ପାଇଁ ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟନ କରାଯାଇଥିଲା। ଜନ୍ମଦିନ ଥିବାରୁ ଏନ୍‌ଏସି ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କୁ ମାଗଣାରେ ଷ୍ଟିଲ୍ ପାଣି ବୋତଲ ପ୍ରଦାନ କରିଥିଲେ। ମହମ୍ମଦ ମୋଇନ, ମୁକେଶ କୁମାର ଜୈନ, ମହମ୍ମଦ ସୋଏବ, ରିଙ୍କି ଗୁରୁଦତ୍ତା, ଜାହାଙ୍ଗୀର ଖାନ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରକ୍‌ରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କୋକସରା,୨୧।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ୧୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଡଙ୍ଗରୀଗୁଡା ଢାବା ନିକଟ ବୁଲାଣିରେ ବୁଧବାର ଏକ ଟ୍ରକ୍‌ରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଝୀଗୁଡା ଗ୍ରାମର ବସନ୍ତ ଘି (୩୩)। ଖବର ପାଇ କୋକସରା ପୋଲିସ ମୃତଦେହ ଜବତ କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲକୁ ପଠାଇଛି। ସନ୍ଧ୍ୟା ହେବା କାରଣରୁ ବ୍ୟବଚ୍ଛେଦ ହୋଇ ନ ପାରି ମୃତଦେହ ମେଡିକାଲର ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଛି।

## ଯୁବାମନ୍ଥନ କ୍ୟାମ୍ପସ କଲିଂ କର୍ମଶାଳା

**ଭବାନୀପାଟଣା,୨୧।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆଇସିସି, ଏନ୍‌ଏସ୍‌ଏସ୍ ଓ ନ୍ୟାଶନାଲ କମିଶନ ଫର୍ ୱିମେନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏନ୍‌ସିଡବ୍ଲ୍ୟୁ ଯୁବାମନ୍ଥନ କ୍ୟାମ୍ପସ କଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରି ନାରୀ ସଚେତନତା ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଲିଙ୍ଗଗତ ସମାନତା ଉପରେ ବକ୍ତବ୍ୟ ରଖିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋଅର୍ଡିନେଟର ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ଆଇସିସିର ପ୍ରିଜାଇଡିଂ ଅଫିସର ଡ. ସୁମନା ରାୟ ପୋସ, ଆଇସିସି ସଦସ୍ୟା ରୋଜମେରୀ ଏକ୍କା, ଡ. ମଧୁଲିକା ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଝରଣାରାଣୀ ଧଙ୍ଗଡାମାଝୀ ସେକ୍ସୁଆଲ ହାରାସମେଣ୍ଟ ବିପକ୍ଷରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ତଥା କର୍ମଚାରୀଙ୍କୁ ଏନ୍‌ସିଡବ୍ଲ୍ୟୁର ଶପଥ ପାଠ କରାଇ ଥିଲେ। ଆଇସିସି ସଦସ୍ୟା ସୁହାନୀ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ପ୍ରିୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼,୨୧।୧(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଏବିଇଓ ସୁଢ଼ଳଦେବ ମୁଣ୍ଡ ମୁଖ୍ୟ ଅତିଥି, ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ ମହାପାତ୍ର ମୁଖ୍ୟବକ୍ତା ଓ ଆଲୁମ୍ନୀ ଚନ୍ଦ୍ର ଶେଖର ମହାପାତ୍ର, କ୍ଲଷ୍ଟର ସଂଯୋଜକ ଶ୍ରବଣ କୁମାର ସରାଫ, କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସାଧୁରାମ ଭୋଇ, ଚିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀ, କମର୍ଦ୍ଧା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ପୂର୍ବତନ ସଂସ୍କୃତ ଶିକ୍ଷକ ନିରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷୟିତ୍ରୀ କରିସ୍ମା ଦାସ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବର୍ଦ୍ଧିତ ହେବେ ନୂଆପଡ଼ା ଜିଲାପାଳ

**ନୂଆପଡ଼ା,୨୧।୧ (ମକାରୁ ବେମାଲ):** ଉତ୍ତମ ନିର୍ବାଚନ ପରିଚାଳନା ଓ ଲଜିଷ୍ଟିକ୍ସ ପାଇଁ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ ହେବେ। ୨୫ ଜାନୁଆରୀ ୨୦୨୬ରେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ, ମାନେକ୍ସା ସେଣ୍ଟରରେ ପାଳନ ହେବାକୁ ଥିବା ଜାତୀୟ ଭୋଟର ଦିବସରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ନିକଟ ଅତୀତରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଦିଗ୍‌ଦର୍ଶନରେ ନୂଆପଡ଼ା ବିଧାନସଭା ଉପନିର୍ବାଚନ ଅତ୍ୟନ୍ତ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ଉପନିର୍ବାଚନରେ ଅନେକ ଉତ୍ତମ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରତିକୂଳ ପାଗରେ ମଧ୍ୟ ନିର୍ବାଚନ କାର୍ଯ୍ୟକୁ ଆଗେଇନେବା ପାଇଁ ସୁନାବେଡାରେ ଏକ ସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା। ଫଳରେ ଭୋଟରଙ୍କ ଯୋଗଦାନ ବୃଦ୍ଧି ପାଇଥିଲା। ଆହୁରି ମଧ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସଫଳ ଉପଯୋଗ କରାଯାଇଥିଲା। ଏଥିପାଇଁ ୮୩.୪୫ ପ୍ରତିଶତ ମତଦାନ ହୋଇ ସମଗ୍ର ଦେଶରେ ଏହିଦିନ ହୋଇଥିବା ନିର୍ବାଚନରେ ପୋଲିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲା।

## ପାଠପଢ଼ି ଭଲ ମଣିଷ ହୁଅ

**ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ**

**ମଦନପୁର,୨୧।୧ (ଜଗଦୀଶ ପ୍ରସାଦ ରଣା)**

ମ. ରାମପୁର ବ୍ଲକ୍ ଅନ୍ତର୍ଗତ ଆଲାତରା ପଞ୍ଚସଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଜପମଣି ଯାନି ମୁଖ୍ୟବକ୍ତା ଓ ବ୍ଲକ୍ ଶିକ୍ଷାଧିକାରୀ ପବିତ୍ର ଗଡତିଆ, ଶିକ୍ଷା ସେତୁ ସଭାପତି ପଞ୍ଚୁଦେବ ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ଘନଶ୍ୟାମ ବଗର୍ତ୍ତୀ, ଖଗେଶ୍ୱର ରଣା, ପୀତାମ୍ବର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ଭଲ ମଣିଷ ହୋଇ ସମାଜରେ ନାମ ଅର୍ଜନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମିତା ପୂଝାରୀଙ୍କ ସମେତ ବ୍ଲକ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ କ୍ରୀଡ଼ାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପକ ବିକାଶ ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଶକ୍ତିମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟିତ

**ବୋଡେନ,୨୧।୧(ଟିକେଶ୍ୱର ନାଗ)**



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବୋଡେନ ହାଇସ୍କୁଲ ଖେଳ ପଡିଆଠାରେ ବୁଧବାର ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସକାଳେ ମା’ ଦ୍ୱାରଶନୀ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାମ କାଠୀ, ଘୁମୁରା, ସମପର୍ଦା, କୀର୍ତ୍ତନ ଆଦି ସାମିଲ ହୋଇଥିଲା। ଆୟୋଜକ କମିଟି ସଭାପତି ଲମ୍ବୋଦର ନିଆଲଙ୍କ ସଭାପତିତ୍ୱରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି, ଡିଏଭି କଲେଜ ଟିଟିଲାଗଡ଼ ପୂର୍ବତନ ଅଧ୍ୟକ୍ଷ ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟବକ୍ତା ଓ ନୂଆପଡା ଜିଲା ପରିଷଦ ସଭାପତି ଡଲି ମାଝୀ, ଖଡିଆଳ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ଜିଲା ପରିଷଦ ଜୋନ ନଂ.୧୧ ସ୍ମୃତି ସିଂ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱରଝଙ୍କାର, ଓଡ଼ିଶୀ, ଅମଲ ତା ଡ୍ୟାନ୍ସ ଗ୍ରୁପ ନୂଆପଡା, ସୌରଭ ବଘେଲ ଡ୍ୟାନ୍ସ ଗ୍ରୁପ ଡୁଆଝର, ସ୍ୱରଝଙ୍କାର ଫୋକ ଡ୍ୟାନ୍ସ ଖଡିଆଳ ସାମିଲ ହୋଇଥିଲା। ମହୋତ୍ସବରେ ମିନାବଜାର ସହ ଅନେକ ଷ୍ଟଲ ଲାଗିଛି। ଆୟୋଜକ କମିଟି ସଭାପତି ନିଆଲ, ଉପସଭାପତି ଯୋଗେନ୍ଦ୍ର ନାଥ ମାଝୀ, ସମ୍ପାଦକ ଗରୁଡଧ୍ୱଜ ଦଣ୍ଡସେନା, ସହସମ୍ପାଦକ ରାଜୁ ହେର୍ଣ୍ଣା, କୋଷାଧ୍ୟକ୍ଷ ରୋହିତ ଦଣ୍ଡସେନା, ସଂଯୋଜକ ଫାରୁକ ମହମ୍ମଦ, ସହସଂଯୋଜକ ବୈଷ୍ଣବ ଦୁରିଆଙ୍କ ସମେତ ସଦସ୍ୟମାନେ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ



**ପାଇକମାଲ,୨୧।୧(ବଡ଼ ଶତପଥୀ):** ପାଇକମାଲ ଥାନା ଅନ୍ତର୍ଗତ ବରଡୁଣ୍ଡା ନିକଟରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଏହି ଘଟଣାରେ ସ୍ଥାନୀୟ ପୋଲିସ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିଲାଥର ଗାଁର ଡ୍ରାଇଭର ଶ୍ୟାମ ଧରୁଆ(୨୬)। ପାଇକମାଲ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ନିଲାଥର ନଦୀରୁ ଟ୍ରାକ୍ଟର ଯୋଗେ ବାଲି ବୋଝେଇ ହୋଇ ବରଡୁଣ୍ଡା ପଟକୁ ଯାଉଥିବା ସମୟରେ ପୋଲିସ ଚଢ଼ାଉ କରି ଜବତ କରିଥିଲା। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ.୧୯/୨୬) ରୁଜୁ କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

### ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଭେଡେନ,୨୧।୧(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଭେଡେନ ଥାନା ରୁଷୁଡ଼ା ଫାଣ୍ଡି ଅଧୀନ ସାଲନା ଗୋଲେଇ ନିକଟରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରକରେ ଥିବା ଚାଉଳଭର୍ତ୍ତି ବସ୍ତା ରାଜପଥ ଉପରେ ପଡ଼ିଯାଇଥିଲା। ଫଳରେ ଦୀର୍ଘ



ସମୟ ଧରି ଟ୍ରାଫିକ୍ ସମସ୍ୟା ଦେଖାଯାଇଥିଲା। ସୋନପୁର ପଟରୁ ଗୋଡ଼ଭଗା ପଟକୁ ଯାଉଥିବା ଚାଉଳ ବୋଝେଇ ଟ୍ରକ (ନଂ.ଓଆର ୧୭ଡି ୯୯୪୬) ଦ୍ରୁତଗତିରେ ଆସୁଥିବା ବେଳେ ଓଲଟି ପଡ଼ିଥିଲା। ରାଜପଥ ଦେଇ ଯିବାଆସିବା କରୁଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳକୁ ରୁଷୁଡ଼ା ଫାଣ୍ଡି ପୋଲିସ ପହଞ୍ଚି ଚାଉଳ ଓ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜଗିଥିଲା। ଚାଉଳ ବୋଝେଇ ଟ୍ରକ କେଉଁ ରାଇସ୍ ମିଲରୁ ଚାଉଳ ଧରି ଆସୁଥିଲା ଖବର ଲେଖାହେବା ସୁଦ୍ଧା ଜଣାପଡ଼ି ନଥିଲା।

# ମଣ୍ଡିରେ ବିକ୍ରି ହୋଇ ପାରିଲାନି ଚାଷୀଙ୍କ ଧାନ

**ଜୀବିତ ସତ୍ତ୍ୱେ ମୃତ ଦର୍ଶାଇ ଆଧାର ନିଷ୍କ୍ରିୟ**

ବରଗଡ଼, ୨୧।୧ (ପେମାନନ୍ଦ ଖମାରୀ)



ଟଙ୍କଧର ଗିରି।

ଧାନବିକ୍ରିରେ ଚାଷୀଙ୍କ ଦୁଃଖ ତୁଟୁ ନାହିଁ। ବୈଷୟିକ ତ୍ରୁଟି ମଧ୍ୟ ଧାନବିକ୍ରିରେ ଚାଷୀଙ୍କ ପାଇଁ କାଳ ସାଜିଛି । ବରଗଡ଼ ଜିଲା ବିଜେପୁର ଅଞ୍ଚଳରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଆଧାର ଡାଟାବେସର ଗୁରୁତର ତ୍ରୁଟି ଯୋଗୁ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ପିପିଲିପାଲି ଗ୍ରାମର ଜଣେ ଚାଷୀ ଟଙ୍କଧର ଗିରି ନିଜ ଅମଳ ଧାନ ବିକ୍ରି କରି ନ ପାରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଚାଷୀ ଜୀବିତ ଅଛନ୍ତି। କିନ୍ତୁ ଆଧାରରେ ମୃତ ସ୍ଥିତି (ଡିସିଜଡ ଷ୍ଟାଟସ)ଦର୍ଶାଯାଉଥିବାରୁ ଚାଷୀ ଗଭୀର ଆର୍ଥିକ ଓ ମାନସିକ ସଙ୍କଟରେ ପଡ଼ିଛନ୍ତି। ପିପିଲିପାଲି ଗ୍ରାମର ଚାଷୀ ଟଙ୍କଧର ଗିରି (ଆଧାର ନଂ- ୯୮୬୬ ୮୩୭୧ ୪୦୪୫) ଟୋକନ ନମ୍ବର- ୨୯୧୬୦ ଅନୁଯାୟୀ, ୨୮କୁଇଣ୍ଟାଲ ୮୬ କି. ଗ୍ରା ଧାନ ବିକ୍ରି ପାଇଁ ବୁଢ଼ାପାଲି ଧାନ କ୍ରୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଆଖି ସ୍କାନ ସମୟରେ ସିଷ୍ଟମରେ ଆଧାର ସମ୍ପର୍କିତ ତ୍ରୁଟି ଦର୍ଶାଯିବାରୁ ଧାନକ୍ରୟ ସମ୍ଭବ ହୋଇ ନଥିଲା। ଚାଷୀଙ୍କ କହିବାନୁସାରେ, ସେ ଜୀବିତ ଓ ସମସ୍ତ କାଗଜପତ୍ର ସଠିକ ଥିବା ସତ୍ତ୍ୱେ ଆଧାର ଡାଟାବେସରେ ତାଙ୍କ ନାମରେ ମୃତ ସ୍ଥିତି ଦର୍ଶାଯାଉଛି। ଜାନୁଆରୀ ୩ ତାରିଖରେ ଟୋକନର ଶେଷ ସମୟ ସମାପ୍ତ ହୋଇଯାଇଥିଲେ ମଧ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ହୋଇ ନଥିଲା। ବିଜେପୁର ଆଧାର କେନ୍ଦ୍ରରେ ଯାଞ୍ଚ ପରେ ମୃତ ସ୍ଥିତିରୁ ଆଧାର ନିଷ୍କ୍ରିୟ (ଆଧାର ଡିଏକ୍ଟିଭେଟେଡ ଡ୍ୟୁଟି ଟୁ ଡିସିଜଡ ଷ୍ଟାଟସ) ବୋଲି ସୂଚନା ଦିଆଯାଇ ଭୁବନେଶ୍ୱରକୁ ଯିବାକୁ ପରାମର୍ଶ ମିଳିଥିଲା। ଚାଷୀ ଜିଲାପାଳ ଓ ଭୁବନେଶ୍ୱର ଆଧାର କେନ୍ଦ୍ରରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ସମୟ ଭିତରେ ସମାଧାନ ନ ମିଳିବାରୁ ଶେଷରେ ମଣ୍ଡିରୁ ଧାନ ଘରକୁ ଫେରାଇ ଆଣିବାକୁ ସେ ବାଧ୍ୟ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ଧାନ କ୍ରୟ ବ୍ୟବସ୍ଥାର ପ୍ରାଯୁକ୍ତିକ ତ୍ରୁଟିକୁ ସାମ୍ନାକୁ ଆଣିଥିବା ବେଳେ ଚାଷୀଙ୍କ ଆର୍ଥିକ କ୍ଷତି ପାଇଁ ଦାୟୀ କିଏ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ଆହୁରି ଅନେକ ଚାଷୀଙ୍କ ଏହିପରି ମଣ୍ଡିରେ ଧାନ ପକାଇ ସରକାରଙ୍କ ତ୍ରୁଟିପୂର୍ଣ୍ଣ କେନ୍ଦ୍ରୀକରଣ ବ୍ୟବସ୍ଥା କାରଣରୁ ଟୋକନ ଅବଧି ସରିଛି। ଏଣୁ ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି।

# ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବରଗଡ଼,୨୧।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଅନ୍ତର୍ଗତ ନିଲେଶ୍ୱର ଗ୍ରାମରେ ୨୦୧୮ ନଭେମ୍ବର ୨୮ ତାରିଖରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଜିଲା ଓ ଦୌରାଜଜ୍ ଅଭିଯୁକ୍ତ ନୀଳ ଓରଫ ନିରାକାର ସାହୁଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୮ ନଭେମ୍ବର ୨୮ ତାରିଖରେ ନିଲେଶ୍ୱର ଗ୍ରାମର ନୂରା ଓରଫ ଝସନେତ୍ରୀ ସାହୁଙ୍କ କ୍ଷତବିକ୍ଷତ ମୃତଦେହ ଏକ କିଆରିରୁ ଜବତ ହୋଇଥିଲା। ତେବେ ତାଙ୍କ ସ୍ତ୍ରୀ ନୂରାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ସ୍ୱାମୀ ଗଙ୍ଗାଧର ବରଗଡ଼ ସଦର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ସଦର ଥାନା ପୋଲିସ ସେତେବେଳେ ଏକ ମାମଲା (ନଂ-୨୬୫/୨୦୧୮) ରୁଜୁ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପଥର୍ଲା ଗ୍ରାମର ନୀଳ ଓରଫ ନିରାକାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିରାକାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଏହି ମୋକଦ୍ଦମାକୁ ବରିଷ୍ଠ ଆଇନଜୀବୀ ଶରଦ କୁମାର ପ୍ରଧାନ ପରିଚାଳନା କରିଥିଲେ। ମୋକଦ୍ଦମା ପରିଚାଳନାରେ ଆଇନଜୀବୀ ପ୍ରଦୀପ କୁମାର ଦାଶ ଓ ସରୋଜ କୁମାର ଜେନା ସହଯୋଗ କରିଥିଲେ।

# ସଂସ୍କାର ସ୍କୁଲ ଛାତ୍ରୀଛାତ୍ରଙ୍କ ଔଦ୍ୟୋଗିକ ଭ୍ରମଣ



ସଂସ୍କାର ସ୍କୁଲ ଛାତ୍ରୀଛାତ୍ରଙ୍କ ଔଦ୍ୟୋଗିକ ଭ୍ରମଣ ।

ବରଗଡ଼, ୨୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଏକାଦଶ ଶ୍ରେଣୀ(ବାଣିଜ୍ୟ ବିଭାଗ)ର ଛାତ୍ରୀଛାତ୍ରମାନେ ବରଗଡ଼ ବରଡ଼ୋଲସ୍ଥିତ ଏକ କାରଖାନାକୁ ଶିକ୍ଷାମୂଳକ ଶିଳ୍ପୀୟ ଭ୍ରମଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଔଦ୍ୟୋଗିକ ଜ୍ଞାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପକ୍ଷରୁ ଏହି ଭ୍ରମଣର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୫୦ ଜଣ ଛାତ୍ରୀଛାତ୍ରଙ୍କ ସହିତ ବରିଷ୍ଠ ଶିକ୍ଷକ ହର୍ଷଲ ଡାନ, ଅନ୍ୱେଷା ବିଶ୍ୱାଳ ଏବଂ ରୁଚି ମିତ୍ତଲ ମଧ୍ୟ ଅଂଶଗ୍ରହଣ କରିଥିଲେ। ଭ୍ରମଣ ସମୟରେ ଛାତ୍ରୀଛାତ୍ରମାନେ ଅଲଟ୍ରାଟେକ ସିମେଣ୍ଟରେ ବ୍ୟବହୃତ ପ୍ଲାଷ୍ଟିକ ବ୍ୟାଗ ନିର୍ମାଣ ପ୍ରକ୍ରିୟା ବିଷୟରେ ବିସ୍ତୃତ ତଥ୍ୟ ପାଇଥିଲେ। ଉକ୍ତ ଉଦ୍ୟୋଗର ସିଇଓ ପ୍ରବୀଣ ଜୈନ ନିଜେ ଛାତ୍ରୀଛାତ୍ରମାନଙ୍କୁ କାରଖାନା ପରିସର ଭିତରକୁ ନେଇ କଞ୍ଚାମାଲରୁ ଆରମ୍ଭ କରି ଉତ୍ପାଦିତ ଦ୍ରବ୍ୟ ତିଆରି ପର୍ଯ୍ୟନ୍ତ ସମଗ୍ର ନିର୍ମାଣ ପ୍ରକ୍ରିୟାକୁ ସରଳ ଭାଷାରେ ବୁଝାଇଥିଲେ। ସେ ପ୍ଲାଷ୍ଟିକ ବ୍ୟାଗ ନିର୍ମାଣରେ ବ୍ୟବହୃତ କଞ୍ଚାମାଲ, ଆଧୁନିକ ଯନ୍ତ୍ରପାତି, ଛାପା ପ୍ରକ୍ରିୟା, ଉତ୍ପାଦନ ଖର୍ଚ୍ଚ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ଶ୍ରମିକମାନଙ୍କ ଭୂମିକା ଏବଂ ଶିଳ୍ପକୁ ମିଳୁଥିବା ସରକାରୀ ସହାୟତା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏହି ଔଦ୍ୟୋଗିକ ଭ୍ରମଣ ମାଧ୍ୟମରେ ଛାତ୍ରୀଛାତ୍ରମାନେ ବାଣିଜ୍ୟ ବିଷୟର ସିଦ୍ଧାନ୍ତମୂଳକ ଜ୍ଞାନକୁ ପ୍ରାୟୋଗିକ ଭାବେ ବୁଝିବାର ସୁଯୋଗ ପାଇଥିଲେ। ଛାତ୍ରୀଛାତ୍ରମାନେ ଏହି ଭ୍ରମଣକୁ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଓ ପ୍ରେରଣାଦାୟକ ବୋଲି ମତ ପ୍ରକାଶ କରି ବିଦ୍ୟାଳୟ ପ୍ରଶାସନ ଏବଂ ଶିଳ୍ପ ପ୍ରଶାସନ ପ୍ରତି କୃତଜ୍ଞତା ଜଣାଇଥିଲେ।

# ସଭାପତି ରାଜକିଶୋର, ସମ୍ପାଦକ ଚିତ୍ତରଞ୍ଜନ

**ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ**

ବୌଦ୍ଧ, ୨୧।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅଧିକାରୀ ରାଧାମାଧବ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ରାଜକିଶୋର ପଟ୍ଟନାୟକ, ଉପସଭାପତି ବିରେନ୍ଦ୍ର ମୋହନ ଗୌଡ, ସମ୍ପାଦକ ଚିତ୍ତରଞ୍ଜନ ରାଜ, ସହସମ୍ପାଦକ ଅନିଲ କୁମାର ମହାପାତ୍ର, କୋଷାଧ୍ୟକ୍ଷ ନିଳକଣ୍ଠ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି ପରିଚାଳନା କମିଟି ସଦସ୍ୟ ଭାବରେ ସୁଧିର କୁମାର ମହାପାତ୍ର, ସୁଦର୍ଶନ ନାଏକ, ନାରାୟଣ ମେହେର, ଶ୍ରୀହର୍ଷ ମିଶ୍ର, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ସମୟ ନିର୍ଘଣ୍ଟ କମିଟି ସଦସ୍ୟ ଭାବରେ ରାଧାମାଧବ ମିଶ୍ର, ସେକ ସମ୍ମିଉଲ୍ଲା,ସୁଦର୍ଶନ ଦାଶ, ସୁଧିର କୁମାର ମହାପାତ୍ର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁଦର୍ଶନ ନୃଶଳ ଏବଂ ଆଇନ ପରାମର୍ଶଦାତା ଭାବରେ ବିଶ୍ୱଜିତ ମିଶ୍ରଙ୍କୁ ମନୋନିତ କରାଯାଇଥିଲା।

# ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



ଅତିଥି, ଆୟୋଜକଙ୍କ ଗହଣରେ ଶିକ୍ଷାର୍ଥୀମାନେ।

ଅତାବିରା,୨୧।୧(ଯୁଧିଷ୍ଠିର ମହାପାତ୍ର)

**ଶିକ୍ଷା ଗ୍ରହଣ କଲେ ୧୭୨ ଛାତ୍ରୀ**

ବରଗଡ଼ ଜିଲା ଅତାବିରା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ମହିଳା ଆତ୍ମସୁରକ୍ଷା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗତ ୧୩ତାରିଖରୁ ଏହି ଶିବିର ଉଦ୍‌ଘାଟିତ ହୋଇଥିଲ। ଶିବିରରେ ଦୀର୍ଘ ୮ଦିନ ଧରି ୧୭୨ଜଣ ଛାତ୍ରୀ ଦୈନିକ ୪ଟି ପର୍ଯ୍ୟାୟରେ ଆତ୍ମସୁରକ୍ଷା ନେଇ କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଆତ୍ମ ସୁରକ୍ଷା ପ୍ରଶିକ୍ଷକ ସୋନାଲି କର୍ଣ୍ଣ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଶିବିରର ଉଦ୍‌ଯାପନୀ ଉତ୍ସବରେ ସସ୍ମିତା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ସାହାସିକତା ସହିତ କୌଶଳ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ଆଇସିସିର ପରାମର୍ଶଦାତ୍ରୀ ସନ୍ଧ୍ୟାରାଣୀ ଜେନା, ଗିରିଜା ବରିହା, ଅପର୍ଣ୍ଣା ସାହୁ, ଅସ୍ମିତା ଛୁରିଆ, ସୂର୍ଯ୍ୟନାରାୟଣ ବିଶ୍ୱାଳ, ପରମାନନ୍ଦ ରଥ, ଯାଜ୍ଞସେନୀ ବଗର୍ତ୍ତୀ, ବ୍ୟାସ ରଣା, ପଦ୍ମିନୀ ଗଡ଼ତିଆ, ସେଫାଳୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ଉତ୍ସାହିତ କରାଯାଇଥିଲା। ଶିବିରର ଉପଦେଷ୍ଟା ଗାୟତ୍ରୀ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବାହାଲ ସେବାଶ୍ରମ ସ୍କୁଲର ବାର୍ଷିକୋତ୍ସବ

ଅତାବିରା,୨୧।୧(ଯୁଧିଷ୍ଠିର ମହାପାତ୍ର)




ବାର୍ଷିକୋତ୍ସବରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ଅତାବିରା ବ୍ଲକ ଅନ୍ତର୍ଗତ ଦେବାହାଲଠାରେ ଅବସ୍ଥିତ ସେବାଶ୍ରମ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବରଗଡ଼ ଜିଲା ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭମ୍ କୁମାର ମହାପାତ୍ର ଯୋଗ ଦେଇଥିଲେ। ପ୍ରଧାନ ସେବିକା ସବିତାରାଣୀ ରାୟଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଭାପତି କାଶୀଶ୍ୱର ବେହେରା, ବିନୟ କୁମାର ସାହୁ, ରାକେଶ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘନଶ୍ୟାମ ସାହୁ ଯୋଗ ଦେଇଥିଲେ। ଅତିଥିମାନେ ଦୀପପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ମହାପାତ୍ର ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ସହ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେବା ସହ ଛାତ୍ରୀଛାତ୍ରଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବାଶ୍ରମର ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଜ୍ୟୋତ୍ସ୍ନାମୟୀ କର, ନିରଞ୍ଜନ ପାଢ଼ୀ, ପ୍ରୀତିପମା ସେଠ୍ ପ୍ରମୁଖ ସହଯୋଗ କରିଥିଲେ। ସେବିକା ବିଜଳୀ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ନେଇ ଖବରଦାତା ସମ୍ମିଳନୀ

ପଦ୍ମପୁର,୨୧।୧(ପ୍ରଦୀପ୍ତ ଦାଶ)




ଖବରଦାତା ସମ୍ମିଳନୀକୁ ସୂଚନା ଦେଉଛନ୍ତି ଆୟୋଜକ।

ସ୍ଥାନୀୟ ହୋଟେଲ ମୀରାଇନଠାରେ ସନ୍ତୋଷ କୁମାର ବୈକାରଙ୍କ ସ୍ମୃତିରେ ୨୫.୦୧.୨୦୨୬ ପଦ୍ମପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୨ୟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉପଲକ୍ଷେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ପଦ୍ମପୁର ବ୍ୟାଡମିଣ୍ଟନ ଉନ୍ନୟନ କମିଟି ସଭାପତି ହରିଶଙ୍କର ସିଂହ ସମ୍ପାଦକ, କିଶୋର ପାତ୍ର ବଣିକ ସଂଘ ସଭାପତି ତଥା ସିନିୟର ବ୍ୟାଡମିଣ୍ଟନ ଖେଳାଳି ପ୍ରତାପ ମିଶ୍ର, ବଂଶୀ ଅଗ୍ରୱାଲ, ବୁଲୁ ବୈକାର ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ବିଷୟରେ ଆଲୋକପାତ କରିଥିଲେ। ୧୫ ବର୍ଷରୁ କମ୍ ଯୁଗ୍ମ ଓ ୧୯ ବର୍ଷରୁ କମ୍ ଯୁଗ୍ମ ବିଭାଗକୁ ନେଇ ପ୍ରତିଯୋଗିତା ହେବ ଏବଂ ଏଥିରେ ଓଡ଼ିଶାରୁ ବିଭିନ୍ନ ଜାଗାରୁ ଖେଳାଳିମାନେ ନିଜ ଖେଳର ଦକ୍ଷତା ଦେଖାଇବା ପାଇଁ ଆସିବେ ବୋଲି ସୂଚନା ଦେଇଥିଲେ। ଏଥିରେ ସର୍ବମୋଟ ୭୦ ଦଳ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଶେଷରେ ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନିପୁନ ସାହୁ, ଫିରୋଜ ଖାନ, ମହମ୍ମଦ ଅବତାବ, ମୋନିତ ପ୍ରଧାନ, ଶ୍ୟାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଫ ସିରପ୍ କାରବାରରେ ମହିଳା, ନାବାଳକ

- ୫୦୫୦ ବୋତଲ କଫ ସିରପ୍ ଜବତ
- ୬ ଅଭିଯୁକ୍ତଙ୍କ ସହିତ ୨ ନାବାଳକ ଧରାପଡ଼ିଲେ
- ନଗଦ ୭୬ ହଜାର ୭୦୦ ଟଙ୍କା ଜବତ



ଗିରଫ ଅଭିଯୁକ୍ତମାନେ।

ବରଗଡ଼,୨୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ବୁଧବାର ୫୦୫୦ ବୋତଲ କଫ ସିରପ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୨ ନାବାଳକଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ଭଟଲି ଥାନା ଭଡ଼ିଗାଁ ନିବାସୀ ଆଜାଦ ବନ୍‌ଛୋର, ମୂଲବାର ଗ୍ରାମର ନୈମିଶ ବେହେରା, କନବାର ଗ୍ରାମର ଉମାକାନ୍ତ ସାହୁ, ବରଗଡ଼ ଟାଉନ ଥାନା ନିଳିବନ୍ଧ ପଡ଼ାର ସସ୍ମିତା ବେହେରା, ଘୁଲିପାଲିର ଅଚ୍ୟୁତାନନ୍ଦ ଦୋରା ଏବଂ ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଲକନଗର(ଗୋଡ଼ଭଗା)ର ସୁନୀଲ କୁମାର ପାଢ଼ୀ। ସେମାନଙ୍କ ପାଖରୁ ନଗଦ ୭୬ ହଜାର ୭୦୦ ଟଙ୍କା, ଗୋଟିଏ ଟିଭିଏସ୍ ରାଇଡର୍ ବାଇକ୍(ନଂ- ଓଡି୧୭ଏକ୍ସ ୯୨୮୨), ଗୋଟିଏ ଆଭେଞ୍ଜର ବାଇକ୍(ନଂ-ଓଡି୧୫ଏଫ୍ ୦୨୨୦), ଗୋଟିଏ ଅଟୋ(ନଂ-ଓଡି୧୭ବି ୨୫୧୫), ଗୋଟିଏ ବୁଲେଟ୍(ନଂ- ଓଡି୧୫ବି ୮୪୧୬), ଗୋଟିଏ ସ୍କୁଟି, ଗୋଟିଏ ହିରୋ ସୁପର ସ୍ପ୍ଲେଣ୍ଡର ବାଇକ, ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟି(ନଂ-ଓଡି୧୭ୱାଇ ୩୨୫୫) ଏବଂ ୭ଟି ମୋବାଇଲ ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୪୮/୨୬) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇ କହିଥିଲେ, ବରଗଡ଼-କଟାପାଲି ରାସ୍ତାର ଏକ ନିର୍ମାଣାଧୀନ ଘରେ ଅଭିଯୁକ୍ତମାନେ ବିପୁଳ ପରିମାଣର କଫ ସିରପ୍ ରଖିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାରକରି ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ସେଠାରୁ ବସ୍ତାରେ ଭର୍ତ୍ତି ହୋଇଥିବା ୫୦୫୦ ବୋତଲ କଫ ସିରପ୍ ମିଳିଥିଲା। ଏହାସହିତ ଏହି କାରବାରର ଖୋଳତାଡ଼ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରାଯାଇଥିଲା। ସେହିପରି ଅଭିଯୁକ୍ତଙ୍କ ପାଖରୁ ନଗଦ ଟଙ୍କା, ବ୍ୟବହୃତ ଗାଡ଼ି, ମୋବାଇଲ ଜବତ ହୋଇଥିଲା। ଏଥିରେ ୨ଜଣ ନାବାଳକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିବା ପରେ ସେମାନଙ୍କୁ ମଧ୍ୟ ଅଟକ ରଖାଯାଇଥିବା ଏସ୍‌ପି ମୀନା କହିଥିଲେ। ତେବେ ଏତେ ପରିମାଣର କଫ ସିରପ୍ କେଉଁଠାରୁ ଆସୁଥିଲା ସେ ନେଇ ତନାଘନା ଚାଲିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଆଜିଠୁ ସରଣ୍ଡା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଅତାବିରା,୨୧।୧(ଯୁଧିଷ୍ଠିର ମହାପାତ୍ର)



ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଅଷ୍ଟଶମ୍ଭୁ ଶୈବପୀଠରେ ନବ ନିର୍ମିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହେବ। ଆଲୋକମାଳାରେ ଝଲସୁଛି ପ୍ରତିଷ୍ଠା ହେବାକୁ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ସହ ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ଶୈବିପୀଠ। ଏଥିପାଇଁ ଚକୁଳି ମହାଦେବ ମନ୍ଦିରରୁ କଳସ ଯାତ୍ରା ଆରମ୍ଭ ହୋଇ ପୂଜାସ୍ଥଳ ପର୍ଯ୍ୟନ୍ତ ଯିବ। ୨୨ରୁ ୨୬ତାରିଖ ଅର୍ଥାତ୍ ୫ଦିନ ବ୍ୟାପୀ ପୂଜା କାର୍ଯ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୨ରେ ଘେଁସର ଘଣ୍ଟବାଦ୍ୟ ଏବଂ କୀର୍ତ୍ତନ ସମୂହ ସହିତ କଳସଯାତ୍ରା, ୨୩ରେ ଶଯ୍ୟାଭରଣ, ଯୂପ ଓ କଳସ ଧ୍ୱଜ, ୨୪ରେ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ, ୨୫ରେ ରୁଦ୍ରଯଜ୍ଞ, ମନ୍ଦିର ଶିଳାନ୍ୟାସ, ୨୬ ତାରିଖ କଳସ ଓ ତ୍ରିଶୂଳ ସ୍ଥାପନ, ଆରତି ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ସହ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ଶୃଙ୍ଗାର ବେଶ ଦର୍ଶନ।

ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୨ ତାରିଖ ଶବ୍ୟାରାଣୀ ତ୍ରିପାଠୀ ଓ ଡଲି ସାଙ୍କ ମହିଳା ସଙ୍କୀର୍ତ୍ତନ ଏବଂ ପ୍ରାପ୍ତି ଆଚାର୍ଯ୍ୟଙ୍କ ଭଜନ ସନ୍ଧ୍ୟା। ୨୩ ତାରିଖ ରେମଣ୍ଡା ଏବଂ କୁଲୁଣ୍ଡାର ସଙ୍କୀର୍ତ୍ତନ, କ୍ରୀଷ୍ଣା ଗ୍ରୁପ ସମ୍ବଲପୁରର ଭଜନ ସନ୍ଧ୍ୟା। ୨୪ ତାରିଖ ସୁମି ବାଗ ଏବଂ ଯମୁନା ଭୋଇଙ୍କ ମହିଳା ସଙ୍କୀର୍ତ୍ତନ, ଭୁବନେଶ୍ୱର ମାନସୀ ପାତ୍ରଙ୍କ ଭଜନ ସନ୍ଧ୍ୟା। ୨୫ ତାରିଖ କୀର୍ତ୍ତନ ଧାରା, କଳାହାଣ୍ଡିର ପଙ୍କଜ ଜାଲଙ୍କ ଭଜନ ସନ୍ଧ୍ୟା। ୨୬ତାରିଖ ଇତିଶ୍ରୀ ଏବଂ ସରିତା, ନିକିତାଙ୍କ ମହିଳା ସଙ୍କୀର୍ତ୍ତନ, କଟକର ଶ୍ରୀଚରଣ ମହାନ୍ତିଙ୍କ ଭଜନ ସନ୍ଧ୍ୟା। ଏହାସହିତ ପ୍ରତ୍ୟହ ସନ୍ଧ୍ୟାରେ ଲୋକ ମହୋତ୍ସବ ଏବଂ ଟିଁଣ୍ଡି ଝସକେତନ ପ୍ରଧାନ ଏବଂ ସାଥୀଙ୍କ ଦ୍ୱାରା ଜଳନ୍ଧର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ପୂଜାକାର୍ଯ୍ୟରେ ମୁଖ୍ୟ ପୁରୋହିତ ପଣ୍ଡିତ ବଂଶୀଧର ମିଶ୍ରଙ୍କ ସମେତ ବ୍ରହ୍ମା ଦାୟିତ୍ୱରେ ଥିବା ପଣ୍ଡିତ ଡୋଲାମଣି ଶତପଥୀ, ଗ୍ରାମ୍ୟ ପଣ୍ଡିତ ରାକେଶ ରଞ୍ଜନ ମିଶ୍ର ଏବଂ ସହଯୋଗୀ ଏବଂ କର୍ତ୍ତାରୂପେ ସପତ୍ନିକ ରତ୍ନାକର ମହାପାତ୍ର ଓ ମନୋରମା, ଯୋଗେଶ୍ୱର ଭୋଇ ଓ ଗୋଲାପୀ, ରାମ ଅଗ୍ରୱାଲ ଓ ରେଣୁ, କୈଳାସଚନ୍ଦ୍ର ମିଶ୍ର ଓ ପ୍ରତିମା, ଦିନେଶ ଗାଇଗରିଆ ଓ ସୌଦାମିନୀ, ଝସକେତନ ସାହୁ ଓ ମମତାମୟୀ, ସୁଦାମ ମହାପାତ୍ର ଓ ମୌସୁମୀ, ତରଙ୍ଗ ମେହେର ଓ ଶୁଭଶ୍ରୀ, ରବୀନ୍ଦ୍ର ଭୋଇ ଓ ଯମୁନା, ବିଦ୍ୟାଧର ମେହେର ଓ ରୀତା, ରଙ୍ଗମଣି କର୍ମୀ ଓ ବାସନ୍ତୀ, ଅଶ୍ୱିନୀ ପ୍ରଧାନ ଓ ମିନତି ପ୍ରମୁଖ ୧୨ ଯୋଡି କର୍ତ୍ତା ଦାୟିତ୍ୱ ତୁଲାଇବେ ।

## ସଂକ୍ଷେପରେ

### ଡ୍ରେନ ପାଇଁ ଜବରଦଖଲ ଉଚ୍ଛେଦ କଲା ଆର୍‌ଏମ୍‌ସି

**ରାଉରକେଲା, ୨୧।୧(ସଙ୍ଗୀତା ଜେନା):** ପାୱାର ହାଉସ ଟ୍ରାକ ଲାଇନ୍ କଡରେ ବୁଧବାର ପୂର୍ବାହ୍ନ ୧୧ଟାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ପ୍ରାୟ ୨ ମାସରୁ ଏକ ଡ୍ରେନ କାର୍ଯ୍ୟ ପାଇଁ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଯାହାପାଇଁ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ଥିବା କେତେକ ଜବରଦଖଲ ଘର ଓ ଦୋକାନକୁ ନୋଟିସ ମଧ୍ୟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨ଟି ଦୋକାନ ଘର ଭଙ୍ଗାଯାଇଥିଲା। ଉକ୍ତ ଜବରଦଖଲ ଉଚ୍ଛେଦରେ ଆରଏମ୍‌ସି ଅଧିକାରୀ ଅଜିତ ପଟ୍ଟନାୟକଙ୍କ ସମେତ ସ୍କ୍ୱାଡ୍ ଏଥିରେ ସାମିଲ ଥିଲେ। ଉଦିତନଗର ଥାନା ପୋଲିସ ଓ ୧ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

### ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ

**ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ):** ବୁଧବାର ରାଉରକେଲା ଛେଣ୍ଡ କଳିଙ୍ଗ ବିହାର ଫେଜ-୨ ସ୍ଥିତ ଉମାଶଙ୍କର ପୀଠ ସ୍ଥିତ ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ତ୍ରି-ଦିବସୀୟ ପ୍ରତିଷ୍ଠା ଦିବସ ଶୁଭାରମ୍ଭ ହୋଇଯାଇଛି। ଏନେଇ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା। ଶ୍ରୀଗଣେଶ, ଅଷ୍ଟମାତୃକା, ନବଗ୍ରହ, ଦଶଦିଗପାଳଙ୍କ ପୂଜାର୍ଚ୍ଚନା ସହ ଘଟପୂଜା ହୋଇଥିଲା।



ରାଉରକେଲା ବାସଚ୍ୟୁତ ସଂଘ-୭୦ ଗ୍ରାମର ବାସିନ୍ଦାଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବିସ୍ଥାପିତ ବଢତି ପରିବାର ସଦସ୍ୟଙ୍କର ନିଯୁକ୍ତି ଦାବି**

ରାଉରକେଲା, ୨୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବାସଚ୍ୟୁତ ସଂଘ-୭୦ ଗ୍ରାମର ବାସିନ୍ଦାଙ୍କ ପକ୍ଷରୁ ବାସଚ୍ୟୁତ ବଢତି ପରିବାରର ସଦସ୍ୟଙ୍କର ନିଯୁକ୍ତି ଦାବି କରାଯାଇଛି। ଏନେଇ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୨୦୧୩ ଫେବୃଆରୀ ୧ ତାରିଖରେ ପଞ୍ଚମ ଆପିଡିଏସି ବୈଠକରେ ବିସ୍ଥାପିତ ବଢତି ପରିବାର ସଦସ୍ୟଙ୍କୁ ୩ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। କିନ୍ତୁ ୬ ବର୍ଷ ବିତିଗଲା ପରେ ମଧ୍ୟ କାହାରି ଚାକିରୀ ହୋଇ ନ ଥିଲା। ସାଢେ ୬ ବର୍ଷ ବିତିଗଲା ପରେ ୨୦୧୯ ଡିସେମ୍ବର ୨୧ ତାରିଖର ଷଷ୍ଠ ଆରପିଡିଏସି ବୈଠକ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଆର୍‌ପିଡିଏସି ବୈଠକରେ ୧୦୯୮ ଜଣଙ୍କୁ ଯଥାଶୀଘ୍ର ସେଲ୍ ବୋର୍ଡରେ ପ୍ରସ୍ତାବ ପାରିତ କରି ନିଯୁକ୍ତି ଦେବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ରାଉରକେଲା ଅତିରିକ୍ତ ଜିଲାପାଳ ଏକ ଚିଠି ସଂଖ୍ୟା ୩୯୭୬, ୨୦୨୦ ଡିସେମ୍ବର ୧୨ତାରିଖରେ ଆର୍‌ପିଡିଏସି ବୈଠକରେ ପାରିତ ହୋଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଇଥିଲେ। କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହୋଇଥିବା ଦୃଷ୍ଟିରୁ ବୁଧବାର ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ - ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ଖାରା କୁଜୁରଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ସପ୍ତମ ଆରପିଡିଏସି ବୈଠକ ଆୟୋଜନ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ - ୭୦ ଗ୍ରାମର ସଭାପତି ଖାରା କୁଜୁର, ସାଧାରଣ ସମ୍ପାଦକ ପୁଟନ ଖାଲକୋ, ସହସମ୍ପାଦକ ଜୁଗିଆ କୁଜୁର, ଉପଦେଷ୍ଟା ବସନ୍ତ କିଷାନ, ଅନିଲ ଲାକ୍ରା, ତିଳ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ - ୭୦ ଗ୍ରାମର ସଭାପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିସ୍ଥାପିତ ସଂଘର ଦାବି ନେଇ ସେମାନେ ଦୀର୍ଘ ଦିନରୁ ଦାବି କରିଆସୁଥିଲେ ଏବଂ ଦୁଇଟି ଆରପିଡିଏସି ବୈଠକରେ ନିଷ୍ପତ୍ତି କରାଯାଇଥିଲେ ମଧ୍ୟ ବିସ୍ଥାପିତ ବଢତି ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଆଜିର ଦାବିପତ୍ର ପାଇବା ପରେ ଏକ ସପ୍ତାହ ମଧ୍ୟରେ ଆରପିଡିଏସି ବୈଠକ କେବେ ହେବ ସେ ବିଷୟରେ ଅତିରିକ୍ତ ଜିଲାପାଳ ଜଣାଇବେ ବୋଲି ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ୟୁଜିଆଇର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

ରାଉରକେଲା,୨୧।୧(ଦିନେଶ ମିଶ୍ର)

ରାଉରକେଲା ଜେଲ ରୋଡ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ(ୟୁଜିଆଇ)ର ୬୩ତମ କ୍ରୀଡା ଉତ୍ସବ ଓ ବାର୍ଷିକ ଉତ୍ସବ ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନେ ଯାନ୍ତ୍ରିକ ଶିକ୍ଷା ଅଧ୍ୟୟନ ସହ ନିଜର ସକରାତ୍ମକ ମାନସିକତା, ବୌଦ୍ଧିକତା ଓ ଆଧ୍ୟାତ୍ମିକତା ଚେତନାକୁ ବୃଦ୍ଧି କରିବା ଜରୁରୀ। କାରଣ ଯାନ୍ତ୍ରିକଶିକ୍ଷା ଅଧ୍ୟୟନରେ ଯଦି ଆଧ୍ୟାତ୍ମିକ ଚେତନାଶକ୍ତି ରହିବ ତେବେ ବିଦ୍ୟାର୍ଥୀମାନେ କୌଣସି ବି ପରିସ୍ଥିତିରେ ବିଚଳିତ ନ ହୋଇ ନିଜର ଲକ୍ଷ୍ୟକୁ ଅତି ସହଜରେ ହାସଲ କରିପାରିବେ ବୋଲି ଅତିଥି ରଥ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ୟୁଜିଆଇର ପୂର୍ବତନ ଅଧ୍ୟକ୍ଷା ପ୍ରଗତି ଦାସ ଉପସ୍ଥିତ ଥିଲେ। ୟୁଜିଆଇର ଅଧ୍ୟକ୍ଷ ଇଞ୍ଜିନିୟର ଶରତ କୁମାର ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଲେଜରେ ୨ଦିନିଆ କ୍ରୀଡା ଉତ୍ସବରେ ୯ଟି ବିଭାଗରେ ସମୁଦାୟ ୨୪ଟି ଖେଳର ଆୟୋଜନ କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡିଶୀ, ଭାଙ୍ଗଡା, ସ୍ୱଚ୍ଛଭାରତ ଭଳି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଅଧ୍ୟାପିକା ଅନିମା ଏକ୍କା ମଞ୍ଚ ପରିଚାଳନା କରିଥିବାବେଳେ କାନନିକା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବକୁ ଇଂ ରାଜେଶ ତ୍ରିପାଠୀ, ମାନସୀ ପ୍ରିୟଦର୍ଶନୀ, ପଙ୍କଜ ସାମନ୍ତ, ଡ. ଶୁଭାସିନୀ ଜେନା, ସ୍ମୃତିରଞ୍ଜନ ମିଶ୍ର, ଶିଶିର ଦଳେଇ, ଯଯାତେନ୍ଦୁ ଚାନ୍ଦ, ମୌସମୀ ହାସଁଦା, ସଦାଶିବ ପାତ୍ର, ସୁମିତାରାଣୀ ସରାଫ, ସପ୍ତରୂପା ସାହୁ, ସରୋଜ ସେଠୀ, ଦୀପକ ପଣ୍ଡା, ପଦ୍ମାବତୀ ନାହାକ, ହରିହର ହାଁସଦା, ରଘୁନାଥ ମାରାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କଲେଜର ସାଂସ୍କୃତିକ ଉପସଭାପତି ଦୀପକ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ୟୁଜିଆଇର କ୍ରୀଡା ଉତ୍ସବ ଓ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ବନ୍ଦେ ମାତରମ୍ ଓ ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଭୂମିକା ଉପରେ ଆଲୋଚନାଚକ୍ର

ରାଉରକେଲା, ୨୧।୧(ବିପ୍ଳବରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ସାରନଗରୀ ଶାଖା ତରଫରୁ ଫର୍ଟିଲାଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ସାରନଗରୀ ଶାଖା ତରଫରୁ ଫର୍ଟିଲାଇଜରସ୍ଥିତ ଚିନ୍ମୟ ଏକାଡେମୀଠାରେ ବନ୍ଦେ ମାତରମ୍ ଓ ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଏକାଡେମୀର ନିର୍ଦ୍ଦେଶକ ଶିକ୍ଷାବିତ୍ ତ୍ରିନାଥ ଦାଶ ମୋହନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଉପସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱ ଓ କବି ସୁଚିସ୍ମିତା ପଣ୍ଡାଙ୍କ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, ଅନୁଷ୍ଠାନର ସଭାପତି ତଥା ଗାନ୍ଧୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗର ମତ ରଖିଥିଲେ। ବିଷୟ ବିଶେଷଜ୍ଞ ଡ. ବେହେରା ତାଙ୍କ ବକ୍ତବ୍ୟରେ କହିଲେ, ୧୮୦୦ ମସିହା ପରବର୍ତ୍ତୀ କାଳ ଆମ ସମସ୍ତଙ୍କ ପାଇଁ ଆଲୋକବର୍ତ୍ତିକା ଦେଖାଇଥିଲା। ବନ୍ଦେ ମାତରମ୍ ଏକ ସାଧାରଣ ଗୀତ ନୁହେଁ, ଏହା ଏକ ଆନ୍ଦୋଳନ। ଏହାର ରଚୟିତା ବଙ୍କିମ ଚନ୍ଦ୍ର ଜଣେ ଜାତୀୟ ଚେତନାର ପୁରୁଷ ବୋଲି ଅବିହିତ କରି ଭାରତମାତାର ୩ଟି ରୂପ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଭାବେ କରୁଣାକର ପାଟଣାଶୀ, ପ୍ରତିଭା ଦାଶ ମୋହିନୀ, ଶ୍ୱେତଲିନା ଶତପଥୀ ପ୍ରମୁଖ ପ୍ରସଙ୍ଗ ସମ୍ବନ୍ଧରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ସଭାପତି ମୋହିନୀ ସଭାପତିତ୍ୱ ଅଭିଭାଷଣ ସହ ଗୋପବନ୍ଧୁ, ସଚ୍ଚି ରାଉତରାୟ ଓ ତତ୍କାଳୀନ ସମୟରେ କବି ସାହିତ୍ୟିକଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଆବାହକ ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ୱେତଲୀନା ଶତପଥୀ, ସୁଚିସ୍ମିତା ପଣ୍ଡା ଓ କୁଞ୍ଜବିହାରୀ ରାଉତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୃସିଂହ ଚରଣ ପାତ୍ର, ବ୍ରଜକିଶୋର ଦୋରା, ସରିତା ସିଂ, ମାଧୁରୀ ପ୍ରଧାନ, ମାନସୀ ସାହୁ ସହଯୋଗ କରିଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, ବକ୍ତା।

## ମେଡିକାଲ କଲେଜ ଦାବି କଲା ସିଟୁ


ସେକ୍ଟର-୧୬ ଶ୍ରମିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ରାଉରକେଲାରେ ଇଏସ୍ଆଇସି ସୁପରସ୍ପେଶିଆଲିଟି ହସ୍ପିଟାଲ ମଧ୍ୟ ଦାବି**

ରାଉରକେଲା,୨୧।୧(ସଙ୍ଗୀତା ଜେନା)

ରାଉରକେଲାକୁ ସବୁକ୍ଷେତ୍ରରେ ଅବହେଳିତ କରାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରାୟ ସମସ୍ତ କ୍ଷେତ୍ରରେ ପଛେଇଯାଉଛି ଇସ୍ପାତ ନଗରୀ। ଏପରିକି ଇଏସ୍ଆଇସି ହସ୍ପିଟାଲ ଓ କଲେଜ ଭୁବନେଶ୍ୱରରେ ହେବ ବୋଲି ସାଲିସ କରାଯାଉଛି। ଏଠାକାର ମଡେଲ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଉଛି। ଫଳରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ଯାଉଛି। ଅନ୍ୟପକ୍ଷରେ ରାଉରକେଲାରେ ଇଏସ୍ଆଇସି ସୁପରସ୍ପେଶିଆଲିଟି ହସ୍ପିଟାଲ ସହ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହେଉଥିବାବେଳେ ଏହାକୁ ଭୁବନେଶ୍ୱରକୁ ନେଇଯିବା ନିଷ୍ପତ୍ତିକୁ ବିରୋଧ କରାଯାଉଛି। ଏ ନେଇ ବୁଧବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୧୬ ସିଟୁ ପକ୍ଷରୁ ଶ୍ରମିକଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ପ୍ରମୋଦ ସାମଲ, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ହୃଦୟାନନ୍ଦ ଯାଦବ, ଯଯାତିକେଶରୀ ସାହୁ , ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଅଜିତ ଦାସ, ସୁଧାଂଶୁ ଜେନା, ସରୋଜ ବାର୍ଲା ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ଏହି ଅବସରରେ ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମହାନ୍ତି କହିଛନ୍ତି, କଳକାରଖାନା ପରିପୂର୍ଣ୍ଣ ସୁନ୍ଦରଗଡ଼ ଓ ରାଉରକେଲାରେ ଥିବା ଇଏସ୍ଆଇସି ମଡେଲ ହସ୍ପିଟାଲରେ ରୋଗୀସେବା ବ୍ୟାହତ ହେବାକୁ ବସିଲାଣି। ଏଠାରେ ବିଭିନ୍ନ ବିଭାଗରେ ଡାକ୍ତରମାନଙ୍କୁ ବଦଳି କରିଦିଆଯାଉଛି। ପୂର୍ବରୁ ସୁପରସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରାଯାଉଛି। ସୁନ୍ଦରଗଡ଼, କେନ୍ଦୁଝର, ବରଗଡ଼, ସୁବର୍ଣ୍ଣପୁର, ଝାରସୁଗୁଡ଼ା ସମେତ ଜିଲାର ଶ୍ରମିକ କର୍ମଚାରୀମାନେ ଏଥିରୁ ଉପକୃତ ହେଉଥିଲେ। ଏହା ଉପରେ ଦେଢ଼ଲକ୍ଷ ଶ୍ରମିକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ। ମାଇଗ୍ରେ ୱାର୍କର ମିଶିଲେ ପ୍ରାୟ ୬ ଲକ୍ଷ ହେଉଛି। ସମ୍ପୂର୍ଣ୍ଣ ଜିଲା ଗୁଡ଼ିକର ଶ୍ରମିକ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଇପିଓ ଏହା ଉପରେ ନିର୍ଭର କରୁଛନ୍ତି। ଏଠାରେ ଏକ ଅକୁପେସନାଲ ସେଣ୍ଟର ଓ ମେଡିକାଲ କଲେଜ ସ୍ଥାପନା କରାଯାଉ। ଆଇପିଓମାନଙ୍କ ସନ୍ତାନମାନେ ଏଥିରେ ପାଠପଢ଼ିବାକୁ ସୁଯୋଗ ପାଇବେ। ତେବେ ଏହି ଦାବି ପରିପୂର୍ଣ୍ଣ କରିବାକୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ମହାନ୍ତି ଚେତାବନୀ ଦେଇଥିଲେ। ସେହିପରି ରାଜ୍ୟ ଉପସଭାପତି ଅଲ୍ଲୀ କହିଲେ, ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଗତ ୨୦୧୧ ରିପୋର୍ଟ ପ୍ରଦାନ କରିଥିଲେ। ରାଉରକେଲା ସୁପରସ୍ପେଶିଆଲିଟି ହସ୍ପିଟାଲ ବୋଲି ବଛାଯାଇଥିଲା। କୁଆଁରମୁଣ୍ଡା, ବାଲୁଘାଟ ଆଦିରେ ଏହା ସ୍ଥାପନ ହେବା ପାଇଁ କୁହାଯାଇଥିଲା। ହେଲେ ବର୍ତ୍ତମାନ ଏହାକୁ ଅନ୍ୟ ସ୍ଥାନକୁ ନେବା ଲାଗି ଷଡଯନ୍ତ୍ର କରାଯାଉଛି। ସୁପରସ୍ପେଶିଆଲିଟି ହସ୍ପିଟାଲରେ ୧୪ଟି ବିଭାଗରେ ବିଶେଷଜ୍ଞମାନେ ଏଠାରେ ଚିକିତ୍ସା ପ୍ରଦାନ କରିଥାନ୍ତେ। ସେହିପରି ଏଠାକାର ମଡେଲ ହସ୍ପିଟାଲର ପୁନରୁଦ୍ଧାର ଏବଂ ଉନ୍ନତିକରଣ କରାଯାଉ ବୋଲି ଅଲ୍ଲୀ କହିଥିଲେ।

## ଆର୍‌ଏସ୍‌ପିର ସମର୍ପଣ ଗୁଣବତ୍ତା ମଣ୍ଡଳୀ ଦଳର ଅଭିନବ ପ୍ରୟାସ

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଷ୍ଟିଲ୍ ମେଟିଂ ଶପ୍-୧ (ଏସଏମଏସ-୧)ର 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳର ଏକ ଅଭିନବ ପଦକ୍ଷେପ ଦ୍ୱାରା ବାର୍ଷିକ ପ୍ରାୟ ୯୫ ଲକ୍ଷ ଟଙ୍କା ସଞ୍ଚୟ ସାଧନ ସହ ଇସ୍ପାତ ଗୁଣବତ୍ତା, ପ୍ରକ୍ରିୟା ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ମଧ ସାଧିତ ହୋଇଛି। ଏସଏମଏସ-୧ ବିଭାଗରେ, ବିଭିନ୍ନ ଇସ୍ପାତ ଗ୍ରେଡ୍ ଉତ୍ପାଦନ ପାଇଁ ଷ୍ଟିଲ୍ ଟ୍ୟାପ୍ କରିବା ପରେ ଲାଡେଲରେ କ୍ରୋମିୟମ୍, ଭାନାଡିୟମ୍, ଆଲୁମିନିୟମ୍ ଏବଂ ଅନ୍ୟ ସ୍ୱତନ୍ତ୍ର ମହଙ୍ଗା ଧାତବ ସାମଗ୍ରୀର ଆବଶ୍ୟକତା ରହିଛି। ପାରମ୍ପରିକ ଭାବେ ଏହି ମିଶ୍ରଣ ଗୁଡ଼ିକ ଓଭରହେଡ୍ କ୍ରେନ୍ କିମ୍ବା ମାନୁଆଲ୍ ଷୋଭେଲ ଫିଡିଂ ମାଧ୍ୟମରେ ସମ୍ପାଦିତ କରାଯାଉଥିଲା। ଯାହା ବିଶେଷକରି ମାନୁଆଲ୍ କାର୍ଯ୍ୟ ସମୟରେ ପ୍ରାୟତଃ ଅନୁପଯୁକ୍ତ ଡୋଜିଂ, ଲାଡେଲ୍ ବାହାରେ ସାମଗ୍ରୀ ସ୍ପିଲେଜ୍ ଏବଂ ଗୁଣବତ୍ତା ଅସଙ୍ଗତି ସୃଷ୍ଟି କରୁଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଚିହ୍ନଟ କରି 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳ ବିସ୍ତୃତ ମାନସମନ୍ଥନ ଏବଂ ବିଶ୍ଳେଷଣ କରିବା ସହିତ ଏକ ଅଭିନବ ଭାଇବ୍ରୋଫିଡର ବ୍ୟବସ୍ଥା ବିକଶିତ କରିଥିଲେ। ଏହି ବ୍ୟବସ୍ଥା ବିଭିନ୍ନ ଷ୍ଟିଲ୍ ଗ୍ରେଡ଼ ପାଇଁ ଠିକ୍ ଡୋଜିଂକୁ ସୁନିଶ୍ଚିତ କରି ମିଶ୍ରଣ ସାମଗ୍ରୀର ଠିକ୍ ଓଜନ ଏବଂ ନିୟନ୍ତ୍ରିତ ମିଶ୍ରଣକୁ ସକ୍ଷମ କରିଥାଏ। ଭାଇବ୍ରୋଫିଡରକୁ କନଭର୍ଟର ନିକଟରେ ୭.୫ ମିଟର୍ ଫ୍ଲୋର ସ୍ତରରେ ରଣନୀତିକ ଭାବରେ ସ୍ଥାପନ କରାଯାଇଥିଲା। ଯାହା କାର୍ଯ୍ୟର ସୁଗମତା ଏବଂ ଉନ୍ନତ ସୁରକ୍ଷାକୁ ସୁନିଶ୍ଚିତ କରିଥିଲା। ଭାଇବ୍ରୋଫିଡର ବ୍ୟବସ୍ଥାର ପ୍ରଚଳନ ଦ୍ୱାରା ଇସ୍ପାତ ଗ୍ରେଡ୍ ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି, ସେକେଣ୍ଡାରୀ ଷ୍ଟିଲ ମେକିଙ୍ଗ ବିଚ୍ୟୁତିରେ ବର୍ତ୍ତନ ହ୍ରାସ ଏବଂ କ୍ରୋମିୟମ, ଭାନାଡିୟମ ଏବଂ ଆଲୁମିନିୟମ ଭଳି ମହଙ୍ଗା ମିଶ୍ରଧାତୁ ସାମଗ୍ରୀର ନିରାପଦ ସଂରକ୍ଷଣ ତଥା ନିୟନ୍ତ୍ରିତ ପରିଚାଳନା ସମେତ ଅନେକ ଲାଭ ମିଳିପାରିଛି। ଏକ ବିସ୍ତୃତ ମୂଲ୍ୟ ବିଶ୍ଳେଷଣରୁ ଜଣାପଡିଛି, ଏହି ପଦକ୍ଷେପର ଫଳସ୍ୱରୂପ ସାମଗ୍ରୀ କ୍ଷତି ହ୍ରାସ ଏବଂ ଉନ୍ନତ ପ୍ରକ୍ରିୟା ନିୟନ୍ତ୍ରଣ ହେତୁ ପ୍ରତିବର୍ଷ ପ୍ରାୟ ୯୫ ଲକ୍ଷ ଟଙ୍କା ସଞ୍ଚୟ ସାଧନ ହୋଇପାରିଛି। ଏହି ଦଳରେ ଜୁନିୟର ଇଞ୍ଜିନିୟର ମନୋରଞ୍ଜନ ସାହୁ, ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ ତ୍ରିନାଥ ବାରିକ, ଅମର କୁମାର ଭୂୟାଁ, ନିଶିକାନ୍ତ ବାରିକ ଏବଂ ରୋହିତ କୁମାର ଅନ୍ତର୍ଭୁକ୍ତ ଥିଲେ।


ଆର୍‌ଏସ୍‌ପିର ଷ୍ଟିଲ୍ ମେଟିଂ ଶପ୍-୧ର 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳର ସଦସ୍ୟ।

## ଆମ ପୋଲିସ ସମିତି ବୈଠକ

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର ୧୯ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଆମ୍ବାଗାନ ସ୍ଥିତ ଗଜପତି ମାର୍କେଟ ଦୁର୍ଗାପୂଜା ମଣ୍ଡପଠାରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ବୈଦ୍ୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍କେଟ ସଭାପତି ଚିତ୍ତରଞ୍ଜନ ରାଉତ, ଏସ୍ଆଇ ରାଜେଶ ବେହେରା, ଏଏସ୍ଆଇ ସୁରେନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ବ୍ୟବସାୟୀ ଓ ଜନସାଧାରଣଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ସାହୁ ତାଙ୍କ ବକ୍ତବ୍ୟରେ କେଉଁଟା ଧର୍ତ୍ତବ୍ୟ ଓ ଅଧର୍ତ୍ତବ୍ୟ ଅପରାଧ, ଅପରାଧ କାହାକୁ କୁହାଯାଏ ବୁଝାଇଥିଲେ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ନିୟମ, ଯୌତୁକ ଦେବା ଓ ନେବା କିପରି ଅପରାଧ, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରଥମେ ସାହାଯ୍ୟ ପହଞ୍ଚାଇବା ଲୋକଙ୍କୁ ଅଢ଼େଇ ହଜାର ଟଙ୍କା, ଗୁରୁତର ଆହତଙ୍କୁ ଘଣ୍ଟାଏ ଭିତରେ ପହଞ୍ଚାଇଥିବା ବ୍ୟକ୍ତିଙ୍କୁ ୨୫ ହଜାର ଆର୍ଥିକ ପ୍ରୋତ୍ସାହନ, ୧୮ବର୍ଷ ତଳକୁ ପିଲାଙ୍କୁ ଗାଡି ଦେଇ ଦୁର୍ଘଟଣା ଘଟାଇଲେ ଅଭିଭାବକଙ୍କୁ ୨୫ ହଜାର ଜରିମାନା, ନାବାଳିକାଙ୍କୁ ବିବାହରେ ଜେଲଦଣ୍ଡ,୧୨ ବର୍ଷରୁ କମ ନାବାଳିକାଙ୍କୁ ବଳାତ୍କାର କଲେ ଫାଶୀଦଣ୍ଡ ଆଦି ସମ୍ପର୍କରେ ସଚେତନ କରାଇଥିଲେ। ଏହା ସହ ଘରୋଇ ହିଂସାର ମହିଳାଙ୍କ ସୁରକ୍ଷା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ପାଳନ ସମ୍ପର୍କରେ ଆଲୋଚନା ସହ ସଚେତନ କରାଇଥିଲେ। ସେହିପରି ଏସ୍ଆଇ ବେହେରା ସାଇବର କ୍ରାଇମ୍‌ର ନିରାକରଣ, ମୋବାଇଲର ଅପବ୍ୟବହାର ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ମନୋରଞ୍ଜନ ପରିଡା, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରସନ୍ନ ସାହାଣୀ, ଆରିଫ ସିଦ୍ଦିକି, ସୁନୀଲ ଜେନା, ଆମ ପୋଲିସର ସନ୍ତୋଷ ସ୍ୱାଇଁ, ସୁବାସ କୁମାର ଗୁପ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ, ମାର୍କେଟ ସଭାପତି ଉପସ୍ଥିତ।

## ଅଣ୍ଡର-୧୩ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ: ୱାଇସିଏ ଚାମ୍ପିୟନ

ରାଉରକେଲା,୨୧।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନି ସ୍ଥିତ ଡିଏଭି ଖେଳ ପଡ଼ିଆରେ ୟୁଥ୍ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଅଣ୍ଡର-୧୩ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୱାଇସିଏ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ଝାରସୁଗୁଡ଼ା, ସମ୍ବଲପୁର, ବରସୁଆଁ, ଝାଡ଼ଖଣ୍ଡ ଭଳି ପ୍ରାୟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ୱାଇସିଏ ବାସନ୍ତୀ କଲୋନି ଦଳ ସହ ସିଭିଲ ଚାର୍ଜର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସିଭିଲଚାର୍ଜର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳ ପକ୍ଷରୁ ହର୍ଷିତ ସାହୁ ୩୩ ବଲ ଖେଳି ସର୍ବାଧିକ ୨୫ ରନ କରିଥିଲେ। ୱାଇସିଏ ଦଳ ପକ୍ଷରୁ ହନି ଗୋପ ମାତ୍ର ୬ ଓଭର ବୋଲିଂ କରି ୨୩ ରନ୍ ଦେଇ ସର୍ବାଧିକ ୩ ଉଇକେଟ ନେଇଥିଲେ। ଏହି ରନ୍‌ର ଲକ୍ଷ୍ୟକୁ ନେଇ ୱାଇସିଏ ଦଳ ୨୩ ଓଭରରେ ତା'ର ବହୁମୂଲ୍ୟ ୩ ଉଇକେଟ ହରାଇ ୧୩୭ ରନକରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମନବେନ୍ଦ୍ର ବେହେରା ମାତ୍ର ୭୧ ବଲ୍ ଖେଳି ସର୍ବାଧିକ ୭୭ ରନ୍ କରିଥିବାବେଳେ ପ୍ରତ୍ୟୁଷ କୁମାର ବଡାଇକ ୪୪ ବଲ ଖେଳି ୨୦ ରନ କରିଥିଲେ। ସିଭିଲଚାର୍ଜର ଦଳ ପକ୍ଷରୁ ନନ୍ଦକିଶୋର ୪ ଓଭର ବୋଲିଂକରି ୨୫ ରନ୍ ଦେଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମନବେନ୍ଦ୍ର ବେହେରାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଭାବେ ହନି ଗୋପ ଓ ବେଷ୍ଟ ଫିଲ୍ଡ ସିଭିଲଚାର୍ଜର ଦଳର ସୁବ୍ରତ, ବେଷ୍ଟ ଉଇକେଟ କିପର ଭାବେ ଅନିକେତ ବେହେରାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌ରେ ସାମାଜିକ କର୍ମୀ ଚିତ୍ତରଞ୍ଜନ ପଟ୍ଟନାୟକ ଓ ନିବେଦିତ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳ ୱାଇସିଏକୁ ୬ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ୍ ଦଳକୁ ୩ ହଜାର ଟଙ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ମ୍ୟାଚକୁ କମଳବିଷ୍ଣୁ ବେଉରିଆ ଓ ନୀତୀଶ କୁମାର ଅମ୍ପାୟର ଭାବେ ପରିଚାଳନା କରିଥିବାବେଳେ ଆଦିତ୍ୟ ସାଗର ରନ୍ ତଦାରଖ କରିଥିଲେ। ଏହି ମ୍ୟାଚକୁ ୱାଇସିଏର ତୃଷ୍ଟି ଶୁଭେନ୍ଦୁ ଧଳ, ଅଂଶୁମନ ଗୋପ, ଆଡିଶ ଜେନା, ଏମ୍‌ଡି ଆକ୍ରମ, କୌଶିକ ମହାନ୍ତି, ହରପ୍ରୀତ ସାନ୍ଧୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଅଣ୍ଡର-୧୩ ଅଲ୍ ଓଡିଶା କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ଟେଣ୍ଡର ସରିଲା, ୩ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ

■ପ୍ରସ୍ତାବିତ ସମ୍ବଲପୁର ବାହ୍ୟ ରିଂରୋଡ଼

■ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

ସମ୍ବଲପୁରରେ ପ୍ରସ୍ତାବିତ ୪ ଲେନ୍ ବିଶିଷ୍ଟ ବାହ୍ୟ ରିଂରୋଡ ନିର୍ମାଣ କାର୍ଯ୍ୟ ପାଇଁ ଇତିମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। କଟକର ଏମ୍ଏସ୍ ଇନ୍ଫ୍ରା ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ସର୍ବ ନିମ୍ନ ବିଡରଭାବେ ଏହାର କାର୍ଯ୍ୟ ହାତକୁ ନେଇଛି। କେନ୍ଦ୍ର ସରକାରଙ୍କ ଭାରତମାଳା ଯୋଜନା ଅନ୍ତର୍ଗତ ପ୍ରାୟ ୧୫୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୩୫.୩୮୪ କିଲୋମିଟର ବିଶିଷ୍ଟ ସମ୍ବଲପୁରରେ ନିର୍ମାଣ ହେବ। ଆସନ୍ତା ୩ ମାସ ମଧ୍ୟରେ ନିର୍ମାଣ କାମ ଆରମ୍ଭ ହେବ। କାର୍ଯ୍ୟାରମ୍ଭର ଅଢ଼େଇ ବର୍ଷ ବା ୯୧୦ଦିନ ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ଶେଷ ହୋଇ ସାରିଛି ବୋଲି ଜାତୀୟ ରାଜପଥ ପ୍ରାଧିକରଣ ସମ୍ବଲପୁର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମ୍ ଏନ୍ ସାହୁ କହିଛନ୍ତି। ପ୍ରସ୍ତାବିତ ବାହ୍ୟରିଙ୍ଗ ରୋଡ୍‌କୁ ବିଭିନ୍ନ ସ୍ଥାନରେ ସମ୍ବଲପୁର-ତିଲେବଣୀ ଜାତୀୟ ରାଜପଥ(୫୩) ଓ ସମ୍ବଲପୁର-କଟକ ଜାତୀୟ ରାଜପଥ(୫୫), ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥ(୧୦-ବିଜୁ ଏକ୍ସପ୍ରେସ୍) ଓ ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ(୧୫) ସଂଯୋଗ କରିବ। ଫଳରେ ଏହି ୪ଟି ଯାକ ରାଜପଥରେ



ପ୍ରସ୍ତାବିତ ବାହ୍ୟ ରିଂରୋଡ଼ର ମ୍ୟାପ।

ଯାତାୟାତ କରୁଥିବା ଯାନବାହାନ ସମ୍ବଲପୁର ମଧ୍ୟକୁ ପ୍ରବେଶ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ଆବଶ୍ୟକ ହେବ ନାହିଁ। ପ୍ରସ୍ତାବିତ ବାହ୍ୟରିଂରୋଡ୍ ଜାତୀୟ ରାଜପଥ(୫୩)ରେ ଗୋଶାଳାରୁ ଆରମ୍ଭ ହୋଇ ସହର ଉପକଣ୍ଠ ଶାସନ ଅନ୍ତର୍ଗତ ରାଜ୍ୟ ରାଜପଥ(୧୦-ବିଜୁ ଏକ୍ସପ୍ରେସ ୱେ)ର ରାଣୀଖିଣ୍ଡା ରାଜ୍ୟ ରାଜପଥ(୧୫)ରେ ମାଳତୀ ଗୁଣ୍ଡେରପୁର ଦେଇ ଜାରୀୟ ରାଜପଥ(୫୫)ରେ ମାନେଶ୍ୱର ଓ ଜାତୀୟ ରଜାପଥ(୫୩)ର ପୁଣିଥରେ ଜୟନ୍ତପୁର, ସିନ୍ଦୁରପଙ୍କ ଓ ତବଲା ଆଦି ସମ୍ବଲପୁର ବାହ୍ୟ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ସଂଯୋଗ କରିବ। ଖାଲି ସେତିକି ନୁହେଁ ମହାନଦୀ ଉପରେ ଅଧିକ ଦୁଇଟି ପ୍ରମୁଖ ସେତୁ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ଏହାବ୍ୟତୀତ ପଥଚାରୀଙ୍କୁ ସମ୍ଭାବ୍ୟ ବିପଦରୁ ମଧ୍ୟ ମୁକ୍ତି ପାଇଁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ପ୍ରବଣ ବା ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ କରି ଉନ୍ନତ ଟ୍ରାଫିକ ବ୍ୟବସ୍ଥା କରାଯିବ। ଏହି ପ୍ରକଳ୍ପରେ ରହିଛି ୪.୮୦ କିଲୋମିଟର ସର୍ଭିସ ରୋଡ଼, ୯ଟି ଛୋଟ ଓ ୧୧ଟି ବଡ଼ ବ୍ରିଜ୍, ବିଭିନ୍ନ ସ୍ଥାନରେ ୩୨ଟି ଅଣ୍ଡର ପାସ୍, ୨ଟି ଓଭରପାସ୍ ଏବଂ ଦୁଇଟି ରେଳ ଓଭରବ୍ରିଜ୍ ନାର୍ମାଣ ମଧ୍ୟ କରାଯିବ। ସେହପରି ୬ଟି ଟୋଲ ପ୍ଲାଜା ମଧ୍ୟ ନିର୍ମାଣ କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ମାଟ୍ ୨୭୦ ହେକ୍ଟର ଜମି ଆବଶ୍ୟକ ହେଉଥିବା ବେଳେ ଜମି ଅଧିଗ୍ରହଣ ମଧ୍ୟ ଶେଷ ହୋଇ ସାରିଛି। ସେଥିମଧ୍ୟରେ ରହିଛି ୧୭୦ ହକ୍ଟର ଘରୋଇ ଜମି, ୭୦ ହେକ୍ଟର ସରକାରୀ ଓ ୩୦ ହେକ୍ଟର ଜଙ୍ଗଲ ଜମି ରହିଛି। ଏହାପୂର୍ବରୁ ହୋଇଥିବ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯାଇ ଗତ ୨୦୨୫ ଅଗଷ୍ଟ ୨୫ରେ ପୁନଃ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଯାହାର ଫଳାଫଳ ଗତ ୨୦୨୬ ଜାନୁଆରୀ ୧୯ରେ ପ୍ରକାଶ ପାଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟେଣ୍ଡର ହାତେଇବା ପରେ ଉକ୍ତ ସଂସ୍ଥା ସହିତ ରାଜିନାମା ସ୍ୱାକ୍ଷାରିତ ହୋଇ ନାହିଁ। ଆଗାମୀ ୩ମାସ ମଧ୍ୟରେ ଆବଶ୍ୟକ ସିକ୍ୟୁରିଟି ରାଶି ଜମା ତଥା ରାଜିନାମା ମଧ୍ୟ ସ୍ୱାକ୍ଷର ହୋଇ କାର୍ଯ୍ୟାରମ୍ଭ ହୋଇଯିବା ଆଶା କରାଯାଏ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୧୦୮୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରିଂରୋଡ୍‌ର ସିଭିଲ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୨ଟି ନିର୍ମାଣକାରୀ ସଂସ୍ଥା ଭାଗ ନେଇଥିଲେ। ଟେଣ୍ଡର ପ୍ରକ୍ରିୟାର ଫଳାଫଳ ଗତ ୧୯ ତାରିଖରେ ପ୍ରକାଶ ପାଇଥିଲା। ୧୨ ବିଡରଙ୍କ ମଧ୍ୟରେ କଟକର ଏମ୍ଏସ୍ ଇନ୍ଫ୍ରା ଇଞ୍ଜିନିୟର୍ସ ସର୍ବନିମ୍ନ ୨୩ ପ୍ରତିଶତ କମ୍ ପ୍ରାୟ ୮୩୬.୭୮ କୋଟି ଟଙ୍କା ବିଡ୍ କରି ଉକ୍ତ କାର୍ଯ୍ୟକୁ ହାତେଇଛି।

# ଇଣ୍ଡିଆନ ପବ୍ଲିକ ସ୍କୁଲ ଚେୟାରମ୍ୟାନ ସମ୍ମାନିତ



ଶିଳ୍ପା ସେଟ୍ଟୀ ଇଣ୍ଡିଆନ ପବ୍ଲିକ୍ ସ୍କୁଲ ଚେୟାରମ୍ୟାନ ସୁମନ ଡାଲମିୟାଙ୍କୁ ସମ୍ମାନିତ କରୁଛନ୍ତି।

ସମ୍ବଲପୁର,୨୧ା୧(ବି.ଶଙ୍କର)

ସମ୍ବଲପୁର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ ପବ୍ଲିକ୍ ସ୍କୁଲ ଚେୟାନମ୍ୟାନ ସୁମନ ଡାଲମିଆଙ୍କୁ ଟାଇମ୍ସ ବିଜେନେସ ଆୱାର୍ଡସ ଓଡ଼ିଶା-୨୦୨୬ରେ ସମ୍ମାନୀତ କରାଯାଇଛି। ଭୁବନେଶ୍ୱରରେ ଟାଇମ୍ସ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଟାଇମ୍ସ ବିଜେନେସ ଆୱାର୍ଡ ସମାରୋହରେ ଚଳଚ୍ଚିତ୍ର ଅଭିନେତ୍ରୀ ଶିଳ୍ପା ସେଟ୍ଟୀଠାରୁ ଚେୟାରମ୍ୟାନ ଡାଲମିୟା ସମ୍ମାନ ଗ୍ରହଣ କରିଥିଲେ। ତାଙ୍କ ପ୍ରଗତିଶୀଳ ଆବାସିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ, ଦୂରଦର୍ଶୀ ନେତୃତ୍ୱ ଏବଂ ଉତ୍କୃଷ୍ଟ ଶୈକ୍ଷିକ ଦୃଷ୍ଟିକୋଣ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ବୁଧବାର ବିଦ୍ୟାଳୟ ପ୍ରାଧାନଶିକ୍ଷକ ସଚିନ ପାଠକ କହିଛନ୍ତି, ସୁମନ ଡାଲମିଆଙ୍କ ମାର୍ଗଦର୍ଶନରେ ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍ ଭବିଷ୍ୟତ ଉନ୍ନତ ଶିକ୍ଷଣ ପଦ୍ଧତି, ବିଶ୍ୱସ୍ତରୀୟ ଆବାସିକ ସୁବିଧା ଏବଂ ମୂଲ୍ୟ-ଆଧାରିତ ଶିକ୍ଷାକୁ ଆପଣେଇ ଏକ ନୂଆ ଉଦାହରଣ ସୃଷ୍ଟି କରିଛି । ଟାଇମ୍ସ ବିଜେନେସ ଆୱାର୍ଡସ ବିଦ୍ୟାଳୟର ସେହି ପ୍ରତିବଦ୍ଧତାର ପ୍ରମାଣ, ଯାହା ଇଣ୍ଡିଆନ ପବ୍ଲିକ ସ୍କୁଲ ପରିବାର, ପ୍ରବନ୍ଧନ, ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ସାମୂହିକ ପ୍ରୟାସ ଏବଂ ସମର୍ପଣକୁ ଦର୍ଶାଉଛି । ପ୍ରାଧାନଶିକ୍ଷକ ଏବଂ ବିଦ୍ୟାଳୟ ପରିବାର ଏହି ଉପଲବ୍ଧିରେ ଚେୟାରମ୍ୟାନ ଡାଲମିଆଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ରେଢ଼ାଖୋଲର ଐତିହ୍ୟ, ଭୀମ ଭୋଇଙ୍କ ଉପରେ ଆଲୋଚନାଚକ୍ର

ନାକଟିଦେଉଳ,୨୧ା୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ପ୍ରଶାସନ ତରଫରୁ ଭୀମ ଭୋଇ ଲୋକ ମହୋତ୍ସବ ଉପଲକ୍ଷେ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ରେଢ଼ାଖୋଲର ଐତିହ୍ୟ ଓ ସନ୍ଥ କବିଙ୍କ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସୁସ୍ମିତା ଭୋଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଆ ବିଭାଗ ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ଇତିହାସ ବିଭାଗ ଅଧ୍ୟାପିକା ଅନିତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟବକ୍ତାଭାବେ କଲେଜ ପରିଚାଳନା କମିଟି ସଦସ୍ୟ ରଘୁନାଥ ପ୍ରଧାନ ଯୋଗଦେଇ ରେଢ଼ାଖୋଲର ଲୋକ କଥା, ସଂସ୍କୃତି ବିଷୟରେ ଅବଗତ କରାଇଥିଲେ। ସବିତାନନ୍ଦ ମାଝୀ, ରମାକାନ୍ତ ପ୍ରଧାନ, କାହ୍ନୁଚରଣ ମାଝୀ, ଭଗବତ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ରେଢ଼ାଖୋଲର ସଂସ୍କୃତି ତଥା ମହିମା ଧର୍ମର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଆଲୋଚନା ଚକ୍ରରେ ଇତିହାସ ବିଭାଗ ଅଧ୍ୟାପିକା ଅନିତା ପ୍ରଧାନ ଏବଂ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ସୀମା ଗର୍ଡିଆ ରେଢ଼ାଖୋଲର ଐତିହ୍ୟ, ସଂସ୍କୃତି, ଲୋକ କଳା ଉପରେ ପ୍ରସ୍ତୁତ କରିଥିବା ନିଜ ନିଜର ପାଠ୍ୟଚକ୍ରକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

### ୫ ଦଫା ଦାବିରେ ବିଜେଡିର ବିକ୍ଷୋଭ

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

ରାଜ୍ୟରେ ସ୍ମାର୍ଟ ମିଟର ପ୍ରଚଳନ ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏଭଳି ଜନବିରୋଧୀ ପଦକ୍ଷେପ ସରକାରଙ୍କ ସହଯୋଗରେ ଟାଟା ପାୱାରର ଉପଭୋକ୍ତା ଶୋଷଣ ନୀତିକୁ ପ୍ରମାଣିତ କରିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ କହିଛନ୍ତି। ସ୍ମାର୍ଟ ମିଟର ପ୍ରଚଳନକୁ ବିରୋଧ କରି ବୁଧବାର ବିଜେଡି ଆନ୍ଦୋଳନକୁ ଓହ୍ଲାଇଥିଲା। ବହୁ କର୍ମକର୍ତ୍ତା ଓ କର୍ମୀ ଏକ ରାଲିରେ ଭୁତାପଡ଼ା ଛକରୁ ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଏସ୍ଇଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ଟିପିଡବ୍ଲୁଓଡିଏଲ୍ ମହାପ୍ରବନ୍ଧକଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସ୍ମାର୍ଟ ମିଟର ପ୍ରଚଳନ ପ୍ରତ୍ୟାହାର, ୱେସ୍କୋର ବକେୟା ଥିବା ବିଦ୍ୟୁତ ବିଲ ଅସୁଲି ବନ୍ଦ, ନିର୍ବାଚନ ପ୍ରତିଶ୍ରୁତି ମୁତାବକ ପ୍ରତ୍ୟେକ ପରିବାରକୁ ୩ଶହ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ ଅନ୍ୟତମ। ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଶାନ, ଅମୂଲ୍ୟ ମିଶ୍ର, ଅନାଦି ସାହୁ ସାମିଲ ଥିଲେ।

# ୧ କୋଟିରୁ ଉର୍ଦ୍ଧ୍ୱ ଠକେଇ, ଅଭିଯୁକ୍ତ ଗିରଫ

## ଷ୍ଟକ୍ ବଜାର ନିବେଶରୁ ଅଧିକ ଲାଭ ପ୍ରଲୋଭନରେ ଠକେଇ

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

ଷ୍ଟକ୍ ବଜାରରେ ନିବେଶ କରି ମାସିକ ୭ରୁ ୧୦ ପ୍ରତିଶତ ରିଟର୍ଣ୍ଣ ଦେବାର ପ୍ରଲଭନ ଦେଖାଇ ସମ୍ବଲପୁରର ଏକାଧିକ ବ୍ୟକ୍ତିଙ୍କଠାରୁ ଅର୍ଥ ଠିକି ନେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଲରମ୍ଭା ଅନ୍ଧାରିପାଲି ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଅଇଁଠାପାଲି ଥାନା ଦାନିପାଲି ରାମଚଣ୍ଡି ମନ୍ଦିର ନିକଟରେ ରହୁଥିବା ଚନ୍ଦ୍ର ଶେଖର ଦାସ(୪୩)। ଏ ଅଇଁଠାପାଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୬(୫), ୩୧୮(୪)ରେ ଏକ ମାମଲା (ନଂ. ୧୭/୨୬)ରୁଜୁ କରି ପୋଲିସ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ମୁଦିପଡ଼ା ପାଣିଟାଙ୍କି ଅଞ୍ଚଳର ମାନସୀ ସାହୁଙ୍କ ସହ ଅନ୍ୟ ୮ଜଣଙ୍କଠାରୁ ଅଧିକ ଲାଭର ପ୍ରଲୋଭନରେ ଷ୍ଟକ୍ ବଜାରରେ ନିବେଶ ପାଇଁ ଅଭିଯୁକ୍ତ ପ୍ରାୟ ୧.୭କୋଟି ଟଙ୍କା


ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଠକେଇ କରିଥିବା ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଏତଲାରେ ଦର୍ଶାଇଥିଲେ, ଅଭିଯୁକ୍ତ ଚନ୍ଦ୍ର ଶେଖର ନିଜକୁ ଷ୍ଟକ ବଜାରର ଦଲାଲ ଭାବେ ପରିଚୟ ଦେଇ ନିବେଶ କେଲେ ମାସିକ ନିବେଶ ପରିମାଣର ୭ରୁ ୧୦ ପ୍ରତିଶତ ରିଟର୍ଣ୍ଣ ଦେବେ ବୋଲି ପ୍ରଲୋଭିତ କରିଥିଲେ। ଲୋଭର ବଶବର୍ତ୍ତି ହୋଇ ତାଙ୍କ ସହିତ ଅନ୍ୟ ୮ ଜଣ ଅଭିଯୁକ୍ତଙ୍କୁ କୋଟିଏରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି। ତେବେ ପରବର୍ତ୍ତିକାଳରେ ମାସାଧିକ କାଳ ପର୍ଯ୍ୟନ୍ତ ସେ କୌଣସି ରିଟର୍ଣ୍ଣ ଦେଇ ନ ଥିଲେ। ତେଣୁ ସେ ନେଇଥିବା ଟଙ୍କା ଫେରସ୍ତ ପାଇଁ ତାଙ୍କୁ ଅନେକ ଅନୁରୋଧ ସତ୍ତ୍ୱେ ସେ ନେଇଥିବା ଟଙ୍କା ଫରସ୍ତ କରି ନ ଥିଲେ। ଏପରିକି ସେ ଆଉ ସେମାନଙ୍କ ସହିତ ଯୋଗାଯୋଗ କରି ନ ଥିଲେ। ମାନସୀଙ୍କ ଏତଲା ଆଧାରରେ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସିମ୍‌କାର୍ଡ ସହିତ ୩ ଟି ମୋବାଇଲ୍ ଫୋନ୍, ଅତିରିକ୍ତ ୩ ଟି ସିମ୍‌କାର୍ଡ, ୮ ଟି ବିଭିନ୍ନ ବ୍ୟାଙ୍କର ଡେବିଟ୍ କାର୍ଡ, ଗୋଟିଏ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଗୋଟିଏ ଟାବଲେଟ, ଲାପଟପ୍, ଗୋଟିଏ ପାସ୍ ପୋର୍ଟ, ଆଧାର କାର୍ଡ, ପାନ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସକୁ ପୋଲିସ ଜବତ କରିଛି।

# କଲ୍ୟାଣମୂଳକ ଯୋଜନା ବାବଦରେ ଅବଗତ ହୁଅ

## ଜିଲା ସୈନିକ ବୋର୍ଡ ପକ୍ଷରୁ ପୂର୍ବତନ ସୈନିକ ଦିବସ

ସମ୍ବଲପୁର,୨୧ା୧(ବି.ଶଙ୍କର)

ସମ୍ବଲପୁର ଦଲେଇପଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା ସୈନିକ ବୋର୍ଡ ପକ୍ଷରୁ ପୂର୍ବତନ ସୈନିକ ଦିବସ ବୁଧବାର ପାଳିତ ହୋଇଯାଇଛି। ସୁବେଦାର ମେଜର ଶିବ ନାରାୟଣ ବେହେରାଙ୍କ ପୌରହିତ୍ୟରେ ସମାରୋହ ହୋଇଥିଲା। କର୍ଣ୍ଣେଲ ନନୀ ଗୋପାଲ ପାତ୍ର ମୁଖ୍ୟ ଅତିଥି, ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ।

ମୁଖ୍ୟବକ୍ତା ବହିଦାର କହିଥିଲେ, ସୈନିକମାନେ ସେବାରତ ଥିବାବେଳେ ଏବଂ ସେବା ନିବୃତ୍ତି ପରେ ମଧ୍ୟ ନିଜ ଅଭିଜ୍ଞତା, ରାଷ୍ଟ୍ରଭକ୍ତି ଏବଂ ସେବା ଦ୍ୱାରା ସାମାଜିକ ସମରସତାରେ ନିଜକୁ ନିୟୋଜିତ କରି ଯୁବ ସମାଜକୁ ଉଦ୍‌ବୁଦ୍ଧ କରୁଛନ୍ତି । ସେହି ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ କୃତଜ୍ଞ ରାଷ୍ଟ୍ର ଆଜି ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରୁଛି । ମୁଖ୍ୟ ଅତିଥି କର୍ଣ୍ଣେଲ ପାତ୍ର କହିଥିଲେ, କେନ୍ଦ୍ର ସରକାର ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେ ଯୋଜନା ବାବଦରେ ଅବଗତ ହୋଇ ସମସ୍ତେ ଦେଶ ଗଠନ କାର୍ଯ୍ୟରେ ତାହାର ଉପଯୋଗ କରିବା ଉଚିତ। ଏହି ଅବସରରେ ପୂର୍ବତନ ସୈନିକ ସ୍ୱର୍ଗତ ଦୁର୍ଗା ଚରଣ ଓରାମ(ଶୌର୍ଯ୍ୟଚକ୍ର)ଙ୍କର ସୁପୁତ୍ରୀ ବୀରାଙ୍ଗନା ମଞ୍ଜୁ ଓରାମ ଏବଂ ସ୍ୱର୍ଗତ ବୀରେନ୍ଦ୍ର ନାଥ କରୱାରଙ୍କର ସୁପୁତ୍ରୀ ଅଶ୍ୱିନୀ କରୱାରଙ୍କୁ ସମ୍ମାନୀତ କରାଯାଇଥିଲା। ଜିଲା ସୈନିକ ବୋର୍ଡ଼ ସମ୍ପାଦକ ସଞ୍ଜୀବ କୁମାର ପାଣ୍ଡେ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଧନୁପାଲି ଶାଖାର ପ୍ରବନ୍ଧକ ସୁବ୍ରତ କୁମାର ବାଗ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ବ୍ୟାଙ୍କଗୁଡ଼ିକରେ ପୂର୍ବତନ ସୈନିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣମୂଳକ ଯୋଜନା ବାବଦରେ ବୁଝାଇଥିଲେ । ଗୋପବନ୍ଧୁ ସାହୁ, ବିଜୟ କୁମାର ସାହୁ, ମନୋଜ କୁମାର ପଣ୍ଡା, ରଞ୍ଜନ କୁମାର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସୈନିକ ସଙ୍ଗଠନ ସମ୍ବଲପୁର, ବରଗଡ଼, ଅତାବିରା ଏବଂ ରାଉରକେଲାର କର୍ମକର୍ତ୍ତାମାନଙ୍କ ସମେତ ଶତାଧିକ ପୂର୍ବତନ ସେନା ଅଧିକାରୀ ଏବଂ କର୍ମଚାରୀ ଯୋଗଦାନ କରିଥିଲେ।

# ନୂତନ ଶିକ୍ଷାନୀତି-୨୦୨୦ ଆଲୋଚନା

ସମ୍ବଲପୁର,୨୧ା୧(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ବୁଦ୍ଧିଜୀବୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଛି । ଏଥିସହ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟଠାରେ ନୂତନ ଶିକ୍ଷାନୀତି-୨୦୨୦ର ରୂପରେଖ, ସମସ୍ୟା ଓ ପ୍ରୟୋଗାତ୍ମକ ଦିଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏଥିରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗଦେଇଥିଲେ। ପ୍ରଫେସର ବେହେରା ହାଇସ୍କୁଲସ୍ତରରେ ନୂତନ ଶିକ୍ଷାନୀତିର ସଫଳ ରୂପାୟନ ଓ ପ୍ରୟୋଗର ବିଭିନ୍ନ ଦିଗ ଉପରେ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସମ୍ବଲପୁର ଜିଲା ପ୍ରଶାସନର ସହାୟତାରେ ଲାଇବ୍ରେରୀ ପକ୍ଷରୁ ଆରମ୍ଭ ହେବାକୁଥିବା ଏହି ପ୍ରକଳ୍ପକୁ ଆଗେଇନେବା ପାଇଁ ଉପସ୍ଥିତ ପ୍ରମୁଖ ବୁଦ୍ଧିଜୀବୀଙ୍କ ସହଯୋଗ କାମନା କରିଥିଲେ। ଏହି ପ୍ରକଳ୍ପର ଚୂଡାନ୍ତ ରୂପାୟନ ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ନେବାକୁ ପ୍ରଫେସର ପାଢ଼ୀ ସୂଚନା ଦେଇଥିଲେ। ଏହି ଅବସରରେ କାଳିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ବରିଷ୍ଠ ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ଓ ତ୍ରିଲୋକି ପାଣ୍ଡେଙ୍କୁ ଲାଇବ୍ରେରୀ ପକ୍ଷରୁ ଅଙ୍ଗବସ୍ତ୍ର ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଶଙ୍କର ପ୍ରସାଦ ପତି ମାନପତ୍ର ପାଠ କରିଥିବା ବେଳେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



ଆଲୋଚନା ଚକ୍ରରେ ଅତିଥି ଓ ବକ୍ତାମାନେ।

# ଶିକ୍ଷା, ଶିକ୍ଷାୟତନର କେନ୍ଦ୍ରବିନ୍ଦୁ ବିଦ୍ୟାର୍ଥୀ

ନାକଟିଦେଉଳ,୨୧ା୧(ବୈକୁଣ୍ଠନାଥ ସାହୁ)

ଶିକ୍ଷା, ଶିକ୍ଷକ ଏବଂ ଶିକ୍ଷାୟତନର କେନ୍ଦ୍ରବିନ୍ଦୁ ହେଉଛନ୍ତି ବିଦ୍ୟାର୍ଥୀ। ବିଦ୍ୟାର୍ଥୀ ନିଜର ପାରଦର୍ଶିତାକୁ ଯେତିକି ପ୍ରସ୍ଫୁଟିତ କରି ପାରିବ ତାହାର ଶ୍ରେୟ ସେତିକି ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷାୟତନକୁ ଯିବ। ବୁଧବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପେଣ୍ଟବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାର୍ଷିକ ଉତ୍ସବ ସମାରୋହ ଗୁଞ୍ଜନ ୩-୦ରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି। ଓଏଭି ଅଧକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ମୁଖ୍ୟବକ୍ତା ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଏବଂ ଅବସରପ୍ରାପ୍ତ ସେନା କର୍ମଚାରୀ ଗୋବର୍ଦ୍ଧନ ସାହୁ ଯୋଗଦେଇଥିଲେ। ବିଦ୍ୟାର୍ଥୀମାନେ ଯେତିକି ଆଗକୁ ଯିବେ ସେହି ଅନୁଷ୍ଠାନର ଗୌରବ ସେତିକି ବୃଦ୍ଧି ପାଇବ ବୋଲି ଅତିଥିମାନେ କହିଥିଲେ। ତେଣୁ ନିଜ ରୁଚି କ୍ଷେତ୍ରରେ କଠିନ ପରିଶ୍ରମ କରି ଆଗକୁ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏଥିସହିତ ନିଜ ଭିତରେ ଦୃଢ଼ ଆତ୍ମବିଶ୍ୱାସ ଏବଂ ଏକାଗ୍ରତା ରଖି ଲକ୍ଷ୍ୟ ସ୍ଥଳର ଶୀର୍ଷ ଛୁଇଁବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବର୍ଷ ସାରା ବିଭିନ୍ନ ଦିନରେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ହୋଇ ଆସୁଥିବା ନୃତ୍ୟ, ହିନ୍ଦୀ ଭାଷାରେ ତର୍କ, ଇଂଲିଶ ଭାଷାରେ ରଚନା ଲିଖନ, ଓଡ଼ିଆ ରଚନା, ଏକକ ସଂଗୀତ ଓ ଦଳଗତ ସଂଗୀତ ଗାନ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ, ହସ୍ତକଳା, ହାଉସ ବୋର୍ଡ ସାଜସଜ୍ଜା, ଗଣିତ କୁଇଜ, ନାଟକ, ମଡେଲିଂ ଏବଂ ହିନ୍ଦୀ ଭାଷାରେ ତର୍କ ଆଦି ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହିତ ସମସ୍ତ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ସୁବର୍ଣ୍ଣରେଖା ହାଉସ ଏବଂ ରନରଅପ ହୋଇଥିବା ମହାନଦୀ ହାଉସକୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ଅନୁଷ୍ଠାନର ବିଭିନ୍ନ କର୍ମଚାରୀମାନଙ୍କୁ ମଧ୍ୟ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ବିଶେଷଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ତରଣୀସେନ ଦୁର୍ଗା ଏବଂ କ୍ଷେତ୍ରବାସୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଶିକ୍ଷକ ଶୁଭ୍ରାଂଶୁ ଶେଖର ଖମାରୀ, ଟିକାୟତ ମେହେର, ଶୁଭମ ପଣ୍ଡା, କେଶବ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁଜାତା ନାଏକ ଏବଂ ଏସ. ସୌମ୍ୟା ସୁଚରିତା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

### ପେଣ୍ଟବାହାଲ ଓଏଭିର ବାର୍ଷିକ ଉତ୍ସବ ଗୁଞ୍ଜନ ୩-୦

# ଲଙ୍କେଶ୍ୱରୀ ମୋଟର୍ସ ପକ୍ଷରୁ ଟାଟା ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ଟାଟା ମୋଟର୍ସର ସମ୍ବଲପୁରର ପଢ଼ିଆପଲୀର ଲଙ୍କେଶ୍ୱରୀ ମୋଟର୍ସ ପକ୍ଷରୁ ବୁଧବାର ନୂତନ ଟାଟା ସିଏରାର ବଜାର ପ୍ରବେଶ ହୋଇଛି। ଏହି ଅବସରରେ ପୂର୍ବତନ ବିଧାୟକ ନାଉରି ନାୟକ, ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁ, କଣ୍ଠଶିଳ୍ପୀ ସ୍ୱାଗତିକା ତ୍ରିପାଠୀ,ଲଙ୍କେଶ୍ୱରୀ ମୋଟର୍ସର ଡାଇରେକ୍ଟର ସରୋଜ କୁମାର ସାହୁ, ଭାଇସ୍ ପ୍ରେସିଡେଣ୍ଟ ଅଜୟ ପ୍ରସାଦ୍, ଜେନେରାଲ ମ୍ୟାନେଜର ରାଜ ସୁରୀ, ସେଲ୍‌ସ ମ୍ୟାନେଜର ଉପେନ୍ଦ୍ର ପୋଦ୍ଧା, ସର୍ଭିସ୍ ମ୍ୟାନେଜର ଆଶିଷ କୁମାର ଓ ସୋନାଲି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି, ଟାଟା ସିଏରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଏରା ବଜାର ପ୍ରବେଶ କରିଛି। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଏରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ରହିଛି। କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚର ମଧ୍ୟ ଅନାବରଣ କରାଯାଇଛି। ଟାଟା ନ୍ୟୁ ପଞ୍ଚର ପେଟ୍ରୋଲ ଭର୍ସନର ୫ ଲକ୍ଷ ୫୯ ହଜାରରୁ ୬ ଲକ୍ଷ ୩୫ ହଜାର ରହିଛି।

## ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସାଧାରଣ ବୈଠକ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜୀବ ଶେଖର ସାହୁ ପୁଣି ଥରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଏବଂ ନୀଳାଞ୍ଜନା ମୁଖାର୍ଜୀ ଉପାଧ୍ୟକ୍ଷା ହୋଇଛନ୍ତି। ଓଡ଼ିଶାରେ, ଇଣ୍ଡିଆନ ଚାମ୍ବର ଅଫ କମର୍ସ ବିଭିନ୍ନ ରାଜ୍ୟ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟକୁ ସୁଗମ କରିବା, ଶିଳ୍ପ-ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ପ୍ରଭାବଶାଳୀ ନୀତି ରଣନୀତି ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଜେ. ବି. ପାଣି, ଆଞ୍ଚଳିକ ମୁଖ୍ୟ ଜେ. ପି. ପାଲ ଉପସ୍ଥିତ ଥିଲେ।

## ଅନୁ ଗର୍ଗଙ୍କୁ ଭେଟିଲେ ପରମେଶ୍ୱର ଫୁଙ୍କୱାଲ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶର ପ୍ରଗତି ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଗଠନମୂଳକ ଏବଂ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକରେ ମହାପ୍ରବନ୍ଧକ ବଡ଼ ଧରଣର ରେଳ କାର୍ଯ୍ୟ ସମ୍ପାଦନ ସମୟରେ ସାଧାରଣତଃ ଉପୁଜୁଥିବା ସମସ୍ୟାଗୁଡ଼ିକର ଏକ ସମୀକ୍ଷା ଅଂଶୀଦାର କରିଥିଲେ ଏବଂ ସେଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଭୂମି ଅଧିଗ୍ରହଣ, ଜଙ୍ଗଲ ଅଧିକାର, ଜବରଦଖଲ ଉଚ୍ଛେଦ, ଉପଯୋଗିତା ସ୍ଥାନାନ୍ତର ଏବଂ ଦୀର୍ଘଦିନ ଧରି ପଡ଼ି ରହିଥିବା ଆଇନଗତ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସମ୍ବନ୍ଧୀୟ ପ୍ରସଙ୍ଗ ଅନ୍ତର୍ଭୁକ୍ତ। ସେ ରୋଡ୍ ଓଭରବ୍ରିଜ୍ ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ଭଳି କାର୍ଯ୍ୟର ସୁଗମ ସମ୍ପାଦନ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ଉଲ୍ଲେଖ କରିଥିଲେ, ସମୟାନୁବର୍ତ୍ତୀ ନୀତିସ୍ତରୀୟ ନିଷ୍ପତ୍ତି ଏବଂ ଆବଶ୍ୟକ ପରିଚାଳନାଗତ ନିର୍ଦ୍ଦେଶନାମା ଜାରିକରିବା ପାଇଁ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ପୃକ୍ତ ବିଭାଗ ଏବଂ ଜିଲା ପ୍ରଶାସନ ସହିତ ପରାମର୍ଶ କରି ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ଅନୁଧ୍ୟାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

## ସିଏମ୍‌ପିଡିଆଇ,ଏଚ୍‌ଏଲ୍‌ଏଲ୍ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ୍(ସିଏମ୍‌ପିଡିଆଇ) ଏବଂ କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ଏଚ୍‌ଏଲ୍‌ଏଲ୍ ମ୍ୟାନେଜମେଣ୍ଟ ଏକାଡେମୀ ମଧ୍ୟରେ ଝାଡ଼ଖଣ୍ଡର ରାମଗଡ଼ ଜିଲାରେ ସିଏସ୍‌ଆର୍ ପ୍ରକଳ୍ପ ଅନିଭୃତ କାର୍ଯ୍ୟକାରୀ କରିବା ପାଇଁ ବୁଧବାର ରାଞ୍ଚିସ୍ଥିତ ସିଏମ୍‌ପିଡିଆଇ ମୁଖ୍ୟାଳୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାମଗଡ଼ ଜିଲାର ୮୫ଟି ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ କିଶୋରୀ ଛାତ୍ରୀମାନଙ୍କ ମଧ୍ୟରେ ସୁସ୍ଥ ମାସିକ ଋତୁଚକ୍ର ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛତା ସୁବିଧାର ଉପଲବ୍ଧତା ନିଶ୍ଚିତ କରିବା ଏବଂ ନିରାପଦ ନିଷ୍କାସନକୁ ଉତ୍ସାହିତ କରିବା। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଏଚ୍‌ଆର୍‌ଡି/ସିଏସଆର୍) ଡ. ଶିଶିର ଦତ୍ତ ଏବଂ ଏଚ୍‌ଏଲ୍‌ଏଲ୍ ମ୍ୟାନେଜମେଣ୍ଟ ଏକାଡେମୀର ଉପ-ଉପାଧ୍ୟକ୍ଷ ଶାମନାଦ ଶମସୁଦ୍ଦୀନ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଅନିଭୃତ ପ୍ରକଳ୍ପ ଅଧୀନରେ ସିଏମ୍‌ପିଡିଆଇ ନିର୍ଦ୍ଧାରିତ ବିଦ୍ୟାଳୟଗୁଡ଼ିକରେ ସାନିଟାରି ନାପ୍‌କିନ ଭେଣ୍ଡିଂ ମେଶିନ ଏବଂ ଇନ୍‌ସିନରେଟର୍ ସ୍ଥାପନ କରିବ। ପ୍ରାୟ ୨୧,୪୭୮ ଜଣ ଛାତ୍ରୀଙ୍କୁ ୧,୭୧,୮୨୪ ପ୍ୟାକ ସାନିଟାରି ନାପ୍‌କିନ ବଣ୍ଟନ କରିବ ଏବଂ ମାସିକ ଧର୍ମ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ଅଧିବେଶନ ଆୟୋଜନ କରିବ।

## ଆଇଓବିକୁ ନରାକାସ୍ ପକ୍ଷରୁ ପ୍ରଥମ ପୁରସ୍କାର




ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ସଂସ୍ଥା, ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ୍) ତରଫରୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ ବିଚିତ୍ର ସେନଗୁପ୍ତା, ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକଙ୍କଠାରୁ ମୁଖ୍ୟକ୍ଷେତ୍ରୀୟ ପ୍ରବନ୍ଧକ ରାହୁଲ ଦୁବେ ଏବଂ କ୍ଷେତ୍ରୀୟ ରାଜଭାଷା ଅଧିକାରୀ ରାଜୀବ ରଞ୍ଜନ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ବିଜିୟୁରେ ନୂଆ ପାଠ୍ୟକ୍ରମ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

BGU
BIRLA GLOBAL
UNIVERSITY

ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ), ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ, ଏହାର 'ଏମ୍‌ବିଏ ଇନ୍‌କମ୍ୟୁନିକେଶନ ମ୍ୟାନେଜମେଣ୍ଟ' ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ (୨୦୨୬-୨୮) ପାଇଁ ଆବେଦନ ଜାରି ରହିଛି। ଏହି କାର୍ଯ୍ୟକ୍ରମ କର୍ପୋରେଟ୍, ମିଡିଆ, କନସଲ୍ଟିଂ ଏବଂ ପବ୍ଲିକ୍ ପଲିସି କ୍ଷେତ୍ରରେ ଦକ୍ଷ କମ୍ୟୁନିକେଶନ୍ ମ୍ୟାନେଜରଙ୍କ ଉଚ୍ଚ ଚାହିଦାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଛି। ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ, ଅନୁଶାସନମୂଳକ ଶିକ୍ଷା, ଅନୁଭବ ଆଧାରିତ ଶିକ୍ଷଣ ଏବଂ କ୍ଷମତା-ଆଧାରିତ ଫଳାଫଳକୁ ଗୁରୁତ୍ୱ ଦେଇ, ବିଜିୟୁ ଏହାର ପ୍ରବନ୍ଧନ ଶିକ୍ଷା ପୋର୍ଟଫୋଲିଓକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଯେଉଁଠାରେ କମ୍ୟୁନିକେଶନ ଆଧାରିତ ନେତୃତ୍ୱକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। 'ଏମ୍‌ବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ବ୍ରାଣ୍ଡ କମ୍ୟୁନିକେଶନ୍, କର୍ପୋରେଟ୍ କମ୍ୟୁନିକେସନ୍ ପ୍ରବନ୍ଧନ, ସମସ୍ୟାପରିଚାଳନା, ମିଡିଆ ପରିଚାଳନା ଏବଂ ଡିଜିଟାଲ କମ୍ୟୁନିକେଶନ୍ ଭଳି ଦ୍ରୁତ ବଦଳୁଥିବା କ୍ଷେତ୍ରଗୁଡ଼ିକୁ ସଫଳତାର ସହିତ ସମ୍ଭାଳିବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି।

DSPL-486

ଓଡ଼ିଶା ଶାସନ
କୃଷି ଓଡ଼ିଶା
ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

କୃଷି ଓଡ଼ିଶା-୨୦୨୬
ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଭିମୁଖ୍ୟ

- ଲାଭଜନକ କୃଷି ପାଇଁ ସର୍ବୋତ୍ତମ ମାନର ଉତ୍ପାଦ, ବୈଜ୍ଞାନିକ ପଦ୍ଧତି ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ
- ବଜାର ସହଭାଗୀ, ସେବା ପ୍ରଦାନକାରୀ ଏବଂ କୃଷି ଉଦ୍ୟୋଗୀମାନଙ୍କ ମଧ୍ୟରେ ସମ୍ପର୍କର ଏକ ମଞ୍ଚ ସୃଷ୍ଟି କରିବା
- କୃଷି ଶିକ୍ଷା ଶିବିର ମାଧ୍ୟମରେ ଆଲୋଚନାଚକ୍ର
- ଆଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନ

୨୨ - ୨୪ ଜାନୁଆରୀ ୨୦୨୬
ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା

OIPR-

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଷଣ୍ଢାସୁର ବଧ, କାଳୀୟଦଳନ

ସମ୍ବଲପୁର,୨୧ା୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଧନୁଯାତ୍ରା ସକାଶେ ଗୋପପୁର (ଚାଉଁରପୁର) କୃଷ୍ଣମୟ ହୋଇଛି। ସମ୍ବଲପୁରୀ ଧନୁଯାତ୍ରାର ଚତୁର୍ଥ ଦିବସରେ କୃଷ୍ଣଙ୍କ ଲୀଳାରେ ଅଞ୍ଚଳ ମୁଖରିତ ହୋଇଛି। ଭକ୍ତମାନେ କୃଷ୍ଣ ଓ ବଳରାମଙ୍କ ଗୁଣଗାନ କରି ଭାବବିହ୍ୱଳ ହୋଇଛନ୍ତି। ଚାଉଁରପୁର ମହିଳା ସଂକୀର୍ତ୍ତନ୍ୟ ଓ ଚିହିଁକିପାଲି ମହିଳା ସଂକୀର୍ତ୍ତନ କଳାକାରଙ୍କ କୃଷ୍ଣ ଭଜନରେ ଗୋପପୁରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ବୁଧବାର ଷଣ୍ଢାସୁର ବଧ, ମହାନଦୀରେ କାଳୀୟ ଦଳନ ଓ ରାଧାକୃଷ୍ଣଙ୍କ ଲୀଳା ଦୃଶ୍ୟରେ ଗୋପପୁରବାସୀ ଅବିଭୂତ ହୋଇଥିଲେ । କୃଷ୍ଣଙ୍କ ମାଟିଖିଆରେ ବିଶ୍ୱ ବ୍ରହ୍ମାଣ୍ଡ ଦେଖାଯିବା ନାଟକୀୟ ଦୃଶ୍ୟ ଗୋପପୁରବାସୀଙ୍କ ମୁହଁରେ ହସ ଫୁଟାଇ ସତ୍ୟ ଯୁଗର ଆତ୍ମ ବିଶ୍ୱାସ ତୋଳିଥିବା ଭଳି ମନେ ହେଉଥିଲା ସେହିପରି କାଳିଆ ଦଳନ ପରେ କୃଷ୍ଣ ବଳରାମ ସୁସଜ୍ଜିତ ରଥରେ ଉପବିଷ୍ଟ ହୋଇ ବରାହକାନୀ ମୁଣ୍ଡୋଘାଟ, ପୋତାପାଲି, ସିର୍କିଡି, ଆମସଢ଼ା କଟାପାଲି, ଗୋଶାଳା, ଝାଙ୍କରପାଲି, ପରଦେଶୀପଡା ନଗର ଭ୍ରମଣ କରିଥିଲେ। ଯୁବନେତା ଦିଲ୍ଲୀପ ଦୁରିଆ ରାଜ ଅତିଥିଭାବେ ଯୋଗଦେଇ ଏଭଳି ଭାବଗତ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା ଗୋପପୁର କମିଟି ସଭାପତି ଆଦିତ୍ୟ ପ୍ରସାଦ ନାୟକ, ସମ୍ପାଦକ ଗଣେଶ ମହନ୍ତମ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ପଣ୍ଡା, କୋଷାଧକ୍ଷ ଆହ୍ଲାଦ ମେହେର, ସହ କୋଷାଧକ୍ଷ ଉମାକାନ୍ତ ମହନ୍ତମ, ଯୋଗେନ୍ଦ୍ର ମାଝୀ ଗୋପପୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସହ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, କାର୍ଯ୍ୟକାରୀ କମିଟି ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ, ଲେଖକ ନିର୍ଦ୍ଦେଶକ ବବ୍ଲୁ ବାଗ ଉପସ୍ଥିତ ଥିଲେ। ନନ୍ଦରାଜା ଭୂମିକାରେ ଯୋଗେଶ ନନ୍ଦ, ଯଶୋଦା ଭୂମିକାରେ ଅନ୍ନପୂର୍ଣ୍ଣା ମିଶ୍ର, ରୋହିଣୀ ଭୂମିକାରେ ସୁନିତା ପତି, କୃଷ୍ଣ ଭୂମିକାରେ ଓମସାଇ ପଣ୍ଡା, ବଳରାମ ଭୂମିକାରେ ନିର୍ବଲ ବାଗ, କୁବଜା ଭୂମିକାରେ ପ୍ରମିଳା ବେହେରା, ରାଧା ଭୂମିକାରେ ନେନସୀ ଭୋଇଙ୍କ ସମେତ ଚନ୍ଦ୍ରମଣି କୁମ୍ଭାର, ପ୍ରଥମ ପଣ୍ଡାଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇଥିଲା ।

**ସମ୍ବଲପୁରୀ ଧନୁଯାତ୍ରା ଗୋପପୁର (ଚାଉଁରପୁର) କୃଷ୍ଣମୟ**



ମହାନଦୀରେ ଆୟୋଜିତ କାଳୀୟ ଦଳନ ଦୃଶ୍ୟ ।



ଆୟୋଜିତ ରାଧାକୃଷ୍ଣଙ୍କ ନୃତ୍ୟର ଦୃଶ୍ୟ ।

## ସଂକ୍ଷେପରେ

### ଆର୍‌ଆଇଙ୍କୁ ଧମକ ଦେଇ ଯୁବକ ଗିରଫ

ବୀରମହାରାଜପୁର,୨୧ା୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନ୍ଦୁଝିରିଆପାଲି ଆର୍.ଆଇ ସରୋଜ କୁମାର ବାଗଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ଦୁଃଶାସନ ନାଏକ(୨୯)ଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଗତ ୧୮ତାରିଖ ଆର୍‌ଆଇ ବାଗ ଓ ଅମିନ ପ୍ରଦୀପ ଖମାରୀ ଅଫିସରେ କାର୍ଯ୍ୟ କରୁଥିଲେ। ଏହି ସମୟରେ କେନ୍ଦୁଝିରିଆପାଲିର ଦୁଃଶାସନ ନାଏକ ସେଠାକୁ ଯାଇ ଆର୍‌ଆଇଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲା। ଏନେଇ ଆର୍.ଆଇ ବାଗ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ. ୧୮/୨୬)ରୁଜୁ ହୋଇଥିଲା।

### ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ ଥାନାରେ ଅଟକ

**କଉଡିଆତୋଳା ସୁଶୀଲ ପ୍ରଧାନ ହତ୍ୟାକାଣ୍ଡ ଘଟଣା**

ବୌଦ୍ଧ,୨୧ା୧(ଅଜିତ କୁମାର ବାରିକ)

ବୌଦ୍ଧ ଥାନା ଲକ୍ଷ୍ମୀ ପ୍ରସାଦ ଗ୍ରାମପଞ୍ଚାୟତର କଉଡିଆତୋଳା ଗ୍ରାମର ସୁଶୀଲ ପ୍ରଧାନଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବୁଧବାର ବୌଦ୍ଧ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ରୁ ଅଧିକ ଜଣକୁ ଅଟକ ରଖିଥିବା ଜଣାପଡିଛି। ପ୍ରକାଶ ଥାଉକି ଗତ ମଙ୍ଗଳବାର ମୃତ ସୁଶିଲ ପ୍ରଧାନ ନିକଟସ୍ଥ ନାରାୟଣନଗର ସାପ୍ତାହିକ ହାଟରୁ ମୋଟରସାଇକେଲରେ ଫେରୁଥିବା ବେଳେ ପୂର୍ବ ଶତୃତା ଯୋଗୁ ତାଙ୍କୁ ଟ୍ରାକ୍ଟର ଲଗାଇ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ବୌଦ୍ଧ ପୋଲିସ ଗୁରୁତର ସହ ନେବା ସହିତ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ ରୁ ଅଧିକ ଜଣକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପୋଲିସ ଏହା ପୂର୍ବ ଶତୃତାରୁ ହତ୍ୟା ହୋଇଥିବା ସୂଚନା ଦେଇଥିବାବେଳେ ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ମହିଳାଙ୍କ ବେକରୁ ସୁନାହାର ମଙ୍ଗଳସୂତ୍ର ଲୁଟ ଅଭିଯୋଗ

ବଘିଆପଡା,୨୧ା୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ସାଲେସିଂ ଗ୍ରାମର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାହାର ଓ ମଙ୍ଗଳସୂତ୍ର ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ବାଇକ୍ ଛାଡ଼ି ୨ଜଣ ଲୁଟେରା ସୁନା ଚେନ୍ ଓ ମଙ୍ଗଳସୂତ୍ର ସହ ଫେରାର ହୋଇଯାଇଥିବା ବେଳେ ବାଇକ ଚାଳକକୁ ଧରି ସ୍ଥାନୀୟ ଲୋକେ ପୋଲିସରେ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବଘିଆପଡା ବୁଧବାର ସାପ୍ତାହିକ ବଜାରରୁ ସାଲେସିଂ ଗ୍ରାମ ଦରଗଡିଆ ସାହିର ଗିରିଶ ଦିଗାଲ୍ ଓ ତାଙ୍କ ପତ୍ନୀ ମନ୍ଦାକିନୀ ଚାଲି ଚାଲି ଘରକୁ ଫେରୁଥିବା ବେଳେ ୩ଜଣ ଲୁଟେରା ବାଇକରେ ଆସି ମନ୍ଦାକିନୀଙ୍କ ବେକରୁ ସୁନା ଚେନ୍ ଓ ମଙ୍ଗଳ ସୂତ୍ର ଝାମ୍ପି ନେଇଥିଲେ।

# କୃଷ୍ଣ ଓ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କ ଗୋପପୁର ପ୍ରେରଣ



ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ମହାରାଜ କଂସ।

ସମ୍ବଲପୁର,୨୧ା୧( ବି. ଶଙ୍କର)

**ସମ୍ବଲପୁରୀ ଧନୁଯାତ୍ରା ଚତୁର୍ଥ ଦିବସ**

ଗଙ୍ଗାଧର ମୁକ୍ତମଞ୍ଚର ମଥୁରାପୁର ମଞ୍ଚରେ ସମ୍ବଲପୁରୀ ଧନୁଯାତ୍ରାର ଚତୁର୍ଥ ଦିବସରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର, ସମ୍ମାନିତ ଅତିଥିଭାବେ ପୂର୍ବତନ ନଗରପାଳ ସିଦ୍ଧାର୍ଥ ସାହା, ଏନ୍‌ଏଲସି ଅଧିକାରୀ ସୁବ୍ରତ ବିଶ୍ୱାଳ ଓ ସମାଜସେବୀ ସଞ୍ଜୀବ ପ୍ରସାଦ, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା ମଞ୍ଚାସୀନ ଥିଲେ। ସାଂସ୍କୃତିକ ସହସମ୍ପାଦକ ଯୋଗେଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ପ୍ରଦର୍ଶିତ ହେବା ଦ୍ୱାରା ଆମ ଭାଷା ଆହୁରି ଉନ୍ନତି କରିବ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନେ ଆୟୋଜନ କମିଟି ସଦସ୍ୟ ବିଶେଷ ଭାବରେ ନାଟ୍ୟକାର ନିର୍ଦ୍ଦେଶକ ବବ୍‌ଲୁ ବାଗକୁ ପ୍ରସଂଶା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା ଚତୁର୍ଥ ଦିନରେ ଲୀଳା ନାଟକରେ ଗୋପପୁରରୁ ଗୁପ୍ତଚର ସମାଚାର ନେଇ କଂସ ଦରବାରରେ ପହଞ୍ଚି ଷଣ୍ଢା ସୁର, ଶକଟା ସୁର, କାଳୀୟ ଦଳନ ବିଷୟରେ ସୂଚନା ଦେଇଥିଲେ। ଦେବର୍ଷୀ ନାରଦ ଧନୁଯାତ୍ରା ଆୟୋଜନ ପାଇଁ ମନ୍ତ୍ରଣା ଓ ମହାରାଜ କଂସଙ୍କ ଦ୍ୱାରା ବିଶ୍ୱସ୍ତ ଅକ୍ରୁରଙ୍କୁ ଗୋପପୁରକୁ ଯାଇ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ନିମନ୍ତ୍ରଣ ଦେବା ପାଇଁ ପ୍ରେରଣ କରିଛନ୍ତି। ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅଙ୍କିତ ଷଡ଼ଙ୍ଗୀ, ଅଭିଲିପ୍ସା ସେଠ, ମୃତ୍ୟୁଞ୍ଜୟ ସାହାଣୀ, ସ୍ୱୟଂସିଦ୍ଧା ପଟ୍ଟନାୟକ ପ୍ରମୁଖ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ଗୁରୁକୁଳ ଏକାଡେମୀ, ସମ୍ବଲପୁର ନର୍ସିଂ କଲେଜ, ବିକାଶ ସ୍କୁଲ, ଆମ୍ବିଟିୟୁଷ ଏକାଡେମୀ ଓ ଉଡାନ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନାରେ ସୂର୍ଯ୍ୟ ପାଣିଗ୍ରାହୀ ସହଯୋଗ କରିଥିଲେ। ଅପରାହ୍ନରେ ମହାରାଜ କଂସ ସୁସଜ୍ଜିତ ରଥରେ ବିରାଜମାନ ହୋଇ ମନ୍ତ୍ରୀ ପରିଷଦଙ୍କ ସହ ସାକ୍ଷୀପଡା, ଅଶୋକ ଟକିଜ ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଛକ ହୋଇ ମଥୁରା ନଗର ପହଞ୍ଚିଥିଲେ।

# ୨୩ରୁ ସମ୍ବଲପୁରରେ ସିକେ ନାଇଡୁ ଟ୍ରଫି




ଖବରଦାତା ସମ୍ମିଳନୀରେ ଉପସ୍ଥିତି ଜିଲା କ୍ରୀଡ଼ା ସଂଘ କର୍ମକର୍ତ୍ତା।

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

**■ମୁହାଁମୁହିଁ ହେବେ ଓଡ଼ିଶା ଓ ହରିୟାଣା ଦଳ**

**■ଓଡ଼ିଶା ଦଳରୁ ଖେଳିବେ ସମ୍ବଲପୁରର ଆଶୁତୋଷ**

ସମ୍ବଲପୁରଠାରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆସନ୍ତା ଜାନୁ/ଆରୀ ୨୩ ତାରିଖରୁ ୨୩ ବର୍ଷରୁ କମ୍ ସର୍ବ ଭାରତୀୟ କର୍ଣ୍ଣଲ ସିକେ ନାଇଡୁ ଟ୍ରଫି ୪ଦିନିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଜାନୁଆରୀ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମ୍ୟାଚରେ ମୁହାଁମୁହିଁ ହେବେ ଓଡ଼ିଶା ଓ ହରିୟାଣା ଯୁବ ଦଳ ବୋଲି ଜିଲା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ସାହୁଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭିଏସ୍‌ଏସ୍ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସମ୍ପାଦକ ସାହୁ ସୂଚନା ଦେଇ କହିଛନ୍ତି , ଓମ ଡୁମରାମ ମୁଣ୍ଡେ ଅଧିନାୟକ ଭାବେ ଓଡ଼ିଶା ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଦଳ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏଥିରେ ଆଶୀର୍ବାଦ ସ୍ୱାଇଁ ଓ ଦିନେଶ କୁମାର ମାଝି ଉଇକେଟ କିପର ଓ ସମ୍ବଲପୁର ରେଙ୍ଗାଲିର ଆଶୁତୋଷ ଛୁରିଆ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଅଭିନାଶ ନନ୍ଦ ଦଳର, ଅନିଲ କୁମାର ବିଶ୍ୱାଳ ପ୍ରଶାସନିକ ମ୍ୟାନେଜର, ସୁବିତ ବିଶ୍ୱାଳ ମୁଖ୍ୟକୋଚ ଓ ବିଭୁଦତ୍ତ ପଣ୍ଡା ସହଯୋଗୀ କୋଚର ଭୂମିକା ନିର୍ବାହ କରିବେ। ହରିୟାଣା ଦଳର ସ୍ଥାନୀୟ ମ୍ୟାନେଜର ଭାବ ସୁବୋଧ କୁମାର ସାହୁ ଦାୟିତ୍ୱରେ ରହିବେ ବୋଲି ସାହୁ ସୂଚନା ଦେଇଛନ୍ତି। ମ୍ୟାଚ ରେଫରୀ ଅରିନ୍ଦମ ସରକାର, ଅମ୍ପାୟାର ଭାବେ ରାକେଶ କୁମାର ଓ ଅଭିଶେକ ଗୁପ୍ତା ମ୍ୟାଚ ପରିଚାଳନା କରିବେ। ସୂଚନାଯୋଗ୍ୟ ଯେ, ଇଲାଇଟ ରାଉଣ୍ଡ ଗ୍ରୁପ 'ବି'ରେ ବେଙ୍ଗଲ, ବିଦର୍ଭ, ମୁମ୍ବାଇ, ରାଜସ୍ଥାନ, ହାଇଦ୍ରାବାଦ, ହରିୟାଣା ଓ ଆସାମ ସହିତ ଓଡ଼ିଶା ଦଳ ରହିଛି। ଏଥିରେ ଓଡ଼ିଶା ଦଳ ଗୋଟାଏ ଲେଖାଏଁ ମ୍ୟାଚ ବିଜୟ ଓ ଅମୀମାଂସିତ ରଖି ୨୧ ପଏଣ୍ଟ ହାସଲ କରିଛି। ଅପରପକ୍ଷରେ ହରିୟାଣା ଦଳ ୧୪ ପଏଣ୍ଟ ହାସଲ କରିପାରିଛି। ଉଭୟ ଦଳ ମଧ୍ୟରେ ପୂର୍ବରୁ ୩ଟି ଲେଖାଏ ମ୍ଯାଚ ଖେଳିଛନ୍ତି। ଖବରଦାତା ସମ୍ମିଳନୀରେ କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ବିସିସିଆଇ ଅମ୍ପାୟାର ସୁବ୍ରତ ଦାସ, କାଉନସିଲ ସଦସ୍ୟ ସୁବୋଧ ସାହୁ, ଗୋପାଲ ନନ୍ଦ, ମନୋଜ ପଣ୍ଡା, ଲାଜମି ମହାକୁଡ, ପଦ୍ମନାଭ ନାଏକ, ଖେଳ ସମ୍ପାଦକ ରାଜେଶ ସେଠ୍, ଉମାପତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୀବନ ରକ୍ଷା କରିପାରିଲେ ଆତ୍ମସନ୍ତୋଷ ମିଳିବ

ସମ୍ବଲପୁର,୨୧ା୧(ଭବାନୀ ଶଙ୍କର ଭୋଇ)



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ ।

ମଣିଷ ଜୀବନ ମୂଲ୍ୟବାନ। ସଡ଼କ ସୁରକ୍ଷା ନିୟମ ପାଳନ କଲେ ଆମେ ଅକାଳ ମତ୍ୟୁରୁ ବର୍ତ୍ତିପାରିବା। ନିଜେ ବଞ୍ଚିବା ସହ ଅନ୍ୟ ଜଣକର ଜୀବନ ରକ୍ଷା କରିପାରିଲେ ଆମକୁ ଆତ୍ମ ସନ୍ତୋଷ ମିଳିବ । ବୁଧବାର ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ରାମଦାସ ଟୁଡୁ ଏହା କହିଥିଲେ। ରେଡକ୍ରସ ସମ୍ପାଦକ ରୋଜାଲିନ ତିର୍କୀ ଅତିଥିଭାବେ ଯୋଗଦେଇ ନିଜର ଅନୁଭୂତି ବଖାଣିବା ସହ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ପ୍ରାକୃତିକ ବିପର୍ଯ୍ୟୟ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା, ସହକାରୀ ଆରଟିଓ କାହ୍ନୁଚରଣ ବାଗରା ଓ ରେଡକ୍ରସ କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା ଯୋଗଦେଇଥିଲେ । ରବିଚନ୍ଦ୍ର ପଶାୟତ ଓ ରାମନାରାୟଣ ଦାଶ ପ୍ରଶିକ୍ଷକଭାବେ ଯୋଗ ଦେଇ ମୂର୍ଚ୍ଛା, ରକ୍ତସ୍ରାବ, ଶ୍ୟାସରୁଦ୍ଧ, ସିପିଆର, ଅଗ୍ନି ନିରାପତ୍ତା, ରୋଗୀ ସ୍ଥାନାନ୍ତରିକରଣ, କୁକୁର ଓ ସର୍ପାଘାତ ଆଦି ଅଘଟଣ ବେଳେ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯିବ ସେନେଇ ତାଲିମ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅର୍ଚ୍ଚନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଜିଲ୍ଲା ରେଡକସ ପକ୍ଷରୁ ପୁଟିବନ୍ଧ ସ୍ଥିତ ହୋପ ସ୍କୋପ ଡ୍ରାଇଭିଂ ସ୍କୁଲଠାରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଗାଡିଚାଳକ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

# ସମବାୟ ସମିତିରେ ବହୁମୁଖୀ ବ୍ୟବସାୟକୁ ଗୁରୁତ୍ୱ

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

**ଅନ୍ତର୍ଜାତୀୟ ସମବାୟ ବର୍ଷ ସମାପନ ସମାରୋହ**

ସମ୍ବଲପୁର ଜିଲା ସମବାୟ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ସମାପନ ସମାରୋହ ଅନୁଷ୍ଠିତ ହୋଇଛି। ଓଡ଼ିଶା ସାଂସ୍କୃତିକ ସମାଜ ଭନନରେ ବୁଧବାର ଅନୁଷ୍ଠିତ ସମାରୋହରେ ସମ୍ବଲପୁର ସମବାୟ ବିଭାଗର ସମସ୍ତ କର୍ମଚାରୀ, ସମବାୟ କୃଷି ସମବାୟ ସମିତି(ପିଏସିଏସ୍), ସମବାୟ ବୃହତ୍ତ କୃଷି ସମବାୟ ସମିତି ଓ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବିଭିନ୍ନ ସମବାୟ ସମିତିର କର୍ମଚାରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ। ସମ୍ବଲପୁର ଜିଲା ସମବାୟ ସମିତି ସମୂହ ଉପନିବନ୍ଧକ(ଡିଆର୍‌ସିଏସ୍) ଲକ୍ଷ୍ମୀଧର ରାଉତ ନିଜ ବକ୍ତବ୍ୟରେ ସମବାୟ ସଂସ୍ଥାମାନଙ୍କର ଆର୍ଥିକ ବିକାଶ ପାଇଁ ବହୁମୁଖୀ ବ୍ୟବସାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଏନ୍‌ଏବିଏଆର୍‌ଡିର ଜିଲା ଉନ୍ନୟନ ପ୍ରବନ୍ଧକ(ଡିପିଏମ୍) ଧରେନ୍ଦ୍ର କୁମାର ଦାଶ, ଜନସେବା କେନ୍ଦ୍ର ରାଜ୍ୟ ପ୍ରବନ୍ଧକ ସୁରେନ୍ଦ୍ର ପାଣ୍ଡିଆ ଅତିଥିଭାବେ ଯୋଗଦେଇଥିଲେ। ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଉପଲକ୍ଷେ, ସମ୍ବଲପୁର ଜିଲାରେ ବର୍ଷସାରା ବିଭିନ୍ନ ସଚେତନତା ଧର୍ମୀ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ଏହି ଅବସରରେ ଉତ୍କର୍ଷ କାର୍ଯ୍ୟ ପାଇଁ ସମବାୟ ସଂସ୍ଥାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଏସ୍‌ଆର୍‌ସିଏସ୍ ସୁଶୀଲ କୁମାର ମିଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଣ୍ଡୋଲକୁ ହରାଇ ମଲିକୁଦ ଚାମ୍ପିୟନ

ଘଣ୍ଟାପଡ଼ା,୨୧ା୧(ପ୍ରଭାତ କୁମାର ସାହୁ)



ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅଧିନ କୋଡ଼ିବାହାଲର ଖେଳପଡ଼ିଆରେ ବୁଧବାର ୧୯ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ସିଣ୍ଡୋଲ ଦଳକୁ ହରାଇ ମଲିକୁଦ ଦଳ ଚାମ୍ପିୟନ ହୋଇଛି। ଟସ ଜିତିସିଣ୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୯ଉଇକେଟ ହରାଇ ୩୭ ରନ କରିପାରିଥିଲା। ଜବାବରେ ମଲିକୁଦ ଦଳ ୩ ଓଭରରେ ୨ଉଇକେଟ ବିନିମୟରେ ୩୯ ରନ କରି ବିଜୟ ହାସଲ କରି ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମୁଖ୍ୟ ଅତିଥି ଭାବେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ନିଳାଚଳ ଭୋଇ, କଣ୍ଟାମାଳ ବ୍ଲକର ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଘଣ୍ଟାପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ନବିନ କିଶୋର ମେଣ୍ଡିଲି, ଶିକ୍ଷାବିତ ସୁଶାନ୍ତ ମାଝୀ, ସମାଜସେବୀ ଶରତ ରଣା, ଅଜିତ ସାହୁ, ଆଦିତ୍ୟ ଧରୁଆ,ପ୍ରତିଷ୍ଠାତା ସଦସ୍ୟ ଦେଓ ବେହେରା ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦଳ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଉକ୍ତ ଫାଇନାଲ ମ୍ୟାଚକୁ ଭରତ ଜାନୀ ଓ ରାହାସ ବିଭାର ଖେଳ ପରିଚାଳନା କରିଥିଲେ। ସେହିପରି ସ୍କୋରର ଭାବେ ସତ୍ୟବନ୍ତ ମିର୍ଦ୍ଧା, କୁନ୍ଦୁରୁ କୁଶଲ ଏବଂ ଧାରା ବିବରଣୀ ଦେବେନ୍ଦ୍ର ରଣା ପ୍ରଦାନ କରିଥିଲେ। ଆଶିଷ ପୃଷ୍ଟି, ରମେଶ ସା, ରଙ୍କନିଧି କମ୍ପ, ରାଜୀବ ମେଣ୍ଡିଲି, ଆନନ୍ଦ ପ୍ରଧାନ, ନିର୍ମଳ ମେଣ୍ଡିଲି, ରବି ମହାକୁଡ଼, ରଞ୍ଜିତ ସା, ଦିପକ ନାୟକ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

୧୦%
ବିଶେଷ ରିହାତି

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

**Directorate of Technical Education & Training, Odisha**
At-Killamaidan, Po- Buxibazar, Cuttack-753001
Phone No.-0671 2301061, e-mail: dtetorissa@gmail.com

NIT No.DTET/2025-26/1223 Date:19.01.2026

**NOTICE INVITING REQUEST FOR PROPOSALS (RFP)**
**From the OEMs/authorised Channel Partners for the following tenders.**

1. Centre of Excellence in Additive Manufacturing at 3 Govt. ITIs of Odisha.
2. Centre of Excellence in Advanced CNC Machining and Manufacturing at 3 Govt. ITIs of Odisha.
3. Procurement of AI Lab equipment for 9 Govt. ITIs of Odisha.

Directorate of Technical Education and Training (DTE&T), Odisha invites both Technical & Financial proposals from the eligible OEMs/authorised channel partners for the above mentioned tenders through Odisha Government e-Procurement System (https://tendersodisha.gov.in). Please refer to the RFP documents for details.

The RFP documents shall be available from 22/01/2026 onwards in the Odisha Government e-Procurement Portal (https://tendersodisha.gov.in) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

No.KK-331

OIPR- Sd./- DTE&T, Odisha, Cuttack

# ଷଣ୍ଢାସୁର ବଧ, କାଳୀୟଦଳନ

ସମ୍ବଲପୁରୀ ଧନୁଯାତ୍ରା ଗୋପପୁର (ଚାଉଁରପୁର) କୃଷ୍ଣମୟ

ସମ୍ବଲପୁର,୨୧।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଧନୁଯାତ୍ରା ସକାଶେ ଗୋପପୁର (ଚାଉଁରପୁର) କୃଷ୍ଣମୟ ହୋଇଛି। ସମ୍ବଲପୁରୀ ଧନୁଯାତ୍ରାର ଚତୁର୍ଥ ଦିବସରେ କୃଷ୍ଣଙ୍କ ଲୀଳାରେ ଅଞ୍ଚଳ ମୁଖରିତ ହୋଇଛି। ଭକ୍ତମାନେ କୃଷ୍ଣ ଓ ବଳରାମଙ୍କ ଗୁଣଗାନ କରି ଭାବବିହ୍ୱଳ ହୋଇଛନ୍ତି। ଚାଉଁରପୁର ମହିଳା ସଂକୀର୍ତ୍ତନ୍ୟ ଓ ଟିହିକିପାଲି ମହିଳା ସଂକୀର୍ତ୍ତନ କଳାକାରଙ୍କ କୃଷ୍ଣ ଭଜନରେ ଗୋପପୁରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ବୁଧବାର ଷଣ୍ଢାସୁର ବଧ, ମହାନଦୀରେ କାଳୀୟ ଦଳନ ଓ ରାଧାକୃଷ୍ଣଙ୍କ ଲୀଳା ଦୃଶ୍ୟରେ ଗୋପପୁରବାସୀ ଅଭିଭୂତ ହୋଇଥିଲେ । କୃଷ୍ଣଙ୍କ ମାଟିଖିଆରେ ବିଶ୍ୱ ବ୍ରହ୍ମାଣ୍ଡ ଦେଖାଯିବା ନାଟକୀୟ ଦୃଶ୍ୟ ଗୋପପୁରବାସୀଙ୍କ ମୁହଁରେ ହସ ଫୁଟାଇ ସତ୍ୟ ଯୁଗର ଆତ୍ମ ବିଶ୍ୱାସ ତୋଳିଥିବା ଭଳି ମନେ ହେଉଥିଲା ସେହିପରି କାଳିଆ ଦଳନ ପରେ କୃଷ୍ଣ ବଳରାମ ସୁସଜ୍ଜିତ ରଥରେ ଉପବିଷ୍ଟ ହୋଇ ବରାହକାନୀ ମୁଣ୍ଡୋଘାଟ, ପୋଡାପାଲି, ସିର୍କିଡି, ଆମସଢ଼ା କଟାପାଲି, ଗୋଶାଳା, ଝାଙ୍କରପାଲି, ପରଦେଶୀପଡା ନଗର ଭ୍ରମଣ କରିଥିଲେ। ଯୁବନେତା ଦିଲ୍ଲୀପ ଦୁରିଆ ରାଜ ଅତିଥିଭାବେ ଯୋଗଦେଇ ଏଭଳି ଭାବଗତ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା ଗୋପପୁର କମିଟି ସଭାପତି ଆଦିତ୍ୟ ପ୍ରସାଦ ନାୟକ, ସମ୍ପାଦକ ଗଣେଶ ମହନ୍ତମ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ପଣ୍ଡା, କୋଷାଧ୍ୟକ୍ଷ ଆହ୍ଲାଦ ମେହେର, ସହ କୋଷାଧ୍ୟକ୍ଷ ଉମାକାନ୍ତ ମହନ୍ତମ, ଯୋଗେନ୍ଦ୍ର ମାଝୀ ଗୋପପୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁରୀ ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସହ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, କାର୍ଯ୍ୟକାରୀ କମିଟି ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ, ଲେଖକ ନିର୍ଦ୍ଦେଶକ ବବଲୁ ବାଗ ଉପସ୍ଥିତ ଥିଲେ। ନନ୍ଦରାଜା ଭୂମିକାରେ ଯୋଗେଶ ନନ୍ଦ, ଯଶୋଦା ଭୂମିକାରେ ଅନ୍ନପୂର୍ଣ୍ଣା ମିଶ୍ର, ରୋହିଣୀ ଭୂମିକାରେ ସୁନିତା ପତି, କୃଷ୍ଣ ଭୂମିକାରେ ଓମସାଇ ପଣ୍ଡା, ବଳରାମ ଭୂମିକାରେ ନିର୍ବଳ ବାଗ, କୁବଜା ଭୂମିକାରେ ପ୍ରମିଳା ବେହେରା, ରାଧା ଭୂମିକାରେ ନେନସୀ ଭୋଇଙ୍କ ସମେତ ଚନ୍ଦ୍ରମଣି କୁମ୍ଭାର, ପ୍ରଥମ ପଣ୍ଡାଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇଥିଲା ।



ମହାନଦୀରେ ଆୟୋଜିତ କାଳୀୟ ଦଳନ ଦୃଶ୍ୟ ।



ଆୟୋଜିତ ରାଧାକୃଷ୍ଣଙ୍କ ନୃତ୍ୟର ଦୃଶ୍ୟ ।

## ସଂକ୍ଷେପରେ

### ଆର୍.ଆଇଙ୍କୁ ଧମକ ଦେଇ ଯୁବକ ଗିରଫ

ବୀରମହାରାଜପୁର,୨୧।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନଝିରିଆପାଲି ଆର୍.ଆଇ ସରୋଜ କୁମାର ବାଗଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ଦୁଃଶାସନ ନାଏକ(୨୯)ଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଗତ ୧୮ତାରିଖ ଆର୍.ଆଇ ବାଗ ଓ ଅମିନ ପ୍ରଦୀପ ଖମାରୀ ଅଫିସରେ କାର୍ଯ୍ୟ କରୁଥିଲେ। ଏହି ସମୟରେ କେନଝିରିଆପାଲିର ଦୁଃଶାସନ ନାଏକ ସେଠାକୁ ଯାଇ ଆର୍.ଆଇଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲା। ଏନେଇ ଆର୍.ଆଇ ବାଗ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ. ୧୮/୨୬)ରୁଜୁ ହୋଇଥିଲା।

### ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ ଥାନାରେ ଅଟକ

**କଉଡିଆତୋଳା ସୁଶୀଲ ପ୍ରଧାନ ହତ୍ୟାକାଣ୍ଡ ଘଟଣା**

ବୌଦ୍ଧ,୨୧।୧(ଅଜିତ କୁମାର ବାରିକ)

ବୌଦ୍ଧ ଥାନା ଲକ୍ଷ୍ମୀ ପ୍ରସାଦ ଗ୍ରାମପଞ୍ଚାୟତର କଉଡିଆତୋଳା ଗ୍ରାମର ସୁଶୀଲ ପ୍ରଧାନଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବୁଧବାର ବୌଦ୍ଧ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ରୁ ଅଧିକ ଜଣକୁ ଅଟକ ରଖିଥିବା ଜଣାପଡିଛି। ପ୍ରକାଶ ଥାଉକି ଗତ ମଙ୍ଗଳବାର ମୃତ ସୁଶିଲ ପ୍ରଧାନ ନିକଟସ୍ଥ ନାରାୟଣନଗର ସାପ୍ତାହିକ ହାଟରୁ ମୋଟରସାଇକେଲରେ ଫେରୁଥିବା ବେଳେ ପୂର୍ବ ଶତୃତା ଯୋଗୁ ତାଙ୍କୁ ଟ୍ରାକ୍ଟର ଲଗାଇ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ବୌଦ୍ଧ ପୋଲିସ ଗୁରୁତର ସହ ନେବା ସହିତ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ ରୁ ଅଧିକ ଜଣକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପୋଲିସ ଏହା ପୂର୍ବ ଶତୃତାରୁ ହତ୍ୟା ହୋଇଥିବା ସୂଚନା ଦେଇଥିବାବେଳେ ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ମହିଳାଙ୍କ ବେକରୁ ସୁନାହାର ମଙ୍ଗଳସୂତ୍ର ଲୁଟ ଅଭିଯୋଗ

ବଘିଆପଡା,୨୧।୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ସାଲେସିଂ ଗ୍ରାମର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାହାର ଓ ମଙ୍ଗଳସୂତ୍ର ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ବାଇକ୍ ଛାଡ଼ି ୨ଜଣ ଲୁଟେରା ସୁନା ଚେନ୍ ଓ ମଙ୍ଗଳସୂତ୍ର ସହ ଫେରାର ହୋଇଯାଇଥିବା ବେଳେ ବାଇକ ଚାଳକଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସରେ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବଘିଆପଡା ବୁଧବାର ସାପ୍ତାହିକ ବଜାରରୁ ସାଲେସିଂ ଗ୍ରାମ ଦରଗଡିଆ ସାହିର ଗିରିଶ ଦିଗାଲ୍ ଓ ତାଙ୍କ ପତ୍ନୀ ମନ୍ଦାକିନୀ ଚାଲି ଚାଲି ଘରକୁ ଫେରୁଥିବା ବେଳେ ୩ଜଣ ଲୁଟେରା ବାଇକରେ ଆସି ମନ୍ଦାକିନୀଙ୍କ ବେକରୁ ସୁନା ଚେନ୍ ଓ ମଙ୍ଗଳ ସୂତ୍ର ଝାମ୍ପି ନେଇଥିଲେ।

# ମହୋତ୍ସବ ଦ୍ୱାରା ଲୋକବାଦ୍ୟ, ଲୋକନୃତ୍ୟର ବିକାଶ ହେବ



ଗଡଜାତ ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ମଞ୍ଚାସୀନ ଅତିଥି ।

**ଚତୁର୍ଥ ଦିନରେ ଗଡଜାତ ଲୋକ ମହୋତ୍ସବ**

ହରଭଙ୍ଗା,୨୧।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ସ୍ଥିତ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳପଡ଼ିଆ ଠାରେ କଳା ଓ ସଂସ୍କୃତିର ମହାମିଳନକୁ ନେଇ ଚାଲିଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଥିଲା ଚତୁର୍ଥ ଦିବସ। ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନି ଦାସ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟା କଳ୍ପନାରାଣୀ ସାହୁ , ବରିଷ୍ଠ ସିନେ ତାରକା ଅଶ୍ରୁମୋଚନ ମହାନ୍ତି, କଳାକ୍ଷେତ୍ର ଓଡିଶାର ସମ୍ପାଦକ ବାସୁଦେବ ମାଳବିଶୋୟୀ ଯୋଗଦେଇଥିଲେ। ଅତିଥିମାନେ ଏଭଳି ଏକ ନିଆର ମଞ୍ଚ ମାଧ୍ୟରେ ଅଞ୍ଚଳର କଳା, ସଂସ୍କୃତି, ଲୋକବାଦ୍ୟ, ଲୋକନୃତ୍ୟର ବିକାଶ ଓ ଲୁଚିଥିବା ଲୋକକଳା ଲୋକଲୋଚନକୁ ଆସି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ପରିଚୟ ବସନ୍ତ କୁମାର ସାହୁ କରିଥିବାବେଳେ ଦୁଃଖୁ ଗାଇଗୌରିଆ ଧନ୍ୟବାଦ ପ୍ରଦାନ କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର, ଘର କରଣା ଜିନିଷ, ଖାଦ୍ୟଷ୍ଟଲ ଖୋଲାଯାଇଛି। ସମ୍ବଲପୁରୀ ଗୀତ, ନାଚ ଓ ବାଦ୍ୟରେ ଦର୍ଶକ ଝୁମିଥିଲେ। ଏହା ସହ ସ୍ଥାନୀୟ କଳାକାରଙ୍କ ନାଚ, ଗୀତ ଓ ଢୋଲ, ନିଷାନ, ତାସାରେ ମଞ୍ଚ ଫାଟି ପଡିଥିଲା। ପ୍ରବଳ ଶୀତ ସତ୍ତ୍ୱେ ଲୋକଙ୍କ ଭିଡ ଲାଗିରହିଥିଲା। ମହୋତ୍ସବ କମିଟିର ସମ୍ପାଦକ, ସମସ୍ତ ସଭ୍ୟ, ଡ୍ରାଇଭର ମହାସଂଘର ମିଳିତ ସହଯୋଗରେ ମହୋତ୍ସବ ଅନୁଷ୍ଠିତ ହେଉଛି। ଗୁରୁବାର ମହୋତ୍ସବ ଉଦ୍‌ଯାପିତ ହେବ।

# ୨୩ରୁ ସମ୍ବଲପୁରରେ ସିକେ ନାଇଡୁ ଟ୍ରଫି




ଖବରଦାତା ସମ୍ମିଳନୀରେ ଉପସ୍ଥିତି ଜିଲା କ୍ରୀଡ଼ା ସଂଘ କର୍ମକର୍ତ୍ତା।

**■ମୁହାଁମୁହିଁ ହେବେ ଓଡ଼ିଶା ଓ ହରିୟାଣା ଦଳ**

**■ଓଡ଼ିଶା ଦଳରୁ ଖେଳିବେ ସମ୍ବଲପୁରର ଆଶୁତୋଷ**

ସମ୍ବଲପୁର,୨୧।୧(ପ୍ରମୋଦ ବହିଦାର)

ସମ୍ବଲପୁରଠାରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆସନ୍ତା ଜାନୁ/ଆରୀ ୨୩ ତାରିଖରୁ ୨୩ ବର୍ଷରୁ କମ୍ ସର୍ବ ଭାରତୀୟ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ୪ଦିନିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଜାନୁଆରୀ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମ୍ୟାଚରେ ମୁହାଁମୁହିଁ ହେବେ ଓଡ଼ିଶା ଓ ହରିୟାଣା ଯୁବ ଦଳ ବୋଲି ଜିଲା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ସାହୁଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭିଏସ୍‌ଏସ୍ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସମ୍ପାଦକ ସାହୁ ସୂଚନା ଦେଇ କହିଛନ୍ତି , ଓମ ତୁମରାମ ମୁଣ୍ଡେ ଅଧିନାୟକ ଭାବେ ଓଡ଼ିଶା ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଦଳ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏଥିରେ ଆଶୀର୍ବାଦ ସ୍ୱାଇଁ ଓ ଦିନେଶ କୁମାର ମାଝି ଉଇକେଟ କିପର ଓ ସମ୍ବଲପୁର ରେଙ୍ଗାଲିର ଆଶୁତୋଷ ଛୁରିଆ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଅଭିନାଶ ନନ୍ଦ ଦଳର, ଅନିଲ କୁମାର ବିଶ୍ୱାଳ ପ୍ରଶାସନିକ ମ୍ୟାନେଜର, ସୁବିତ ବିଶ୍ୱାଳ ମୁଖ୍ୟକୋଚ ଓ ବିଭୁଦତ୍ତ ପଣ୍ଡା ସହଯୋଗୀ କୋଚର ଭୂମିକା ନିର୍ବାହ କରିବେ। ହରିୟାଣା ଦଳର ସ୍ଥାନୀୟ ମ୍ୟାନେଜର ଭାବ ସୁବୋଧ କୁମାର ସାହୁ ଦାୟିତ୍ୱରେ ରହିବେ ବୋଲି ସାହୁ ସୂଚନା ଦେଇଛନ୍ତି। ମ୍ୟାଚ ରେଫରୀ ଅରିନ୍ଦମ ସରକାର, ଅମ୍ପେୟାର ଭାବେ ରାକେଶ କୁମାର ଓ ଅଭିଶେକ ଗୁପ୍ତା ମ୍ୟାଚ ପରିଚାଳନା କରିବେ। ସୂଚନାଯୋଗ୍ୟ ଯେ, ଇଲାଇଟ ରାଉଣ୍ଡ ଗ୍ରୁପ 'ବି'ରେ ବେଙ୍ଗଲ, ବିଦର୍ଭ, ମୁମ୍ବାଇ, ରାଜସ୍ଥାନ, ହାଇଦ୍ରାବାଦ, ହରିୟାଣା ଓ ଆସାମ ସହିତ ଓଡ଼ିଶା ଦଳ ରହିଛି। ଏଥିରେ ଓଡ଼ିଶା ଦଳ ଗୋଟାଏ ଲେଖାଏଁ ମ୍ୟାଚ ବିଜୟ ଓ ଅମୀମାଂସିତ ରଖି ୨୧ ପଏଣ୍ଟ ହାସଲ କରିଛି। ଅପରପକ୍ଷରେ ହରିୟାଣା ଦଳି ୧୪ ପଏଣ୍ଟ ହାସଲ କରିପାରିଛି। ଉଭୟ ଦଳ ମଧ୍ୟରେ ପୂର୍ବରୁ ୩ଟି ଲେଖାଏ ମ୍ୟାଚ ଖେଳିଛନ୍ତି। ଖବରଦାତା ସମ୍ମିଳନୀରେ କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ବିସିସିଆଇ ଅମ୍ପେୟାର ସୁବ୍ରତ ଦାସ, କାଉନସିଲ ସଦସ୍ୟ ସୁବୋଧ ସାହୁ, ଗୋପାଲ ନନ୍ଦ, ମନୋଜ ପଣ୍ଡା, ଲାଜମି ମହାକୁଡ, ପଦ୍ମନାଭ ନାଏକ, ଖେଳ ସମ୍ପାଦକ ରାଜେଶ ସେଠ୍, ଉମାପତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ବଦଳି ବାତିଲ ପରେ ସ୍କୁଲର ତାଲା ଖୋଲିଲା



ଶିକ୍ଷକ ବଦଳି ବାତିଲ ପରେ ବିଦ୍ୟାଳୟ ତାଲା ଖୋଲା ଯାଉଛି।

ଘଣ୍ଟାପଡ଼ା,୨୧।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଅନ୍ତର୍ଗତ କୁରୁକୁପା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିଲା। ଏଥିଯୋଗୁ ମଙ୍ଗଳବାର ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଗେଟରେ ତାଲା ପକାଇଥିଲେ। ଏହା ଦ୍ୱାରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବାହାରେ ରହିଥିବାବେଳେ ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ୨ଟି ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା । ଶିକ୍ଷା ବିଭାଗର କୌଣସି କର୍ମଚାରୀ ପହଞ୍ଚି ନ ଥିବାରୁ ସମାଧାନ ତ୍ରୁଟି ନ ଥିଲା। ଫଳରେ ବୁଧବାର ଦ୍ୱିତୀୟ ଦିନରେ ମଧ୍ୟ ବିଦ୍ୟାଳୟରେ ଧାରଣା ଦେଇଥିଲେ। କଣ୍ଟାମାଳ ବିଇଓଙ୍କ ନିର୍ଦ୍ଦେଶ କ୍ରମେ ଏବିଇଓ ଦୁର୍ଗା ଚରଣ ପ୍ରଧାନ ଓ ନୀଳମଣି ପଣ୍ଡା ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀ ଓ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ବିଜ୍ଞାନ ଶିକ୍ଷକ ମାନସ ମଲିକଙ୍କୁ ବଦଳିର ବାତିଲପତ୍ର ଦେଇଥିଲେ । ଏହାପରେ ବିଦ୍ୟାଳୟ ତାଲା ଖୋଲା ଯାଇ ଶିକ୍ଷାଦାନ ସ୍ୱାଭାବିକ ହୋଇଥିଲା। ବର୍ତ୍ତମାନ ସମୟରେ ବିଦ୍ୟାଳୟର କୌଣସି ଶିକ୍ଷକଙ୍କୁ ବଦଳି ନ କରିବାକୁ ଗ୍ରାମବାସୀ କହିଥିଲେ। ଯଦି କାହାର ବଦଳି କରାଯାଏ,ତେବେ ପୁନଶ୍ଚ ବିଦ୍ୟାଳୟରେ ତାଲା ପକାଯିବ ବୋଲି ବିପିନ ଭୋଇ, ରାଜୁ ଜାନି, ପ୍ରିୟବର୍ଦ୍ଧନ ଭୋଇ, କରୁଣା କହଁର, ଶିବପ୍ରସାଦ ସାହୁ, ସୁରେଶ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସୁବର୍ଣ୍ଣଗ୍ରାହୀ ପୂଜା ଉପଲକ୍ଷେ ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ଖୁଣ୍ଟିଗୋରା,୨୧।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ଇଷ୍ଟଦେବୀ ସୁବର୍ଣ୍ଣଗ୍ରାହୀଙ୍କ ପୂଜା ଏବଂ ଅଷ୍ଟପ୍ରହରୀ ନାମ ଯଜ୍ଞ ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଖୁଣ୍ଟିଗୋରା ଗ୍ରାମରୁ ଏକ ଶୋଭାଯାତ୍ରା ବାହାରି ଆଡେର ଗାଁ ସୁନାଦେଇ ଜଙ୍ଗଲରୁ ପିଆଶାଳ ଗଛକୁ ବରଣ ସହ ପାରମ୍ପରିକ ପ୍ରଥା ଓ ନୀତି ନିୟମ ପାଳନ କରାଯାଇଥିଲା। ଗଛକୁ କାଟି ଆଣି ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ ସୁବୋଧ ସାହୁ ଓ ଧର୍ମପତ୍ନୀ ଲକି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳି ଧ୍ୱନିରେ ଖୁଣ୍ଟିଗୋରା ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଲମ୍ବୋଦର ବେହେରା, ଅନିଲ ସାହୁ, ଗୋପୀନାଥ ସାହୁ, ଅନନ୍ତ ସାହୁ, କେଦାର ସାହୁ, ଏବଂ ଖୁଣ୍ଟିଗୋରା ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସିଣ୍ଡୋଲକୁ ହରାଇ ମଲିକୁଦ ଚାମ୍ପିୟନ



ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ଘଣ୍ଟାପଡ଼ା,୨୧।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅଧିନ କୋଡ଼ିବାହାଲର ଖେଳପଡ଼ିଆରେ ବୁଧବାର ୧୯ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ସିଣ୍ଡୋଲ ଦଳକୁ ହରାଇ ମଲିକୁଦ ଦଳ ଚାମ୍ପିୟନ ହୋଇଛି। ଟସ ଜିତି ସିଣ୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୯ଉଇକେଟ ହରାଇ ୩୭ ରନ କରିପାରିଥିଲା। ଜବାବରେ ମଲିକୁଦ ଦଳ ୩ ଓଭରରେ ୨ଉଇକେଟ ବିନିମୟରେ ୩୯ ରନ କରି ବିଜୟ ହାସଲ କରି ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମୁଖ୍ୟ ଅତିଥି ଭାବେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ନିଳାଚଳ ଭୋଇ, କଣ୍ଟାମାଳ ବ୍ଲକର ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଘଣ୍ଟାପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ନବିନ କିଶୋର ମେଣ୍ଡିଲି, ଶିକ୍ଷାବିତ ସୁଶାନ୍ତ ମାଝୀ, ସମାଜସେବୀ ଶରତ ରଣା, ଅଜିତ ସାହୁ, ଆଦିତ୍ୟ ଧରୁଆ,ପ୍ରତିଷ୍ଠାତା ସଦସ୍ୟ ଦେଓ ବେହେରା ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦଳ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଉକ୍ତ ଫାଇନାଲ ମ୍ୟାଚକୁ ଭରତ ଜାନୀ ଓ ରାହାସ ବିଭାର ଖେଳ ପରିଚାଳନା କରିଥିଲେ। ସେହିପରି ସ୍କୋରର ଭାବେ ସତ୍ୟବନ୍ତ ମିର୍ଦ୍ଧା, କୁନ୍ଦୁରୁ କୁଶଳ ଏବଂ ଧାରା ବିବରଣୀ ଦେବେନ୍ଦ୍ର ରଣା ପ୍ରଦାନ କରିଥିଲେ। ଆଶିଷ ପୃଷ୍ଟି, ରମେଶ ସା, ରଙ୍କନିଧି କମ୍ପ, ରାଜୀବ ମେଣ୍ଡିଲି, ଆନନ୍ଦ ପ୍ରଧାନ, ନିର୍ମଳ ମେଣ୍ଡିଲି, ରବି ମହାକୁଡ଼, ରଞ୍ଜିତ ସା, ଦିପକ ନାୟକ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

**୧୦% ବିଶେଷ ରିହାତି**

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।
OIPR-

**Directorate of Technical Education & Training, Odisha**
At-Killamaidan, Po- Buxibazar, Cuttack-753001
Phone No.-0671 2301061, e-mail: dtetorissa@gmail.com

NIT No.DTET/2025-26/1223 Date:19.01.2026

**NOTICE INVITING REQUEST FOR PROPOSALS (RFP)**

**From the OEMs/authorised Channel Partners for the following tenders.**

1. Centre of Excellence in Additive Manufacturing at 3 Govt. ITIs of Odisha.
2. Centre of Excellence in Advanced CNC Machining and Manufacturing at 3 Govt. ITIs of Odisha.
3. Procurement of AI Lab equipment for 9 Govt. ITIs of Odisha.

Directorate of Technical Education and Training (DTE&T), Odisha invites both Technical & Financial proposals from the eligible OEMs/authorised channel partners for the above mentioned tenders through Odisha Government e-Procurement System (https://tendersodisha.gov.in). Please refer to the RFP documents for details.

The RFP documents shall be available from 22/01/2026 onwards in the Odisha Government e-Procurement Portal (https://tendersodisha.gov.in) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

OIPR- Sd./- DTE&T, Odisha, Cuttack

No.KK-331

# ଗଛରେ ବାଇକ୍ ପିଟିହେବାରୁ ୨ ସାଙ୍ଗ ମୃତ

ପଡ଼ିଆ,୨୧।୧ (ଭାସ୍କର ରାଓ)

ମାଲକାନଗିରିଜିଲା ପଡ଼ିଆ ସଦର ବ୍ଲକ୍ କମାରଗୁଡ଼ା ନିକଟରେ ବୁଧବାର ସକାଳେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟିହୋଇଯିବାରୁ ଘଟଣାସ୍ଥଳରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଡ଼ିଆ ଗ୍ରାମର ସମୀର ହନ୍ତାଳ (୨୯) ଏବଂ ଦୀପକ କୁମାର ଲିମା (୨୮)।

ସୂଚନା ଅନୁଯାୟୀ, ପଡ଼ିଆ ଗ୍ରାମର ବୃନ୍ଦାବନ ହନ୍ତାଳଙ୍କ ପୁଅ ସମୀର ଓ ଦିଲୀପ ଲିମାଙ୍କ ପୁଅ ଦୀପକ ଏକ ବାଇକ୍ (ନଂ. ଏପି ୩୧ ସିଏମ ୧୨୨୨) ଯୋଗେ କୌଣସି କାର୍ଯ୍ୟରେ ମଙ୍ଗଳବାର କାଳିମେଳା ଅଭିମୁଖେ ଯାଇଥିଲେ। କାମ ସାରି ବୁଧବାର ସକାଳେ ନିଜ ଗ୍ରାମକୁ ଫେରୁଥିବା ସମୟରେ କାଳିମେଳା-ପଡ଼ିଆ ମୁଖ୍ୟରାସ୍ତାର କମାରଗୁଡା ଗ୍ରାମ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଉଭୟ ସାଙ୍ଗ ଛିଟିକି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଖବରପାଇ ପଡ଼ିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କାଳିମେଳା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ପୋଲିସ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପଡ଼ିଆ ପୋଲିସ ସୂତ୍ରରୁ ପ୍ରକାଶ।

# ଏସ୍ୟୁ ଛାତ୍ରାବାସରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ

## ବୁଧବାର ଦେଇଥାଆନ୍ତେ ସେମିଷ୍ଟର

ସମ୍ବଲପୁର,୨୧।୧ (ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍ୟୁ) ବ୍ରହ୍ମପୁତ୍ର ଛାତ୍ରାବାସର ୫୨ ନମ୍ବର କୋଠରିରୁ ପୋଲିସ ମଙ୍ଗଳବାର ରାତିରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଉଛନ୍ତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ସୁନ୍ଦରଗଡ଼ ଜିଲା କୁତ୍ରାର ସୁରଜ କୁଜୁର(୨୨)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୩/୨୬) ରୁଜୁକରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭିମ୍ସାର ପଠାଇଥିଲା। ତାଙ୍କ ପରିବାର ଲୋକ ଆସିଲା ପରେ ବୁଧବାର ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।



ସୁରଜ କୁଜୁର

ମିଳିଥିବା ସୂଚନା ଅନୁସାରେ ସୁରଜ ଛାତ୍ରାବାସର ଉକ୍ତ କୋଠରିରେ ଏକୁଟିଆ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନିଜ କୋଠରିରୁ ସେ ଆଦୌ ବାହାରି ନ ଥିଲେ। ଏପରିକି ସେ ରାତ୍ରିଭୋଜନ ପାଇଁ ମେସ୍‌କୁ ଆସି ନ ଥିଲେ। ତାଙ୍କର କେତେଜଣ ସହପାଠୀ ଛାତ୍ରାବାସକୁ ଯାଇ ତାଙ୍କ କୋଠରି ଭିତର ପଟୁ ବନ୍ଦ ଥିବା ଦେଖିଥିଲେ। କବାଟ ବାଡ଼େଇଥିଲେ ହେଁ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ସହପାଠୀମାନେ କୋଠରି ସ୍କାଏଲାଇଟ ଫାଙ୍କରୁ ସୁରଜଙ୍କ ଶରୀର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। କୁଳସଚିବ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଓ ଛାତ୍ରାବାସ ୱାର୍ଡେନ୍ ଛାତ୍ରାବାସରେ ପହଞ୍ଚିଥିଲେ। କୁଳପତିଙ୍କଠାରୁ ଖବରପାଇ ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବିଳମ୍ବିତ ରାତିରେ ସୁରଜ ରହୁଥିବା କୋଠରି କବାଟ ଭାଙ୍ଗି ମୃତଦେହ ଜବତ କରାଯାଇଥିଲା। ରାତିରେ ବ୍ୟବଚ୍ଛେଦ ହେଉ ନ ଥିବାରୁ ମୃତଦେହ ଭିମ୍ସାର ଶବଗୃହରେ ରଖାଯାଇଥିଲା। ସହପାଠୀଙ୍କ କହିବା ଅନୁସାରେ କିଛିଦିନ ହେଲା ସେ ଚୁପ୍‌ଚାପ୍ ରହୁଥିଲେ, କାହା ସହ ବିଶେଷ କଥାବର୍ତ୍ତା କରୁ ନ ଥିଲେ। ତାଙ୍କ ହାବଭାବରୁ ସେ କୌଣସି କଥାକୁ ନେଇ ଅବସାଦଗ୍ରସ୍ତ ଥିବା ମନେହେଉଥିଲା। ତାଙ୍କ ମୋବାଇଲ ଖରାପ ଥିଲା। ସେ ମଙ୍ଗଳବାର ଅନ୍ୟ ଜଣେ ସହପାଠୀଙ୍କ ମୋବାଇଲରେ ତାଙ୍କ ବଡ଼ ଭଉଣୀଙ୍କ ସହ କଥା ହୋଇଥିଲେ। ବୁଧବାର ତାଙ୍କର ସେମିଷ୍ଟର ଦେବାର ଥିଲା। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

## ପ୍ରଥମ ପୃଷ୍ଠାରୁ

ଜାନୁଆରୀରେ...

ନେଇ ୟୁରୋପରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଥିବାବେଳେ ସମ୍ଭାବ୍ୟ ଉଚ୍ଚ ଟାରିଫ୍ ଏବଂ ଘରୋଇ ବଜାରରେ ନକାରାତ୍ମକ ଟ୍ରେଣ୍ଡ୍ ଜାରି ରହିଲେ ନିବେଶକଙ୍କ ସେଣ୍ଟିମେଣ୍ଟ ଅଧିକ ପ୍ରଭାବିତ ହେବା ସହ ଟଙ୍କାର ଦୁର୍ବଳତା ଆହୁରି ବଢ଼ିପାରେ ବୋଲି ଫରେକ୍ସ ଟ୍ରେଡର୍ସ ସତର୍କ କରାଇଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ କାରବାର ଆରମ୍ଭ ହେବାବେଳେ ଟଙ୍କାର ମୂଲ୍ୟ ୯୧.୦୫ ରହିଥିବାବେଳେ ପରେ ୯୧.୭୪ ପର୍ଯ୍ୟନ୍ତ ଖସିଥିଲା। କାରବାର ଶେଷରେ ମଙ୍ଗଳବାରର କ୍ଲୋଜିଂ ତୁଳନାରେ ୬୭ ପଇସା ଦୁର୍ବଳ ହୋଇ ୯୧.୬୪ ଟଙ୍କାରେ ସ୍ଥିର ରହିଛି। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍ ରିସର୍ଚ୍ଚ ଆନାଲିଷ୍ଟ ଦିଲୀପ ପରମାର କହିଛନ୍ତି, ୨୦୨୫ ନଭେମ୍ବର ୨୧ ପରଠୁ ଦିନକରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ହ୍ରାସ। ମଙ୍ଗଳବାର ଟ୍ରେଡିଂ ଆରମ୍ଭରେ ଡଲାର ତୁଳନାରେ ଟଙ୍କା ୯୧.୦୬କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଥିଲା। ଭାରତ ଭଳି ବିକାଶଶୀଳ ଅର୍ଥନୀତିଗୁଡ଼ିକ ବର୍ତ୍ତମାନ ପୁଞ୍ଜି ସ୍ରୋତରେ ଦୁର୍ବଳତାର ଚାପର ସମ୍ମୁଖୀନ ହେଉଛନ୍ତି ବୋଲି କୋଟାକ୍ ମହିନ୍ଦ୍ରା ଏଏମ୍‌ସିର ଅଭିଷେକ ବିସେନ୍ ମତ ଦେଇଛନ୍ତି।

ଭୂରାଜନୈତିକ ଉତ୍ତେଜନା ସହ ଗ୍ରୀନ୍‌ଲାଣ୍ଡ ବିବାଦ ଆମେରିକା-ୟୁରୋପ ସମ୍ପର୍କରେ ଫାଟ ସୃଷ୍ଟି କରିଛି। ଏଥିଯୋଗୁ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍ (ନାଟୋ) ବିଭାଜିତ ହେବା ଆଶଙ୍କା ଉପୁଜିଛି। ସେହିପରି ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ନିୟନ୍ତ୍ରଣ ସାରା ବିଶ୍ୱର ବାଣିଜ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା କୁହାଯାଉଛି। ଆମେରିକା ସହ ଭାରତର ବାଣିଜ୍ୟିକ ଚୁକ୍ତି ସମ୍ପନ୍ନ ହୋଇ ନ ପାରିବା ବଜାର ଭାବାବେଗକୁ ଖରାପ କରୁଛି। ଏହି କାରଣରୁ ଏଫ୍‌ଆଇଆଇ ମଙ୍ଗଳବାର ୨,୯୩୮.୩୩ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏଫ୍‌ଆଇଆଇ ଗତବର୍ଷ ୧୯ ବିଲିୟନ୍ ଡଲାର ମୂଲ୍ୟର ଷ୍ଟକ୍ସ ବିକ୍ରି କରିଥିବାବେଳେ କେବଳ ଚଳିତ ମାସରେ ସେଲିଂ ପରିମାଣ ୨.୭ ବିଲିୟନ୍ ଡଲାର ରହିଥିବା ସୂଚନା ମିଳିଛି। ଏହି ପୃଷ୍ଠଭୂମିରେ ବୁଧବାର ସେନ୍‌ସେକ୍ସ ୨୭୦.୮୪ ପଏଣ୍ଟ ଖସି ୮୧,୯୦୯.୬୩ରେ ରହିଛି। ସେହିପରି ନିଫ୍ଟି୫୦ରେ ମଧ୍ୟ ୭୫ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ନିଫ୍ଟି୫୦ ୨୫,୧୫୭.୫୦କୁ ଖସିଯାଇଛି। ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଯେପରି ଉଦ୍ୟମ ହେବା ଆବଶ୍ୟକ, ତାହା ହେଉନାହିଁ ବୋଲି ଶିନ୍‌ହାନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଟ୍ରେଜେରି ହେଡ୍ କୁନାଲ ସୋଧାନି କହିଛନ୍ତି।


GOVERNMENT OF ODISHA, "e"- PROCUREMENT NOTICE

**OFFICE OF THE NOTIFIED AREA COUNCIL, DASPALLA**

1st Corrigendum on Tender Call Notice No.66 Dt.08.01.2026
Bid Identification No.NAC-Daspalla-(SAN)- 2025-26
No.194, Dt.20.1.2026

**No.C-2147:**Corrigendum hereby issued for Tender Call Notice No.66/ Dt.08.01.2026 for Sanitation Work of Daspalla NAC regarding extension of critical dates due to unavoidable circumstances.

1. Last Date of availability of Bid in site: Dt.27.01.2026 at 17.00 PM
2. Date & time of opening of Technical Bid: Dt.28.01.2026 at 11.00 A.M.
3. Date & time of opening of Financial Bid: Dt.05.02.2026 at 11.00 A.M.

**Bidders can access above notice in tender site (tendersodisha.gov.in).**
*** All other terms & conditions remain unaltered.**

Sd./- Executive Officer
Notified Area Council, Daspalla
OIPR-

**OFFICE OF THE DIVISIONAL FOREST OFFICER**
**REDHAKHOL FOREST DIVISION**

Mobile No. : 9437054951, Email ID : dfo.redhakhol@odisha.gov.in

TENDER CANCELLATION NOTICE

**No.MM-** : The Tender for procurement of **"Leaf Blower (Petrol Operated)"** for the year 2025-26, issued by the **Divisional Forest Officer, Redhakhol Division** vide **Tender Call Notice dated 29.12.2025,** is **hereby cancelled** due to receipt of a **single qualified bidder at the financial bid stage.**

Fresh tender shall be invited shortly.

Sd./- Divisional Forest Officer,
Redhakhol Forest Division
OIPR-

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BALASORE**

No.A-1304

No.185, Dt.19.01.2026
'e' Procurement Notice
BID IDENTIFICATION No. SEMIDBLS-10/2025-26
e-mail ID: mibalasore@yahoo.co.in

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" Procurement (Single Cover) for the works as detailed in the Annexure to this bid notice.

| | |
|---|---|
| Name of the Work: | Construction of Check Dams in different Blocks of Balasore & Bhadrak District under MATY Scheme for the year 2025-26 |
| No. of Works: | 03 (Three) Nos. only |
| Estimated Cost: | Varies from Rs.41.46 lakh to Rs.49.22 lakh (Approximately) |
| Cost of Tender Paper: | Rs.10,000/- (Non-Refundable) |
| Period of Completion | As Mentioned against work |
| Availability of bid documents for sale and receipt through online | From Dt.22.01.2026, 10.00 A.M. to dt.02.02.2026, upto 5.00 P.M. |
| Last date/time of receipt of bids in the portal | 02.02.2026 (5.00 PM) |
| Date of Opening of Technical Bid through online | On dt.03.02.2026 at 11.00 AM in the Office of the S.E., M.I. Division, Balasore |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore, Ph.No./Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place website www.tendersodisha.gov.in/District NIC Portal (baleswar.nic.in) | |

**Note: Corrigendum/ Addendum/ Modifications/ Additions if any can be seen through online only.**

Sd./- Superintending Engineer,
M.I. Division, Balasore
OIPR-

**ZILLA SWASTHYA SAMITI, JHARSUGUDA**

Office of the CDM&PHO-cum-Dist. Mission Director,
Jharsuguda, Odisha- 768204

No.203/NHM/EIF/26 Dt:19.01.26

TENDER CALL NOTICE

**No.E-688:**Sealed tenders are invited from reputed registered firms/ agencies/ dealers/ Manufacturers for Supply of Equipment. Instrument & Furniture's (EIFs) different Health Facility of district- Jharsuguda under ZSS, Jharsuguda. The willing Agencies/ firms are requested to submit sealed Tenders on or before 03.02.2026 till 5.00 P.M. through speed post / registered post/ Courier only. The detailed Tender document and terms conditions is available in the district website www.jharsuguda.odisha.gov.in. This office will not entertain any tender after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.

Sd./- CDM&PHO cum District
Mission Director, NHM, Jharsuguda
OIPR-

GOVERNMENT OF ODISHA No.28

**OFFICE OF THE SUPERINTENDING ENGINEER,**
**GANJAM (R&B) DIVISION NO. I, BERHAMPUR**

Phone / Fax : (0680) 2233683, e-mail : sernb1.ganjam@yahoo.com

"e" Procurement Notice

Bid Identification No. SE R&B Divn. No.I Bam. 57/2025-26

Lr. No. 665 Dated : 20.01.2026

| | |
|---|---|
| Name of work | : Building & Road Works |
| No. of works | : 03 (Three) Nos |
| Estimated Cost | : Approximately Rs.02.82 to 8.50 Lakh |
| Period of Completion | : 1 (One) Month |
| Date and time of Availability of bid document in the portal | : From 10.00 hours of 27.01.2026 to 16.00 hours of 04.02.2026 |
| Last date / time for receipt of bids in the portal | : Upto 16.00 hours of 04.02.2026 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur
OIPR-34001/34109/1/25-26/0001

"e" PROCUREMENT NOTICE

**JAJPUR MUNICIPALITY : JAJPUR**

Tender Call Notice No. : 165/Date : 19.01.2026

**No.C-2137** : Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. www.tendersodisha.gov.in

| | | |
|---|---|---|
| 1. | Name of work | : Road, Drain & Other Civil works |
| 2. | No. of works | : 14 (Fourteen) Nos. |
| 3. | Bid Value | : Rs.423728/- to Rs.2794067/- |
| 4. | Bid Id | : JM-08/2025-26 |
| 5. | Tender Id | : 2026_ORULB_124819_01 & 2026_ORULB_124819_14 |
| 6. | Period of Completion | : 30 Days to 60 Days |
| 7. | Date of availability of Bid documents in the portal | : From 05.00 P.M. of Dt.21.01.2026 to 02.02.2026 up to 5.00 P.M. |
| 8. | Last Date for receipt of Bids in the portal | : Dt.02.02.2026 up to 5.00 P.M. |
| 9. | Bids received online shall be opend on | : Dt.5.02.2026 at 11.00 A.M. |
| 10. | Name & address of the officer inviting Bid | : Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website

Sd./- Executive Officer,
Jajpur Municipality
OIPR/-

**ODISHA PUBLIC SERVICE COMMISSION, CUTTACK**

NOTICE

No. 477/P.S.C., Dt. 20.01.2026
(1R-15-24/25)(DR-V)

Assistant Professor (Stage-I) in Physics
(Advertisement No.27 of 2023-24)

**No.A-1314** : It is for information of all concerned that, Document Verification of **22 (twenty two)** candidates having **PPSAN** mentioned below for the post of **Assistant Professor (Stage-I) in "Physics",** pursuant to Advertisement No.27 of 2023-24 shall be held **on 29.01.2026** as per the following programme in the Office of the Commission at 19, Dr. P. K. Parija Road, Cuttack - 753001

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 29.01.2026 | 10.30 A.M. | P240298571, P240303716, P230178908, P230176658, P230176194, P220088058, P230182952, P230176570, P240303392, P240304804, P240305443, P240297181, P220076468, P230186982 & P230187960 = **15 Candidates** |
| | 2.30 P.M. | P230185904, P230187158, P230173088, P240311747, P220059149, P230173953 & P230183843 = **07 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR- Sd./- Secretary

**ODISHA PUBLIC SERVICE COMMISSION, CUTTACK**

NOTICE

No. 471/P.S.C., Dt. 20.01.2026
(1R-04-24/25)(DR-V)

Assistant Professor (Stage-I) in Computer Science
(Advertisement No.27 of 2023-24)

**No.A-1315** : It is for information of all concerned that, Document Verification of **01 (One)** candidate having **PPSAN** mentioned below for the post of **Assistant Professor (Stage-I) in "Computer Science",** pursuant to Advertisement No.27 of 2023-24 shall be held **on 29.01.2026** as per the following programme in the Office of the Commission at 19, Dr. P. K. Parija Road, Cuttack - 753001

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 29.01.2026 | 2.30 P.M. | P240303535 = **01 Candidate** |

The candidate is required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidate is advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of the candidate for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR- Sd./- Secretary

ODISHA

**STATE POLLUTION CONTROL BOARD, ODISHA**

(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012, INDIA
Tel: 2562368/2653810, E-mail: paribesh1@ospcboard.org, Website: https://ospcboard.odisha.gov.in

No.835/ I-ESTT/ Misc/ 208/2024 Date:20.01.2026

RECRUITMENT TO DIFFERENT POSTS IN GROUP- "B" & "C" OF SPC BOARD, ODISHA

WEBSITE: https://ospcboard.odisha.gov.in

No.CAD-3070:Online applications are invited from the prospective candidates through the Proforma Application Form to be made available on the website https://ospcboard.odisha.gov.in. **The link for registration / re-registration shall be made available from Dt.21.01.2026 11.00 A.M. to Dt 11.02.2026 till 5.30 P.M. is the last date for submission of Registered Online Application** for direct recruitment, through a selection procedure which include written test (CBT mode) and personal interview for the following posts. The vacancy position, pay level & essential qualification are as detailed below :

For any technical guidance on filling up of Online Application Form, the candidates may contact Help Desk over **Toll Free Telephone Number 02261087548** between **10.00 A.M to 5.30 P.M** from Monday to Saturday except Sunday and Public Holidays.

| Sl. No. | Name of the Post | Reservation Quota | | Total Posts | Pay Level | Essential Qualification |
|---|---|---|---|---|---|---|
| 1 | Assistant Env. Engineer (Group-B) Level-10 | ST-06 (W-02) | SC-04 (W-01) | 25 | Level-10 Cell-1 Rs.44,900/- to Rs.1,42,400/- | Bachelor Engineering (BE)/ Bachelor Technology (B.Tech)/ Associate Member of Institution of Engineers (AMIE) (Section A & B) in the following streams /subject. Civil Engineering / Chemical Engineering/ Computer Science & Engineering / IT/ Mining Engineering/ Mechanical Engineering and Electronic & Instrumentation Engineering and Environmental Engineering |
| | | SEBC-03 (W-01) | UR-12 (W-04) | | | |
| 2 | Assistant Env. Scientist (Group-B) Level-10 | ST-03 (W-01) | SC-02 (W-01) | 15 | Level-10 Cell-1 Rs.44,900/- to Rs.1,42,400/- | M.SC. in the following streams / subject Chemistry / Geology & Geophysics / Statistics / Life Science / Environmental Science & Engineering / Environmental Science |
| | | SEBC-02 (W-01) | UR-8 (W-03) | | | |
| 3 | Senior Scientific Assistant (Group-B) Level-09 | ST-01 | SC-01 | 05 | Level-9 Cell-1 Rs.35,400/- to Rs.1,12,400/- | M.Sc. in / Chemistry / Life Science / Env. Science/ Marine Biology / Botany/ Zoology / Biotechnology / Microbiology) from recognized University |
| | | SEBC-01 | UR-02 (W-1) | | | |
| 4 | Junior Laboratory Assistant (Group-C) Level-04 | ST-08 (W-3) | SC-05 (W-1) | 28 | Level-4 Cell-1 Rs.19,900/- to Rs.63,200/- | B.Sc. pass (Physics/ Chemistry/ Botany/ Zoology/ Biotechnology/ Microbiology) from recognized University |
| | | SEBC-03 (W-1) | UR-12 (W-3) | | | |
| 5 | Accountant (Group-B) Level-09 | ST-01 | UR-02 (W-1) | 03 | Level-9 Cell-1 Rs.35,400/- to Rs.1,12,400/- | B.Com pass from a recognized university / Institution and ICWA/ CA inter with Completed Eight years working experience in Govt. Agency, PSU, Statutory Board/Corporation |
| 6 | Junior Accountant (Group-C) Level-04 | ST-04 (W-2) | SC-02 (W-1) | 16 | Level-4 Cell-1 Rs.19,900/- to Rs.63,200/- | B.Com pass from a recognized university / Institution with PGDCA on computer applications and proficiency in Tally Software. |
| | | SEBC-02 (W-1) | UR-08 (W-3) | | | |
| 7 | Junior Assistant (Group-C) Level-04 | ST-03 (W-1) | SC-02 (W-1) | 15 | Level-4 Cell-1 Rs.19,900/- to Rs.63,200/- | Graduate in any discipline from a recognized university / Institute with PGDCA on computer applications |
| | | SEBC-02 | UR-08 (W-3) | | | |
| 8 | Assistant Section Officer (Group-B) Level-09 | ST-01 | SC-01 | 06 | Level-9 Cell-1 Rs.35,400/- to Rs.1,12,400/- | Graduate in any discipline from a recognized university/ institution with PGDCA on computer applications and 5 years working experience in Govt. agency, PSU, Statutory Board/ Corporation |
| | | SEBC-01 | UR-03 (W-1) | | | |
| | | GRAND TOTAL | | 113 | | |

Candidate must have attained the age of 21 years and must not be above the age of 42 years as on the **1st day of January 2026.** The upper age limit is relaxable by 05 (five) years for candidates belonging to SC /ST / SEBC / Women / Ex-Serviceman and by 10 (ten) years for PWDs whose permanent disability is 40% or more. Persons with disabilities belonging to SC / ST /SEBC categories are eligible for cumulative age relaxation benefit. The age relaxation for SPC Board's, Odisha, internal candidates will be the number of years put by the candidates in their respective posts. In the case of a candidate who is or was holding a post under the State or Central Government or Local Authority or Corporation established by a State Act or a Central Act or established by the Government under a State Act or Central Act and owned or controlled by the Government, by the number of years during which he is or was holding such post or five year whichever is less;

In the event of non-availability of sufficient number of eligible women candidates belonging to any particular category, the vacancies or the remaining vacancies will be filled up by the male candidates of that category.

The candidates are required to visit the website https://ospcboard.odisha.gov.in of the **SPC Board, Odisha** for detailed informations, method of selection, place, date & time of written examination / document verification / interview, other important notices etc. The candidates also keep track of publication of various notices to the effect in the leading local daily Newspapers for information. The Online Applications if found defective in any respect is liable to be summarily rejected.

**State Pollution Control Board, Odisha reserves the right to cancel the recruitment process at any stage without prior notice.**

OIPR- Sd./- MEMBER SECRETARY

# ଫରହାନ୍‌ରୁ ଇମ୍ରାନ୍

ବଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କର ଭଣଜା ହେଉଛନ୍ତି ଇମ୍ରାନ୍ ହାସମୀ। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ଲିପ୍-ଲକ୍ ଶଟ୍ ପାଇଁ ବେଶ୍ ଚର୍ଚ୍ଚିତ ଥିଲେ। ହେଲେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ତାଙ୍କର ନାମ କ'ଣ ଥିଲା ଜାଣନ୍ତି ? ଫରହାନ୍ ହାସମୀ। ହେଲେ 'ମର୍ଡର' ଫିଲ୍ମ ସମୟରେ ନିଜର ସ୍କ୍ରିନ୍ ନେମ୍ ସେ ପରିବର୍ତ୍ତନ କରି ଇମ୍ରାନ୍ ରଖିଥିଲେ। ହେଲେ ଜାଣନ୍ତି କି ଜଣେ ଅଭିନେତା ହେବା ପୂର୍ବରୁ ସେ ଏକ ସିନେମାରେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ଆଉ ଫିଲ୍ମଟି ଥିଲା 'ରାଜ୍'। ଇମ୍ରାନ୍‌ଙ୍କ ଜେଜେମା ପୂର୍ଣ୍ଣିମା ମଧ୍ୟ ଜଣେ ଅଭିନେତ୍ରୀ ଥିଲେ। ଅମିତାଭ ବଚ୍ଚନଙ୍କ ଅଭିନୀତ 'ଜଞ୍ଜୀର' ଫିଲ୍ମରେ ସେ ଅମିତାଭଙ୍କ ମା' ଭୂମିକାରେ ଅଭିନୟ କରିଥିଲେ। ନିଜର ପିଲାଦିନର ସାଙ୍ଗ ପରବିନ ସାହାଣୀଙ୍କୁ ସେ ବିବାହ କରିଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଇମ୍ରାନ୍ କୌଣସି ପୁରସ୍କାର ସମାରୋହକୁ ଯାଆନ୍ତି ନାହିଁ। ତାଙ୍କ ମତରେ ପୁରସ୍କାର ଅପେକ୍ଷା ଜଣେ ଯଦି ନିଜ ଦକ୍ଷତା ଅଭିନୟ ମାଧ୍ୟମରେ ଦେଖାଇ ପାରିଲା ତେବେ ତାହା ବଡ଼ କଥା। ଇମ୍ରାନ୍‌ଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ହେଲା-'ମର୍ଡର', 'ଗ୍ୟାଙ୍ଗଷ୍ଟର', 'ୱାନ୍ସ ଅପନ ଏ ଟାଇମ ଇନ୍ ମୁମ୍ବାଇ', 'ମର୍ଡର ୨', 'ଡାର୍ଟି ପିକ୍ଚର୍ସ', 'ଜନ୍ନତ ୨' ଏବଂ 'ଟାଇଗର ୩'।


ଇମ୍ରାନ

# ତଥାପି ଛାଡ଼ିନି ନିଶା

ଦକ୍ଷିଣ ଭାରତୀୟ ଫିଲ୍ମ ଜଗତର ସେ ହେଉଛନ୍ତି ଜଣେ ଅନ୍ୟତମ ପରିଚିତ ଅଭିନେତ୍ରୀ। ତା'ସହ ତାମିଲ ଏବଂ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ତେବେ ତାଙ୍କର ଏବେ ମଧ୍ୟ ଏକ ନିଶା ରହିଛି। ତାହା କ'ଣ ଜାଣନ୍ତି ? ଫଟୋଗ୍ରାଫି। ପ୍ରାକୃତିକ ଦୃଶ୍ୟରାଜି ଅପେକ୍ଷା ବିରଳ ବନ୍ୟଜନ୍ତୁଙ୍କ ଫଟୋ ଉଠାଇ ସାଇତି ରଖନ୍ତି ସେ। ସେ ହେଲେ କାଜଲ ଅଗ୍ରୱାଲ। ହେଲେ ଏଭଳି ନିଶା ତାଙ୍କ ମନରେ କେବେ ସୃଷ୍ଟି ହେଲା ? ଏ ବିଷୟରେ କାଜଲ କହନ୍ତି, ''ସ୍କୁଲରେ ପଢୁଥିବା ବେଳେ ମୋର ଫଟୋଗ୍ରାଫି ପ୍ରତି ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ତା'ପରେ ଯେତେବେଳେ ମୁଁ ଯୁଆଡେ ଯାଏ ସାଙ୍ଗରେ କ୍ୟାମେରା ନେବାକୁ ଭୁଲି ନ ଥାଏ। ବର୍ତ୍ତମାନ ସୁଦ୍ଧା ମୁଁ ଅନେକ ବନ୍ୟଜନ୍ତୁଙ୍କ ଫଟୋ ଉଠାଇ ସେଗୁଡ଼ିକୁ ସାଇତି ରଖିଛି। ଏଭଳି ଅଭ୍ୟାସ ମୋର ଦୈନନ୍ଦିନ ଜୀବନର ଏକ ରୁଟିନ୍ ପାଲଟି ଯାଇଛି କହିଲେ ଭୁଲ ହେବ ନାହିଁ। ମୋର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ପେଣ୍ଟିଂ। ଅବସର ମିଳିବା ମାତ୍ରେ ମୁଁ ମନରେ ଉଙ୍କି ମାରିଥିବା ବିଷୟକୁ ଚିତ୍ରର ରୂପ ଦେଇଥାଏ।'' ହେଲେ ଜଣେ ଅଭିନେତ୍ରୀ ହେବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ସେହି ସମୟରେ ସେ ମଡେଲିଂ କରୁଥିଲେ। ମାର୍କେଟିଂ ଏବଂ ଆଡଭର୍ଟାଇଜିଙ୍ଗରେ ଡିଗ୍ରୀ ହାସଲ କରିବା ପରେ ଏଥିରେ ସେ ପୋଷ୍ଟ ଗ୍ରାଜୁଏସନ ଡିଗ୍ରୀ କରିବାକୁ ଇଚ୍ଛା ରଖିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନ ଥିଲା।


କାଜଲ

# ଆଫା

ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ଼ ମାଡିଆସେ। କିନ୍ତୁ ଏଭଳି ଏକ ଘଡ଼ିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମ୍ନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଫା'। ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଓଡ଼ିଆ ସିନେମା 'ମାଇଁ ସୁଇଟ୍ ହାଉସୱାଇଫ'ର ସଫଳତା ପରେ ପ୍ରୀତିରାଜ-ନୈନା ଦାଶଙ୍କୁ ନେଇ ପୁଣି ଏକ ଫିଲ୍ମ ପ୍ରସ୍ତୁତ ହୋଇଛି। ଏହାର ଟାଇଟଲ ରହିଛି 'ଆଫା'। ମାଇଁଷ୍ଟିକ କ୍ଲ କ୍ଲାପେସ ବ୍ୟାନରରେ ଉକ୍ତ ଚିତ୍ରର ପ୍ରଯୋଜନା କରାଯାଇଛି। ନିର୍ଦ୍ଦେଶନା ଦେଇଛନ୍ତି 'ଚକ୍ରବ୍ୟୂହ' ଫେମ୍ ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା ଏହାର ଆସୋସିଏଟ୍ ନିର୍ଦ୍ଦେଶକ ଅଛନ୍ତି ପ୍ରୀତିରାଜ। ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ପ୍ରୀତିରାଜ ଏବଂ ନୈନାଙ୍କ ବ୍ୟତୀତ କୁନା ତ୍ରିପାଠୀ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ରବି ମିଶ୍ର ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ ଝିଅ ଅନମୋଲ ପତି ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି।

# କଥା ଜଙ୍ଗଲ ସୁରକ୍ଷାର

ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଡୋ-ମାଟିର ମଣିଷ' ଫିଲ୍ମର ସେ ନାୟକ ସାଜିଛନ୍ତି। ତା'ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ଜଙ୍ଗଲରେ ମାଫିଆ ରାଜ୍‌ର କିପରି ଅନ୍ତ ଘଟିବ ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ହଁ, ସେ ହେଲେ ନବାଗତ ଶୁଭମ ସାଗର। ନିଜର ପ୍ରଥମ ସିନେମା ବିଷୟରେ ସେ କହନ୍ତି, ''ଜଙ୍ଗଲ ମାଫିଆମାନେ ଏବେ ଅନେକ ସ୍ଥାନରେ ଜଙ୍ଗଲକୁ ନଷ୍ଟ କରିଦେଉଛନ୍ତି। ତେଣୁ ସେମାନଙ୍କ କବଳରୁ କିପରି ଜଙ୍ଗଲକୁ ସୁରକ୍ଷା ଦେଇହେବ ତାହାକୁ ନେଇ କାହାଣୀ ଗତି କରିଛି। ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଆର୍ଲିନ ଅଙ୍କିତା ଚିତ୍ରଟିର ନାୟିକା ସାଜିଥିବା ବେଳେ ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


ଶୁଭମ

# ଶେଷରେ ଜିଦ୍ ରହିଲା

ଯେତେବେଳେ ଜାହ୍ନବୀ କପୁର ପାଠ ପଢୁଥିଲେ ସେତେବେଳେ ତାଙ୍କ ମା' ଶ୍ରୀଦେବୀ ଚାହୁଁଥିଲେ ଯେ ତାଙ୍କ ଝିଅ ଭବିଷ୍ୟତରେ ଡାକ୍ତର ହେବ। ହେଲେ ଶେଷରେ ଜାହ୍ନବୀଙ୍କର କଥା ରହିଲା। ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଜାହ୍ନବୀ ବଲିଉଡ଼ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଧଡକ'ରେ ସେ ଭାରତନାଟ୍ୟମ ନାଚି ବେଶ ପ୍ରଶଂସିତ ହୋଇଥିଲେ। ସ୍କୁଲରେ ପଢିବା ବେଳେ ତାଙ୍କ ପାଣି ବଟଲର ନାମ ଥିଲା ଚୁସ୍କି। ଜାହ୍ନବୀଙ୍କ ନାମକରଣ ଅନ୍ତରାଳେ ଏକ କୌତୂହଳ କଥା ଲୁଚି ରହିଛି।୧୯୯୭ରେ ରିଲିଜ ହୋଇଥିଲା ବୋନି କପୁରଙ୍କ ପ୍ରଯୋଜିତ 'ଜୁଦାଇ', ଯାହାର ମୁଖ୍ୟ ଭୂମିକାରେ ଅନୀଲ କପୁର, ଶ୍ରୀଦେବୀ ଏବଂ ଉର୍ମିଳା ମାତୋଣ୍ଡକର ଅଭିନୟ କରିଥିଲେ। ଏଥିରେ ଉର୍ମିଳାଙ୍କ ଚରିତ୍ରର ନାମ ଥିଲା ଜାହ୍ନବୀ ଆଉ ସେହି ଅନୁସାରେ ଶ୍ରୀଦେବୀ ଏହାକୁ ନିଜର ବଡ ଝିଅର ନାମ ରଖିଥିଲେ। ବର୍ତ୍ତମାନ ସେ ଏକ ତାମିଲ ଫିଲ୍ମ 'ପେଡି'ରେ ଅଭିନୟ କରୁଛନ୍ତି, ଯାହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ବୁଚି ବାବୁ ସାନା ଦେଇଥିବା ବେଳେ ଏହାର ନାୟକ ସାଜିଛନ୍ତି ରାମଚରଣ।


ଜାହ୍ନବୀ

# ଅନନ୍ୟାଙ୍କ ହିସାବ ନିକାଶ

ଚିଙ୍କି ତନୟା ଅନନ୍ୟା ଏବେ ହିସାବ କରୁଛନ୍ତି। ହେଲେ ସେ କଣ ହିସାବ କରୁଛନ୍ତି ଜାଣିବେନି ? ସେ ଏ ପର୍ଯ୍ୟନ୍ତ ଯେତେ ସିନେମାରେ ଅଭିନୟ କରିଛନ୍ତି ତାହା ତାଙ୍କ ଆକ୍ଟିଙ୍ଗ କ୍ୟାରିୟରକୁ କେତେ ମାଇଲେଜ ଦେଇଛି ତାହା ଚିନ୍ତା କରୁଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, "ଏ କଥା ସତ ଯେ ମୋର ସାତ ବର୍ଷ ଆକ୍ଟିଙ୍ଗ କ୍ୟାରିୟରରେ ମୁଁ କେତୋଟି ହାତଗଣତି ଫିଲ୍ମରେ ଅଭିନୟ କରିଛି, ହେଲେ ଆଶା ହରାଇନାହିଁ। ମୋ ଆକ୍ଟିଙ୍ଗ କ୍ୟାରିୟରରେ ଦିନେ ନା ଦିନେ ଭଲ ଦିନ ଆସିବ। ବାସ ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ"। ଅନନ୍ୟାଙ୍କର ପିଲାଦିନେ ଏକ ଅଜବ ଅଭ୍ୟାସ ଥିଲା। ତାହା କଣ ଜାଣନ୍ତି ? ସେ ଅନାୟାସରେ ଜିଭ ଦ୍ୱାରା ନିଜ ନାକକୁ ଛୁଇଁ ପାରୁଥିଲେ। ତାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ'। ଅନ୍ୟପକ୍ଷରେ ତାଙ୍କ ହାତରେ ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ରହିଛି।


ଅନନ୍ୟା

# ସମୟ ଆସିଛି...

''ସିନେମା ନିର୍ମାଣ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। କିନ୍ତୁ ଏବେ କେତେକ ସିନେମା ଏଭଳି ନିର୍ମାଣ କରାଯାଉଛି ଯାହାକୁ ଦେଖିଲେ ଏଥିରେ ଥିବା ଦୋଷତ୍ରୁଟିଗୁଡିକ ଜଳଜଳ ହୋଇ ଦେଖାଯାଉଛି।''

ଓଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଦିନ ଥିଲା ଓଡ଼ିଆ ସିନେମା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରୁଥିଲା। ସେ ସମୟରେ ଜଣେ ପ୍ରଯୋଜକ ଗୋଟିଏ ସିନେମା କରିବା ପରେ ପୁଣି ଥରେ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେଉଥିଲେ। ସେତେବେଳେ ଓଡ଼ିଆ ଫିଲ୍ମର କଥାବସ୍ତୁ, କଳାକାର ଚୟନ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନାକୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା। ଫିଲ୍ମଟି ରିଲିଜ ହେବା ପରେ ତାହା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେଉଥିଲା। କିନ୍ତୁ ଏବେ କେତେକ ସିନେମା କେତେବେଳେ ରିଲିଜ ହୋଇ କେତେବେଳେ ଉଠିଯାଉଛି ତାହା ଜଣାପଡୁନାହିଁ। ଏବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଅନେକ ଆଲୋଚନା ହେଉଛି। ବର୍ଷକୁ ଯେତିକି ସିନେମା ରିଲିଜ ହେଉଛି ତା' ଭିତରୁ ଫ୍ଲପ୍ ସଂଖ୍ୟା ଅଧିକ। ହାତ ଗଣିତି କେତୋଟି ସିନେମା ହିଟ୍ ହେଉଛି। ଅବଶ୍ୟ ୟା ଭିତରେ ଆମର କେତୋଟି ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଓଡ଼ିଆ ଫିଲ୍ମର ସୁବର୍ଣ୍ଣ ଯୁଗକୁ ପୁଣି ଥରେ ଫେରାଇ ଆଣିବାକୁ ଉଦ୍ୟମ ହେବା ଦରକାର।

ପ୍ରେକ୍ଷାଳୟ ଅଭାବରୁ ଅନେକ ସ୍ଥାନରେ ଦର୍ଶକ ଭଲ ସିନେମାଟିଏ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଏବେ ଆମ ରାଜ୍ୟରେ ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ପ୍ରାୟ ୬୦ଟି ରହିଛି। ଭଲ ପ୍ରେକ୍ଷାଳୟ ନଥିବା ଫଳରେ ଦର୍ଶକମାନେ ସିନେମା ଦେଖିବା ପାଇଁ କୁଣ୍ଠିତ ହେଉଛନ୍ତି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦିରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ କେତେକ ଦର୍ଶକ ସେଠାରେ ସିନେମା ଦେଖୁଛନ୍ତି। ଗତ ବର୍ଷ ବାବୁସାନଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ବକ୍ସ ଅଫିସରେ ରେକର୍ଡ ସଂଖ୍ୟକ ବିଜନେସ୍ କରିଥିଲା। ଏହାଦ୍ୱାରା ନିଶ୍ଚୟ ନବାଗତ ପ୍ରଯୋଜକମାନେ ଅନୁପ୍ରାଣିତ ହେବେ।

ସିନେମା ନିର୍ମାଣ କରିବା ସମୟରେ ବିଭିନ୍ନ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। କିନ୍ତୁ ଏବେ କେତେକ ସିନେମା ଏଭଳି ନିର୍ମାଣ କରାଯାଉଛି ଯାହାକୁ ଦେଖିଲେ ଏଥିରେ ଥିବା ଦୋଷତ୍ରୁଟିଗୁଡିକ ଜଳଜଳ ହୋଇ ଦେଖାଯାଉଛି। ନୂଆ ପ୍ରଯୋଜକ ଆସନ୍ତୁ-ଏହା ନିଶ୍ଚୟ ଭଲ କଥା। ହେଲେ ସେଭଳି ସିନେମା ନିର୍ମାଣ କରନ୍ତୁ ଯାହାକୁ ଦର୍ଶକ ସବୁବେଳେ ମନେ ପକାଉଥିଲେ। କେବଳ ନିଜ ନାମ ପଛରେ 'ପ୍ରଯୋଜକ' ଶବ୍ଦଟିକୁ ଯୋଡି ବାହବା ନେବାର କିଛି ପ୍ରାସଙ୍ଗିକତା ନାହିଁ।



ଆଉ ଏକ କଥା ହେଲା ବଜେଟ୍। ଫିଲ୍ମଟିଏ ନିର୍ମାଣ କରିବା ବେଳେ ଏଥିପାଇଁ ଏକ ସ୍ଥିରୀକୃତ ବଜେଟ ରହିଥାଏ। ବେଳେବେଳେ କେତେକ କାରଣରୁ ଏହା ଟିକେ ଅଧିକ ହୁଏ। କିନ୍ତୁ କୋଟିଏ ଟଙ୍କାର ସିନେମା ପ୍ରସ୍ତୁତ କରି ଯଦି ତାହା ଗୋଟିଏ ଦିନ ପ୍ରେକ୍ଷାଳୟରେ ନ ଚାଲିଲା ତେବେ ଲାଭ କ'ଣ ? ତେଣୁ ସିନେମାଟିଏ ନିର୍ମାଣ ସମୟରେ ଖର୍ଚ୍ଚକୁ ନେଇ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। କିଛିବର୍ଷ ତଳେ ଓଡ଼ିଶା ସଂସ୍କୃତି ବିଭାଗ, ସୂଚନା ଲୋକ ସମ୍ପର୍କ ବିଭାଗ ଓ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନର ମିଳିତ ପ୍ରଚେଷ୍ଟାରେ ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମ ୨୦୦୪ରୁ ୨୦୦୭ ଗୋଆ, କେରଳ, ବାଙ୍ଗାଲୋର ଓ ମୁମ୍ବାଇରେ ହେଲା। ପରବର୍ତ୍ତୀ ସମୟରେ ତାହା କୌଣସି କାରଣରୁ ଏଯାବତ୍ ବନ୍ଦ ହୋଇ ରହିଛି।

୯୦ ବର୍ଷ ବୟସର ଓଡ଼ିଆ ସିନେମାର ରୂପରେଖ କେଉଁ ପରିସ୍ଥିତିରେ ରହିବ ତାହା ଭବିଷ୍ୟତ କହିବ। ତେଣୁ ଓଡ଼ିଆ ସିନେମାକୁ ଏକ ନୂଆ ସ୍ତରକୁ ନେବାକୁ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କର ସହଯୋଗର ଆବଶ୍ୟକତା ରହିଛି।

*-ଦିଲ୍ଲୀପ ହାଲି,* ବଡ଼ଗଡ଼,
ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨



ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଅନୁଷ୍ଠିତ ଲୋକ ଉତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ମହାରାଷ୍ଟ୍ରର କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

## ‘କଳା ପ୍ରଦର୍ଶନ ସହ ଅର୍ଥନୈତିକ ବିକାଶ ହେଉଛି’

**ବଲାଙ୍ଗୀର ଲୋକ ଉତ୍ସବର ତୃତୀୟ ସନ୍ଧ୍ୟା**

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଜିଲା ସଂସ୍କୃତି ପରିଷଦ ଏବଂ ଲୋକ ଉତ୍ସବ ସମିତି ପକ୍ଷରୁ ଆୟୋଜିତ ୨୩ତମ ବଲାଙ୍ଗୀର ଲୋକ ଉତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ଜିଲା ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳସଚିବ ହରପ୍ରସାଦ ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ବରେଣ୍ୟ କଳାକାର ଭାବେ ଆଟଗାଁର ବିପିନ ବିହାରୀ ଭୋଇ, ଲୋକ ଉତ୍ସବ ଖାଦ୍ୟ ଓ ଆବାସ କମିଟି ସହଅଧ୍ୟକ୍ଷ ମିଲି ବାରିକ ଓ ଗୋବିନ୍ଦ ଶତପଥୀ, ପଡିଆ କମିଟି ସହଅଧ୍ୟକ୍ଷ ସୁମନ ନନ୍ଦ ମଞ୍ଚାସୀନ ଥିଲେ। ବଲାଙ୍ଗୀର ଜିଲାର ଲୋକ କଳା ଓ ଲୋକ ସଂସ୍କୃତିର ଉନ୍ନତି ଦିଗରେ ସମସ୍ତଙ୍କ ସହଯୋଗ ଲୋଡା ଏବଂ ଲୋକ ଉତ୍ସବ ମଞ୍ଚ ଏଦିଗରେ ଏକ ପ୍ରମୁଖ ମାଧ୍ୟମ। ଅର୍ଥନୈତିକ ଉନ୍ନତି ପାଇଁ ଏକ ବଜାର ଉପଲବ୍ଧ କରିବା ଏବଂ କଳାର ବିକାଶ ପାଇଁ ମଞ୍ଚ ଯୋଗାଇବା ଏହି ଲୋକ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳର ବିଶିଷ୍ଟ କଳାକାର ଆର୍ତ୍ତତ୍ରାଣ ସୁନାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସଭା ସଂଯୋଜନା ଏବଂ ସହଅଧ୍ୟକ୍ଷ ଗୋବିନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ବଲାଙ୍ଗୀରର ଅନ୍ୱେଷଣ, ଏକତା ଡ୍ୟାନ୍ସ ଗ୍ରୁପ୍, ପୌରାଞ୍ଚଳ ଯାଦବ ମହାସଭା, ଦୁଲୁଦୁଲି କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ବଲାଙ୍ଗୀରର କୋଶଳ ଫୋକ୍ ଏକାଡେମୀ, ମହାରାଷ୍ଟ୍ରର ଲାବଣୀ, କଶ୍ମୀରର ରୌଫ ଡ୍ୟାନ୍ସ, ପଞ୍ଜାବର ଭାଙ୍ଗଡା ନୃତ୍ୟ, ବରଗଡ଼ର ଡାଲଖାଇ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ପାଟଣାଗଡ଼ର ଝଙ୍କାର ମ୍ୟୁଜିକ୍ ଏବଂ ଟିଟିଲାଗଡ଼ର ସାଇନିଂ ଷ୍ଟାରୟର କଳାକାରମାନେ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ।

ବହୁସଂଖ୍ୟକ ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଦିନବେଳା ପୁରୁଣା ମଞ୍ଚରେ ଜିଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ମନୋନୀତ କଳାକାରମାନେ ଏହି ମଞ୍ଚରେ ଲୋକ ସଙ୍ଗୀତ ପରିବେଷଣ କରିଥିଲେ।



ଲୋକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ‘ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ’

**କାନୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ**

ବେଲପଡ଼ା,୨୧।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ଅନ୍ତର୍ଗତ କାନୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଶ୍ୟାମ କୁମାର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ଅଭିନବ ମିଶ୍ର ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଭଲ ପାଠପଢ଼ି ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ରଖନ୍ତୁ। ଏଥିସହ ଭବିଷ୍ୟତରେ ଉତ୍ତମ ନାଗରିକ ହେବାକୁ ସେ ଆହ୍ୱାନ ଦେଇଥିଲେ। ବକ୍ତା ଭାବରେ ପାଟଣାଗଡ଼ ଜବାହରଲାଲ କଲେଜର ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ଅରୁଣ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ମୋ ସ୍କୁଲ ଅଭିଯାନର ସଭାପତି ମନୋଜ ସାହୁ, ସ୍ଥାନୀୟ ସରପଞ୍ଚ ଅଶୋକ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ନାଏକ, ସମିତିସଭ୍ୟ ରବୀନ୍ଦ୍ର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ପ୍ରେମାନନ୍ଦ ନାଗ ଓ କୃଷ୍ଣପୃଷ୍ଟି ବାଗ୍ ମଞ୍ଚ ପରିଚାଳନା କରିଥିଲେ। ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।



ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ୨୫ରେ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

କଣ୍ଟାବାଞ୍ଜି,୨୧।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଆସନ୍ତା ୨୫ରେ ଉତ୍କଳ ଯାଦବ ମହାସଭାର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଖୁଟୁଲୁମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ୍ ଯାଦବ ସମାଜ ସଭାପତି ମକରଧ୍ୱଜ ନିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ହାତୀ, ବଙ୍ଗୋମୁଣ୍ଡା ବ୍ଲକ୍ ସଭାପତି ଯୋଗେନ୍ଦ୍ର ବଛା, ମୁରିବାହାଲ ବ୍ଲକ୍ ସଭାପତି ଗଙ୍ଗାଧର ହେର୍ଣ୍ଣା, ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଘନଶ୍ୟାମ ଗହୀର, କଣ୍ଟାବାଞ୍ଜି ଏନ୍ଏସି ଯାଦବ ସମାଜ ପ୍ରତିନିଧି ଗୁରୁଦୟାଲ ହଂସ ମଞ୍ଚାସୀନ ଥିଲେ। ରାଜ୍ୟକାରିଣୀ ବୈଠକରେ ଯାଦବ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ତୁଲାଇବା ପାଇଁ ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ଏନ୍ଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ୍ ସଭାପତିଙ୍କ ସମେତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମୁରିବାହାଲ ବ୍ଲକ୍ ଯାଦବ ମହାସଭା ସମ୍ପାଦକ ତେଜୁରାମ ବାଗ କାର୍ଯ୍ୟକ୍ରମ ପରିଚାଳନା ଓ ସାମାଜିକ କର୍ମୀ ଜିତେନ୍ଦ୍ର ହଂସ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ‘ବିସ୍ଥାପିତଙ୍କୁ ଆଇନ ସହାୟତା ଯୋଗାଇ ଦିଆଯିବ’

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍ତେଲ ପ୍ରକଳ୍ପ ପ୍ରଭାବିତ କୁମିଆପାଲି ଗ୍ରାମର ଶ୍ରୀରାମ ନବମୀ ମଣ୍ଡପଠାରେ ବୁଧବାର କଟକସ୍ଥିତ ଆଇନସେବା ସଂସ୍ଥା କ୍ଲାପ୍ ଓ ବଲାଙ୍ଗୀର ଜିନ୍ଦାବାଦ ସଙ୍ଗଠନର ମିଳିତ ଉଦ୍ୟମରେ ଭ୍ରାମ୍ୟମାଣ ଆଇନସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ନେତା ରାମଚନ୍ଦ୍ର ବରିହା ସଭାପତିତ୍ୱ କରିଥିବାବେଳେ ଜିନ୍ଦାବାଦ ସଙ୍ଗଠନ ଉପଦେଷ୍ଟା ତଥା ଆଇନଜୀବୀ ତ୍ରିଲୋଚନ ପୁଞ୍ଜି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କ୍ଲାପ୍ ସଂସ୍ଥାର ନିର୍ଦ୍ଦେଶକ ତଥା ହାଇକୋର୍ଟ ଆଇନଜୀବୀ ସନ୍ତୋଷ କୁମାର ପ୍ରଧାନ, ମୁଖ୍ୟବକ୍ତା ହାଇକୋର୍ଟ ଆଇନଜୀବୀ ଚନ୍ଦ୍ରଦେବ ପୁରୋହିତ, ସମ୍ମାନିତ ଅତିଥି ଭାବେ ଲୋୟର ସୁକ୍ତେଲ ସଂଗ୍ରାମ ପରିଷଦର ସମ୍ପାଦକ ସତ୍ୟ ବନ୍ଛୋର, ଆଦିବାସୀ ନେତ୍ରୀ ଦ୍ରୌପଦୀ ବରିହା, ସଂଗ୍ରାମୀ ନେତ୍ରୀ ପାଞ୍ଚାଳି ପଧାନ ଯୋଗଦେଇ ଲୋୟର ସୁକ୍ତେଲ ପ୍ରକଳ୍ପ ଯୋଗୁ ୨୯ଟି ବୁଡି ଗାଁର ବିସ୍ଥାପିତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କହିଥିଲେ। ଜମି ହରାଇଥିବା ଲୋକେ ଘରଡିହ ପାଇନାହାନ୍ତି। ଲୋୟର ସୁକ୍ତେଲ ଡ୍ୟାମ ଯୋଗୁ ବିସ୍ଥାପିତ ଓ ପ୍ରଭାବିତ ପରିବାରକୁ କିଭଳି ନ୍ୟାୟ ପାଇଁ ଆଇନ ସହାୟତା ଯୋଗାଇ ଦିଆଯିବ ସେ ନେଇ ଶିବିରରେ ଆଲୋଚନା ହୋଇଥିଲା। ଅତିଥିମାନେ ବିସ୍ଥାପିତଙ୍କୁ ଆଇନ ସହାୟତା ଯୋଗାଇ ଦେବାକୁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଶିବିରରେ କୁମିଆପାଲି, ଗଡଶଙ୍କର, ଢୁଙ୍ଗୁରିପାଲି, ବିଜାପାଟି, ବନଛୋରପାଲି ସମେତ ଅନ୍ୟ ଗ୍ରାମର ବିସ୍ଥାପିତ ଓ ପ୍ରଭାବିତ ବ୍ୟକ୍ତି ଯୋଗଦେଇଥିଲେ।




ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ବୋଲେରୋ ଜବତ: ୬ ଦାଦନ ଶ୍ରମିକ ଉଦ୍ଧାର

ଲାଠୋର,୨୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ କଲେଜ ଛକରୁ ମଙ୍ଗଳବାର ରାତିରେ ପୋଲିସ ଏକ ବୋଲେରୋ ଜବତ କରିବା ସହ ୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ତେବେ ସେମାନଙ୍କୁ ବେଆଇନ ଭାବେ ଚାଲାଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବେଲପଡ଼ା ଥାନା ଅଧୀନ ବୁଢ଼ାଭଟା ଗ୍ରାମର ଗୁନ ନାଗେଶ୍ୱର ସୁନା। ପୋଲିସ ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ଗୁଡ଼ାଉପର ଗତିବେଡା ଗ୍ରାମର ୪ ମହିଳା, ୨ ପୁରୁଷ ଦାଦନ ଶ୍ରମିକ ଓ ଜଣେ ଶିଶୁଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ ପାଇଁ ମଙ୍ଗଳବାର ରାତିରେ ଅଭିଯୁକ୍ତ ଜଣଙ୍କ ଏକ ବୋଲେରୋରେ ହରିଶଙ୍କର ରୋଡ(ଲାଠୋର) ରେଳଷ୍ଟେଶନକୁ ଆଣୁଥିଲେ। ହେଲେ ପାଟ୍ରୋଲିଂ କରୁଥିବା ପୋଲିସ ଉକ୍ତ ବୋଲେରୋକୁ କଲେଜ ଛକରେ ଅଟକାଇ ପଚରାଉଚରା କରିବା ସହ ଥାନାକୁ ଆଣିଥିଲା। ଥାନାରେ ଦାଦନ ଶ୍ରମିକ ଚାଲାଣ ସମ୍ପର୍କରେ ଯାଞ୍ଚ କରିବାରୁ ଗୁନ କୌଣସି କାଗଜପତ୍ର ଦାଖଲ କରିପାରି ନ ଥିଲେ। ଏଥିରୁ ବେଆଇନ ଦାଦନ ଶ୍ରମିକ ଚାଲାଣ ହେଉଥିବା ଜଣାପଡିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨/୨୬) ରୁଜୁ ହୋଇଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଲେ ୨୦୦ ପ୍ରତିଯୋଗୀ

ଲାଠୋର,୨୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭଇଁସାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଦେବ ଶାଣ୍ଢେ, ସମ୍ମାନିତ ଅତିଥି ଭାବେ ଆକାଶ ଗୁର୍ଲା, ପରମେଶ୍ୱର ତାଣ୍ଡି, ରାଜକୁମାର ତାଣ୍ଡି ଏବଂ ଲିଙ୍ଗରାଜ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ଶିକ୍ଷୟିତ୍ରୀ ରୀମା ବେହେରା, ଶିକ୍ଷକ ମହାଦେବ ନାଗ, ଯୁଗୁଲେଶ୍ୱର ବାଗ, ସମୀର ମାଝୀ, ଚେଦାନନ୍ଦ ପଶାୟତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ।

## ଖଇର କାଠ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ, ଚାଳକ ଗିରଫ

ଖପ୍ରାଖୋଲ,୨୧।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବନ ବିଭାଗ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ଖପ୍ରାଖୋଲ-ଲାଠୋର ରାସ୍ତାର ଫୁଲୁକିମୁଣ୍ଡା ଗ୍ରାମ ନିକଟରୁ ଖଇରା କାଠ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରାଯାଇଛି। ଏଥିସହ ଗାଡ଼ି ଚାଳକ ବଙ୍ଗୋମୁଣ୍ଡା ଥାନା ବର୍ଲାବାହାଲି ଗ୍ରାମର ଚିରଞ୍ଜୀବୀ ନାଏକ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ରାତିରେ ଏସିଏଫ୍ ତଥା ହରିଶଙ୍କର ରେଞ୍ଜ୍ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଦ୍ରୁତ ଗତିରେ ଯାଉଥିବା ପିକ୍ଅପ୍ ଭ୍ୟାନ୍‌କୁ ବନ କର୍ମଚାରୀ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଖଇର କାଠ ଥିବା ଜଣାପଡିଥିଲା। ପରେ ଉକ୍ତ ଗାଡ଼ିକୁ ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ଜବତ ଖଇର କାଠର ଓଜନ ୧୦ କୁଇଣ୍ଟାଲ ହୋଇଥିବାବେଳେ ଏହାର ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏନେଇ ହରିଶଙ୍କର ରେଞ୍ଜରେ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ବନପାଳ ସୁଧୀର ଜେନା କହିଛନ୍ତି। ଏହି ଚଢ଼ାଉରେ ବନ ବିଭାଗ କର୍ମଚାରୀଙ୍କ ସମେତ ବନ୍ୟପ୍ରାଣୀ ସ୍କ୍ୱାଡ୍ ସାମିଲ ହୋଇଥିଲା।



## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଲୋଇସିଂହା,୨୧।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଅଧୀନ ମୁରସୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜାହ୍ନବୀ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶିକ୍ଷକ ସଂଘ ସଭାପତି ଗୋବିନ୍ଦ ସାହୁ, କ୍ରୀଡ଼ା ଶିକ୍ଷକ ସରୋଜ ପ୍ରଧାନ, ବିଶ୍ୱାମିତ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ପ୍ରଧାନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି କ୍ରୀଡ଼ାଜ୍ୟୋତି ଧରି ଶୋଭାଯାତ୍ରାରେ ଖେଳପଡିଆକୁ ଆସିଥିଲେ। ଅତିଥି ସାଲେଭଟା ଆଞ୍ଚଳିକ ସାଧନକର୍ମୀ ସଦାନନ୍ଦ ଭୁଏ କ୍ରୀଡ଼ାଜ୍ୟୋତି ସ୍ଥାପନ ଓ କ୍ରୀଡ଼ା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସୋମେଶ ନାଏକ, ରିଙ୍କୁ ବାଗ, ଆଲୋକ ପ୍ରଧାନ, ବାବା ଶଙ୍କର ବାଗ ଓ ଅମିୟ ସେଠ ନିକଟରେ ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ପାଇଥିବାରୁ ସେମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।



ଶୋଭାଯାତ୍ରାରେ ସାମିଲ ଛାତ୍ର ଓ ଅନ୍ୟମାନେ।

## ଲାଠୋର: ବଢୁଛି ନିଶା କାରବାର

ଲାଠୋର,୨୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଦୋକାନରେ ନିଶାଦ୍ରବ୍ୟ ବିକ୍ରି ହେଉଛି। ଯୁବପିଢ଼ି ଏହାକୁ ସେବନ କରି ବିପଥଗାମୀ ହେଉଛନ୍ତି। ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗ ଫେଲ୍ ମାରିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ଅଞ୍ଚଳରେ ବେଆଇନ ନିଶା କାରବାର ରୋକିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଲାଠୋର ଥାନା ଅଧୀନ ମାଲପଡ଼ା, ବେନ୍ଦେର, କରୁଆଁଝର, ଟଙ୍କପାଣି, ରେଙ୍ଗାଲି ଆଦି ପଞ୍ଚାୟତର ବିଭିନ୍ନ ଦୋକାନରେ ନିଶାଦ୍ରବ୍ୟ ବିକ୍ରି କରାଯାଉଛି। ସେହିପରି ନୂଆପଡ଼ା ଜିଲା ଉଦ୍ୟାନବନ୍ଧ ଏବଂ ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ଦୁର୍ବୃତ୍ତମାନେ ଅର୍ଥ ରୋଜଗାର ଆଶାରେ ଗଞ୍ଜେଇ, ନିଶା ବଟିକା, କୋରେକ୍ସ ଆଣି ଲାଠୋର ତଥା ଆଖପାଖ ଗ୍ରାମର ଅସାମାଜିକ ଯୁବକଙ୍କୁ ଯୋଗାଇ ଦେଉଛନ୍ତି। ଏପରି କି ସନ୍ଧ୍ୟାହେଲେ କେତେକ ଦୁର୍ବୃତ୍ତ ନିଶାଦ୍ରବ୍ୟ ଆଣି ଖୋଲା ସ୍ଥାନରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଗଞ୍ଜେଇ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟରେ ଭର୍ତ୍ତି ଥିବା ଗୋଗୋ ୪୦ ଟଙ୍କାରେ ବିକ୍ରି ହେଉଛି। ସେହିପରି କୋରେକ୍ସ ବୋତଲ ୨୫୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୟ ହେଉଛି। ଫଳରେ ଯୁବକମାନେ ନିଶା ସେବନ କରି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ନିଶାସକ୍ତମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଫଳରେ ଲୋକମାନେ ରାସ୍ତାରେ ଯାତାୟାତ ପାଇଁ ନିରାପଦ ମଣୁନାହାନ୍ତି। ଅପରପକ୍ଷେ ନିଶାସକ୍ତ ଯୁବକମାନେ ଘରକୁ ଯାଇ ପାଟିତୁଣ୍ଡ କରୁଥିବାରୁ ଘରେ କଳହ ସୃଷ୍ଟି ହେଉଥିବା ଜଣାପଡିଛି। ପ୍ରାୟ ଦେଢ଼ ମାସ ପୂର୍ବେ ଲାଠୋର ଥାନା ସୀମାକୁ ଲାଗିଥିବା ଯମୁନାପାଲି ଗ୍ରାମ ନିକଟରେ କେତେଜଣ ଛାତ୍ର କୋରେକ୍ସ ସେବନ କରୁଥିବାବେଳେ ଧରାପଡ଼ିଥିଲେ। ସେମାନଙ୍କୁ ତତ୍କାଳୀନ ଥାନା ଅଧିକାରୀ ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ବୁଝାଶୁଝା କରି ସଚେତନ କରିଥିଲେ। ଏନେଇ ଖପ୍ରାଖୋଲ ଅବକାରୀ ସବ୍ଇନ୍ସପେକ୍ଟର ଭରତ ମିଶ୍ର କହିଛନ୍ତି, ଆଗାମୀ ଦିନରେ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଭଙ୍ଗାମୁଣ୍ଡା ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଫେବୃୟାରୀ ୧ରୁ

ବୀରମହାରାଜପୁର,୨୧।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜାମପାଲି ଭଙ୍ଗାମୁଣ୍ଡା ଶାନ୍ତି ଆନନ୍ଦ ଆଶ୍ରମ ପରିସରରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠାକୁ ନେଇ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୧ରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହା ସହିତ ରାମାୟଣ ନବାହ ନାରାୟଣ, ୫୬ ପ୍ରହର ନାମଯଜ୍ଞ, କଂସ ଦରବାର, ପ୍ରତିଷ୍ଠା ପୂଜା, ରତ୍ନ କଳସ ସ୍ଥାପନ, ବିଗ୍ରହ ପ୍ରବେଶ ଆଦି କାର୍ଯ୍ୟକ୍ରମ ରହିଥିବା ଶାନ୍ତି ଆନନ୍ଦ ଆଶ୍ରମର ମହନ୍ତ ହରେକୃଷ୍ଣ ଦାସ ସୂଚନା ଦେଇଥିଲେ। ଏହା ସହିତ ବିଭିନ୍ନ ପ୍ରତିଭା, ବରିଷ୍ଠ ନାଗରିକ, ବିଶିଷ୍ଟ ସାମ୍ବାଦିକ, କଳାକାର, ବ୍ୟକ୍ତି ବିଶେଷ, ସଂସ୍କୃତି ପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠାକ କମିଟି ସଭାପତି ସାଫି ମେହେର, ବରିଷ୍ଠ ସଦସ୍ୟ ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ ପାଧାନ, ସମସ୍ତ ସଦସ୍ୟଙ୍କ ସହିତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ

ବୀରମହାରାଜପୁର,୨୧।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ବନ୍ଦେ ମାତରମ ସାମୂହିକ ଗାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଭକ୍ତି ଓ ସଂସ୍କୃତିଚେତନା ବିକାଶରେ ବନ୍ଦେ ମାତରମ୍ ଗୀତର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦା, ଉପାଧ୍ୟକ୍ଷା ନାରାୟଣ ଲୁହା, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ସରପଞ୍ଚ ଶ୍ରୀୟା କର୍ମୀ, ଏବିଡିଓ ପୁରୁଷୋତ୍ତମ ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ଦେ ମାତରମ ଗୀତର ଐତିହ୍ୟ, ମୂଲ୍ୟବୋଧ ଓ ଦେଶପ୍ରେମ ସହିତ ତାହାର ସମ୍ପର୍କ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# ଡ୍ୟାମ୍‌ରୁ ପାଣି ଛାଡ଼ିଦେଲା ଏମ୍‌ଆଇପି ବିଭାଗ

ଅମରପାଲି, ୨୧।୧(ପୀତାମ୍ବର ସାହୁ)


ଘୁଙ୍ଗିନାଳ ଡ୍ୟାମରୁ ବିଭାଗ ପାଣି ଛାଡି ଦେବାରୁ ଡ୍ୟାମ ଶୁଖିଲା ପଡ଼ିଛି।

**ରବି ଧାନ ଚାଷ ପ୍ରଭାବିତ ଆଶଙ୍କା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ଗ୍ରାମରେ ଘୁଙ୍ଗିନାଳ ଉପରେ ନିର୍ମାଣ ହୋଇଥିବା ଡ୍ୟାମରୁ ମଙ୍ଗଳବାର ରାତିରେ ବିନା ସୂଚନାରେ ଏମ୍‌ଆଇପି ବିଭାଗ ଗେଟ ଖୋଲିଦେଇ ପାଣି ଖାଲି କରି ଦେଇଛି। ଫଳରେ ଏହି ଡ୍ୟାମ ଉପରେ ନିର୍ଭର କରି ରବି ଧାନ ଚାଷ କରିଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଘୁଙ୍ଗିନାଳ ଉପରେ ୧୯୭୨ମସିହାରେ ନିର୍ମାଣ ହୋଇଥିବା ଏହି ଡ୍ୟାମରୁ ଏକ କେନାଲ କରାଯାଇ ଏହାର ପାଣି ଘଣ୍ଟପାଲି, ବଙ୍କିଆ, ସୀତାପୁର, ଚୌକା, ମୁର୍ଷୁଣ୍ଡି ଆଦି ଗ୍ରାମର ଚାଷ ଜମିକୁ ଜଳ ସେଚନ କରାଯାଉଛି। ଏହା ସହିତ ଏହି ଡ୍ୟାମରୁ ଉଠା ଜଳ ସେଚନ ମାଧ୍ୟମରେ ୧୪ଟି ମୋଟର ଲଗାଇ ଲୁତୁରପଙ୍କ ଗ୍ରାମର ଚାଷ ଜମିରେ ଜଳସେଚନ କରାଯାଉଛି। ସବୁ ବର୍ଷ ପରି ଚଳିତ ରବିଋତୁରେ ମଧ୍ୟ ଲୁତୁରପଙ୍କ ଗ୍ରାମର ଚାଷୀମାନେ ଏହି ଡ୍ୟାମରୁ ଉଠାଜଳସେଚନ ମାଧ୍ୟମରେ ଧାନ ଚାଷ କରିବା ପାଇଁ ପ୍ରସ୍ତୁତି ହୋଇ ଚାଷ କରିଛନ୍ତି। ଏବେ ଧାନ ରୁଆ ସରିଲାଣି। ପାଣି ଛାଡି ଦେବା ପରେ ଏବେ ଡ୍ୟାମ ପୁରା ଶୁଖିଲା ପଡ଼ିଛି। ସକାଳୁ ଏହା ଦେଖିଲା ପରେ ଲୁତୁରପଙ୍କ ଗ୍ରାମର ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିବା ଅଭିଯୋଗ ହୋଇଛି। ଚଳିତ ରବିରେ ଲୁତୁରପଙ୍କ, ବାବୁପାଲି ଓ କଲନିପଡଡ଼ାର ପ୍ରାୟ ୩୨ଜଣ ଚାଷୀ ପ୍ରାୟ ଶହେ ଏକରରୁ ଅଧିକ ଜମିରେ ଧାନ ଚାଷ କରିଛନ୍ତି। ଏବେ ଡ୍ୟାମରେ ପାଣି ନ ଥିବାରୁ ଆଗକୁ ଚାଷ ନିଶ୍ଚୟ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଏମ୍‌ଆଇପି ଏସ୍‌ଡିଓ ସନ୍ତୋଷ ଦାସଙ୍କୁ ପଚାରିବାରୁ ତଳମୁଣ୍ଡରେ ଥିବା କେତେକ ଚେକ୍‌ଡ୍ୟାମକୁ ପାଣି ଦେବା ସହିତ ଡ୍ୟାମ ମରାମତି ପାଇଁ ଆମେ ଅଧଘଣ୍ଟା ପାଇଁ ପାଣି ଛାଡ଼ିବା ପାଇଁ କହିଥିଲୁ। ମାତ୍ର ଯେଉଁ କର୍ମଚାରୀ ପାଣି ଛାଡ଼ିବା ପାଇଁ ଯାଇଥିଲେ ସେ ଧାର୍ଯ୍ୟ ସମୟ ପରେ ଗେଟ ବନ୍ଦ କରି ନ ଥିବା କହିଛନ୍ତି।

# ସ୍ଲୋଗାନ, ରିଲ୍‌ସ ପ୍ରତିଯୋଗିତାରେ ଚନ୍ଦ୍ରିକା ରାଜ୍ୟରେ ଦ୍ୱିତୀୟ

ବୀରମହାରାଜପୁର,୨୧।୧(ଯୁଗଳ କିଶୋର ମିଶ୍ର)

**ଜାତୀୟ ମତଦାତା ଦିବସରେ ହେବେ ପୁରସ୍କୃତ**


ଚନ୍ଦ୍ରିକା କର୍ଣ୍ଣ।

ରାଜ୍ୟ ନିର୍ବାଚନ ଆୟୋଗ ତରଫରୁ ମତଦାତା ସଚେତନତା ସମ୍ପର୍କରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ସ୍ଲୋଗାନ ଓ ରିଲସ ବିଭାଗରେ ବୀରମହାରାଜପୁର ମହାବିଦ୍ୟାଳୟ ଓଡ଼ିଆ ସମ୍ମାନର ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକା କର୍ଣ୍ଣ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତା ଜାନୁଆରୀ ୨୫ ତାରିଖ ଦିନ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାତା ଦିବସରେ ସେ ପୁରସ୍କୃତ ହେବେ । ଆୟୋଗଙ୍କ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଯାଇଥିବା ପତ୍ର ନଂ. ଇସି ୧୯/୧/୨୬ରେ ଭିତ୍ତିକରି ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚନ୍ଦ୍ରିକା ଏବଂ ତାଙ୍କର ମାର୍ଗଦର୍ଶକ ଅଧ୍ୟାପକ ନରେନ୍ଦ୍ର ଝାଙ୍କୁ ଅଧ୍ୟକ୍ଷ ଡ଼. ପାଢ଼ୀ ଅଭିନନ୍ଦନ ଜଣାଇବା ସହିତ ଭବିଷ୍ୟତରେ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେବୋଲି ଆଶାବ୍ୟକ୍ତ କରିଛନ୍ତି । ଚନ୍ଦ୍ରିକାଙ୍କ ଏହି କୃତିତ୍ୱ ପାଇଁ ସେ ରାଜ୍ୟ ମୁଖ୍ୟ ନିର୍ବାନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଏବଂ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚଳିତବର୍ଷ ମଧ୍ୟ ଜାତୀୟ ମତଦାତା ଦିବସ ପାଳନ ଅବସରରେ ଜିଲାସ୍ତରରେ ହୋଇଥିବା ରଙ୍ଗୋଲି ପ୍ରତିଯୋଗିତାରେ ଚନ୍ଦ୍ରିକା ପ୍ରଥମ ହୋଇଥିବାବେଳେ ଏହି ମହାବିଦ୍ୟାଳୟର ଅନ୍ୟତମ ଛାତ୍ରୀ ବର୍ଷାରାଣୀ ବାଦୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କପ୍: ପଣ୍ଡିଆପାଲି ସେମିରେ


ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥି।

ଅମରପାଲି,୨୧।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହାଇସ୍କୁଲ ପଡିଆରେ ଜ୍ୟୋତିସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୧୯ ତମ ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କପ ଉଦ୍‌ଘାଟିତ ହୋଇଛି। ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟ ଅତିଥି, ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଶିକ୍ଷକ ଜୀବର୍ଦ୍ଧନ ରଣା, ଜଗଦୀଶ ପଧାନ, ମୀନକେତନ ରଣା, ଗୌରୀଶଙ୍କର ପୂଜାହାରୀ, ସତ୍ୟନାରାୟଣ ରାଜହଂସ ଓ ଚିତ୍ତରଞ୍ଜନ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୁରୋଘାଟ ଓ ଆପଟ ନୂଆଁଗଡ଼ ମଧ୍ୟରେ ହୋଇଥିଲା। ଆପଟ ନୂଆଁଗଡ଼ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ସମସ୍ତ ଉଇକେଟ ହରାଇ ୫୩ରନ କରିଥିଲା। ଜବାବରେ ବୁରୋଘାଟ ଦଳ ୪.୩ ଓଭରରେ ୫୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଦେଉଳମୁଣ୍ଡା ଓ ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୯ ହରାଇ ୫୧ରନ କରିଥିଲା। ଜବାବରେ ପଣ୍ଡିଆପାଲି ୪.୨ଓଭରରେ ୨ଉଇକେଟ ହରାଇ ୫୨ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ବୁରୋଘାଟ ଓ ଦ୍ୱିତୀୟ ମ୍ୟାଚ ବିଜେତା ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ପଣ୍ଡିଆପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ଗୋଟିଏ ଉଇକେଟ ହରାଇ ୧୦୧ ରନ କରିଥିଲା। ଜବାବରେ ବୁରୋଘାଟ ଦଳ ୬ ଓଭରରେ ୬ଉଇକେଟ ହରାଇ ୫୧ ରନ କରି ପରାସ୍ତ ହୋଇଥିଲା। ଫଳରେ ପଣ୍ଡିଆପାଲି ଦଳ ବୁରୋଘାଟ ଦଳକୁ ହରାଇ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାବିତ ବୀରସେନ ପଧାନ ଅତିଥିଭାବେ ଯୋଗଦେଇ ପଣ୍ଡିଆପାଲିର ରତନ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ।

### ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଅଭିଯାନ

ବିନ୍ନିକା, ୨୧।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନ୍ନିକା ବନବିଭାଗ ପକ୍ଷରୁ ଚରଦାଠାରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ମଙ୍ଗଳବାର ରେଞ୍ଜର ଡମ୍ବରୁଧର ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବନପାଳ ବନମାଳୀ ପାଣ୍ଡେ, ବନରକ୍ଷୀ ରାମଶଙ୍କର ମେହେର, ପ୍ରଭାସିନୀ କୁମ୍ଭାର, ବବଲି କଲୋ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ ର ସହଯୋଗୀ ସଂସ୍ଥା ପ୍ରଶାନ୍ତ ନାୟକ, ପ୍ରତିମା ମିଶ୍ର, ସଂଯୋଜକ ବାସୁଦେବ ପଧାନ, ପ୍ରେମଚାନ୍ଦ ସାହୁ, ପରିବେଶପ୍ରେମୀ ଜନ୍ମେଜୟ ମାଝୀଙ୍କ ସମେତ ଚରଦା ଗ୍ରାମର ଶତାଧିକ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶରେ ପଡୁଥିବା କୁପ୍ରଭାବ ଉପରେ ବୁଝାଇଥିଲେ। ବଣଭୋଜି, ପର୍ଯ୍ୟଟନସ୍ଥଳ, ମନ୍ଦିର ଆଦି ସ୍ଥାନକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତେ ସଜାଗ ହୋଇ ପରିବେଶକୁ ସୁରକ୍ଷା କରିବା ପାଇଁ ବନପାଳ ପାଣ୍ଡେ ସଚେତନ କରିଥିଲେ। ଏହିଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

# ଜଳ ଅର୍ପଣ ଦିବସ ପାଳିତ



ଜଳ ଅର୍ପଣ ଦିବସରେ ଅତିଥିମାନେ ଶପଥ ପାଠ କରୁଛନ୍ତି।

ବିନ୍ନିକା,୨୧।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନ୍ନିକା ବ୍ଲକ ଚରଦାଠାରେ ଜଳ ଅର୍ପଣ ଦିବସ ବୁଧବାର ପାଳିତ ହୋଇଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗଦେଇ ପ୍ରକୃତିକୁ ସମ୍ମାନ ଦିଅ, ଜଳ ସଂରକ୍ଷଣ କର ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ବିଶ୍ୱମ୍ଭର ମିଶ୍ର, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା, ଆରଡବ୍ଲ୍ୟୁଏସଏସ ଏସଇ ଆଶୁତୋଷ ଭଦ୍ର, ଏଇଇ ରଞ୍ଜନ କୁମାର ପଟେଲ, ଚରଦା ସରପଞ୍ଚ ବୃନ୍ଦାବତୀ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିନ୍ନିକା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ହାଁସଦା ପରିଚାଳନା କରିଥିଲେ। ଏଥିରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା ଓ ସ୍କୁଲ ଛାତ୍ରୀଛାତ୍ର ଗ୍ରାମରେ ପରିକ୍ରମା କରି ଜଳ ଅର୍ପଣ ଦିବସ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ।


ପାତାଳି ଶ୍ରୀକ୍ଷେତ୍ରରେ ବୁଧବାର ଶ୍ରୀଜୀଉଙ୍କ ପଦ୍ମମୁଖ ବେଶ।

# ପଦ୍ମମୁଖ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ଅମରପାଲି,୨୧।୧ (ପୀତାମ୍ବର ସାହୁ)

**୨୧ତମ ପାତାଳି ମହୋତ୍ସବର ତୃତୀୟ ସନ୍ଧ୍ୟା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳା କ୍ଷେତ୍ର ଶ୍ରୀ ପାତାଳି କ୍ଷେତ୍ର କୋଟସମଲାଇଠାରେ ଚାଲିଥିବା ୨୧ତମ ପାତାଳି ମହୋତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଦିବସରେ ଚତୁର୍ଦ୍ଧା ବିଗ୍ରହଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା। ଦୂର ଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପଦ୍ମମୁଖ ବେଶ ଦର୍ଶନ କରିଥିଲେ। ପ୍ରତିଦିନ ଭଳି ମହାପ୍ରଭୁଙ୍କ ପାଖରେ ଆଳତୀ ଦିଆଯାଇଥିଲା। ଛପନ ପ୍ରହରନାମଯଜ୍ଞରେ ପ୍ରଥମ ଦିନରେ କୋଟସମଲାଇ ବାହାରିପଡା, ଦ୍ୱିତୀୟ ଦିନରେ କୋଟସମଲାଇ ଗଡଭିତର ଓ ତୃତୀୟ ଦିନରେ ଗୋଲାବନ୍ଧ ଗାଁର ନାମ ସଂକୀର୍ତ୍ତନ ପରିବେଷଣ କରିଛନ୍ତି। ନାମ ମଣ୍ଡପରେ ଅର୍ଜୁନ ପଣ୍ଡା ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ସହିତ ଯଜ୍ଞ ମଣ୍ଡପରେ ଘୃତଯଜ୍ଞ ଓ ପାରାୟଣ ମଣ୍ଡପରେ ଭାଗବତ ସପ୍ତାହ ପାରାୟଣ ଅନୁଷ୍ଠିତ ହେଉଛି। ତୃତୀୟ ଦିନର ସନ୍ଧ୍ୟା ଅଧିବେଶନରେ ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୋନପୁର ମୁନସିପାଲଟି ଅଧ୍ୟକ୍ଷା ତାମସୀ ତାମସ୍ମିତା ସାହୁ, ସମ୍ମାନୀତ ଅତିଥି ଭାବେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃର୍ତ୍ତୀବାସ ମିଶ୍ର, ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁ, ରବିନ୍ଦ୍ର ହୋତା ଓ ଶେଷଦେବ ବାରିକ ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ସାଂସ୍କୃତିକ ପରିଷଦ ପକ୍ଷରୁ ଶାଶ୍ୱତ ତ୍ରିପାଠୀ ଓ ସାଥୀଙ୍କ ଦ୍ୱାରା ରୁମକୁଝୁମାନା ମେଲୋଡ଼ି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନବରତ୍ନର ଅଧିକାରୀ ହେଲେ ସଫଳତା ନିଶ୍ଚିତ

ଅମରପାଲି,୨୧।୧(ପୀତାମ୍ବର ସାହୁ)

**କଇରାଝୁଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ 'ଅନ୍ୱେଷା'**

ପ୍ରତିଭା, ପଠନ, ପ୍ରଯୁକ୍ତିବିଦ୍ୟା, ପ୍ରଶ୍ନ, ପ୍ରତିଯୋଗିତା, ପ୍ରୟାସ, ପ୍ରଶାନ୍ତି ଓ ପ୍ରତ୍ୟାବର୍ତ୍ତନ ଏହି ନବରତ୍ନର ଅଧିକାରୀ ହେଲେ ସଫଳତା ନିଶ୍ଚିତ ଭାବେ ମିଳେ। ଏହାକୁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରି ପିଲାମାନେ ଆଗକୁ ବଢ଼ିବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଯାଲୋଏ ପଞ୍ଚାୟତ କଇରାଝୁଲି ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ 'ଅନ୍ୱେଷା'ରେ ଯୋଗଦେଇଥିବା ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଛନ୍ତି। ସ୍କୁଲ ପ୍ରଧାନଶିକ୍ଷକ ସୁରେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ବିନ୍ନିକା ବିଇଓ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଲୁଣ୍ଡା ବିଇଓ ଅଜୟ ଲୁହା, ସ୍ଥାନୀୟ ସରପଞ୍ଚ ନିବେଦିତା ମିଶ୍ର, ଏବିଇଓ ମୁକେଶ କୁମାର ଭୋଇ ଓ ଯୋଗେଶ୍ୱର ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ଲେଖରାଜ ସାଗର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କିଶୋର କୁମାର ସାହୁ ସଭା ସଂଯୋଜନା କରିଥିବା ବେଳେ ଜିତେନ ପର୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ବାର୍ଷିକ ପ୍ରତିବେଦନ ପାଠ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ମହାପାତ୍ର, ସଂସ୍କୃତି ଗବେଷକ ଡ. ଅନିରୁଦ୍ଧ କୁରକୁରିଆ, ପ୍ରାଣକୃଷ୍ଣ ଦାସ, ଲେଖରାଜ ସାଗର ଓ ପ୍ରଭାସ ମେହେରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍କୁଲର ପ୍ରାଚୀରପତ୍ର 'ଅନ୍ୱେଷାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କଇରାଝୁଲି ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ମାର୍ଚ୍ଚ ୨୦ରୁ ୨୪ ଦୁଲୁକିବ ମାଲେଶ୍ରୀ ମଞ୍ଚ

ବୀରମହାରାଜପୁର,୨୧।୧(ଯୁଗଳ କିଶୋର ମିଶ୍ର)



ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ସଭାରେ ଅଧିକାରୀ ଓ ଜନ ପ୍ରତିନିଧି।

**ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବୁଧବାର ଅପରାହ୍ନ ୪ଟାରେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇ ଯାଇଛି। ମହୋତ୍ସବର କମିଟି ସଭାପତି ସ୍ଥାନୀୟ ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରଘୁନାଥ ଜଗଦଲା, ବ୍ଲକ ଉପାଧ୍ୟକ୍ଷ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ଭାଜପା ସଭାପତି ବେଣୁଧର ଦାଶ, ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ବିଧାୟକ ନୋମିନୀ ପଦାର୍ଥ ଜଗଦଲା ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ପ୍ରଥମ ମାଲେଶ୍ରୀର ସ୍ମରଣିକା ସମ୍ପାଦକ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କୋର କମିଟି ସର୍ବସମ୍ମତିକ୍ରମେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ କମିଟିର ସମ୍ପାଦକମ୍‌ଭାବେ ବୀରମହାରାଜପୁର ବିଡ଼ିଓ ରାଜିବ କୁମାର ହାଁସଦା, ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା ସହ ସମ୍ପାଦକ, ଡେପୁଟି କଲେକ୍ଟର ଶୁଭମ ଶିବାସିଷ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଆଲୋଚନାରେ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଭୂଷଣ କୁମାର ପାତ୍ର, ଦୟାନିଧି ହୋତା, ଅକ୍ଷୟ କୁମାର ମିଶ୍ର,ଏକଲବ୍ୟ ବେହେରା, କିଶୋର କୁମାର ହୋତା, ଦାମୋଦର ହୋତା, ସୁମନ୍ତ ଜଗନ୍ନାଥ, ପ୍ରଭାସ କୁମାର ପଣ୍ଡା, ପ୍ରଭାତ କୁମାର ଦାସ, ପୀତବାସ ଶତପଥୀ, ରାଧାକାନ୍ତ ବାଗ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ନିଳ କମଳ ମିଶ୍ର, ରବିନ୍ଦ୍ର କୁମାର ହୋତା, ଶରତ କୁମାର ମିଶ୍ର, ଜିତେନ୍ଦ୍ରିୟ ଦାସ, ଶେଷଦେବ ବାରିକଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ମାର୍ଚ୍ଚ ୨୦ରୁ ୨୪ ତାରିଖ ଚାରିଦିନ ପର୍ଯ୍ୟନ୍ତ ଲୋକ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା । ସଭାରେ ବିଭିନ୍ନ ପ୍ରକାର ୧୬ଟି କମିଟି ପାଇଁ ସଦସ୍ୟମାନଙ୍କ ସୁପରିଚାଳନା ପାଇଁ କୋର କମିଟି ସଦସ୍ୟମାନଙ୍କୁ ବିଭିନ୍ନ କମିଟିର ତଦାରଖ କରିବା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଡ଼ ଦ୍ୱିତୀକୃଷ୍ଣ ପଣ୍ଡା ସଭା ବିବରଣୀ ଲିପିବଦ୍ଧ କରିଥିବା ବେଳେ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ ।

## ସଂକ୍ଷେପରେ

### ୫୦ ହଜାର ଟଙ୍କା, ୨ ମୋବାଇଲ ଚୋରି

**ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରେ କଳାକନା ବୁଲାଇଲେ ଚୋର**

**କୁତ୍ରା, ୨୧।୧ (ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରା ଗ୍ରାମରେ ମଙ୍ଗଳବାର ମକର ଯାତ୍ରା ଚାଲିଥିବା ସମୟରେ ଏକ ଚୋରି ଘଟଣା ଘଟିଛି। ଗ୍ରାମର ରାକୁ ବିରଗଣ୍ଡିଆ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଭୋର ପ୍ରାୟ ସାଢ଼େ ୩ଟା ସମୟରେ ଚୋରମାନେ ତାଙ୍କ ଘରକୁ ଯାଇ ଚୋରି କରିଛନ୍ତି। ସେମାନେ ଘରର ମୁଖ୍ୟ ତାଲା ଭାଙ୍ଗି ଘରଭିତରକୁ ପ୍ରବେଶ କରିଥିଲେ। ପରେ ଆଲମିରା ଚାବି ଖୋଜି ଆଲମାରୀ ଖୋଲି ନଗଦ ପ୍ରାୟ ୫୦ ହଜାର ଟଙ୍କା ଏବଂ ୨ଟି ମୋବାଇଲ ଫୋନ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଘରମାଲିକ ରାକୁ ବିରଗଣ୍ଡିଆ କୁତ୍ରା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ପାଇବା ପରେ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରକୁ ଚିହ୍ନଟ କରିବା ସହ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି।

### ଜିଲା ଓକିଲ-କିରାଣି ସଂଘ ପକ୍ଷରୁ ମୋହରିର ଦିବସ

**ସୁନ୍ଦରଗଡ଼, ୨୧।୧ (ଜୟ ନାରାୟଣ ମେଣ୍ଡୁଲି):** ଜିଲା ଓକିଲ-କିରାଣି ସଂଘ ପକ୍ଷରୁ ବୁଧବାର ମୋହରିର ଦିବସ ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘର ସଭାକକ୍ଷଠାରେ ଆୟୋଜିତ ଏହି ସଭା ପ୍ରାରମ୍ଭରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସଭାରେ ଜିଲା ଓକିଲ ସଂଘ ସଭାପତି ଧର୍ମେଶ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ମନୋବୃତ୍ତି ରଖି ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଓକିଲ ସଂଘ ସମ୍ପାଦକ ବିଭୋର ଆନନ୍ଦ ପଟେଲ ମୋହରିରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସଭା ଶେଷରେ ଓକିଲ କିରାଣି ସଂଘର ସଭାପତି କମଳ ଲୋଚନ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଓକିଲ କିରାଣି ସଂଘର ବରିଷ୍ଠ ସଭ୍ୟ ସୁରଥ ରାମ ପଟେଲ, ବିଶେଶ୍ୱର ନାଏକ, ପ୍ରଦୀପ ଗୁରୁ, କପିଳ କମାର, ଯୁଧିଷ୍ଠିର ସନାନୀ, ଦିବ୍ୟଲୋଚନ ପଟେଲ, ନେପାଳ କାଲୋ, ପଦ୍ମଲୋଚନ ପୃଷେଠ୍, ଦିଲୀପ କାଲୋ, ସୁକୁମ ଦଣ୍ଡସେନା, ଶିବ କମାର ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ର ପ୍ରତିଧ୍ୱନି ପୁସ୍ତକ ଉନ୍ମୋଚନ

**ସୁନ୍ଦରଗଡ଼, ୨୧।୧ (ଜୟ ନାରାୟଣ ମେଣ୍ଡୁଲି)**



ଲେଖକ ସଞ୍ଜୟ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ ଉନ୍ମୋଚନ ହେଉଛି।

ସୁନ୍ଦରଗଡ଼ ଜିଲାର ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି ସ୍ଥାନୀୟ ଲେଖକ ସଞ୍ଜୟ ପଟ୍ଟନାୟକଙ୍କ ପ୍ରଥମ ପୁସ୍ତକ ସୁନ୍ଦରଗଡ଼ର ପ୍ରତିଧ୍ୱନି ଭବ୍ୟ ଉନ୍ମୋଚନ ଉତ୍ସବ। ବୁଧବାର ସନ୍ଧ୍ୟାରେ ନାରୀ କଲ୍ୟାଣ କେନ୍ଦ୍ର ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡର ରାଜମାତା ପଦ୍ମିନୀ ଶେଖର ଦେଓ ଏହି ପୁସ୍ତକ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଉନ୍ମୋଚନ ଉତ୍ସବରେ ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିକ୍ରାନ୍ତ କିଣ୍ଡୋ, ମୁଖ୍ୟ ଅତିଥି ରାଜମାତା ପଦ୍ମିନୀ ଶେଖର ଦେଓ ଲେଖକ ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ର ଐତିହ୍ୟ, ଆଦିବାସୀ ସଂସ୍କୃତି ଓ ବିକାଶଶୀଳ ପରିଚୟକୁ ପୁସ୍ତକରେ ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ପ୍ରଶଂସା କରିଥିଲେ। ଇଂରାଜୀ ଭାଷାରେ ଲିଖିତ ସୁନ୍ଦରଗଡ଼ର ପ୍ରତିଧ୍ୱନି ପୁସ୍ତକ ଜିଲାର ଇତିହାସ, ଆଦିବାସୀ ପରମ୍ପରା ଏବଂ ଜଙ୍ଗଲ, ଖଣି ଓ ସମ୍ପ୍ରଦାୟରେ ପ୍ରତିଧ୍ୱନିତ ହେଉଥିବା କାହାଣୀ ପ୍ରତି ଆଗ୍ରହୀ ପାଠକଙ୍କ ପାଇଁ ଗଭୀର ଆଲୋଡନ ସୃଷ୍ଟି କରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏହି ପୁସ୍ତକ ଓଡ଼ିଶାର ବିବିଧ ଆଞ୍ଚଳିକ କାହାଣୀକୁ ଉଜ୍ଜୀବିତ କରୁଥିବା କ୍ରମବର୍ଦ୍ଧିଷ୍ଣୁ ସାହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ। ଔପଚାରିକ ଉନ୍ମୋଚନ ପରେ କଳାମନ୍ଦିର ଅର୍କେଷ୍ଟ୍ରା ଦଳର କଳାକାରଙ୍କ ଦ୍ୱାରା ଏକ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଲେଖକ ପଟ୍ଟନାୟକଙ୍କ ଏହି ପ୍ରଥମ ରଚନା ଏବେ ପାଠକଙ୍କ ପାଇଁ ଉପଲବ୍ଧ ଅଛି।

## ଛାତ୍ରଙ୍କୁ ମାଡ଼ମାରି ନିଲମ୍ବନ ହେଲେ ପ୍ରଧାନଶିକ୍ଷକ

**ସୁନ୍ଦରଗଡ଼, ୨୧।୧ (ଜୟନାରାୟଣ ମେଣ୍ଡୁଲି)**

**ଜିଲା ନ ଛାଡିବାକୁ ନିର୍ଦ୍ଦେଶ**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଏବଂ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ବିଲାଇମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି। ହେମଗିର ବ୍ଲକ ଶିକ୍ଷା ଅଧିକାରୀ ବୁଧବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟରେ ତାଙ୍କର ମୁଖ୍ୟାଳୟ ଅର୍ଜୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି ଜିଲା ବାହାରକୁ ଯାଇପାରିବେ ନାହିଁ। ନିୟମ ଅନୁଯାୟୀ ନିଲମ୍ବନ ସମୟରେ ତାଙ୍କୁ କେବଳ ଜୀବିକା ନିର୍ବାହ ଭତ୍ତା ମିଳିବ। ବିଦ୍ୟାଳୟରେ ଛାତ୍ରଙ୍କ ପ୍ରତି ଏପରି ବ୍ୟବହାର ଏବଂ ଶିକ୍ଷାଦାନରେ ଅବହେଳାକୁ ବିଭାଗ ପକ୍ଷରୁ ଗୁରୁତର ସହ ନିଆଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଟକରା ସେବାଶ୍ରମର ବାର୍ଷିକ ଉତ୍ସବ


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଲହୁଣିପଡ଼ା, ୨୧।୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ଟକରା ସେବାଶ୍ରମ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ(ଆଇଟିଡିଏ) ବାବୁଲାଲ ମାଝୀ, ମୁଖ୍ୟବକ୍ତା ଭାବେ ଏବିଇଓ ନରହରି କିଷାନ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଉଲସୁରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରଧର ସେଠ୍, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ପ୍ରଧାନ, କରୁଣାକର ବେହେରା, କ୍ଷୀରେଶ୍ୱର ପ୍ରଧାନ, ସିଆର୍‌ସିସି ଶମ୍ଭୁନାଥ ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଲେସାନ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ଜ୍ୟୋତ୍ସ୍ନାରାଣୀ ସିଂ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲମ୍ବୋଦର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉତ୍ତମ ଛାତ୍ର ହେବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଏଥିପ୍ରତି ଧ୍ୟାନ ଦେଇ ପାଠ ପଢ଼ିବା ଉଚିତ। ନିଜ ପିଲାକୁ ଉତ୍ତମ ଛାତ୍ର କିମ୍ବା ଭଲ ମଣିଷ କରି ଗଢ଼ି ତୋଳିବାକୁ ହେଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅପେକ୍ଷା ଅଭିଭାବକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ଏଣୁ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ ଅଭିଭାବକମାନେ ଯତ୍ନବାନ୍ ହେବା ଜରୁରୀ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପୟସ୍ୱିନୀ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସୀମାରେଖା ସାହୁଙ୍କ ସମେତ ବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏଥିରେ ବହୁସଂଖ୍ୟାରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟାସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲୋକକଳା ମହାସଂଘ ବୈଠକରେ ୭ ଦଫା ଦାବିକୁ ନେଇ ଆଲୋଚନା


ଆଲୋଚନାରେ ଉପସ୍ଥିତ ଅତିଥିଙ୍କ ସହିତ କଳାକାର।

**ବଡ଼ଗାଁ, ୨୧।୧ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମ ଖେଳପଡିଆରେ ବୁଧବାର ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ମହାସଂଘ ଓଡ଼ିଶା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାସଂଘର ୭ ଦଫା ଦାବିକୁ ନେଇ ଆଲୋଚନା ହୋଇଥିଲା। ଦାବି ପୂରଣ ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ବୈଠକରେ ଉପ ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ ସା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ମହାସଂଘର ଦାବି ଉପବାଚସ୍ପତିଙ୍କୁ ଜଣାଇ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ ଯୋଗଦେଇଥିଲେ। ଜିଲା ସଭାପତି ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ସୁଦର୍ଶନ ତମ୍ପତି, କାର୍ଯ୍ୟକାରୀ ସଭାପତି ବିଜନ ମାହାନ୍ତି, କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, ରାଜ୍ୟ ଉପସଭାପତି ଗିରିଧାରୀ ବିଶାଳ, ଜିଲା ଉପଦେଷ୍ଟା ପ୍ରତାପ କୁମାର ବେଜି, ଉପ ସଭାପତି ବାସନ୍ତୀ ମାହାକୁଲ, ସମ୍ପାଦକ ସୁରେନ୍ଦ୍ର ମିଞ୍ଜଙ୍କ ସହିତ ମହାସଂଘ ଓ ଜିଲା ସଂଘର ବହୁ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ମହାସଂଘର କେତୋଟି ଦଳ ସଂକୀର୍ତ୍ତନ କଳାକାର ପଞ୍ଜୀକରଣ କରାଯାଇଅଛି ତାହାର ଅଡିଶସନ କରାଯାଇ ସ୍ଥିର କରାଯାଉ ବୋଲି ଦାବି ଉଠିଥିଲା। ବ୍ଲକସ୍ତରରେ ପଞ୍ଜୀକରଣ କରାଯାଇ ସଂକୀର୍ତ୍ତନ କଳାକାରଙ୍କୁ ଚିହ୍ନଟ କରାଯିବା ସହ ଲୋକକଳାରେ ସାମିଲ କରିବା, ସରକାରୀ ସ୍ତରରେ ଅଡିସଶରେ କୃତକାର୍ଯ୍ୟ ହୋଇଥିବା ଦଳକୁ ସରକାରୀ ସୁବିଧା ଓ ପ୍ରୋତ୍ସାହନ ପ୍ରଦାନ, କଳାକାର ସହାୟତା ରାଶି ଅନଲାଇନ ଆବେଦନକୁ ମଞ୍ଜୁରୀ ପ୍ରଦାନ, ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱରରେ ଗୃହ ନିର୍ମାଣ ପାଇଁ ଜମି ବ୍ୟବସ୍ଥା କରିବା ଉପରେ ଆଲୋଚନା କରାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଲହୁଣୀପଡ଼ା, ୨୧।୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ଲହୁଣୀପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ବୁଧବାର ପୋକ୍ସୋ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନାରାୟଣ ମୁଣ୍ଡା (୨୧)। ଏନେଇ ପୋଲିସ ଏକ ମାମଲା ନଂ.୧୨/୨୬ ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୭ରୁ ୮ ମାସ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଡିସେମ୍ବର ୧ ତାରିଖରେ ନାବାଳିକା କଲେଜ ଯିବା ପାଇଁ ଖୁଣ୍ଟାଗାଁ ଛକରେ ଛିଡା ହୋଇଥିବା ବେଳେ ନାରାୟଣ ଛାଡ଼ିଦେବାକୁ କହି ନାବାଳିକାଙ୍କୁ ଗାଡ଼ିରେ ବସାଇ ଆଣିଥିଲେ। ମାତ୍ର ଟାଙ୍ଗଯୋଡ଼ା କ୍ରସର ନିକଟରେ ନାବାଳିକା ବାରଣ କରିବା ସତ୍ତ୍ୱେ ନାରାୟଣ ଧମକ ଚମକ ଦେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଭୟଭୀତ ହୋଇ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇ ନଥିଲେ। କିଛିଦିନ ପରେ ସେ ଘର ଲୋକଙ୍କୁ ସବୁକଥା କହିବା ପରେ ପରିବାର ଲୋକେ ମଙ୍ଗଳବାର ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଜିଲା ଆଇନସେବା ପ୍ରାଧିକରଣର ଆଇନ ସଚେତନତା ଶିବିର

**ସୁନ୍ଦରଗଡ଼, ୨୧।୧ (ଜୟ ନାରାୟଣ ମେଣ୍ଡୁଲି)**

ଜିଲା ଆଇନସେବା ପ୍ରାଧିକରଣ ତରଫରୁ ମଙ୍ଗଳବାର କୁଣ୍ଡୁକେଲାସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷା ଅନୁଷ୍ଠାନ(ଇଟିଆଇ)ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଶିବିରରେ ଭାରତରେ ଜାତୀୟ ମହିଳା ଦିବସ, ନାଲ୍‌ସାର ଆଶା(ସଚେତନତା, ସମର୍ଥନ, ସାହାଯ୍ୟ ଓ କାର୍ଯ୍ୟପ୍ରଣାଳୀ), ନାଲ୍‌ସାର ଏକ ନିଶାମୁକ୍ତ ଭାରତ ପାଇଁ ଡ୍ରଗ୍ସ ସଚେତନତା ଯୋଜନା, ୧୦୦ ଦିନିଆ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ଉପରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଡ. ରୀନତି ମିଶ୍ର, ଡିଏସ୍‌ପି କାଦମ୍ବିନୀ ସାମଲ, ସାମାଜିକ କର୍ମୀ ସ୍ନେହଲତା ପଟେଲ, ନ୍ୟାୟ ରକ୍ଷକ ଅନିଶା ପୃଷ୍ଟି, ଅଧିକାର ମିତ୍ର ଶିବଲାଲ ବାଗୁଆର, ସରକାରୀ ପ୍ରାଥମିକ ଶିକ୍ଷା ଅନୁଷ୍ଠାନର ଶିକ୍ଷୟିତ୍ରୀ କବିତା ଚୌଧୁରୀ, ସୁବାସିନୀ ପୋଢ଼, ସଞ୍ଜୟ କୁମାର ପଟେଲ, ଡ. ଭାରତୀଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏଥିସହିତ କାର୍ଯ୍ୟକ୍ରମ ମାଧ୍ୟମରେ ନାଲ୍‌ସାର ଟୋଲ୍ ଫ୍ରି ନଂ.୧୫୧୦୦ ତଥା ପ୍ରାଧିକରଣର କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା।


ଶିବିରରେ ଉପସ୍ଥିତ ଅତିଥିମାନେ।

## ହନୁମାନ ମନ୍ଦିରର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ

**ଲହୁଣିପଡ଼ା, ୨୧।୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ବ୍ଲକ ଛକସ୍ଥିତ ଶ୍ରୀ ଶ୍ରୀ ଜୟ ହନୁମାନ ଶିବ ସାଇ ମନ୍ଦିରର ଚତୁର୍ଦ୍ଦଶତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଡୁମକଲା ବ୍ରାହ୍ମଣୀ ନଦୀରୁ ମହିଳାମାନେ ପୂର୍ଣ୍ଣ ଜଳକଳସ ଧରି ଏକ ଶୋଭାଯାତ୍ରାରେ ଲହୁଣିପଡା ମୁଖ୍ୟ ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ସନ୍ଧ୍ୟାରେ ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ମନ୍ଦିରରୁ ବାହାରି ମୁଖ୍ୟ ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲା। ସୋମବାର ନାମଯଜ୍ଞ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ବିଷ୍ଣୁ ରାୟ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ହୋମଯଜ୍ଞରେ ବୈଦ୍ୟନାଥ ରାୟ ଓ ତାଙ୍କ ସ୍ତ୍ରୀ ବିମଳା ଦେବୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୋପାଳ ଝା, ସୀତାରାମ ଝା ହୋମଯଜ୍ଞ ସଞ୍ଚାଳନ କରିଥିବା ବେଳେ ସୁନ୍ଦରମଣି ଦାସ ନାମଯଜ୍ଞ ସଞ୍ଚାଳନ କରିଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ମହୁଲଡିହା, ଭୋଗଲା, ଅର୍କେଇକଳା, ଗମଲେଇ, ଦର୍ଜିଂ, ଠିଆବେର୍ଣ୍ଣା, ଲହୁଣିପଡା, କେନାପାଲି, ଗୋପନା, ଗୋବିନ୍ଦପୁର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନ କରିଥିଲେ। ଅରବିନ୍ଦ ରାୟ, ଉମେଶ ରାୟ, ଗଙ୍ଗା ମାହାନ୍ତ, ସନ୍ତୋଷ ରାୟ, ରାମଶ୍ରେଷ୍ଠ ରାୟ, ଉପେନ୍ଦ୍ର ରାୟଙ୍କ ସମେତ ମନ୍ଦିର କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିଞ୍ଜିରକେଲା ଶ୍ରୀଶ୍ୟାମ ବାବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଯମୁନା ଚାମ୍ପିୟନ


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ବାଲିଶଙ୍କରା, ୨୧।୧ (ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଖେଳ ପଡିଆରେ କିଞ୍ଜିରକେଲା ଶ୍ରୀଶ୍ୟାମ ବାବା କ୍ରିକେଟ କମିଟି ଆନୁକୂଲ୍ୟରେ ଶ୍ରୀଶ୍ୟାମ ବାବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତଲସରା ବିଧାୟକ ପ୍ରତିନିଧି ରବି ଚନ୍ଦ୍ର ପଟେଲ, ସମ୍ମାନିତ ଅତିଥି ଭାଜପା ଜିଲା ଉପସଭାପତି ସୁରେନ୍ଦ୍ର ସାହୁ, ବନମାଳୀ ବାରସତିଆ, ବୁଧୁରାମ ଓରାମ, ଭାଜପା ସକ୍ରିୟ ନେତା ନନ୍ଦନ ସିଂ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ଯମୁନା ଓ ବନ୍ଧପାଲି ମଧ୍ୟରେ ହୋଇଥିଲା। ଏଥିରେ ଯମୁନା ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଯମୁନାକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ବନ୍ଧପାଲିକୁ ୨୦ ହଜାର ଟଙ୍କା ସହ ଟ୍ରଫି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶ୍ରୀଶ୍ୟାମ ବାବା କ୍ରିକେଟ କମିଟିର ପିଲୁ ସାହୁ, ଅମିତ ସାହୁ, ଅମିତ ମହାକୁଳ, ସୌମ୍ୟ ରଞ୍ଜନ ନାଏକ, ବାଦଲ ସାହୁ, କପିଳ ମିଶ୍ର, ପ୍ରକାଶ ତନ୍ତୀ, ସଞ୍ଜୟ, ରାହୁଲ, ବିଟୁ, ସରୋଜ, ମାନସ, ହେମନ୍ତ ନାଏକ, ଶୁଭମ ପଟେଲ ପ୍ରମୁଖ ସହାୟତା କରିଥିଲେ।

## ଧୁଡ଼ିନୂଆଗାଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ

**ବାଲିଶଙ୍କରା, ୨୧।୧ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ଧୁଡ଼ିନୂଆଗାଁରେ ୪ ଦିନ ଧରି ନବନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିନ ଅଙ୍କୁରାରୋପଣ, ଅନ୍ୟ ଦିନ ନିକଟସ୍ଥ ପୋଖରୀରୁ ୧୦୮ କଳସ ଜଳ ଆଣି ପୂଜାମଣ୍ଡପରେ ସ୍ଥାପନ ସହ ୨ଦିନ ଧରି ଅଖଣ୍ଡ ହୋମ କରାଯାଇଥିଲା। କର୍ତ୍ତାଭାବେ ସ୍ୱର୍ଗତ ଗଣେଶ୍ୱର ସାଙ୍କ ସାନପୁଅ ଅନୁପ କୁମାର ସା ଓ ତାଙ୍କ ସହଧର୍ମିଣୀ ରାଜଶ୍ରୀ ସା, ମୁଖ୍ୟ ପୂଜକ ରଜନୀ ପୁରୋହିତ, ସହଯୋଗୀ ପୂଜକଭାବେ କହ୍ନେଇ ଠାକୁର, ଦେବେଶ ଠାକୁର, ଅତୁଲେଶ ପଣ୍ଡା, ଟିକାଲାଲ୍ ତ୍ରିପାଠୀ ତୁଲାଇଥିଲେ। ରାତିରେ ଭକ୍ତଙ୍କ ସମାଗମକୁ ଦେଖି ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇ ଓ ତାଙ୍କ ସହ ସମସ୍ତ କଳାକାରଙ୍କୁ ନେଇ ରାମଲୀଳା ନାଟକ ପରିବେଷଣ କରାଯାଇଥିଲା। ନାଟକରେ ରାବଣ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ଇତମା ଚାମ୍ପିୟନ

**ବଡ଼ଗାଁ, ୨୧।୧ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଗବୁଡ ଗ୍ରାମରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇତମା ଏଫସି ଓ ମହପଡା ଏକାଦଶ ମଧ୍ୟରେ ହୋଇଥିଲା। ମହପଡାକୁ ହରାଇ ଇତମା ଟିମ ଚାମ୍ପିୟନ ହୋଇଛି। ତୃତୀୟ ଦଳ ଭାବେ କୁଶମୁରା ମିଳନ କ୍ଲବକୁ ପୁରସ୍କୃତ କରାଯାଇଥିଲା। ଜଗତ ନାଏକ, ଅଜିତ ଓରାମ ଓ ଅନିଲ ଭୈଷାଲ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସଦସ୍ୟ ଆକାଶ ସା, ସୌମ୍ୟ ଦଣ୍ଡସେନା, ରାହୁଲ ମାଝୀ, ରୁଷତ୍ର ସାହୁ, ସାଗର କିସାନ, ଅନୁପମା କିସାନ, ଚେତନା ଦଣ୍ଡସେନା, ପୁଷ୍ପଲତା ଦଣ୍ଡସେନା ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ମହପଡା ଟିମକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ବରିଷ୍ଠ ଗ୍ରାମବାସୀ ଅମିତ କିସାନ ଅଂଶଗ୍ରହଣ କରିଥିଲେ।


ଅତିଥିଙ୍କ ସହିତ ଖେଳାଳି।

## ୫ ଦିନିଆ ନକ୍‌ଆଉଟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡ଼ା, ୨୧।୧ (ଦାଶରଥି ପଣ୍ଡା)**


ଅତିଥିଙ୍କ ସହ ପ୍ରତିଯୋଗୀ।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୧୭ ତମ ପାଞ୍ଚଦିନିଆ ନକ ଆଉଟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାଜମୁଣ୍ଡା କ୍ରିକେଟ ଦଳ ଲହଙ୍ଗାପଡା କ୍ରିକେଟ ଦଳକୁ ୯ ଉଇକେଟରେ ହରାଇଥିଲା। ମୁଖ୍ୟ ଅତିଥିଭାବେ ଲହୁଣୀପଡା ସରପଞ୍ଚ ନେଲସନ ହେମ୍ରମ, ମୁଖ୍ୟ ବକ୍ତାଭାବେ ନିଗେଶ କୁମାର ଚୋରାସିଆ, ସମ୍ମାନିତ ଅତିଥି ଲହୁଣୀପଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ବିଭୁତି ଭୂଷଣ କର, ଧୀରେନ୍ଦ୍ର କୁମାର ମାହାନ୍ତ, ଦାଶରଥି ପଣ୍ଡା, ସୁଜିତ କୁମାର ମହାପାତ୍ର, ପଞ୍ଚାନନ କର ଯୋଗ ଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନର ସଭାପତି ଏମଡି ଛୋଟୁ ଅଧ୍ୟକ୍ଷତା କରିଥିବା ବେଳେ ବିକାଶ ଜୟସୱାଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିହାର ରଞ୍ଜନ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ କମିଟିର କର୍ମକର୍ତ୍ତାମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ଫିତା କାଟି ଖେଳର ଉଦଘାଟନ କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ନିକୁଞ୍ଜ ସିଂ ଶାନ୍ତି ଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ। ଶୁସାନ୍ତ ମାହାନ୍ତ, ଏମଡି ଅମିନ, ଟିଙ୍କିନା ପ୍ରଧାନ, ଏମଡି ଗଲୁ, ଲିଙ୍କନ ପାତ୍ର, ବିଟୁ ସା, ରାଜା ସା, ନିଖିଲ ଠାକୁର, ନିତେସ ଜୟସୱାଲ, ଜିତେନ୍ଦ୍ର ମାହାନ୍ତ, ବାଦଲ ସା, ମୋହିତ ଜୟସୱାଲ, ଚଞ୍ଚଳ ନାଏକ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତାମାନେ କ୍ରିକେଟ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ। ଶେଷରେ ସୁଧାଂଶୁ ଶେଖର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବ୍ୟବସ୍ଥାରେ ଚାଲିଛି ଉତ୍ସବ ପ୍ରଧାନପାଟ

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ରେ ଚାଲିଛି ଉତ୍ସବ ପ୍ରଧାନପାଟ। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ବୁଧବାର ଚତୁର୍ଥ ଦିନରେ ପହଞ୍ଚିଛି। ହେଲେ ନାନା ଅବ୍ୟବସ୍ଥା ମଧ୍ୟରେ ଏହା ଚାଲିଥିବାରୁ ସବୁଠି ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି। ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟରୁ ଦୂରେଇଯାଉଛି ଏହି ଉତ୍ସବ। ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡ଼ବଗିଚାଠାରେ ବୁଧବାର ଅନୁଷ୍ଠିତ ଉତ୍ସବ ପ୍ରଧାନପାଟର ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପଜିଲାପାଳ ପରକ୍ଷିତ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଅନିଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଡିଏଫ୍‌ଓ ରଶ୍ମି ଜୀ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଉପସ୍ଥାପିକା ମୋନାଲିଶା ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଜିଲା ଦକ୍ଷତା ଓ ନିୟୋଜନ ଅଧିକାରୀ କେ. ରୋଜା ଦୋରା ଧନ୍ୟବାଦ ଦେଇଥିଲେ। ଏହାପରେ ଦେବଗଡ଼ର ଲୋକନୃତ୍ୟ, କଶ୍ମୀର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାପରେ ଗାୟକ ରୁକୁ ସୁନାଙ୍କ ସମ୍ବଲପୁରୀ ଗୀତରେ ଦର୍ଶକ ଝୁମିଥିଲେ।

### ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାପାଳଙ୍କ ଦେଖାନାହିଁ

ଉଦ୍‌ଘାଟନୀ ଦିବସରେ ଦେବଗଡ଼ ମଠସାହିସ୍ଥିତ ମା’ କନକଦୁର୍ଗା ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଦେବଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁଙ୍କ ସମେତ କେତେଜଣ ଅଧିକାରୀଙ୍କୁ ଛାଡିଦେଲେ ବହୁ ଅଧିକାରୀଙ୍କ ଦେଖା ନ ଥିଲା। ବିଶେଷକରି ଜିଲାପାଳ, ଅତିରିକ୍ତ ଜିଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ହୋଇଥିଲା।

### ବିଳମ୍ବିତ ରାତିରେ ହେଉଛି ଆକର୍ଷଣୀୟ କାର୍ଯ୍ୟକ୍ରମ

ଚଳିତବର୍ଷ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ବିଳମ୍ବିତ ରାତିରେ ମୁଖ୍ୟ କାର୍ଯ୍ୟକ୍ରମ ହେଉଛି। ପ୍ରଥମରୁ ହେଉଥିବା କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିପାରୁନାହିଁ। ଫଳରେ ସେମାନେ ପଳାଇ ଯାଉଛନ୍ତି। ଫଳରେ ଶେଷ ପର୍ଯ୍ୟାୟରେ ହେଉଥିବା ଆକର୍ଷଣୀୟ କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକ ରହୁନାହାନ୍ତି।

### ଧୂଳି ଭର୍ତ୍ତି ଚୌକିରେ ବସିଲେ ଦର୍ଶକ

ସାଂସ୍କୃତିକ ମଞ୍ଚ ସମ୍ମୁଖରେ ଦର୍ଶକ ବସି କାର୍ଯ୍ୟକ୍ରମ ଦେଖିବା ପାଇଁ ଚୌକି ବ୍ୟବସ୍ଥା ହୋଇଛି। ହେଲେ ସେହି ଚୌକିଗୁଡ଼ିକ ଧୂଳିରେ ଭର୍ତ୍ତି ହୋଇଥିଲେ ମଧ୍ୟ ତାହାକୁ ସଫା କରାଯାଉନାହିଁ। ଫଳରେ ବାଧହୋଇ କେତେଜଣ ଦର୍ଶକ ବସୁଛନ୍ତି। ହେଲେ ଅଧିକାଂଶ ଚୌକି ଖାଲିଥିଲେ ମଧ୍ୟ ଶତାଧିକ ଦର୍ଶକ ଛିଡା ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରୁଥିବା ଦେଖିବାକୁ ମିଳିଛି।


ଦେବଗଡ ଉତ୍ସବ ପ୍ରଧାନପାଟର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ସ୍ଥାନୀୟ ଉଦ୍‌ଘୋଷକଙ୍କୁ କୋଣଠେସା

ଉତ୍ସବ ପ୍ରଧାନପାଟ ମଞ୍ଚ ପରିଚାଳନା ପାଇଁ ଗତ ବର୍ଷଗୁଡିକରେ ସ୍ଥାନୀୟ ଉଦ୍‌ଘୋଷକଙ୍କୁ ସୁଯୋଗ ଦିଆଯାଉଥିଲା। ହେଲେ ଏବେ ସେମାନଙ୍କୁ କୋଣଠେସା କରାଯାଇଛି। ବାହାର ଜିଲାରୁ ଉଦ୍‌ଘୋଷକଙ୍କୁ ଡାକି ମଞ୍ଚ ପରିଚାଳନା କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଉଦ୍‌ଘୋଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଷ୍ଟଲ୍ ପିଛା ୧୦ ହଜାର ଟଙ୍କା ଆଦାୟ

ଉତ୍ସବରେ କିଛି ଅର୍ଥ ରୋଜଗାର କରିବା ଆଶାରେ ବ୍ୟବସାୟୀ ଆସିଥାନ୍ତି। ହେଲେ ଏଠାରେ ଗୋଟିଏ ଛୋଟ ଷ୍ଟଲ୍ ପାଇଁ ୧୦ ହଜାର ଟଙ୍କା ନିଆଯାଉଥିବାରୁ ବ୍ୟବସାୟୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ଛୋଟ ବ୍ୟବସାୟୀଙ୍କଠାରୁ ମଧ୍ୟ ଅଧିକ ଟଙ୍କା ନିଆଯାଉଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ପୂର୍ବ ଅପେକ୍ଷା ବ୍ୟବସାୟୀମାନେ ଆଉ ଆସୁନାହାନ୍ତି। ଆଉ ଯେଉଁ ବ୍ୟବସାୟୀ ଆସୁଛନ୍ତି, ସେମାନେ ଅଧିକ ଦାମ୍‌ରେ ସାମଗ୍ରୀ ବିକ୍ରି କରୁଛନ୍ତି।

### ଭଲ ବ୍ୟବସାୟ ହେଉନି, ଚିନ୍ତାରେ ମିନାବଜାର ମାଲିକ

ଚଳିତବର୍ଷ ଉତ୍ସବରେ ଲୋକଙ୍କ ଗହଳି ନ ଥିବାରୁ ମିନାବଜାର ମାଲିକ ହତାଶ ହୋଇପଡ଼ିଛନ୍ତି। ମିନାବଜାରରେ ବିଭିନ୍ନ ପ୍ରକାର ଦୋଳି ସହ ଅନ୍ୟାନ୍ୟ ସୁବିଧା ଥିଲେ ମଧ୍ୟ ଭଲ ବ୍ୟବସାୟ ହେଉନାହିଁ। ଏପରି କି ଦୋକାନ କରିବା ପାଇଁ ଦେଇଥିବା ଟଙ୍କା ଅସୁଲ ହେବ କି ନାହିଁ, ତାହାକୁ ନେଇ ମାଲିକମାନେ ଚିନ୍ତାରେ ଅଛନ୍ତି।

### ଉତ୍ସବ ନୁହେଁ, ସରକାରୀ ଅଧିକାରୀଙ୍କ ଯାତ୍ରା

ଧୀରେ ଧୀରେ ଦେଖିବାକୁ ମିଳୁଛି ଏହି ଉତ୍ସବ ଆଉ ଜିଲାର ଉତ୍ସବ ହେଇ କି ନାହିଁ। ୫ ଦିନ ଧରି ପାଳନ ହେଉଥିବା ଏହି ଉତ୍ସବକୁ ସରକାରୀ ଅଧିକାରୀମାନେ ନିଜର ଯାତ୍ରା ବୋଲି ଭାବୁଥିବା ମନେହେଉଛି। ସେମାନେ ନିଜ ପରିବାର ଲୋକଙ୍କୁ ଆଣି ପାସ୍ ଦେଇ ଆଗ ଲାଇନ୍‌ରେ ବସୁଥିବା ଦେଖିବାକୁ ମିଳିଛି। ଲୋକ ମହୋତ୍ସବ ଆଉ ହେଉ ନାହିଁ, ଏବେ ହେଉଛି ମେଲୋଡି। ସରକାରୀ ଅଧିକାରୀ ଏହାକୁ ଉପଭୋଗ କରୁଥିବାବେଳେ ସାଧାରଣ ଲୋକଙ୍କ କଥା କିଏ ପଚାରେ।

### ଠିକ୍ ନାହିଁ ସାଉଣ୍ଡ୍ ସିଷ୍ଟମ, ଅଧାରୁ ନୃତ୍ୟ ବନ୍ଦ

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଇଭେଣ୍ଟ ମ୍ୟାନେଜରଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୟରେ ସାଉଣ୍ଡ୍ ସିଷ୍ଟମ ଠିକ୍ ନ ଥିବାରୁ ଅଧାରୁ ନୃତ୍ୟ ବନ୍ଦ ହୋଇଯାଉଥିବା ଦେଖିବାକୁ ମିଳିଥିଲା। ଏହି ପ୍ରସଙ୍ଗ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି। ଏପଟେ ଗହଳି ହେଉ ନ ଥିବାରୁ ବ୍ୟବସାୟୀ ନିରାଶ ହୋଇଥିବା ଦେଖିବାକୁ ମିଳିଛି।

## ମାମଲାର ୨୯ ଦିନରେ ରାୟ ପ୍ରକାଶ ନ୍ୟାୟାଳୟଙ୍କ ଦ୍ୱାରା ଐତିହାସିକ ସ୍ପିଡ୍ ଟ୍ରାଏଲ, ଦଣ୍ଡାଦେଶ

ବେଲପାହାଡ଼,୨୧।୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଲଖନପୁରସ୍ଥିତ ଗ୍ରାମ ନ୍ୟାୟାଳୟ ପକ୍ଷରୁ ଏକ ଅଶାଳୀନ ବ୍ୟବହାର ଓ ଗାଳିଗୁଲଜ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ୨୯ ଦିନ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ କରି ଏକ ଉଦାହରଣମୂଳକ ରାୟ ପ୍ରକାଶ କରିଛନ୍ତି। ନ୍ୟାୟାଧିକାରୀ ବ୍ରଜେଶ ମିଶ୍ର ଅଭିଯୁକ୍ତ ହୃଦାନନ୍ଦ ପ୍ରଧାନଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ୨ ଦିନର ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୫ ଡିସେମ୍ବର ୨୨ ତାରିଖ ବାଦିମାଲ ଛକସ୍ଥିତ ଓଡ଼ିଆ ଢାବାକୁ ବାଦିମାଲ ଗ୍ରାମ ସରପଞ୍ଚ ରାଜେଶ ପ୍ରଧାନ ଓ ତାଙ୍କ ବନ୍ଧୁ ରାତ୍ରିଭୋଜନ ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ହୃଦାନନ୍ଦ ପ୍ରଧାନ ସେମାନଙ୍କୁ ସର୍ବସାଧାରଣରେ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ରାଜେଶ ପ୍ରଧାନ ୨୩ ତାରିଖରେ ହୃଦାନନ୍ଦଙ୍କ ନାମରେ ରେଙ୍ଗାଲି ଥାନାରେ ଏତଲା ଦେଇଥିଲେ। ତଦନ୍ତକାରୀ ଅଧିକାରୀ ରେଙ୍ଗାଲି ଥାନା ଏସ୍‌ଆଇ ସମରେନ୍ଦ୍ର ନାୟକ ମାତ୍ର ୭ ଦିନ ମଧ୍ୟରେ ତଦନ୍ତ ଶେଷ କରି ୩୦ ତାରିଖରେ ଚାର୍ଜଶିଟ ଦାଖଲ କରିଥିଲେ। ଏହାପରେ ଲଖନପୁରସ୍ଥିତ ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ବ୍ରଜେଶ ମିଶ୍ର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦଣ୍ଡ ପ୍ରଦାନ କରିଛନ୍ତି। ଏହି ମାମଲାଟିର ୨୯ ଦିନରେ ରାୟ ପ୍ରକାଶ ପାଇଥିବା ବେଳେ ଏକ ଐତିହାସିକ ସ୍ପିଡ୍ ଟ୍ରାଏଲ ଓ ଦଣ୍ଡାଦେଶ ଶୁଣାଯାଇଛି। ମାମଲାକୁ ସରକାରୀ ଓକିଲ ଶିବ ଶଙ୍କର ସାହୁ ପରିଚାଳନା କରିଥିଲେ।

## ବେଆଇନ ଧାନ ଗୋଦାମରେ ଚଢ଼ାଉ

### ୨ ଦିନ ହେଲା ଯୋଗାଣ ବିଭାଗ କହୁଛି ତଦନ୍ତ ଚାଲିଛି

ଝାରସୁଗୁଡ଼ା/ କୋଲାବିରା,୨୧।୧ (ଆଶିଷ ରଞ୍ଜନ ଦାଶ/ ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକ ପୋଖରାସାଲହେ ପଞ୍ଚାୟତ ମାଲିଡିହି ଗ୍ରାମରେ ଏକ ବେଆଇନ ଧାନ ଗୋଦାମ ଉପରେ ଜିଲା ଯୋଗାଣ ବିଭାଗର ଚଢ଼ାଉ ମଙ୍ଗଳବାରଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଜାରି ରହିଛି । ମଙ୍ଗଳବାର ବେନିୟମ ଭାବେ ଗଚ୍ଛିତ ରଖିଥିବା ଧାନ ବେପାରୀଙ୍କ ଦୁଇଟି ଗୋଦାମରେ ଚଢ଼ାଉ କରାଯାଇ ହଜାର ହଜାର ବସ୍ତା ଧାନ ଜବତ କରାଯାଇଥିବା ସୂଚନା ମିଳିଥିଲା। ମାଲିଡିହି ଗ୍ରାମର ରାଜେଶ ପୂଝାରୀ ଓ ଟୋକାରାମ ସାହୁଙ୍କ ଗୋଦାମରେ ମଙ୍ଗଳବାର ଓ ବୁଧବାର ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରାଙ୍କ ନେତୃତ୍ୱରେ ଯୋଗାଣ ବିଭାଗର ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। କୋଲାବିରା ଅତିରିକ୍ତ ତହସିଲଦାର କୌଶିକ ମେହେର ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ଥିବା ବେଳେ କୋଲାବିରା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମଙ୍ଗଳବାର କରାଯାଇଥିବା ଚଢ଼ାଉ ଉପରେ ଜିଲା ଯୋଗାଣ ଅଧିକାରୀ ବେସ୍ରାଙ୍କୁ ତଥ୍ୟ ମଗାଯାଇଥିବା ବେଳେ ତଦନ୍ତ ଚାଲିଛି, ହିସାବ ସରିନାହିଁ ବୋଲି କହିଥିବା ବେଳେ ବୁଧବାର ସନ୍ଧ୍ୟାରେ ମଧ୍ୟ ତଦନ୍ତ ସରିନାହିଁ ବୋଲି କହୁଛନ୍ତି। ସୂଚନାଯୋଗ୍ୟ, ଦୁଇ ଧାନ ଗୋଦାମରେ ମଙ୍ଗଳବାର ପ୍ରାୟ ୫ ହଜାର ପ୍ୟାକେଟ ଧାନ ରହିଥିବା ବେଳେ ବୁଧବାର ଗୋଦାମ ଗୁଡିକ ଖାଲି ରହିଥିଲା ବୋଲି ସୂଚନା ମିଳୁଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଚଢ଼ାଉ ହୋଇଥିବା ମାଲିଡିହି ଗ୍ରାମରେ ଯେଉଁ ମା’ ବୈଷ୍ଣୋଦେବୀ ଏସ୍‌ଏଚ୍‌ଜି ସରକାରୀ ଧାନ କିଣୁଛି, ସେଠାରେ ଚାଷୀଙ୍କ ଧାନ କିଣିବା ପାଇଁ ଟାର୍ଗେଟ ନାହିଁ। ତେବେ ଚଢ଼ାଉ ହୋଇଥିବା ଧାନ ଗଲା କୁଆଡ଼େ। ଏ ନେଇ ଝାରସୁଗୁଡ଼ା ଜିଲାରେ ଯୋଗାଣ ବିଭାଗ ଉପରେ ପ୍ରଶ୍ନ ଉଠିଥିବା ବେଳେ ତଦନ୍ତ କୁଆଡ଼େ ଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଚାଲିଛି।

## ସ୍ୱଦେଶୀ ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼, ୨୧।୧ (ଶଶାଙ୍କ ଶେଖର ଝାଙ୍କର)

### ସ୍ୱଦେଶୀ ଖାଦ୍ୟ ସମ୍ବନ୍ଧିତ ଆଲୋଚନାଚକ୍ର

ଉତ୍ସବ ପ୍ରଧାନପାଟ ଉପଲକ୍ଷେ ପ୍ରଧାନପାଟ ବଡ଼ବଗିଚା ପଡିଆରେ ବୁଧବାର ସ୍ୱଦେଶୀ ଖାଦ୍ୟ ସମ୍ବନ୍ଧିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲାର ବିଭିନ୍ନ ଏସ୍‌ଏଚ୍‌ଜି ମହିଳା ସାମିଲ ହୋଇଥିଲେ। ଡିପିଏମ୍ ଓଏଲ୍‌ଏମ୍ ଶିଶିର କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଦେଶୀ ଖାଦ୍ୟକୁ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରି ସୁସ୍ଥ ଓ ସଶକ୍ତ ସମାଜ ଗଠନ ଉପରେ ଆଲୋଚନା ହୋଇଥିଲା। ସ୍ୱଦେଶୀ ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱଦେଶୀ ଖାଦ୍ୟର ଉପକାରିତା ଏବଂ ଏହାର ସ୍ୱାସ୍ଥ୍ୟଗତ ଲାଭ ଉଦ୍ଦେଶ୍ୟରେ ସଚେତନତା ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ଡିଆଇସି ଜିଏମ୍ ପ୍ରଭାସ କୁମାର ଓଝା, ଓର୍‌ମାସ୍ ସିଇଓ ରବୀନ୍ଦ୍ର କୁମାର ପ୍ରଧାନ, ପ୍ରୋଗ୍ରାମ ଅଫିସର ପଙ୍କଜିନୀ ସାହୁ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ପଙ୍କଜିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଲପାହାଡ଼ ଜି.ଏଲ୍. ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀ ଉତ୍ସବ

ବେଲପାହାଡ଼,୨୧।୧(ସୁବାସ ପ୍ରଧାନ)

ପିଏମ୍ ଶ୍ରୀ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟ, ବେଲପାହାଡ଼ରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ ପୂର୍ବକ ନିଜର ଦକ୍ଷତା ଉପରେ ପ୍ରାଧାନ୍ୟ ଦେଇ ଆଗକୁ ବଢ଼ିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏ ଅବସରରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାସାଗର ଚୌଧୁରୀ ମୁଖ୍ୟବକ୍ତା, ଆଲୁମ୍‌ନି କମିଟିର ସଭାପତି ଗୁଣନିଧି ପତି, ସମ୍ପାଦକ ଲକ୍ଷ୍ମୀକାନ୍ତ ଝା, ବେଲପାହାଡ଼ର ପୂର୍ବତନ ନଗରପାଳ କୈଳାସ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଅତିଥି ଗଣେଶଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ଜାଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶିକ୍ଷକ କୁଶ ସା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମହେଶ ଚନ୍ଦ୍ର ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଆକାଂକ୍ଷୀ ମେଳା-ଇନ୍‌ସ୍ପାଏରିଙ୍ଗ ଓଡ଼ିଶା-୨୦୩୬, ଆକାଂକ୍ଷୀ ଛାତ୍ର ପରିଷଦ-ଟାଲେଣ୍ଟ ଗ୍ୟାଲେରି ଓ ଦୋକାନ ଯାତ୍ରା-ପିଏମ୍‌ଶ୍ରୀ ବିଜ୍‌ନେସ ସମିଟ ଏହି ଭଳି ତିନୋଟି ପାଭିଲିଅନ କରାଯାଇ ସେମାନଙ୍କର ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ଅତିଥିମାନେ ଦୋକାନଗୁଡିକ ବୁଲିବା ସହ ଛାତ୍ରୀଛାତ୍ରମାନେ ସେମାନଙ୍କ ସାମଗ୍ରୀଗୁଡ଼ିକୁ ବିକ୍ରି କରି ସେମାନଙ୍କ ମଧ୍ୟରେ ଥିବା ଉଦ୍ୟୋଗୀ ମନୋଭାବକ ପ୍ରଦର୍ଶିତ କରିଥିଲେ। ସଭାକାର୍ଯ୍ୟ ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।


ପିଏମ୍ ଶ୍ରୀ ଉତ୍ସବ।

## ଜଙ୍ଗଲ ଜମିରେ ବେଆଇନ ଭାରିଯାନ ଚଳାଚଳ ନେଇ ଏତଲା

ଝାରସୁଗୁଡ଼ା,୨୧।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଶ୍ରୀପୁରା ଗ୍ରାମରେ ଥିବା ଜଙ୍ଗଲ ଜମିକୁ କିଛି ପ୍ରାଇଭେଟ ସଂସ୍ଥା ବେଆଇନ ରାସ୍ତା ରୂପେ ବ୍ୟବହାର କରି ଏହା ଉପରେ ଭାରିଯାନ ଚଳାଚଳ କରୁଛନ୍ତି। ଏହା ଦ୍ୱାରା ସୃଷ୍ଟି କରାଯାଇଥିବା ନୂତନ ଜଙ୍ଗଲର କ୍ଷତି ହୋଇଥିବାରୁ ସମ୍ପୃକ୍ତ ପ୍ରାଇଭେଟ୍ ସଂସ୍ଥାଗୁଡିକ ବିରୋଧରେ ଶ୍ରୀପୁରା ସରପଞ୍ଚ ବୁଧବାର ପୂର୍ବାହ୍ନରେ ବଡ଼ମାଳ ଥାନାରେ ଏତଲା ଦେଇଛନ୍ତି। ଶ୍ରୀପୁରା ସରପଞ୍ଚଙ୍କ ଏତଲା ଅନୁଯାୟୀ, ଶ୍ରୀପୁରା ଗ୍ରାମର ଜଙ୍ଗଲ ଜମିରେ ଏକ ପେଡ୍ ମା କେ ନାମ ଯୋଜନାରେ ଚାରାରୋପଣ କରାଯାଇଛି। ଯେଉଁ ଜଙ୍ଗଲ ଜମିରେ ଚାରାରୋପଣ କରାଯାଇଛି, ଉକ୍ତ ଜଙ୍ଗଲ ଜମି ଉପରେ ବିଭିନ୍ନ ପ୍ରାଇଭେଟ ସଂସ୍ଥାଗୁଡିକ ଭାରିଯାନ ଚଳାଚଳ କରି ଚାରା ଓ ବୃକ୍ଷ ଉପରେ ବହୁତ କ୍ଷୟକ୍ଷତି ପହଞ୍ଚାଉଛନ୍ତି। ଏଣୁ ଉପରୋକ୍ତ କମ୍ପାନୀଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀପୁରା ଗ୍ରାମ ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଏକ ଲିଖିତ ଏତଲା ବଡ଼ମାଳ ଆଇଆଇସିଙ୍କୁ ପ୍ରଦାନ କରିଛନ୍ତି।


ଶ୍ରୀପୁରା ସରପଞ୍ଚ ଆଇଆଇସିଙ୍କୁ ଏତଲା ଦେଉଛନ୍ତି।

## ଚାରାରୋପଣର ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ

### ଜଙ୍ଗଲ ଜମିରେ ୧ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ

ଝାରସୁଗୁଡା,୨୧।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକସ୍ଥିତ ଶ୍ରୀପୁରା ଗ୍ରାମବାସୀ କେନ୍ଦ୍ର ସରକାରଙ୍କ ଜନମଙ୍ଗଳକାରୀ ‘ଏକ ପେଡ୍ ମା’ କେ ନାମ୍’ ଯୋଜନାରେ ଗ୍ରାମରେ ଥିବା ଜଙ୍ଗଲ ଜମିରେ ୧ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଏହାର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମର ଶତାଧିକ ମହିଳା ପୁରୁଷ ଓ ସ୍ଥାନୀୟ ଜନପ୍ରତିନିଧି ବଡ଼ମାଳ ଆଇଆଇସିଙ୍କୁ ବୁଧବାର ପୂର୍ବାହ୍ନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀପୁରା ଗ୍ରାମବାସୀ ବଡ଼ମାଳ ଆଇଆଇସିଙ୍କୁ ଦେଇଥିବା ଦାବିପତ୍ରରେ ଲେଖିଜଣାଇଛନ୍ତି ଯେ, ଗତ ବର୍ଷାଋତୁରେ କେନ୍ଦ୍ର ସରକାରଙ୍କ ଜନ ମଙ୍ଗଳକାରୀ ଯୋଜନା ଦ୍ୱାରା ଗ୍ରାମ ଜଙ୍ଗଲ ଜମିରେ ୧ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଏହାର ସୁରକ୍ଷା ଏବଂ ଯତ୍ନ ପାଇଁ ଗତ କିଛି ଦିନ ହେବ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏଣୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସଭାପତିତ୍ୱରେ ଗତ ଜାନୁୟାରୀ ୧୫ ତାରିଖରେ ଗ୍ରାମସଭା କରି ଉକ୍ତ ଜଙ୍ଗଲ ଜମିରେ ରୋପଣ କରାଯାଇଥିବା ଚାରା ତଥା ବୃକ୍ଷଗୁଡ଼ିକର ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା କରିବା, ଉକ୍ତ ଜଙ୍ଗଲ ଜମିରେ କୌଣସି ଯାନବାହନ ପ୍ରବେଶ କରାଇ ନ ଦେବା ନେଇଁ ସର୍ବସମ୍ମତିକ୍ରମେ ଗ୍ରାମସଭାରେ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଯାହାକି ଆସନ୍ତା ଫେବୃଆରୀ ୨ ତାରିଖଠାରୁ ଆରମ୍ଭ କରାଯିବ। ତେଣୁ ଏହି ମା’ କେ ପେଡ୍ ଯୋଜନାରେ ଲଗାଯାଇଥିବା ଚାରାର ଯତ୍ନ ଓ ସୁରକ୍ଷା କାର୍ଯ୍ୟରେ ଯେପରି କୌଣସି ପ୍ରଭାବ ନ ପଡ଼ିବ, ସେଥିପାଇଁ ସୁରକ୍ଷା ଓ ସହାୟତା ପ୍ରଦାନ କରନ୍ତୁ ବୋଲି ଗ୍ରାମବାସୀ ବଡ଼ମାଳ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରର ଅବିକଳ ନକଲ ଝାରସୁଗୁଡ଼ା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ବଡ଼ମାଳ ଆଇଆଇସିଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ଶ୍ରୀପୁରା ଗ୍ରାମର ଜିଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ବ୍ଲକ ଅଧ୍ୟକ୍ଷା ଚିତ୍ରାଣୀ ପଟେଲ, ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାପାଇଁ ବଡ଼ମାଳ ଥାନା ସମ୍ମୁଖରେ ଶ୍ରୀପୁରା ଗ୍ରାମବାସୀ।

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୨/୨୦୨୬ Bhubaneswar, Thursday, January 22/ 2026

# କ୍ୱାଲିଫାୟର-୧ରେ ରାଞ୍ଚି ରୟାଲ୍ସ

## ଶୁଟ୍‌ଆଉଟରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

### ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ଶୁଟ୍‌ଆଉଟ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଡ୍ରାଗନ୍ସ ପକ୍ଷରୁ ନାଥନ ଇଫ୍ରାଉମ୍ସ, ବ୍ଲେକ୍ ଗୋଭର୍ସ, ଉତ୍ତମ ସିଂ ଓ ଟମ୍ କ୍ରେଗ୍ ଗୋଲ ଦେଇଥିଲେ। ରାଞ୍ଚି ପକ୍ଷରୁ ୟଶ୍‌ଦୀପ ସିୱାଚ ଓ ମାକ୍ସିମେ ଭାନ୍ ଓଷ୍ଟ ଗୋଲ ଦେଇଥିବାବେଳେ ବିଷ୍ଣୁକାନ୍ତ ସିଂ ଓ ମନପ୍ରୀତ ସିଂ ମିସ୍ କରିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ବରାବର ରହିଥିଲା। ପରାଜୟ ସତ୍ତ୍ୱେ ରାଞ୍ଚି ରୟାଲ୍ସ କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ୭ ମ୍ୟାଚ୍‌ରୁ ଏହି ଦଳ ୩ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ କ୍ୱାଲିଫାୟର-୧ ୨୩ ତାରିଖରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଡ୍ରାଗନ୍ସ ୭ ମ୍ୟାଚ୍‌ରୁ ୧୦ ପଏଣ୍ଟ ସହିତ ଅଭିଯାନ ଶେଷ କରିଛି।

ମ୍ୟାଚ୍‌ଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ମିନିଟ୍‌ରେ ମନଦୀପ ସିଂ ଏକ ଗୋଲକରି ରାଞ୍ଚିକୁ ଅଗ୍ରଣୀ କରିବା ସହ ମ୍ୟାଚ୍‌ରେ ରୋମାଞ୍ଚ ଭରିଦେଇଥିଲେ। ୯ମ ମିନିଟ୍‌ରେ ଟମ୍ ବୁନ୍‌ଙ୍କ ଗୋଲ ସହାୟତାରେ ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିବାବେଳେ ତାମିଲନାଡୁ ଡ୍ରାଗନ୍ସ ଉପରେ ଚାପ ବଢ଼ିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ବ୍ଲେକ୍ ଗୋଭର୍ସ ଗୋଟିଏ ଗୋଲ ପରିଶୋଧ କରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ରାଞ୍ଚିର ଅଗ୍ରଣୀ ବ୍ୟବଧାନ ୨-୧ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ଉଭୟ ଦଳ ଗୋଲ ଦେବା ଆଭିମୁଖ୍ୟରେ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ୩୨ତମ ମିନିଟ୍‌ରେ ତାମିଲନାଡୁର ସେଲଭାମ କାର୍ଥୀ ଆଉ ଏକ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲିଆସିଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ଏହାର ୩ ମିନିଟ୍ ପରେ ଅର୍ଥାତ୍ ୩୫ତମ ମିନିଟରେ ଟମ୍ ବୁନ୍ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ଦେଇ ରାଞ୍ଚିକୁ ପୁଣି ଅଗ୍ରଣୀ କରାଇଥିଲେ। ମାତ୍ର ଓଡ଼ିଶାର ତାରକା ଖେଳାଳି ଅମିତ୍ ରୋହିଦାସଙ୍କ ନେତୃତ୍ୱାଧୀନ ଡ୍ରାଗନ୍ସ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୫୩ତମ ମିନିଟ୍‌ରେ ଗୋଭର୍ସ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିବାରୁ ମ୍ୟାଚ ୩-୩ ଗୋଲରେ ବରାବର ରହି ଶେଷ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା।


ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ଏକ ଗୋଲ୍ ସ୍କୋର ହେବା ପରେ ଉଲ୍ଲସିତ ରାଞ୍ଚି ରୟାଲ୍ସ ଦଳର ଖେଳାଳିମାନେ।

# ଭାରତର ସହଜ ବିଜୟ

### ପ୍ରଥମ ଟି୨୦

ନାଗପୁର, ୨୧।୧

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ବୁଧବାର ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୪୮ ରନରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୩ ତାରିଖରେ ରାଇପୁରରେ ଖେଳାଯିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ସଞ୍ଜୁ ସାମସନ ଓ ଇଶାନ କିଶନଙ୍କ ଉଇକେଟ ହରାଇଥିଲା। ଏହାପରେ ଅଭିଷେକ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୪୭ ବଲରେ ୯୯ ରନ ଯୋଡ଼ିଥିଲେ। ଅଧିନାୟକ ସୂର୍ଯ୍ୟକୁମାର (୩୨ ରନ, ୪ ଚୌକା ଓ ୧ ଛକା) ବଡ଼ ଶଟ୍ ଖେଳିବାକୁ ଯାଇ ବାଉଣ୍ଡ୍ରି ଲାଇନରେ କ୍ୟାଚ୍ ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ତାଙ୍କ ପରେ ଅଭିଷେକ ୩୫ ବଲରେ ବିସ୍ଫୋରକ ୮୪ ରନ କରି ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୫ ଚେକା ଓ ୮ ଛକା ସାମିଲ ଥିଲା। ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା ୧୬ ବଲରେ ୨୫ (୩ ଚୌକା ଓ ୧ ଛକା) ରନ କରିଥିବା ବେଳେ ଶିବମ ଦୁବେ (୯) ବିଫଳ ହୋଇଥିଲେ। ଶେଷ ଆଡ଼କୁ ରିଙ୍କୁ ସିଂ ୨୦ ବଲରେ ୪ ଚୌକା ଓ ୩ ଛକା ସହିତ ଦ୍ରୁତ ୪୪ ରନ କରିଥିଲେ। ଫଳରେ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୮ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିବା ସତ୍ତ୍ୱେ ୭ ଉଇକେଟ ହରାଇ ୧୯୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଗ୍ଲେନ ଫିଲିପ୍ସ ୪୦ ବଲରେ ୭୮ (୪ ଚୌକା ଓ ୬ ଛକା) ଓ ମାର୍କ ଚାପମାନ ୨୪ ବଲରେ ୩୯ (୪ ଚୌକା ଓ ୨ ଛକା) ରନ କରିଥିଲେ। ବିଜୟୀ ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ୨ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଅଭିଷେକ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଦଳ: ୨୦ ଓଭରରେ ୨୩୮/୭ (ଅଭିଷେକ ଶର୍ମା-୮୪, ରିଙ୍କୁ ସିଂ-୪୪*, ସୂର୍ଯ୍ୟକୁମାର ଯାଦବ-୩୨, ଜାକବ ଡଫି-୨/୨୭)। ନ୍ୟୁଜିଲାଣ୍ଡ ଦଳ: ୨୦ ଓଭରରେ ୧୯୦/୭ (ଗ୍ଲେନ ଫିଲିପ୍ସ-୭୮, ମାର୍କ ଚାପମ୍ୟାନ-୩୯, ବରୁଣ ଚକ୍ରବର୍ତ୍ତୀ-୨/୩୭)।

## ୨୭ ସୁଦ୍ଧା ଆର୍‌ସିବି ଭେନ୍ୟୁ ନିର୍ଦ୍ଧାରଣ

ବେଙ୍ଗାଲୁରୁ, ୨୧।୧

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଆସନ୍ତା ୨୭ ତାରିଖ ସୁଦ୍ଧା ତା'ର ଭେନ୍ୟୁ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଆର୍‌ସିବି ତା'ର ଘରୋଇ ମ୍ୟାଚ୍ ଏମ୍. ଚିନାସ୍ୱାମୀ ଷ୍ଟାଡିୟମରେ ଖେଳିବାକୁ ଚାହୁଁଥିବା ବେଳେ କର୍ନାଟକ ରାଜ୍ୟ ସରକାରଙ୍କ ପକ୍ଷରୁ ରଖାଯାଇଥିବା ସର୍ତ୍ତ ଫ୍ରାଞ୍ଚାଇଜ୍ ପାଇଁ ଅସୁବିଧା କରିପାରେ। ଆର୍‌ସିବିକୁ ଷ୍ଟାଡିୟମ ସମ୍ପର୍କିତ ସମସ୍ୟା ସହ ଷ୍ଟାଡିୟମ ବାହାର ରୋଡ୍‌କୁ ତଦାରଖ କରିବାକୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଡିଜେ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ ମୁତୟନ ଲାଗି ବ୍ୟବସ୍ଥା ରହିଛି। ଏହା ଦର୍ଶାଉଛି ଯେ, ରାଜ୍ୟ ସରକାର ପ୍ରଶାସନିକ ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି। ଏଣୁ ଏହି ଫ୍ରାଞ୍ଚାଇଜ୍ ତା'ର ଅନ୍ତିମ ନିଷ୍ପତ୍ତି ସମ୍ପର୍କରେ ବିସିସିଆଇକୁ ଅବଗତ କରିବା ପୂର୍ବରୁ ରାଜ୍ୟ ସରକାର ଓ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ) ସହ ଆଲୋଚନା କରିବ। କେଏସ୍‌ସିଏ ସଭାପତି ଭେଙ୍କଟେଶ ପ୍ରସାଦ ପ୍ରକାଶ କରିଛନ୍ତି, ରାଜ୍ୟ କ୍ରିକେଟ ବୋର୍ଡ ଆର୍‌ସିବି ଫ୍ରାଞ୍ଚାଇଜ୍‌କୁ ରାଜ୍ୟ ସରକାରଙ୍କଠାରୁ ନିଃସର୍ତ୍ତମୂଳକ ଅନୁମତି ପ୍ରଦାନ ଦିଗରେ ଆମେ କାର୍ଯ୍ୟ କରୁଛୁ।

# ଅଭିଜିତ୍ ଗୁପ୍ତାଙ୍କ ସହ ୩ ଅଗ୍ରଣୀ

### ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍

ଭୁବନେଶ୍ୱର, ୨୧।୧(ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଚାମ୍ପିୟନଶିପ୍‌ର ୬ଷ୍ଠ ରାଉଣ୍ଡ ଖେଳ ବୁଧବାର ଶେଷ ହୋଇଛି। ଏହା ମଧ୍ୟରୁ ୫.୫ ପଏଣ୍ଟ ଲେଖାଏ ପାଇ ୩ ଖେଳାଳି ମିଳିତ ଅଗ୍ରଣୀଲାଭ କରିଛନ୍ତି। ସେମାନେ ହେଲେ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଓ ଏନ୍‌ଗୁଏନ ଭାନ୍ ହୁୟାଣ୍ଡ ଏବଂ ୧୩ ବର୍ଷୀୟ କ୍ୟାଣ୍ଡିଡେଟ୍ ମାଷ୍ଟର ମଧ୍ୟପ୍ରଦେଶର ପ୍ରତାପ ଶର୍ମା।

#### 'ସି' ବର୍ଗ ଇଭେଣ୍ଟ ଆରମ୍ଭ

ସର୍ବଭାରତୀୟ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର 'ସି' ବର୍ଗ ଇଭେଣ୍ଟ ଆରମ୍ଭ ହୋଇଛି। ଏଥିରେ ମୋଟ ୪୪୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୨୮୮ ରେଟେଡ୍ ଖେଳାଳି ସାମିଲ। ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅତିଥିଭାବେ ଯୋଗଦେଇ ଏହି ଇଭେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ରୋଟାରି କ୍ଲବ ନୀଳାଦ୍ରିର ସଭାପତି ସୁଜିତ୍ ରାଉତ, କିଙ୍ଗ୍ସ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟ, ଚେସ୍ ଟର୍ଫ ଏକାଡେମୀ ନିର୍ଦ୍ଦେଶକ ଏସ୍. ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଂଲାଦେଶ ମ୍ୟାଚ୍ ଭାରତରେ ଖେଳାଯିବ

ଦୁବାଇ, ୨୧।୧(ପି.ଟି.)

ଟି୨୦ ବିଶ୍ୱକପ୍ ଲାଗି ମ୍ୟାଚ୍ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପକ୍ଷରୁ କରାଯାଇଥିବା ଅନୁରୋଧକୁ ବୁଧବାର ବସିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ପ୍ରତ୍ୟାଖ୍ୟାନ କରାଯାଇଛି। ବାଂଲାଦେଶ ଖେଳାଳିଙ୍କ ପ୍ରତି ଭାରତରେ ସେଭଳି କୌଣସି ସୁରକ୍ଷାଜନିତ ବିପଦ ନ ଥିବାରୁ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ମୁତାବକ ଆଗକୁ ବଢ଼ିବ ବୋଲି କୁହାଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ ବୋର୍ଡର ପ୍ରତିନିଧି ଯୋଗଦେଇଥିଲେ। ଭେନ୍ୟୁ ପରିବର୍ତ୍ତନକୁ ନେଇ ବିସିବି ଚିନ୍ତା ବ୍ୟକ୍ତ କରିବା ପରେ ଏହି ବିଷୟ ଉପରେ ଆଲୋଚନା ହୋଇଥିଲା। ଆଇସିସି ପକ୍ଷରୁ ବାଂଲାଦେଶ ଦଳ ଲାଗି କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା। ବୋର୍ଡ ମିଟିଂରେ ଭାଗ ନେଇଥିବା ୧୬ରୁ ୧୪ ସଦସ୍ୟ ବୋର୍ଡ ବିସିବିର ଅନୁରୋଧ ବିରୋଧରେ ଭୋଟ ଦେଇଥିଲେ। ତେବେ ଆଇସିସି ପକ୍ଷରୁ ବିସିବିକୁ ତା'ର ଚୂଡ଼ାନ୍ତ ନିଷ୍ପତ୍ତି ଲାଗି ଗୁରୁବାର ପର୍ଯ୍ୟନ୍ତ ସମୟ ଦିଆଯାଇଛି। କିନ୍ତୁ ଆଇସିସି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ବିସିବିକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଏକ ଅତିରିକ୍ତ ଦିନ ଦିଆଯାଇଛି। ବୋର୍ଡ ମିଟିଂରେ ଏଭଳି ନିଷ୍ପତ୍ତିର ଅର୍ଥ ବିଶ୍ୱକପ୍ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବନାହିଁ। ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚ୍ ସ୍ଥାନାନ୍ତର କରିବା ଦ୍ୱାରା ଆଇସିସି ପ୍ରତିଯୋଗିତାର ମର୍ଯ୍ୟାଦା ହାନି ହେବ ଏବଂ ଅନ୍ତିମ ପର୍ଯ୍ୟାୟରେ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ବୋଲି ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

#### ବାଂଲାଦେଶ ସପକ୍ଷରେ ପାକିସ୍ତାନ

ସୁରକ୍ଷାଗତ କାରଣ ଦର୍ଶାଇ ଭାରତରେ ଟି୨୦ ବିଶ୍ୱକପ୍ ଖେଳିବାକୁ ମନା କରୁଥିବା ବାଂଲାଦେଶ ପ୍ରତି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସମର୍ଥନ ବ୍ୟକ୍ତ କରିଛି। ଏପରିକି ପିସିବି ବାଂଲାଦେଶ ଦଳର ମ୍ୟାଚ୍ ଆୟୋଜନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)କୁ ପ୍ରସ୍ତାବ ଦେଇଛି।

ପିସିବି ପକ୍ଷରୁ ଏକ ଇ-ମେଲ୍ ଜରିଆରେ ବାଂଲାଦେଶ ବୋର୍ଡ ଦ୍ୱାରା କରାଯାଇଥିବା ଦାବିକୁ ଯଥାର୍ଥ ଦର୍ଶାଯାଇଛି।

## କ୍ରୀଡ଼ା ପ୍ରଶିକ୍ଷକ ଶୁଭାଶିଷଙ୍କ ପରଲୋକ

ଭୁବନେଶ୍ୱର, ୨୧।୧(ତପନ ସ୍ୱାଇଁ)

କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ଉପସଭାପତି ଶୁଭାଶିଷ କରଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ସେ ଜଣେ ଦକ୍ଷ କ୍ରୀଡ଼ା ପ୍ରଶାସକଭାବେ ପରିଚିତ ଥିଲେ। ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପାଲ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଶୁଭାଶିଷଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଛି।

## ୟୁକି ଭାମ୍ବ୍ରିଙ୍କ ଅଭିଯାନ ଆରମ୍ଭ

ମେଲ୍‌ବୋର୍ନ, ୨୧।୧

ଚଳିତ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରିଙ୍କ ବିଜୟ ଅଭିଯାନ ଆରମ୍ଭ ହୋଇଛି। ସ୍ୱିଡେନ୍‌ର ଆନ୍ଦ୍ରେ ଗୋରାନସନ ଓ ଭାମ୍ବ୍ରିଙ୍କ ଯୋଡ଼ି ୬-୩, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର କୁଜ୍ ହେୱିଟ ଓ ଜେମ୍ସ ଡକ୍‌ୱର୍ଥ ଯୋଡ଼ିକୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ସେହିପରି ଟପ୍ ସିଡ୍‌ର ମାନ୍ୟତା ପାଇଥିବା ବ୍ରିଟେନ୍‌ର ଜୁଲିଆନ କାଶ୍ ଓ ଲୟଡ ଗ୍ଲାସ୍‌ପୋଲ ବେଲଜିୟମର ଜୋରେନ ଭ୍ଲେଗେନ ଓ ଉରୁଗୁଏର ଏରିଏଲ ବେହାର ଯୋଡ଼ିକୁ ୭-୬ (୭-୨), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଚାଇନା ଯୋଡ଼ି ଝାଙ୍ଗ୍ ଝିଝେନ-ଶାଙ୍ଗ ଜୁନ୍‌ଚେଙ୍ଗ୍, ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ-ଆନ୍ଦ୍ରେସ ମୋଲଟେନି, ଆମେରିକାର ଜେମ୍ସ ଟ୍ରାସି-ରବର୍ଟ କାଶ୍ ମଧ୍ୟ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି।







କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ୍‌ରେ ଚାମ୍ପିୟନ ବିହାର ଓ ରନର୍‌ଅପ୍ ଓଡ଼ିଶା ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ